

କନେଷ୍ଟବଲଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ପାନ୍ ଇଣ୍ଡିଆ ଫିଲ୍ମର ପ୍ରଥମ ପସନ୍ଦ ଦୀପିକା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୭୬ Vol. 22 No-76 16 JUNE 2025 MONDAY, BHUBANESWAR ସୋମବାର, ୧୬ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ବଜ୍ରାଘାତରେ ୪ ମୃତ

ଭୁବନେଶ୍ୱର,୧୫।୬(ଭାସ୍କର ନ୍ୟୁଜ): ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ୪ ଜଣଙ୍କର ଜୀବନ ଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଶାଳବଣୀରେ ବଜ୍ରାଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଭୋଳାଗଡ଼ିଆରେ ଆଉ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେହିପରି ବରଗଡ଼ ଜିଲ୍ଲା ପଦ୍ମପୁର ବାରପାଲିଆରେ ବଜ୍ରାଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ କେନ୍ଦୁଝର ଜିଲ୍ଲା ପାଗଳା ବାଉଁଶୁଳି ଗାଁରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି।

### ବନ୍ଧୁକ ମୁନରେ ଲୁଟିଲେ ୨ ଲକ୍ଷ

କେନ୍ଦୁଝର,୧୫।୬(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ବାରିଆ ଥାନା ସିଲିକୁଞ୍ଜି ଜଙ୍ଗଲରେ ଜଣେ ଗୋରୁ ବ୍ୟବସାୟୀଙ୍କଠାରୁ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ୨ ଲକ୍ଷ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ସଂପୃକ୍ତ ବ୍ୟବସାୟୀ ଅଙ୍ଗାରପଦା ହାଟରୁ କେନ୍ଦୁଝର ଫେରୁଥିବାବେଳେ ଏହି ଘଟଣା ଘଟିଥିଲା। ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ଅଘଟଣର ଦିନ

# ହେଲିକପ୍ଟର ଦୁର୍ଘଟଣା, ୭ ମୃତ



- ହେଲିକପ୍ଟରରେ ଥିଲେ ୭ ଯାତ୍ରୀ
- ମୃତକଙ୍କ ମଧ୍ୟରେ ଜଣେ ଶିଶୁ
- ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ

ଡେରାଡୁନ,୧୫।୬: ରବିବାର ସକାଳେ ଉତ୍ତରାଖଣ୍ଡର ଗୁପ୍ତକାଶୀରୁ କେଦାରନାଥ ଧାମକୁ ଉଡ଼ାଣ ଭରିଥିବା ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ପାଇଲଟଙ୍କ ସମେତ ୭ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ଥିବା ସୂଚନା ମିଳିଛି। ଗୌରୀକୁଣ୍ଡ-ସୋନପ୍ରୟାଗ ଜଙ୍ଗଲରେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ପାଗ ଖରାପ ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତ ପରେ ସୂଚନା ଦିଆଯାଉଛି। ଖବର ପାଇବା ପରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ଉତ୍ତରାଖଣ୍ଡର ଏଡିଜି ଡକ୍ଟର ଭି.ମୁରୁଗେସନ କହିଛନ୍ତି ଯେ ଏହି ହେଲିକପ୍ଟରଟିରେ କ୍ଷମତାଠାରୁ ଅଧିକ ଲୋକ ରହିଥିଲେ। ଏହି ଯାତ୍ରୀମାନେ ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଓ ଗୁଜରାଟର ବୋଲି କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ରବିବାର ସକାଳ ୫.୧୭ରେ ଆରିୟାନ କମ୍ପାନୀର ଏହି ହେଲିକପ୍ଟରଟି ୬ଜଣ ଭକ୍ତଙ୍କୁ ନେଇ ଉଡ଼ାଣ ଆରମ୍ଭ କରିଥିଲା। ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନେ ହେଲେ ପାଇଲଟ ରାଜବୀର ସିଂ। ସେହିଭଳି ମୃତ୍ୟୁବରଣ କରିଥିବା ଯାତ୍ରୀମାନେ ହେଲେ ବିକ୍ରମ ରାୱତ, ବିନୋଦ, ତ୍ରିଷ୍ଟି ସିଂ, ରାଜକୁମାର, ଶ୍ରଦ୍ଧା ଓ ରାଶି। ତେବେ ମୃତ ଶିଶୁର ● ପୃଷ୍ଠା ୫ ଦେଖନ୍ତୁ

## ପାଦଚଲା ବ୍ରିଜ୍ ଭୁଶୁଡ଼ି ୬ ମୃତ



ମୁମ୍ବାଇ,୧୫।୬: ରବିବାର ମହାରାଷ୍ଟ୍ରର ପୁଣେରେ ଏକ ବଡ଼ଧରଣର ଅଘଟଣ ଘଟିଛି। ଇନ୍ଦ୍ରାୟାଣୀ ନଦୀ ଉପରେ ନିର୍ମିତ ପାଦଚଲା ପୋଲର ଅଧା ଅଂଶ ଭୁଶୁଡ଼ି ପଡ଼ିବାରୁ ୬ଜଣଙ୍କର ମୃତ୍ୟୁ ଘଟିଛି। ୩୦ରୁ ଅଧିକ ଲୋକ ଭାସି ଯାଇଥିବାବେଳେ ସେମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଭୁଶୁଡ଼ିବା ସମୟରେ ପୋଲ ଉପରେ ଅନେକ ଲୋକ ଉପସ୍ଥିତ ରହିଥିଲେ। ରବିବାର ଅପରାହ୍ନ ୩.୪୦ରେ ଏହି ଅଘଟଣ ଘଟିଛି। କୁହାଯାଉଛି, ପୋଲଟି ଭାଙ୍ଗିବା ପରେ ନଦୀର ଯେଉଁ ଅଂଶରେ ପଡ଼ିଥିଲା, ସେଠି ପଥର ଥିବାରୁ ବହୁ ଲୋକ ଗୁରୁତର ହୋଇଛନ୍ତି। ନଦୀର ପ୍ରଖର ସ୍ରୋତରେ ଆଉ କେତେକ ଭାସି ଯାଇଥିବା କୁହାଯାଉଛି। ଖବର ପାଇ ତାଲେଗାଓଁ ଦାଭାଡେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ରବିବାର ଥିବାରୁ ବନ୍ୟାପାଣି ଦେଖିବା ପାଇଁ ପୋଲ ଉପରେ ବହୁ ଲୋକ ଭିଡ଼ ଜମାଇଥିଲେ। ଏପରିକି ସେହି ସମୟରେ ବହୁ ଲୋକ ମୋବାଇଲରେ ଫଟୋ ମଧ୍ୟ ଉଠାଉଥିଲେ। ତେବେ ଏଥିରେ କେତେ ଲୋକ ଭାସି ଯାଇଛନ୍ତି ସେ ● ପୃଷ୍ଠା ୫ ଦେଖନ୍ତୁ

## ୫ ଦିନିଆ ବିଦେଶ ଗସ୍ତରେ ପ୍ରଧାନମନ୍ତ୍ରୀ

# ସାଇପ୍ରସରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା



ନୂଆଦିଲ୍ଲୀ,୧୫।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାରଠାରୁ ୫ ଦିନିଆ ବିଦେଶ ଗସ୍ତରେ ଯାଇଛନ୍ତି। ସେ ପ୍ରଥମେ ସାଇପ୍ରସର ରାଜଧାନୀ ନିକୋସିଆରେ ପହଞ୍ଚିବା ପରେ ସେଠାକାର ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୌଲାଇଡସ୍ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ କୋଳେଇ ନେଇଥିଲେ। ଉଭୟଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଦ୍ୱିପାକ୍ଷିକ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଅପରେସନ ସିନ୍ଦୁର ପରେ ଏହା ମୋଦୀଙ୍କ ପ୍ରଥମ ବିଦେଶ ଗସ୍ତ। ସାଇପ୍ରସରୁ ମୋଦୀ ସିଧାସଳଖ କାନାଡ଼ା ଗସ୍ତରେ ଯିବେ। ସେଠାରେ ସେ ଜି-୭ ଶିଖର ସମ୍ମିଳନୀରେ ଯୋଗଦେବେ। ଏହାପରେ ମୋଦୀ କ୍ରୋଏସିଆ ଗସ୍ତରେ ଯିବେ ବୋଲି ସୂଚନା ଦିଆଯାଇଛି। ବିଦେଶ ଗସ୍ତ ପୂର୍ବରୁ ମୋଦୀ କହିଥିଲେ ଯେ ଏହି ତିନିରାଷ୍ଟ୍ରର ଗସ୍ତ ସୀମାପାର ଆତଙ୍କବାଦ ବିରୋଧରେ ଆମର ଲଢ଼େଇରେ ଭାରତକୁ ସେମାନଙ୍କ ଦୃଢ଼ ସମର୍ଥନ ପାଇଁ ଅଂଶୀଦାର ଦେଶମାନଙ୍କୁ ଧନ୍ୟବାଦ ଦେବା ଏବଂ ସମସ୍ତ ପ୍ରକାର ଆତଙ୍କବାଦକୁ ମୁକାବିଲା କରିବା ପାଇଁ ବିଶ୍ୱସ୍ତରୀୟ ବୁଝାମଣା କରିବାର ଏକ ସୁଯୋଗ। ତେବେ ଭାରତର କୌଣସି ପ୍ରଧାନମନ୍ତ୍ରୀ କ୍ରୋଏସିଆକୁ କୌଣସି ସରକାରୀ ଗସ୍ତ କରିନଥିବାବେଳେ ମୋଦୀ ପ୍ରଥମ ଥରପାଇଁ କ୍ରୋଏସିଆ ଯାଉଛନ୍ତି। ସେ ● ପୃଷ୍ଠା ୫ ଦେଖନ୍ତୁ

## ହଇଜା ସ୍ଥିତିର ସମୀକ୍ଷା କଲେ କେନ୍ଦ୍ରୀୟ ଟିମ୍, ସ୍ୱାସ୍ଥ୍ୟମନ୍ତ୍ରୀ

# ତିନୋଟି ଦିଗ ଉପରେ ଗୁରୁତ୍ୱ



- ସବୁ ହସ୍ପିଟାଲକୁ ପ୍ରସ୍ତୁତ ନିର୍ଦ୍ଦେଶ
- ପାନୀୟଜଳ ଶୋଧନ ପାଇଁ ପରାମର୍ଶ
- ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ
- ଡାଇରିଆ ଚେନ୍ ଭାଙ୍ଗିବାକୁ କଣ୍ଟାକ୍ଟ ଟ୍ରେସିଂ

ଯାଜପୁର/ଧର୍ମଶାଳା,୧୫।୬ (ଭାସ୍କର ନ୍ୟୁଜ): ରବିବାର ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ ଏବଂ ସୂଚନା ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଯାଜପୁର ଜିଲ୍ଲା ଗସ୍ତରେ ଆସି ବଡ଼ଚଣା, ଧର୍ମଶାଳା, ମଧୁବନ ରସୁଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଝାଡ଼ାବାନ୍ତି ରୋଗରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ସହିତ ଯୋଗାଇ ଦିଆଯାଉଥିବା ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ଉପସ୍ଥିତ ଡାକ୍ତର ମାନଙ୍କ ସହିତ ସବିଶେଷ ଆଲୋଚନା କରିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ମାନଙ୍କ ସହିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକରେ ଯାଜପୁର ସାଂସଦ ଡ଼ା. ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, କେନ୍ଦ୍ରୀୟ ଦଳର ସଦସ୍ୟ ଗଣ ଓ ଜନ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଜୁନ ୧୦ ତାରିଖରୁ ବିଭିନ୍ନ ଚିକିତ୍ସାଳୟରେ ଆଡମିଟ ହୋଇଥିବା ରୋଗୀମାନଙ୍କର ଚିକିତ୍ସା ବ୍ୟବସ୍ଥା, ରେଫରାଲ କେସ ଓ ଡିସଚାର୍ଜ ସମ୍ପର୍କୀୟ ତଥ୍ୟ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ସଂକ୍ରମିତ ରୋଗୀ ଓ ତାଙ୍କ ପରିବାରର ସବିଶେଷ ତଥ୍ୟ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କ ମାଧ୍ୟମରେ ଏକ ଡାଟାବେସ ପ୍ରସ୍ତୁତ କରାଯାଉଛି। ଜିଲ୍ଲାରେ ଥିବା ● ପୃଷ୍ଠା ୫ ଦେଖନ୍ତୁ

## ଶୃଙ୍ଖଳିତ ରଥଯାତ୍ରା ନେଇ ଡିଜିପିଙ୍କ ସୂଚନା

# ଏଆଇ ନଜରରେ ରହିବ ପୁରୀ ସହର



ଭୁବନେଶ୍ୱର,୧୫।୬(ଭାସ୍କର ନ୍ୟୁଜ): ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଶୃଙ୍ଖଳିତ ରଥଯାତ୍ରା ନେଇ ରାଜ୍ୟ ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଉଛି। ରବିବାର ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଡିଜିପି କ୍ୟାମ୍ପ ଅଫିସରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ରଥଯାତ୍ରାର ସୁରକ୍ଷାପାଇଁ ପ୍ରଥମ ଥର ନିମନ୍ତେ ଏଆଇ କ୍ୟାମେରା ଲଗାଯିବ। ସେହିପରି ଚଳିତବର୍ଷ ରଥଯାତ୍ରାରେ ସୁରକ୍ଷାପାଇଁ ଇଣ୍ଟିଗ୍ରେଟେଡ କମାଣ୍ଡ ବ୍ୟବସ୍ଥା କରାଯିବ। ଏଥିସହ ଡ୍ରୋନ ଏବଂ ଆଣ୍ଟିଡ୍ରୋନ ବ୍ୟବସ୍ଥା ମଧ୍ୟ କରାଯାଇଥିବା ଡିଜିପି କହିଥିଲେ। ଉତ୍ତରା ଛକରୁ ପୁରୀ, ପୁରୀ ସହର ଏବଂ ପୁରୀରୁ କୋଣାର୍କ ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳକୁ ● ପୃଷ୍ଠା ୫ ଦେଖନ୍ତୁ






ଧର୍ମଶାଳା (ଭାସ୍କର ନ୍ୟୁଜ୍): ଧର୍ମଶାଳା ବ୍ଲକ ଅଧିନସ୍ଥ ଗଙ୍ଗାଧରପୁର ଗ୍ରାମ ପଂଚାୟତ ବ୍ରାହ୍ମଣଦା ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ପରିବହନ ଅଧିକାରୀ ଗଙ୍ଗାଧର ବରାଳଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଧର୍ମଶାଳା ପ୍ରେସକ୍ଲବର ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଧର୍ମଶାଳା କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶ୍ରଦ୍ଧାଞ୍ଜଳି ସଭାର ପ୍ରାରମ୍ଭରେ ସ୍ୱର୍ଗତ ବରାଳଙ୍କ ବିୟୋଗରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ସ୍ୱର୍ଗତ ବରାଳଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଉପସ୍ଥିତ ଅତିଥି ମାନେ ଆଲୋକପାତ କରିଥିଲେ ।ସ୍ୱର୍ଗତ ବରାଳ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ଭାବେ ଧର୍ମଶାଳା ସାହିତ୍ୟ ସମାଜର ସମ୍ପାଦକ ଡ଼.ପ୍ରଶାନ୍ତ କୁମାର ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ପଲେଇ, ଶିକ୍ଷକ ନେତା ବିଭୁତି ଭୂଷଣ ପାଳ, ବିଶିଷ୍ଟ ସାହିତ୍ୟିକ ବିଜୟ କୁମାର ଦେବତା, ହରିଶଙ୍କର ମହାବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ଦାଶ, ଶିକ୍ଷାବିତ ସୁରେନ୍ଦ୍ର କୁମାର ରାଉତ, କୃଷକ ଲକ୍ଷ୍ମଣ ଦାଶ, ଖବରଦାତା ଅଖିଳ କୁମାର ସ୍ୱାଇଁ, ସୁବାଷ ରାଉତ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଗଙ୍ଗାଧରଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ସ୍ମରଣିକା 'ସ୍ମୃତି ସମ୍ଭାର' କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ବ୍ଲକର ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପ୍ରାଧ୍ୟପକ ରମେଶ ଚନ୍ଦ୍ର ସିଂ, ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ବିଜୟ କୁମାର ଶତପଥୀ, ସାମାଜିକ କର୍ମୀ ମିନତୀ ସାହୁ, ଖବରଦାତା ଇନ୍ଦ୍ରମଣି ନାୟକ, ଶରତ ଚନ୍ଦ୍ର ରାଉତରାୟ, ଅଧ୍ୟାପକ ଧନେଶ୍ୱର ମହାନ୍ତି, ରୋଟାରୀଆନ ବିନୋଦ ପରିଡା, ଅଜାମ୍ବର ସାହୁ, ଦୀପକ କୁମାର ଜେନା ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ମହାପୁରୁଷଙ୍କ ପୀଠ ଉନ୍ନୟନ କାର୍ଯ୍ୟରେ ଲାଗିଲା ରୋକ୍

## ପୁନଃ ଆଦେଶ ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବାକୁ ଖଣ୍ଡପୀଠଙ୍କ ନିର୍ଦ୍ଦେଶ





ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଂଚାୟତରେ ଥିବା ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପୀଠର ଉନ୍ନତିକରଣ କାର୍ଯ୍ୟରେ ରୋକ ଲାଗିଛି । ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସ୍ଥିତାବସ୍ଥା ଜାରି ରଖିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ ଆଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ପୀଠ ପୁରୁଷାନୁକ୍ରମିକ ଭାବେ ମହନ୍ତଙ୍କ ପରିଚାଳନାରେ ରହିଆସିଥିଲା । ସମୟ କ୍ରମେ ସରକାର ପୀଠକୁ ହାତକୁ ନେବା ସହ ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଏକ ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟବୋର୍ଡ ଗଠନ କରି ପୀଠର ଉନ୍ନତିକରଣ କରିଥିଲେ । ନିକଟରେ ପୀଠର ନବୀକରଣ ପାଇଁ ୨୪କୋଟି ଟଙ୍କା ସରକାର ବ୍ୟୟ ବରାଦ କରିଛନ୍ତି । ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଥିବାବେଳେ ପୀଠର ଚତୁପାର୍ଶ୍ୱ ଖୋଳାଯାଇ ପିଲର ଉଠାଯାଉଛି । ସମାଧିପୀଠରେ ଖନନ ଓ ଉନ୍ନୟନ ମୂଳକ କାର୍ଯ୍ୟ ନକରିବା ପାଇଁ ଆଇନର ଆଶ୍ରୟ ନେଇଥିଲେ । ଅରୁପାନନ୍ଦ ଗୋସ୍ୱାମୀ ଏନେଇ ଉଚ୍ଚ ନ୍ୟାୟାଳୟରେ ୧୬୧୫୧/ ୨୦୨୫ରେ ଏକ ଜନ ସ୍ୱାର୍ଥ ମାମଲା ଦାଏର କରିଥିଲେ । ଗୋସ୍ୱାମୀଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଶ୍ରୀମତୀ ପାମୀ ରଥ ଓ ଶୁଭଙ୍କର ରାଉତ ମାମଲା କରିଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ ବିଚାରପତି ଏ କେ ମହାପାତ୍ର ଓ ଏମ ଏସ ରମଣ ପୀଠରେ ସ୍ଥିତାବସ୍ଥା ବଜାର ରଖିବା ପାଇଁ ଆଦେଶ ଦେଇଛନ୍ତି । ଏହି ମାମଲାର ଶୁଣାଣି ୨୩/୬/ ୨୦୨୬ତାରିଖରେ ଥିବା ବେଳେ ସେ ପର୍ଯ୍ୟନ୍ତ ପୀଠରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ନକରିବା ପାଇଁ ଉଚ୍ଚ ନ୍ୟାୟାଳୟ ଆଦେଶନାମା ଜାରି କରିଛନ୍ତି । ପରବର୍ତ୍ତୀ ଶୁଣାଣୀରେ ପୀଠର ଉନ୍ନତି କରଣ କାର୍ଯ୍ୟର ତ୍ୱରାନ୍ୱିତ ହେବ କି ନାହିଁ ସେନେଇ ନିଷ୍ପତ୍ତି ନିଆଯିବ । ଏସମ୍ପର୍କରେ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ କୋର୍ଟର ଆଦେଶ ନାମା ପାଇନାହାନ୍ତି । ଆଦେଶ ମିଳିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

# ରୋଗୀଙ୍କୁ ଭେଟି ଡାକ୍ତରଙ୍କ ସହ କଥାହେଲେ ଭକ୍ତ



ଧର୍ମଶାଳା,(ଭାସ୍କର ନ୍ୟୁଜ୍): ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ ଶନିବାର ଦିନ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗସ୍ତ କରି ଧର୍ମଶାଳା ଅଂଚଳରେ ବ୍ୟାପିଥିବା ଝାଡା ଓ ବାନ୍ତିରେ ଆକ୍ରାନ୍ତ ହୋଇଥିବା ପରିବାରଙ୍କୁ ଭେଟିବା ସହିତ ଡ଼ାକ୍ତରଙ୍କ ସହ ଆଲୋଚନା କରି ପରିସ୍ଥିତିର ଅନୁସନ୍ଧାନ କରିଥିଲେ । ରୋଗୀମାନଙ୍କୁ ଆବଶ୍ୟକୀୟ ସାଲାଇନ୍ ଓ ଔଷଧ ଦେଇ ରୋଗ ନିୟନ୍ତ୍ରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ପରେ ଶ୍ରୀ ଦାସ ଗଣମାଧ୍ୟମକୁ ସୂଚନା ଦେଇ କହିଲେ ଯେ, ଯାଜପୁର ଜିଲ୍ଲାରେ ୫ ଦିନ ହେବ ଝାଡ଼ାବାନ୍ତି ରୋଗ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ବିଫଳ ହୋଇଛି । ଫଳରେ ଜିଲ୍ଲାରେ ୧୧ଜଣଙ୍କ ମୃତ୍ୟୁ ହେବା ସହ ଗତ କାଲି ୧୧ ଜଣ କଲରା ରୋଗୀ ଚିହ୍ନଟ ହେବା ଦୁର୍ଭାଗ୍ୟଜନକ ବୋଲି ମତବ୍ୟକ୍ତ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ ପୂର୍ବରୁ ଜାରକାସ୍ଥିତ ଗୋପବନ୍ଧୁ ଛକରେ ଥିବା ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ କ୍ରସର୍‌ରେ ନିର୍ମମ ହତ୍ୟାକାଣ୍ଡର ଶିକାର ହୋଇଥିବା ଅର୍ଜିତ ଜେନାଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହିତ ମୁଖ୍ୟ ଆସାମୀକୁ ଧରିବା ପାଇଁ ଡିଜିପିଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମ ଧର୍ମଶାଳା ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା କଂଗ୍ରେସ ରାଜ୍ୟ ଶୃଙ୍ଖଳା କମିଟି ସଦସ୍ୟ କିସାନ ପଣ୍ଡା, ପିସିସି ଉପସଭାପତି ସସ୍ମିତା ବେହେରା, ଜିଲ୍ଲା ସଭାପତି ମନୋଜ ରାଉତ, ଜିଲ୍ଲା ମହିଳା ସଭାପତି ଆରତୀ ଦେଓ, ପୂର୍ବତନ ରାଜ୍ୟ ମହିଳା ସଭାପତି ବନ୍ଦିତା ପରିଡ଼ା, ପୂର୍ବତନ ଜିଲ୍ଲା ସଭାପତି ଶ୍ରୀନାଥ ମିଶ୍ର, ମଧୁସ୍ମିତା ଆଚାର୍ଯ୍ୟ ପ୍ରମୁଖ ବହୁ କଂଗ୍ରେସ କର୍ମୀମାନେ ପହଞ୍ଚି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଭେଟିଥିଲେ । ଏଥି ସହିତ ଆଜି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡକ୍ଟର ଡି.ବୃନ୍ଦା ଶନିବାର ପୂର୍ବାହ୍ନରେ ପହଞ୍ଚି ସ୍ଥିତି ପରଖିବା ସହ ରୋଗୀଙ୍କ ସହ ଆଲୋଚନା କରିଛନ୍ତି । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ୍ ୨୫୦ରୁ ଊର୍ଦ୍ଧ୍ୱ ରୋଗୀ ପହଞ୍ଚି ଚିକିତ୍ସିତ ହୋଇଥିବା ବେଳେ ଆଜି ସକାଳ ସୁଦ୍ଧା ୫୦ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହେଉଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଝାଡ଼ାବାନ୍ତି ଓ କଲରା ରୋଗକୁ ଦୃଷ୍ଟିରେ ରଖି ଭୋଜି ଭାତକୁ ବାରଣ କରାଯାଇଥିବା ଜଣାଯାଇଛି ।

# ମେଧାବୀ ସମ୍ବର୍ଦ୍ଧନା ଓ ବନ୍ଧୁମିଳନ

ଫୁଲନଖରା (ଭାସ୍କର ନ୍ୟୁଜ୍): ଫୁଲନଖରା ଅଂଚଳର ମର୍ଣ୍ଣିଂ ଟି ଫେଷ୍ଟ ଓ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସହଯୋଗ-ଓଡ଼ିଶା ପକ୍ଷରୁ ଉତ୍କଳୀୟ ପରମ୍ପରାରର ଗଣପର୍ବ 'ରଜ ଉତ୍ସବ' ଅବସରରେ ଏକ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସହଯୋଗ-ଓଡ଼ିଶାର ସଭାପତି ଗଣେଶ ପ୍ରସାଦ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ ତଥା ଆଧାତ୍ମିକ ପତ୍ରିକା 'ଦିବ୍ୟାଲୋକ ସନ୍ଧାନେ'ର ସଂପାଦକ ଡକ୍ଟର ଶରତ କୁମାର ରଥ ଯୋଗଦେଇ ଆଧୁନିକତା ଭିତରେ ରଜ ଗ୍ରାମୀଣ ପରିବେଶରୁ ହଜି ଯାଉଥିବାବେଳେ ଅନୁଷ୍ଠାନ ତରଫରୁ ଏଭଳି ଆୟୋଜନ ପରିଣତ ବୟସରେ ଆମମାନଙ୍କୁ ପୁଣି ରଜ ମନସ୍କ କରାଇବାରେ ସାହାଯ୍ୟ କରୁଛି ବୋଲି ପ୍ରକାଶ କରିଥିଲେ । ଆଧାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ନିଜ ବକ୍ତବ୍ୟରେ ମାଟି ଓ ମେଘର ମହାମିଳନର ପରିବେଶ ହେଉଛି ରଜ ବୋଲି କହିବା ସହ ପ୍ରକୃତି ସହ ନିବିଡ ହେବାର ଏବଂ ଏହାର ସୁରକ୍ଷା ପାଇଁ ରଜ ବାର୍ତ୍ତା ଦେଇଥାଏ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବରେ ସମାଜସେବୀ ସ୍ୱାଧୀନ ଚେତା ମହାନ୍ତି, ଶିକ୍ଷାବିତ୍ ଆରତୀ ପଣ୍ଡା, ଆଇନଜୀବୀ ଦିଲ୍ଲିପ ମହାରଣା ଓ ସାମ୍ବାଦିକ ରମେଶ ପ୍ରଧାନ ପ୍ରମୁଖ ଯୋଗଦେଇ ଉତ୍କଳୀୟ ପରମ୍ପରାରେ ରଜ ଉତ୍ସବର ମହତ୍ୱ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଘରୋଇ ଉପାୟରେ ପ୍ରସ୍ତୁତ ହୋଇଥିବା 'ପୋଡପିଠା'କୁ ଅତିଥିମାନେ ଈଶ୍ୱରଙ୍କୁ ସମର୍ପଣ କରିସାରିବା ପରେ ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା । ପ୍ରେମ, ପ୍ରୀତି ଓ ବନ୍ଧନର ସ୍ୱରୂପ 'ରଜପାନ'କୁ ସମସ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଇ ବନ୍ଧୁତ୍ୱର ସଭାବନା ସୃଷ୍ଟି କରାଯାଇଥିଲା । ଚଳିତ ବର୍ଷ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାରେ ୯୦%ରୁ ଊର୍ଦ୍ଧ ପ୍ରାପ୍ତାଙ୍କ ରଖି ଏ-୧ ଗ୍ରେଡ୍ ପାଇଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଛାତ୍ରୀ ଶର୍ମିଷ୍ଠା ବେହେରା ଓ ସଉଙ୍ଗା ନୋଡାଲ ହାଇସ୍କୁଲର ଛାତ୍ରୀ ଅଙ୍କିତା ଦାସଙ୍କୁ ମେଧା ସମ୍ମାନ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ମନୋରଂଜନ ମହାନ୍ତି, ସୁକାନ୍ତ କୁମାର ସାହୁ, ପ୍ରଭାତ ସାହୁ, ଟୁନା ଜେନା, କୃଷ୍ଣ ଚନ୍ଦ୍ର ଭୋଇ, ବାବାଜି ସାହୁ, ରାଜକିଶୋର ବେହେରା, ନରେଶ ମହାନ୍ତି ଓ ବୈକୁଣ୍ଠ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ସାମ୍ବାଦିକ କୈଳାସ ଚନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଙ୍କୀ ମହୋତ୍ସବର ସାଧାରଣ ପରିଷଦ ବୈଠକ

ବାଙ୍କୀ (ଭାସ୍କର ନ୍ୟୁଜ୍): ବାଙ୍କୀ ଉପଖଣ୍ଡ ବାଙ୍କୀ ମହୋତ୍ସବ ୨୦୨୫ ର ସାଧାରଣ ପରିଷଦ ବୈଠକ ବାଙ୍କୀ କଲେଜରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରା, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ , ଏନ୍ଏସି ଅଧ୍ୟକ୍ଷା ମାଣିକ ସାହୁ, ଡମପଡା ବ୍ଲକ ଅଧ୍ୟକ୍ଷ ପ୍ରଣବ କୁମାର ପଟେଲ ପ୍ରମୁଖ ଅତିଥି ବୃନ୍ଦ ଯୋଗଦେଇ ଜଗନ୍ନାଥଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଗତ ଦୁଇ ହଜାର ମସିହାରେ ବାଙ୍କୀରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା ବାଙ୍କୀ ମହୋତ୍ସବ । ଯେଉଁ ମହୋତ୍ସବ ଧୀରେ ଧୀରେ ଗଣପର୍ବରେ ପ୍ରସିଦ୍ଧ ମାନ୍ୟତା ପାଇଛି । ସେହି ସମୟରେ ମହୋତ୍ସବ କମିଟି ପକ୍ଷରୁ ଏକ ବାଇଲ ପ୍ରସ୍ତୁତି କରାଯାଇଥିଲା ଯେଉଁଥିରେ ଉଲ୍ଲେଖ ଥିଲା ବାଙ୍କୀରେ ଯିଏ ବିଧାୟକ ହେବେ ସେ ଏହି ମହୋତ୍ସବ କମିଟିର ସଭାପତି ରହି ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇବେ । ୨୦୦୪ ମସିହାରେ ବାଙ୍କୀରେ ପୂର୍ବତନ କଂଗ୍ରେସ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ବିଧାୟକ ହେବା ପରେ ୫ ବର୍ଷ ଦାୟିତ୍ୱ ନିର୍ବାହ କରିଥିଲେ । ତତ୍ପରେ ବିଧାୟକ ଭାବେ ନିର୍ବାଚିତ ହୋଇ କ୍ରମାନ୍ୱୟରେ ୧୦ ବର୍ଷ ପ୍ରଭାତ ତ୍ରିପାଠୀ ଏହି ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ସୂଚାରୁ ରୂପେ ପାଳନ କରିଆସୁଥିଲେ । ୨୦୧୯ ମସିହାରେ ତାଙ୍କ ପୁତ୍ର ଦେବୀ ରଞ୍ଜନ ତ୍ରିପାଠୀ ବିଧାୟକ ଭାବେ ନିର୍ବାଚିତ ହେବା ପରେ ମହୋତ୍ସବ କମିଟି ବୈଠକର ନିଷ୍ପତି ଅନୁଯାୟୀ ମହୋତ୍ସବ କମିଟିରୁ ସଭାପତି ପଦବୀକୁ ସମ୍ପୂର୍ଣ୍ଣ ଭାବେ ହଟା ଯାଇଥିଲା । ବିଧାୟକଙ୍କୁ କାର୍ଯ୍ୟକାରୀ ସଭାପତି ଏବଂ ପୂର୍ବତନ ବିଧାୟକ ତଥା ବିଧାୟକଙ୍କ ବାପାଙ୍କୁ ପ୍ରତିଷ୍ଠାତା ସଭାପତି ରଖାଯାଇଥିଲା । ଏହାକୁ ବାଙ୍କୀ ବାସୀଙ୍କ ମନରେ ବିଭିନ୍ନ ପ୍ରକାର ଗୁଞ୍ଜରଣ ସୃଷ୍ଟି ହୋଇଥିଲା । ଫଳରେ ଧୀରେ ଧୀରେ ତାହା ଜନ ମାନସରେ ଆଲୋଚନା ଓ ସମାଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଥିଲା ଏହି ମହୋତ୍ସବ କମିଟି । ବାଙ୍କୀ ମହୋତ୍ସବ ଏକ ଗଣପର୍ବ ଭାବେ ଓଡ଼ିଶାରେ ପରିଚୟ ସୃଷ୍ଟି କରିଛି । ଏଭଳି ସମାଲୋଚନାକୁ ଲକ୍ଷ୍ୟ କରି ଆଜି ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ମହୋତ୍ସବ କମିଟି ପ୍ରତିଷ୍ଠାତା ସଭାପତି ପଦରୁ ଅବ୍ୟାହତି ନେଇ ଉପଦେଷ୍ଟା କମିଟି ସଦସ୍ୟ ଭାବେ ରହିଥିବା ଏବଂ ପୂର୍ବ ନିର୍ଦ୍ଧାରିତ ନିୟମାବଳି ଅନୁଯାୟୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କୁ ମହୋତ୍ସବ କମିଟିର ସଭାପତି ରଖିବା ପାଇଁ ବୈଠକରେ ଘୋଷଣା କରାଯାଇଥିଲା । ତତ୍ପରେ ମହୋତ୍ସବ କମିଟିର ନୂତନ ସଭାପତି ବିଧାୟକ ତ୍ରିପାଠୀଙ୍କୁ କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏଥର ମହୋତ୍ସବ ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସିଲଭର ଜୁବୁଲି ମହୋତ୍ସବ ପାଳନ ନିମନ୍ତେ ବାଙ୍କୀ ବାର ଆସୋସିଏସନ୍‌ର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀନିବାସ ମହାପାତ୍ର ମତ ପ୍ରକାଶ କରିଥିଲେ ଏବଂ ତାହା ଗୃହୀତ ହୋଇଥିଲା । ସେହିଭଳି ମହୋତ୍ସବକୁ ନେଇ ବିଭିନ୍ନ ପ୍ରକାର ସାଜସଜ୍ଜା ହେଉଥିବାବେଳେ ପରିମଳ ପ୍ରତି ଦୃଷ୍ଟିଦେବା , ବାଙ୍କୀ କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକଡ଼ରେ ଆଲୋକୀକରଣ କରିବା ଆଦି ବିଭିନ୍ନ ପ୍ରସ୍ତାବ ଉପସ୍ଥିତ ଭଦ୍ର ବ୍ୟକ୍ତି ଓ ଲୋକପ୍ରତିନିଧି ମାନେ ମତ ପ୍ରକାଶ କରିଥିଲେ । ସୂଚନା ଥାଉ କି ବାଙ୍କୀ କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ସମ୍ପୂର୍ଣ୍ଣ ଅନ୍ଧାର ରହୁଥିବାରୁ ବିଭିନ୍ନ ସମୟ ଏବଂ ଖାସ କରି ଏହି ମହୋତ୍ସବ ସମୟରେ ବାଙ୍କୀ କୁ ବିଭିନ୍ନ ପ୍ରାନ୍ତରୁ ଆସୁଥିବା ବ୍ୟକ୍ତି ଓ ପରିବାର ଲୋକେ ଘଟଣା ଦୁର୍ଘଟଣାର ଶିକାର ହୋଇଥାନ୍ତି । ଆଜିର ଏହି ବୈଠକରେ ବାଙ୍କୀ ଓ ବାରଙ୍ଗର ଜନ ପ୍ରତିନିଧି, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଏନ୍ଏସି କାଉନସିଲର ସନାତନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ରଜ ମହୋତ୍ସବ ପାଳିତ

କାକଟପୁର(ଭାସ୍କର ନ୍ୟୁଜ୍): ରଜ ହେଉଛି ଓଡିଶା ଜନ ଜୀବନର ପ୍ରମୁଖ ପର୍ବ । ଏହି ପର୍ବ ଓଡିଶାର ଗାଁ ଗଣ୍ଡାରେ ବେଶ ଧୁମଧାମରେ ତିନିଦିନ ବ୍ୟାପି ପାଳିତ ହୋଇଥାଏ । ଝିଅମାନେ ଏହି ପର୍ବକୁ ମହା ଆଡ଼ମ୍ବର ସହକାରେରେ ପାଳନ କରିଥାନ୍ତି । ବାଜପୁର (କେରେଣ୍ଡିଆପାଳ) ଗ୍ରାମରେ ଏହି ରଜ ମହୋତ୍ସବ ଉଦ୍‌ଘାଟିତ ଉତ୍ସବରେ ଅତିଥି ଭାବେ



ବିଶିଷ୍ଟ ଶିକ୍ଷାବିତ ଓ ସମାଜସେବୀ ବିଜୟ କୁମାର ବିଶ୍ୱାଳ, ଅନ୍ନଦା କୁମାର ବେହେରା, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କିଶୋର ପୃଷ୍ଟି, ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ସହ ପ୍ରଧାନାଚାର୍ଯ୍ୟା ଜୟନ୍ତୀବାଳା ନନ୍ଦ, ଆଚାର୍ଯ୍ୟା ସୁଶ୍ରୀ ପ୍ରତିଭା ବିଶ୍ୱାଳ, ଗ୍ରାମ୍ୟ କମିଟି ସଭାପତି ତଥା ବରିଷ୍ଠ ଅଧ୍ୟାପକ ସୁରେନ୍ଦ୍ର କୁମାର ମାଣିକ, ଆଇନଜୀବୀ ବିରେନ କୁମାର ମହାନ୍ତି, କ୍ଷେତ୍ରମୋହନ ଗିରି ପ୍ରମୁଖ ଯୋଗଦେଇ ଥିଲେ । ଓଡିଶାର ଗ୍ରାମୀଣ କଳା ସଂସ୍କୃତିକୁ ଉଜ୍ଜୀବିତ କରି ରଖିଥିବା ଏହି ମହାନ ପର୍ବରେ ଶଙ୍ଖ ଧ୍ୱନି, ହୁଳହୁଳି, ରଜ ପୋଡ଼ ପିଠା, ପୁଚି ଖେଳ, ଦଉଡିଡ଼ିଆଁ, ଜଣା ଅଜଣା, ଅନ୍ତାକ୍ଷରୀ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଉତ୍ସବକୁ ସୁଶ୍ରୀ ସୁମନ ସରିତା ମାଣିକ, ଦିବ୍ୟା ଦିବ୍ୟଜ୍ୟୋତି ମହାନ୍ତି ସଂଯୋଜନା କରିଥିଲେ ।

# ଆଦିବାସୀ ଅଞ୍ଚଳରେ ରଜ ପାଳନକୁ ବିରୋଧ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲା ମାଥିଲି ବ୍ଲକ୍‌ର ଆଦିବାସୀ ସମ୍ପ୍ରଦାୟର ଯୁବତୀ ଏବଂ ଝିଅଙ୍କ ରଜ ପାଳନକୁ ଆଦିବାସୀ ସମାଜ ପକ୍ଷରୁ ବିରୋଧ କରାଯାଇଛି । ରଜ ଆଦିବାସୀଙ୍କ ପର୍ବ ନୁହେଁ । ଆମ ପର୍ବ ହେଉଛି ଚୈତ୍ର ପର୍ବ, ଅସା ପର୍ବ, ପୁଷ୍ପ ପର୍ବ ବୋଲି ଶୁକ୍ରବାର ଆୟୋଜିତ ଏକ ବୈଠକରେ ସମାଜର ମୁଖିଆମାନେ କହିଛନ୍ତି । ଆଦିବାସୀ ନେତା ହଳଧର ପୂଜାରୀ, ନରସିଂ ନାୟକ, ହାତୀ ପୂଜାରୀ, ବଳରାମ ନାୟକ, ଧନ ନାୟକ, ଗୁପ୍ତ ନାୟକ, ରଘୁନାଥ ନାୟକ, ଚନ୍ଦ୍ର ନାୟକ, ସମନ୍ଦ ଭୂମିଆଙ୍କ ସମେତ ମାଥିଲି ଅଞ୍ଚଳର ଅନେକ ଆଦିବାସୀ ଏକାଠି ହୋଇ ରଜ ପାଳୁଥିବା ଆଦିବାସୀ ଯୁବତୀଙ୍କୁ ବିରୋଧ କରିଥିଲେ । ଆଦିବାସୀ ମୁଖିଆମାନେ ଏକ ଟିମ୍ ଗଠନ କରି ଗାଁ ଗାଁକୁ ଯାଇ ଯୁବତୀଙ୍କୁ ବୁଝାଇବାର ନିଷ୍ପତ୍ତି ନେଇଛନ୍ତି । ଯେଉ ଗାଁରେ ଯୁବତୀମାନେ ରଜ ପାଳନ କରୁଥିବେ ଉକ୍ତ ଗାଁକୁ ଟିମ୍ ସଦସ୍ୟ ଯାଇ ବୁଝାଇବା ପାଇଁ ବୈଠକରେ ସମାଜ ମୁଖିଆମାନେ ନିଷ୍ପରି ନେଇଛନ୍ତି । ଆଦିବାସୀ ସମାଜର ଏହି ନିଷ୍ପତ୍ତିକୁ କିଛି ଲୋକେ ସମର୍ଥନ କରୁଥିବାବେଳେ କେତେଜଣ ବିରୋଧ କରୁଥିବା ଦେଖିବାକୁ ମିଳୁଛି । ଆଦିବାସୀ ଗାଁର ଯୁବତୀମାନେ ରଜ ପାଇଁ ସଜବାଜ ହେଉଥିବା ବେଳେ ଆଦିବାସୀ ନେତାଙ୍କ ବିରୋଧକୁ ନେଇ ରଜ ପାଳନକୁ ନେଇ ଦ୍ୱନ୍ଦରେ ପଡ଼ିଯାଇଛନ୍ତି ।

# ଚାରା ବଣ୍ଟନ କେନ୍ଦ୍ର ଉଦ୍‌ଘାଟିତ



କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆ ବନବିଭାଗ ପକ୍ଷରୁ ମାଗଣା ଚାରା ବଣ୍ଟନ କେନ୍ଦ୍ର ଶୁକ୍ରବାର ଦିନ ଉଦଘାଟିତ ହେଇଯାଇଛି । କରଞ୍ଜିଆ ରେଞ୍ଜର ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚାରା ବଣ୍ଟନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଲୋକସଭା ସାଂସଦଙ୍କ ପ୍ରତିନିଧି ଆଶିଷ ରଞ୍ଜନ ମହାନ୍ତ, କୃଷି ପ୍ରତିନିଧି ଜ୍ୟୋତି ଶଙ୍କର ଦାଶ, ଦୈତାରି ମହାନ୍ତ ପ୍ରମୁଖ ଯୋଗ ଦେଇ ଚାରା ବଣ୍ଟନ ଶିବିରକୁ ଫିତା କାଟି ଉଦ୍ଘାଟନ କରିଥିଲେ ଓ ଉପସ୍ଥିତି ଲୋକ ମାନଙ୍କୁ ଫଳନ୍ତି ଚାରା ବଣ୍ଟନ କରିଥିଲେ । ଏହି କେନ୍ଦ୍ରରେ ସମସ୍ତଙ୍କ ପାଇଁ ମାଗଣାରେ ବିଭିନ୍ନ ପ୍ରକାର ଚାରା ବଣ୍ଟନ କରାଯିବ ବୋଲି ରେଞ୍ଜର ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ । ଏହି କେନ୍ଦ୍ର କରଞ୍ଜିଆ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନିକଟ ନର୍ସରୀ ପାଖରେ ଅଛି । କାର୍ଯ୍ୟକ୍ରମକୁ କରଞ୍ଜିଆ ଫରେଷ୍ଟର ସୁର ମୋହନ ବେହେରା, ଫରେଷ୍ଟ ଗାର୍ଡ ରଶ୍ମିତା ବାରିକ ଓ ସବୁଜ ବାହିନୀର କର୍ମକର୍ତ୍ତା ପରିଚାଳନା କରିଥିଲେ ।




# ଉଦ୍ୟାନ କୃଷି ବିଭାଗ ପ୍ରଶିକ୍ଷଣ କେନ୍ଦ୍ରରେ ସମ୍ବର୍ଦ୍ଧନା ସମାରୋହ

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ (ଭାସ୍କର ନ୍ୟୁଜ୍): ଜିଲ୍ଲା ସ୍ଥିତ ଉଦ୍ୟାନ କୃଷି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଅବସର ଗ୍ରହଣ କରିଥିବା ସମବାୟ ସମିତି ସମୂହର ଉପ ନିବନ୍ଧକ ହାଡ଼ିବନ୍ଧୁ ମହାକୁଡଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଉତ୍କଳ ସାହିତ୍ୟ ସମାଜ, ଉତ୍କଳ ସମ୍ମିଳନୀ ଓ ଓଡିଶା ଲେଖିକା ସଂସଦ ବୌଦ୍ଧ ଜିଲ୍ଲାର ମିଳିତ ଆନୁକୂଲ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଉତ୍କଳ ସାହିତ୍ୟ ସମାଜର ଆବାହକ ନୀଳ ଲୋହିତ ମହାପାତ୍ର ସଭାପତିତ୍ୱ କରିଥିଲେ । ସେହିପରି ସମ୍ମାନୀତ ଅତିଥି ଭାବରେ ଉତ୍କଳ ସମ୍ମିଳନୀ ସଭାପତି ଶ୍ରୀମତୀ ପଦ୍ମାଳୟା ମିଶ୍ର, ଓଡିଶା ଲେଖିକା ସଂସଦ ସଭାପତି ଶ୍ରୀମତୀ ମଧୁମିତା ମିଶ୍ର ମଞ୍ଚସୀନ ଥିଲେ କ୍ଷ ଉକ୍ତ ଅବସରରେ ଉପସ୍ଥିତ ସମସ୍ତ କବି, ଲେଖକ, ସାହିତ୍ୟିକ ଓ ସଂଗଠକ ମାନେ ଶ୍ରୀ ମହାକୁଡଙ୍କୁ ଉଚ୍ଚ ପ୍ରଶଂସିତ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ରଜପର୍ବ ଓ ଫକୀର ମୋହନ ସେନାପତିଙ୍କ ମହାପ୍ରୟାଣ ଦିବସ ପାଳିତ

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ପବିତ୍ର ରଜପର୍ବ ତଥା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ମହାପ୍ରୟାଣ ଦିବସ ଜଳେଶ୍ୱର ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ସମ୍ମିଳନୀ କକ୍ଷରେ ମହା ଆଡମ୍ବରରେ ପାଳିତ ହୋଇ ଯାଇଛି ।ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଡଃ ଅଜିତ କୁମାର ମହାନ୍ତିଙ୍କ ପୌରହିତ୍ୟରେ ରଜ ସଂକ୍ରାନ୍ତିର ମହନୀୟତା ତଥା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ମହାପ୍ରୟାଣ ଦିବସର ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ ।ମୁଖ୍ୟ ଅତିଥି ଭାବରେ ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ ରଜଦୋଳି ଗୀତ ନିଜସ୍ୱ ସ୍ୱରରେ ପରିବେଷଣ କରିବା ସହିତ ଫକୀର ମୋହନ ସେନାପତି ନିଜେ ଦୁଃଖ ଯନ୍ତ୍ରଣାରେ ରହି ଅମୂଲ୍ୟ ରତ୍ନ ଛଅ ମାଣ ଆଠଗୁଣ୍ଠ, ରେବତୀ, ଲଛମା, ମାମୁଁ ପ୍ରଭୃତି ପୁସ୍ତକ ଆମ ସମାଜରେ ଅତ୍ୟନ୍ତ ଉପାଦେୟ ବୋଲି ଆଲୋକପାତ କରିଥିଲେ ।ମୁଖ୍ୟ ବକ୍ତା ଭାବରେ ପ୍ରଧାନ ଶିକ୍ଷକ କାଶିଡିହା ୟୁଜିୟୁପି ବିଦ୍ୟାଳୟ ସୁଶାନ୍ତ କୁମାର ଦାସ ଓଡ଼ିଆର ରଜଦୋଳି ତଥା ମାଆ ଯେମିତି ପୋଡ଼ପିଠା ପ୍ରସ୍ତୁତ କରି ଥାଆନ୍ତି, ସେହିପରି ଅନୁଷ୍ଠାନର ସମ୍ପାଦିକା ମଧୁଛନ୍ଦା ମହାନ୍ତି ପିଲାମାନଙ୍କର ମାଆ ସଦୃଶ ୫ କେଜି ଚାଉଳ ତଥା ନଡ଼ିଆ, ବାଦାମରେ ପ୍ରସ୍ତୁତ ସୁଆଦିଆ ପୋଡ଼ ପିଠା ତିଆରି କରି ଥିଲେ ।ଅନୁଷ୍ଠାନର ପ୍ରତିଷ୍ଠାତା ଡଃ ମହାନ୍ତି କେକ କାଟି ସମସ୍ତ ଅତିଥି ତଥା ପିଲାମାନଙ୍କୁ ପରିବେଷଣ କଲାବେଳେ ପିଲାମାନଙ୍କର ଆଖି ଲୋତକ ପୂର୍ଣ୍ଣ (ଆନନ୍ଦାଶ୍ରୁ)ଝରି ପଡିଥିଲା ।ଅନୁଷ୍ଠାନ ତରଫରୁ ପ୍ରସ୍ତୁତ ହୋଇଥିବା ରଜଦୋଳି ସମସ୍ତ ଅତିଥି ଓ ପିଲାମାନେ ଆନନ୍ଦରେ ଦୋଳି ଖେଳି ରଜଗୀତ ସମସ୍ତେ ପରିବେଷଣ ସମୟରେ ଲାଗୁଥିଲା ଗାଁର ବରଗଛ ଓହଳରେ ଗାଁ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ରଜଦୋଳି ଖେଳିବାର ଭ୍ରମ ସୃଷ୍ଟି ହେଉଥିଲା ।ସମ୍ମାନୀତ ଅତିଥି ଭାବରେ ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ ଆଜିର ରଜଦୋଳି ଓଡ଼ିଆ ପରମ୍ପରାର ପ୍ରତୀକ ବୋଲି କହିଥିଲେ ।ସାଇ ସାରଳା ଡିଫାର୍ମା କଲେଜର ଅଧ୍ୟକ୍ଷ ଶକ୍ତି ପ୍ରସାଦ ମାଇତି, ସାହୁ କ୍ରୀଷ୍ଟା ନର୍ସିଂ କଲେଜର ଅଧ୍ୟକ୍ଷ ବିଷ୍ଣୁପ୍ରିୟା ବେହେରା, ଅଧ୍ୟାପିକା ସଞ୍ଚଇତା ସାହୁ, ଅଧ୍ୟାପକ ମାନସ କୁମାର ମାଇତୀ, ଅଧ୍ୟକ୍ଷ ପ୍ରକାଶ କୁମାର ଦିନ୍ଦା, ଅଧ୍ୟାପକ ସ୍ୱରାଜ କୁମାର ଜେନା, କୋଡିନେଟର ଗୌର ଗୋପାଳ ପରିଡା, ଅଧ୍ୟାପକ ଅକ୍ଷୟ କୁମାର ଜେନା, ଅଫିସ ସହାୟକ ରଂଜିତା ଦାସ, କବିତା ବେହେରା, ମଧୁସୁଦନ ଭୋଳ, ସମ୍ପାଦିକା ମଧୁଛନ୍ଦା ମହାନ୍ତି ଓ ପ୍ରତିଷ୍ଠାତା ଡକ୍ଟର ଅଜିତ କୁମାର ମହାନ୍ତି ସମସ୍ତଙ୍କୁ ଆଜିର ଦିବସ ସମ୍ପର୍କରେ ଅବଗତ କରିଥିଲେ ।ଇପ୍ସିତା ସାହୁ, ପାନମଣୀ ଟୁଡୁ, ଶୁଭଶ୍ମିତା ଜେନା, ମନ୍ଦାକିନୀ ସିଂ, ପ୍ରୀତି ପ୍ରିୟଦର୍ଶିନୀ ଜେନା, ରଶ୍ମିରେଖା ଟୁଡୁ, ସୁମିତ୍ରା ଟୁଡୁ, କୁନାମୀ ମୁର୍ମୁ, ତନୁ ସିଂ, ତପନ ଜେନା, ସାଇନା ଜାନା, ଭାରତୀ ରାୟ, ଶିବମ୍ କୁମାର ବାରିକ, ହରିହର ଜେନା, ଲୀଜା ଦେହୁରୀ, ମୁକ୍ତିପଦ ଗିରି ରଶ୍ମିରେଖା ଦତ୍ତ, ଦେବଲକ୍ଷ୍ମୀ ଜେନା, କାବେରୀ ପାଇକରିୟ, ପ୍ରିୟଙ୍କା ଦାସ, ବିଶ୍ୱଜିତ ପ୍ରଧାନ, ଅଂଶୁମାନ ଧଳ ପ୍ରମୁଖ ଛାତ୍ରଛାତ୍ରୀ ଯୋଗଦାନ କରି ସହଯୋଗ କରିଥିଲେ ।ସଭା ପ୍ରାରମ୍ଭରେ ସାଇକ୍ରୀଷ୍ଟା ନର୍ସିଂ , ଦିଗମ୍ବରୀ ଦେବୀ ପବ୍ଲିକ ସ୍କୁଲ, ଫାର୍ମାସୀ କଲେଜ, ଆଇଟିଆଇ, ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟର ପିଲାମାନଙ୍କ ପକ୍ଷରୁ ପ୍ରଥମେ ଗୁଜରାଟର ଅହମଦାବାଦରେ ପ୍ଲେନ କ୍ରାସରେ ମୃତ୍ୟୁ ବରଣ କରିଥିବା ଯାତ୍ରୀ ତଥା ମେଡିକାଲ ଛାତ୍ର ଓ ରମଣୀ ନଗର ବାସିନ୍ଦା ସର୍ବାଧିକ ୨୭୧ ଜଣଙ୍କ ଆତ୍ମାର ସଦଗତି ଉଦ୍ଦେଶ୍ୟରେ ୧ ମିନିଟ ନୀରବ ପ୍ରାର୍ଥନା କରା ଯାଇଥିଲା ଓ କେଣ୍ଡାଲ ଜାଳି ସେମାନଙ୍କ ଆତ୍ମାର ସଦଗତି କାମନା କରିଥିଲେ ।ପରେ ପରେ ସମୂହ ଜାତୀୟ ସଂଗୀତ ଗାନ କରିଥିଲେ ।ଅତିଥି ମାନଙ୍କ ବକ୍ତବ୍ୟ ସହିତ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । ସର୍ବଶେଷ ରେ ଅନୁଷ୍ଠାନର ସମ୍ପାଦିକା ମଧୁଛନ୍ଦା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଖିଳ ଭାରତୀୟ ତୈଳିକ ବୈଶ୍ୟ ସମାଜର ମହାସଭା




କୁଚିଣ୍ଡା(ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପତ୍ରାପାଲି ରେ ଅଖିଳ ଭାରତୀୟ ତୈଳିକ ବୈଶ୍ୟ ସମାଜର ମହାସଭା ଅନୁଷ୍ଠିତ ହୋଇଯାଇଛି । ସର୍ବପ୍ରଥମେ ପୂର୍ବାହ୍ନରେ ମୁଖ୍ୟ ପୁରୋଧାଙ୍କ ଦ୍ୱାରା ସାମାଜିକ ପତାକା ଉତ୍ତୋଳନ କରିବା ପରେ କାର୍ଯ୍ୟକାରି ସଭାପତି ଙ୍କ ଦ୍ୱାରା ଇଷ୍ଟଦେବ ଙ୍କ ପୂଜାର୍ଚ୍ଚନା କରଯାଇଥିଲା । ମୁଖ୍ୟ ଅତିଥି ଭାବରେ ପୁର୍ବତନ ଚିଲିକା ବିଧାୟକ ଶ୍ରି ରଘୁନାଥ ସାହୁ ଯୋଗଦେଇ ଦୀପ ପ୍ରଜ୍ୱଳନ କରିଥିଲେ । ଏହି ମହାସଭା ର ଉଦ୍ଦେଶ୍ୟ ସାରା ଭାରତ ବର୍ଷରେ ଥିବା ସମସ୍ତ ତୈଳିକ ବୈଶ୍ୟ ସମାଜକୁ ଏକ କରି ଶିକ୍ଷା, ବ୍ୟବସାୟ ତଥା ସୁସଂସ୍କାର ମାଧ୍ୟମରେ ଆଗାମୀ ପିଢ଼ିକୁ ଏକ ଉଜ୍ଜ୍ୱଳ ଭବିଷ୍ୟତର ମାର୍ଗ ଦର୍ଶନ ଅଟେ ବୋଲି କୁହାଯାଇଥିଲା । ଆଗାମୀ ପିଢ଼ି କିପରି ଉଚ୍ଚଶିକ୍ଷିତ ଓ ସୁଂସ୍କାରୀ ହୋଇପାରିବେ ସେଥିପାଇଁ ସଂକଳ୍ପ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପୁରୋଧା ବିଜୟାନନ୍ଦ ପୃଷେଠ୍, ମୁଖ୍ୟବକ୍ତା ଦେବାଶିଷ ସାହୁ, କେନ୍ଦ୍ର ସଭାପତି ଯଦୁମଣି ପୃଷେଠ୍, ସମ୍ପାଦକ ଡିଲେଶ୍ୱର୍ ସାହୁ, କୋଷାଧ୍ୟକ୍ଷ ବସନ୍ତ ପୃଷେଠ୍, କାର୍ଯ୍ୟକାରି ସଭାପତି ସୁନ୍ଦରଲାଲ ପୃଷେଠ୍, ଉପସଭାପତି ଦନାର୍ଦ୍ଧନ ପୃଷେଠ୍, ସହ ସମ୍ପାଦକ କୁଳମଣି ପୃଷେଠ୍, ଉପଦେଷ୍ଟା ଜୟାନନ୍ଦ ବେହେରା, ସନାତନ ପୃଷେଠ୍, ବାସୁଦେବ ପୃଷେଠ୍ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ସମ୍ମାନୀୟ ଅତିଥି ଭାବରେ ତୁଳସୀରାମ ସାହୁ, ଆନନ୍ଦ ସାହୁ, ବିରଞ୍ଚି ସାହୁ, ଭିକାରୀ ଚରଣ ସାହୁ, ଲକ୍ଷ୍ମଣ ସାହୁ, ତୁଲେଶ୍ୱର୍ ସାହୁ, ବଳଦେବ ସାହୁ, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଯୋଗଦେଇ ସମାଜ ର ଉନ୍ନତି ଦିଗରେ ଆଲୋକପାତ କରିଥିଲେ । ସେହିପରି ଅପରାହ୍ନରେ ବୟୋବୃଦ୍ଧ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା, ମେଧାବୃତ୍ତି ପ୍ରଦାନ, ସଫଳ ବ୍ୟବସାୟୀ, କବି ଓ କଳାକାର ତଥା ସମ୍ପାଦକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ହରେଶ୍ କୁମାର୍ ସାହୁ ସଂଯୋଜନା କରିଥିଲେ । ଆଗାମୀ ବର୍ଷ ପାଇଁ ମହାସଭା ଜାନୁଆରୀ ୨୫ ଠିକ୍ ପତ୍ରାପାଲି ମକର ଯାତ୍ରା ଜାନୁଆରୀ ୨୬ ର ଦିନକ ପୂର୍ବରୁ ହେବବୋଲି ସୁଚନା ଦିଆଯାଇଥିଲା । ଶେଷରେ ସମ୍ପାଦକଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ଓ ସଭାପତି ଯଦୁମଣି ପୃଷେଠଙ୍କ ଦ୍ୱାରା ସଭା ସାଙ୍ଗ ହେଇଥିଲା ।

# କଂଗ୍ରେସର ପଞ୍ଚାୟତ ପରିଷଦର ସଭାପତି ହେଲେ ଆଦିବାସୀ ନେତା ଅଖିଳ



କରଞ୍ଜିଆ (ଭାସ୍କର ନ୍ୟୁଜ୍): ଅଖିଳ ଭାରତ କଂଗ୍ରେସ ପଞ୍ଚାୟତ ପରିଷଦର ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁବୋଧ କାନ୍ତ ସହାୟଙ୍କ ନିସ୍ପତି କ୍ରମେ ଏବଂ ପୂର୍ବତନ ବିଧାୟକ ଅକ୍ଷୟ କୁମାର ଆଚାର୍ଯ୍ୟଙ୍କ ଅନୁମୋଦନ କ୍ରମେ ଅବସରପ୍ରାପ୍ତ ଶିକ୍ଷକ ତଥା ଏ ଅଞ୍ଚଳର ଟାଣୁଆ ଆଦିବାସୀ ନେତା ଅଖିଳ ଚନ୍ଦ୍ର ନାଏକଙ୍କୁ ମୟୂରଭଞ୍ଜ (ପଶ୍ଚିମ) ଜିଲ୍ଲାର ପଞ୍ଚାୟତ ପରିଷଦ ସଭାପତି ଭାବେ ନିଯୁକ୍ତି ପାଇଛନ୍ତି । ଏହି ନୂତନ ନିଯୁକ୍ତି ପାଇବା ପରେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ମଲ୍ଲିକାର୍ଜୁନ ଖଡଗେ, ବରିଷ୍ଠ ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ସୁବଧକାନ୍ତ ସହାୟ,ପିସିସି ସଭାପତି ଭକ୍ତ ଚରଣ ଦାସ, ଅକ୍ଷୟ କୁମାର ଆଚାର୍ଯ୍ୟ,ସ୍ଥାନୀୟ ବରିଷ୍ଠ କଂଗ୍ରେସ ନେତା ଭୁବନ ବିହାରୀ ସାହୁ ପ୍ରମୁଖଙ୍କୁ ଧନ୍ୟବାଦ ଜଣାଇଛନ୍ତି ଓ ସମସ୍ତ କଂଗ୍ରେସ କର୍ମୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଆଦିବାସୀ ଅଧୁଷିତ ମୟୁରଭଞ୍ଜ ଜିଲ୍ଲା ପଛୁଆ ଅଞ୍ଚଳ ହୋଇଥିବାରୁ । ଏହି ଆଦିବାସୀ ନେତା ଅଖିଳ ଚନ୍ଦ୍ର ନାଏକଙ୍କ ପାଇଁ । ଆଗାମୀ ଦିନରେ ତୃଣମୂଳ ପଞ୍ଚାୟତ ସ୍ତରରେ ଦଳ ସୁଦୃଢ଼ ହେବ ବୋଲି ସାଧାରଣରେ ଚର୍ଚ୍ଚା ।




କଟକ(ଭାସ୍କର ନ୍ୟୁଜ୍): ଅହମଦାବାଦରେ ଗତ ୧୨ ତାରିଖ ଦିନ ଘଟିଥିବା ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କ ଅମର ଆତ୍ମାର ସଦଗତି ଉଦ୍ଦେଶ୍ୟରେ ଭଗତପୁର ମା ବଗଳା ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ୨୬ ନମ୍ବର ଓ୍ୱାର୍ଡର କର୍ପୋରେଟର ତଥା ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଗଗନ ଓଝାଙ୍କ ଦ୍ୱାରା ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସମସ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହିତ ହାତରେ ଦୀପ ଜାଳି ମା ବଗଳାଙ୍କ ପାଖରେ ଅମର ଆତ୍ମାର ସଦଗତି କାମନା ଏବଂ ଦୁଃଖରେ ଥିବା ପରିବାର ସଦସ୍ୟଙ୍କୁ ଧୈର୍ଯ୍ୟ ଶକ୍ତି ଦେବାକୁ ପ୍ରାର୍ଥନା କରିଥିଲେ। ସଭାରେ ଭଗତପୁର ସଭାପତି ବିବେକାନନ୍ଦ ପାତ୍ର, ନିମସାହି ପୂର୍ବତନ ସମ୍ପାଦକ ପ୍ରଦୀପ ମହାରଣା, ଯୁବନେତା ଟିମା ବିଶୋଇ, ପୂଜକ ରଙ୍ଗନାଥ ତ୍ରିପାଠୀ, ସୁବାଷ ଚନ୍ଦ୍ର ସେଠି, ବାବୁଲି ମହାରଣା, ରବୀନ୍ଦ୍ର କୁମାର ସାହୁ, ବିଜୟ ସାହୁ, ହେମନ୍ତ କୁମାର ମୁଦୁଲି, ଜଗଦୀଶ ରାଓ, ନନ୍ଦୁ ବିଶ୍ୱାଳ, ଧନେଶ୍ୱର ମହାରଣା, ହେମନ୍ତ କୁମାର ସାହୁ, ସୋମନାଥ ବାରିକ, ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ନାରାୟଣ ନାୟକ, ସଞ୍ଜୟ ଦାସ, ହରିଶ୍ଚନ୍ଦ୍ର ବେହେରା, ମାନସ ମହାରଣା, ସୁଜଳ ମୁଳିଆ, ସୁଭମ ହାତୀ, ରାଜ ଗୁପ୍ତା, ସରୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



# ସବୁଠି ପିଠାମିଠାର ମହକ ସାଙ୍ଗକୁ ରଜଦୋଳି ମଜ୍ଜା

## ଟ୍ୱିନ୍‌ସିଟିରେ ରଜ ଉତ୍ସବର ଦ୍ୱିତୀୟ ଦିନ

ଭୁବନେଶ୍ୱର/କଟକ(ଭାସ୍କର ନ୍ୟୁଜ): ଓଡ଼ିଶାର ଗଣପର୍ବ ରଜ ଆସିଲେ ସମସ୍ତଙ୍କ ମନରେ ଅସୁମାରୀ ଆନନ୍ଦ ଭରି ଯାଇଥାଏ । ଖାସ୍ କରି କୁମାରୀ ଓ ନବବଧୂମାନେ ରଜପର୍ବକୁ ରୀତିନୀତି ଅନୁଯାୟୀ ପାଳନ କରିଥାନ୍ତି । ଦୋଳି ଖେଳର ମଜା ନେବା ସହ ରଜଦୋଳି ଗୀତ ମଧ୍ୟ ଗାଇଥାନ୍ତି । ଏଥିସହ ରଜପାନ ଖାଇବା ସହ ପୋଡପିଠା ସାଙ୍ଗକୁ ବିଭିନ୍ନ ପ୍ରକାର ପିଠାମିଠାରେ ସମସ୍ତେ ଆପ୍ୟାୟିତ ହୋଇଥାନ୍ତି । କୁମାରୀମାନେ ନବବସ୍ତ୍ର ପରିଧାନ କରି ରଜ ଉତ୍ସବରେ ବିଭିନ୍ନ ସ୍ଥାନକୁ ବୁଲାବୁଲି କରି ସମୟ ଅତିବାହିତ କରିଥାନ୍ତି । ରଜ ତିନିଦିନରେ ସେମାନେ ନିଜ ବନ୍ଧୁ ଓ ପରିଜନଙ୍କ ସହ ଭୋଜିଭାତର ଆସର ଜମାଇଥାନ୍ତି । ସହରୀ ସଭ୍ୟତାରେ ଏହା ଏବେ ଉଭେଇ ଯାଉଥିବା ବେଳେ କିଛି ଅନୁଷ୍ଠାନ ପକ୍ଷରୁ ଚଳିତବର୍ଷ ରାଜଧାନୀର ବିଭିନ୍ନ ସ୍ଥାନରେ ପୁରୁଣା ସ୍ମୃତିକୁ ମନେ ପକାଇ ରଜ ଉତ୍ସବକୁ ଧୂମଧାମରେ ପାଳନ କରୁଛନ୍ତି । ଏହା ବ୍ୟତୀତ ତାରକା ହୋଟେଲଗୁଡିକରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ନିମନ୍ତେ ରଜଦୋଳି ଝୁଲାଇ ଓଡ଼ିଶାର ପାରମ୍ପାରିକ ଖାଦ୍ୟ ପରଷୁଥିବା ଦେଖିବାକୁ ମିଳିଛି । ସେହିପରି ବଡ଼ ବଡ଼ ମଲ୍‌ଗୁଡିକରେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଛି । ରଜଦୋଳିଠାରୁ ଆରମ୍ଭକରି ପୁଚିଖେଳ, ମେହେନ୍ଦି, ଅଳତା ଲଗାଇବା ପ୍ରତିଯୋଗିତା ମଧ୍ୟ ଦେଖିବାକୁ ମିଳୁଛି । ତେବେ ରଜପର୍ବରେ ଗାଁଠୁ ସହର ପର୍ଯ୍ୟନ୍ତ ଉତ୍ସବମୁଖର ହୋଇପଡ଼ିଛି । ରାଜଧାନୀର ପାନ୍ଥ ନିବାସଠାରୁ ଆରମ୍ଭକରି ଲକ୍ଷ୍ମୀସାଗର ମେଳଣ ପଡ଼ିଆ, ରସୁଲଗଡ଼, ଜନପଥ, ରବିନ୍ଦ୍ରମଣ୍ଡପ, ଜୟଦେବ ଭବନ, ଭଞ୍ଜକଳା ମଣ୍ଡପ, କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ପଟିଆ, ଚନ୍ଦ୍ରଶେଖରପୁର, ଖଣ୍ଡଗିରି, ନୂଆଗାଁ, ନୟାପଲ୍ଲୀ ଆଦି ସ୍ଥାନରେ ରଜ ମହୋତ୍ସବ ଆୟୋଜିତ ହୋଇଥିବା ଦେଖିବାକୁ ମିଳୁଛି । ଏହିସବୁ ସ୍ଥାନରେ ମୀନାବଜାର ସାଙ୍ଗକୁ ଚଟପଟି ଖାଦ୍ୟର ପସରା ମେଳିଛି । ସନ୍ଧ୍ୟା ହେଲେ ସପରିବାର ଏହିସବୁ ସ୍ଥାନରେ ପହଞ୍ଚି ରଜ ଉତ୍ସବର ମଜା ନେବା ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି । ସେହିପରି ବାଉନବଜାର ତେପନ ଗଳି କଟକ ସହରରେ ରଜ ପର୍ବ ଧୂମଧାମ୍‌ରେ ପାଳନ ହେବା ସହ ପ୍ରତ୍ୟେକ ପରିବାରରେ ପିଠାମିଠାର ମହକ ମହକୁଛି । ଏହାବ୍ୟତୀତ ରଜପର୍ବ ଆସିଲେ ମିଠା ପାନର ଆଦର ବେଶ୍ ଅଧିକ ଥିବାବେଳେ ଏବେ ବଜାରରେ ଗ୍ରାହକମାନେ ଧାଡି ବାନ୍ଧି ମିଠାପାନ କିଣିବାରେ ବ୍ୟସ୍ତ ରହୁଛନ୍ତି । ଏହି ପାନର ଦର ୨୦ରୁ ଆରମ୍ଭ କରି ୨୦୦ ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି ।





## ନନ୍ଦନକାନନ ବୁଲିଲେ ୩୭ ହଜାର ପର୍ଯ୍ୟଟକ

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ରବିବାର ରେକର୍ଡ ସଂଖ୍ୟକ ପର୍ଯ୍ୟଟକ ବୁଲିଛନ୍ତି। ଗଣପର୍ବ 'ରଜ' ଅବସରରେ ପର୍ଯ୍ୟଟକମାନେ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବୁଲିଛନ୍ତି। ଏତେ ସଂଖ୍ୟାରେ ପର୍ଯ୍ୟଟକମାନେ ବୁଲିବାର ମୁଖ୍ୟ କାରଣ ହେଲା ଅନୁକୂଳ ପାଗ। ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ଦ୍ୱିତୀୟ ରଜ ଅବସରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୩୭,୧୦୮ ପର୍ଯ୍ୟଟକ ବୁଲିଛନ୍ତି। ରବିବାର ଭଲ ବାର ସାଙ୍ଗକୁ ପାଗ ଭଲ ଥିବାରୁ ଏତେ ସଂଖ୍ୟାରେ ପର୍ଯ୍ୟଟକ ଆସିଛନ୍ତି। ସୂଚନାଯୋଗ୍ୟ, ୨୦୨୨ ମସିହା ପ୍ରଥମ ରଜରେ ସର୍ବାଧିକ ୩୪,୮୧୭ ପର୍ଯ୍ୟଟକ ଆସିଥିବା ବଡ଼ ରେକର୍ଡ ଥିଲା। ସେହି ରେକର୍ଡ ଆଜି ଭଙ୍ଗ ହୋଇଛି।

## ବସ୍ତି ପିଲାଙ୍କ ସହ ରଜ ପାଳିଲେ ମେୟର

କଟକ ସହରର ଭିନ୍ନ ଭିନ୍ନ ବସ୍ତିର କୁନି କୁନି ପିଲା ଓ ଛୋଟ ଝିଅ ପିଲାଙ୍କ ସହିତ ସିଏମ୍‌ସି ମେୟର ସୁବାସ ସିଂ ରଜ ପାଳିଛନ୍ତି । ବିକାଶ ଭବନଠାରେ କଟକ ମହାନଗର ନିଗମ ଦ୍ୱାରା ଆୟୋଜିତ ରଜ ମହୋତ୍ସବରେ ମେୟର ଶ୍ରୀ ସିଂହ କୁନି ପିଲାଙ୍କ ସହିତ ଦୋଳି ଝୁଲିବା ସହିତ ନାନାଦି ପ୍ରକାରର ଓଡ଼ିଆ ପିଠା, ମିଠା ଖାଇଥିଲେ ଓ ରଜ ପାନର ମଜା ମଧ୍ୟ ନେଇଥିଲେ। ଆମନ୍ତ୍ରିତ ବସ୍ତିର କୁନି କୁନି ପିଲା ଓ ଛୋଟ ଝିଅ ପିଲାଙ୍କୁ ମହାନଗର ନିଗମ ପକ୍ଷରୁ ନୂତନ ପୋଷାକ ସହିତ ସଜବାଜ ସାମଗ୍ରୀ ପ୍ରଦାନ କରିଯାଇଥିଲା ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ରାଉତ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ପ୍ରଳୟା ବେଉରା, କର୍ପୋରେଟର ବନଲତା ପ୍ରଧାନ, ସୁମିତ୍ରା ବସ୍ତିଆ, ଉପଆୟୁକ୍ତ ସ୍ୱାତି ମିଶ୍ର, ବିନୋଦ ପଣ୍ଡା , ଦେବେନ୍ଦ୍ର ପାଣିଗ୍ରାହୀ, ବହୁ ବସ୍ତି ବାସିନ୍ଦା, ସିଏମ୍‌ସି କର୍ମଚାରୀ ଓ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## 'ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ପ୍ରୟାସ ଜରୁରି'



ଭୁବନେଶ୍ୱର ମହାନଗର ନିଗମର ୧ ନଂ ଓ୍ୱାର୍ଡ ଅନ୍ତର୍ଗତ ପ୍ରଶାନ୍ତିବିହାର ଦୁର୍ଗା ପଡିଆଠାରେ ଦି କ୍ଲବ ପକ୍ଷରୁ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଯୋଗଦେଇ ଓଡିଶାର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ସମସ୍ତେ ପ୍ରୟାସ କରିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମେୟର ସୁଲୋଚନା ଦାସ, ସୁବାସ ପାତ୍ର, ୧ ନଂ ଓ୍ୱାର୍ଡର କର୍ପୋରେଟର ମିହିର କୁକାର ରାଉତ, ୨ ନଂ ଓ୍ୱାର୍ଡର କର୍ପୋରେଟର ମୋନାଲିସା ବେହେରା, ଦୁର୍ଗାପୂଜା କମିଟି ସଭାପତି ଧ୍ରୁବ ଚରଣ ପାତ୍ର ପ୍ରମୁଖ ଯୋଗଦେଇ ଦି କ୍ଲବର ଆୟୋଜନକୁ ପ୍ରଶଂସା କରିଥିଲେ। ଦୁଇଦିନ ଧରି ସ୍ଥାନୀୟ ଅଧିବାସୀମାନେ ଦୋଳି ଖେଳି ଧୁମଧାମରେ ରଜ ମଉଜ କରିଥିଲେ। ଦିନରେ ବିଭିନ୍ନ ପ୍ରତିଯୋଗିତା ସହିତ ସନ୍ଧ୍ୟାରେ ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହୋତ୍ସବରେ କଲୋନୀର ସମସ୍ତ ବର୍ଗର ଲୋକ ସାମିଲ ହୋଇଥିଲେ। ଏହି ଅବସରରେ ନବ ନିର୍ମିତ ଦୁର୍ଗା ପଡିଆ ମଞ୍ଚକୁ ବିଧାୟକ ଓ ମେୟର ଉଦ୍‌ଘାଟନ କରିଥିଲେ। କ୍ଲବର ସଦସ୍ୟ ସ୍ୱର୍ଗତ ଶକ୍ତିମାନ ରାଉତରାୟ ଓ ଅହମଦାବାଦ ଉଡାଜାହାଜ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟି ନିରବ ପ୍ରାର୍ଥନା କରାଯାଇଥିଲା। କ୍ଲବର ସଭାପତି ଗୁରୁଦତ୍ତ ସିଂ, ସମ୍ପାଦକ ଦିବ୍ୟ ସୁନ୍ଦର ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ରାଜଭବନରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟିଙ୍କ ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ପୋଲିସ ମହାନିର୍ଦ୍ଦେଶକ, ମେୟର, ପୋଲିସ କମିଶନର ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଗଣ

## ୧୩୩୯ ୟୁନିଟ୍ ରକ୍ତ ସଂଗୃହୀତ

କଟକ(ଭାସ୍କର ନ୍ୟୁଜ୍): ବିଶ୍ୱ ରକ୍ତଦାତା ଦିବସ ଅବସରରେ ପୋଡାପୋଖରୀ, ବିନାୟକନଗର ସ୍ଥିତ ଅନନ୍ତଗୋପାଳ ଭକ୍ତ ସମାଜ ସେବାସଂଘ ତରଫରୁ ୧୯ତମ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ବୈଷ୍ଣବ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଶାଳ ରକ୍ତଦାନ ଶିବିରଟିକୁ ଛତିଆବଟ ମଣିମା ପ୍ରଦ୍ୟୁମ୍ନ କୁମାର ଦାସ ଏବଂ ଭାରତୀୟ ଜନତା ପାର୍ଟି କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଉପସ୍ଥିତ ରହି ଶିବିରଟିକୁ ପରିଚାଳନା କରିଥିଲେ । ଏହି ରକ୍ତଦାନ ଶିବିରରୁ ମୋଟ ୧୩୩୯ ୟୁନିଟି ରକ୍ତ ସଂଗୃହିତ ହୋଇଥିଲା । ଏହି ଶିବିରରେ ୪୭ନଂ ଓ୍ୱାର୍ଡ କର୍ପୋରେଟର ଇଂ ସୁବ୍ରତ ଘଡାଇ, ଚାଉଳିଆଗ ପୂଜା କମିଟିର ସମ୍ପାଦକ ନିରନ ସାହୁ, ଅଶୋକ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଶିବରରେ ଡ. ବିକାଶ ମହାଭୋଇ, ଡ. ଅରୂପ ସ୍ୱାଇଁ, ଡ. ଜ୍ୟୋତିରନ ସାମଲ, ବିଭୁତି ଭୂଷଣ ପାଳ, ଅଭିମନ୍ୟୁ ଓଝା, ସୁକାନ୍ତ ସାହାଣୀ ପ୍ରମୁଖ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିବା ବେଳେ ସେବାସଂଘର ସମ୍ପାଦକ ତଥା ଆଇନଜୀବୀ ନିକୁ କୁମାର ଦେଓ ସମସ୍ତ ରକ୍ତଦାତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

## ଛାତ୍ରଛାତ୍ରୀଙ୍କୁ ଲାଠି ଚାର୍ଜ ବିରୋଧରେ ଛାତ୍ର କଂଗ୍ରେସର ବିକ୍ଷୋଭ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚୌଧୁରୀ ଚରଣ ସିଂହ ହରିୟାନା କୃଷି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ କଲେଜରେ ଦୀର୍ଘଦିନ ଧରି ସ୍ଥଗିତ ଥିବା ନାମ ଲେଖା ଆବେଦନ ପ୍ରକ୍ରିୟାର ବିରୋଧରେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବାବେଳେ ସେହି ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏବଂ ସୁରକ୍ଷା କର୍ମୀମାନେ ଆସି ତାଙ୍କୁ ଉପରେ ଲାଠି ଚାର୍ଜ କରିଥିଲେ। ଏହି ଘଟଣାକୁ ନିନ୍ଦା କରି ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ମାଷ୍ଟରକାଣ୍ଟିନ ଠାରେ ଛାତ୍ର କଂଗ୍ରେସ ପକ୍ଷରୁ ଉକ୍ତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନ୍ୟାୟ ଦେବା ପାଇଁ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ, ଭୁବନେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସାହାରୁଖ୍ ଖାନ, ସୌମ୍ୟ ବରାଳ, ଆଶିଷ ରଞ୍ଜନ ଦାସ, ଆଦିତ୍ୟ ଅଂଶୁମାନ ପାତ୍ର, ଆଶିଷ କୁମାର ଦାସ, ଆୟୁଷ ରାୟ, ଭି. ଭବାନି ଶଙ୍କର ପ୍ରମୁଖ ଯୋଗ ଦେଇଥିଲେ।

## 'ହଇଜା ନ ବ୍ୟାପିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ହଇଜାରେ ଚିହ୍ନଟ ମାମଲା ଏବଂ ଡାଇରିଆ ବ୍ୟାପୁଥିବା ସମୟରେ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗ ଏବେ ଚୁପ୍ ବସିଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଉପର ଠାଉରିଆ ଭାବେ ଯାଜପୁର ଜିଲ୍ଲା ଗସ୍ତ କରି ତାଙ୍କର ପାରିବା ପଣିଆ ଦେଖାଇଛନ୍ତି। ଆଜକୁ ପାଖାପାଖି ୭ ଦିନରୁ ଉର୍ଦ୍ଧ ଏହି ରୋଗ ବ୍ୟାପିଯାଇଥିବାର ଜଣାପଡ଼ିଥିଲେ ମଧ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ରୋଗୀମାନଙ୍କ ସ୍ୱାସ୍ଥ୍ୟଅବସ୍ଥା ବିଷୟରେ ମନେ ପଡ଼ିଲା ବୋଲି ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ଶ୍ରୀ ସାମଲ ଆହୁରି ମଧ୍ୟ କହିଛନ୍ତି ଯାଜପୁର ଜିଲ୍ଲାରେ ପାଖାପାଖି ୧୦ରୁ ଉର୍ଦ୍ଧ୍ୱ ଏହି ରୋଗରେ ଜୀବନ ହାରିଥିବାବେଳେ ଶତାଧିକ ପ୍ରଭାବିତ ଅଛନ୍ତି। ଯଦି ରାଜ୍ୟ ସରକାର ଏହି ଦିଗରେ ପୂର୍ବରୁ ଧ୍ୟାନ ଦେଇଥାନ୍ତେ ତାହାଲେ ଆଜି ଏଭଳି ପରିସ୍ଥିତି ଉପୁଜିନଥାନ୍ତା। ଭଦ୍ରକ, କେନ୍ଦୁଝର, କଟକ, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଭଳି ଜିଲ୍ଲାରେ ଝାଡାବାନ୍ତିର ପରିସ୍ଥିତି ସୃଷ୍ଟି ହୋଇଗଲାଣି। ରାଜ୍ୟ ସରକାର ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବାଃ ବାଃ ନେବାର ଡିଣ୍ଡିମ ପିଟୁଥିବାବେଳେ ଆଜିର ଦିନରେ ହଇଜା ଭଳି ରୋଗ ରାଜ୍ୟ ଭିତରେ ବ୍ୟାପି ରହୁଛି। ରାଜ୍ୟ ସରକାରଙ୍କ ତରଫରୁ ସ୍ପଷ୍ଟିକରଣ ଦିଆଯାଉ ଏଭଳି ପରିସ୍ଥିତି କାହିଁକି ଆସିଲା। କେଉଁପରି ଭାବରେ ଏହି ରୋଗ ନ ବ୍ୟାପିବ ଏବଂ ବ୍ୟାପି ଯାଇଥିବା ଜିଲ୍ଲା ମାନଙ୍କରେ ତୁରନ୍ତ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ପଠାଇ ଏହା ଉପରେ ରାଜ୍ୟର ମୁଖ୍ୟମବୀ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ। କେନ୍ଦ୍ରୀୟ ଟିମ୍ ଆସିଛନ୍ତି ବୋଲି ରାଜ୍ୟ ସରକାର ଜଣାଇଛନ୍ତି, ଏଥିରୁ ଜଣାପଡୁଛି ଯେ, ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକଳ ଚିତ୍ର। ଆଜିର ଦିନରେ ଆମ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ଅପରାଗ ବୋଲି ରାଜ୍ୟ ସରକାର ପ୍ରମାଣିତ କରିଛନ୍ତି ବୋଲି ଶ୍ରୀ ସାମଲ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

## ମହିଳାଙ୍କ ପୂର୍ବତନ ସ୍ୱାମୀଙ୍କ ଆକ୍ରମଣରେ ବର୍ତ୍ତମାନ ସ୍ୱାମୀ ଆହତ

କଟକ(ଭାସ୍କର ନ୍ୟୁଜ୍): ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଶିଖରପୁର ଅଞ୍ଚଳରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏହି ଆକ୍ରମଣ ଘଟଣାରେ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାର ଅନୁସଂଧାନ କରୁଥିବା ଜଣାପଡିଛି । ଆହତ ଯୁବକ ଶିବ ଶଙ୍କରଙ୍କୁ ଏସ୍‌ସିବି ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି । ଆକ୍ରମଣର ଶିକାର ହୋଇଥିବା ଶିବ ଶଙ୍କରଙ୍କର ପେଟ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ଆକ୍ରମଣ କରିଥିବା ଯୁବକ ଜଣକ ହେଲେ ଗୋବିନ୍ଦ ପରିଡା । ସୂଚନା ମୁତାବକ ଆକ୍ରମଣକାରୀ ଗୋବିନ୍ଦ ପରିଡ଼ାଙ୍କ ଠାରୁ ମହିଳା ଜଣକ ବିବାହ ବିଚ୍ଛେଦ ପରେ ଶିବ ଶଙ୍କରଙ୍କୁ ବିବାହ କରିଥିଲେ। ଗୋବିନ୍ଦ ପରିଡା ପୂର୍ବତନ ପତ୍ନୀଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିଲେ। ପ୍ରଥମେ ବଚସା ପରେ ବର୍ତ୍ତମାନର ସ୍ୱାମୀ ଶିବ ଶଙ୍କରଙ୍କ ପେଟରେ ମଦ ବୋତଲ ଭାଙ୍ଗି ପୁରାଇ ଦେଇଥିଲା ପୂର୍ବତନ ସ୍ୱାମୀ ଗୋବିନ୍ଦ ପରିଡ଼ା । ଆକ୍ରମଣର ଶିକାର ହୋଇଥିବା ଯୁବକ ଓ ଅଭିଯୁକ୍ତଙ୍କ ଘର ଶିଖରପୁର ଅଞ୍ଚଳରେ ବୋଲି ପୁଲିସ ଠାରୁ ପ୍ରକାଶ। ପୂର୍ବରୁ ଦୁହିଁଙ୍କ ମଧ୍ୟରେ ଶତ୍ରୁତା ଥିବା ଜଣାପଡିଛି । ଏନେଇ ଆହତ ଯୁବକଙ୍କ ପତ୍ନୀ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଛନ୍ତି।

## ତୃଣମୂଳସ୍ତରରୁ ଲୋକଙ୍କୁ ସଶକ୍ତ କରାଇବା ଉପରେ ଓରମାସ୍‌ର ଗୁରୁତ୍ୱ



କଟକ(ଭାସ୍କର ନ୍ୟୁଜ୍): କଟକ ବାଲିଯାତ୍ରା ପଡିଆରେ ଚାଲିଥିବା ବିକାଶ ମେଳାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ ପ୍ରଦାନ ପୂର୍ବକ ଓରମାସ ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ତୃଣମୂଳ ସ୍ତରରୁ ଲୋକଙ୍କୁ ସଶକ୍ତ କରାଇବା ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ବିଶେଷକରି କୃଷି ସଂସାଧନ କେନ୍ଦ୍ର, କୃଷକ ଉତ୍ପାଦକ ସଂଘ ଏବଂ ଗ୍ରାମୀଣ ଶିଳ୍ପ ପାର୍କର ପ୍ରମୁଖ ସଫଳତା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୁଭଦ୍ରା ଦାଶ, ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ରାଉତ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବନ୍ଦନା ଖଟୁଆ, ଉପ ନିର୍ବାହୀ ଅଧିକାରୀ ଓଡିଶା ଗ୍ରାମୀଣ ଉନ୍ନୟନ ଓ ମାର୍କେଟିଙ୍ଗ ସୋସାଇଟି ସୋନାଲି ମଜୁମଦାର, ରାଜ୍ୟ ମୁଖ୍ୟ ଟାଟା ଷ୍ଟିଲ ଫାଉଣ୍ଡେସନ ଶିଶିର ଦାସ, ନିର୍ବାହୀ ଅଧିକାରୀ ଚୌଦ୍ୱାର ପୌରପାଳିକା ସୌମ୍ୟ ରନ ମିଶ୍ର, ଅର୍ଥ ବିଶେଷଜ୍ଞ ଓଡିଶା ସହରାଞ୍ଚଳ ଗୃହ ମିଶନ ସଂଜୀବ କୁମାର ପଣ୍ଡା, ସହକାରୀ ଆୟୁକ୍ତ, କଟକ ମହାନଗର ନିଗମ ଶୁଶ୍ରୀ ସ୍ୱାତି ମିଶ୍ର, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଙ୍କୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ କୃଷକ ମାନଙ୍କ ଉତ୍ପାଦକୁ କିଭଳି ଉଚିତ ମୂଲ୍ୟ ମିଳିପାରିବ, ଉତ୍ପାଦ ପ୍ରସ୍ତୁତି ନିମନ୍ତେ ସହାୟତା ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, କଟକ ତଥା ଓଡିଶା ଗ୍ରାମୀଣ ଉନ୍ନୟନ ଓ ମାର୍କେଟିଙ୍ଗ ସୋସାଇଟ ମିଳିତ ଆନୁକୂଲ୍ୟରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ସୁଲଭ ବାସଗୃହ ଯୋଜନା, ସ୍ୱଚ୍ଛ ଭାରତ ମିଶନ ଏବଂ 'ସହଯୋଗ ଏକ ଆରମ୍ଭ' ଯୋଜନା ବିଷୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

## ନିଟ୍-ୟୁଜି ୨୦୨୫ରେ ଏଇଏସ୍ଏଲ୍‌ର ସଫଳତା

# ଆଦିତ୍ୟଙ୍କ ଏଆଇଆର୍ ୧୨୮ ହାସଲ, ରିତେଶଙ୍କ ଏଆଇଆର ୨୦୪ ହାସଲ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟେଷ୍ଟ ପ୍ରସ୍ତୁତି ସେବାରେ ରାଷ୍ଟ୍ରୀୟସ୍ତରରେ ଅଗ୍ରଣୀ ଆକାଶ ଏଜୁକେସନାଲ ସର୍ଭିସେସ ଲିମିଟେଡ (ଏଇଏସ୍ଏଲ) ଗର୍ବର ସହିତ ଘୋଷଣା କରୁଛି ଯେ ଏହାର ଓଡ଼ିଶା ଶାଖାର ୧୫ଜଣ ଛାତ୍ର ଛାତ୍ରୀ ଅତ୍ୟନ୍ତ ପ୍ରତିଯୋଗିତାପୂର୍ଣ୍ଣ ଏନଇଇଟି ୟୁଜି ୨୦୨୫ ପରୀକ୍ଷାରେ ଶୀର୍ଷ ସ୍କୋରଧାରୀ ହୋଇଛନ୍ତି। ଏହି ଅନନ୍ୟ ପ୍ରଦର୍ଶନ ଛାତ୍ର ଛାତ୍ରୀଙ୍କର ଉତ୍ସର୍ଗୀକୃତ ପ୍ରୟାସ, ଶିକ୍ଷାଗତ ଶୃଙ୍ଖଳା ଏବଂ ଏଇଏସ୍ଏଲ୍ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଶ୍ୱ ଶ୍ରେଣୀର କୋଚିଂ ତଥା ମାର୍ଗଦର୍ଶନର ନିଦର୍ଶନ ହୋଇଛି। ଏହି ଫଳାଫଳ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ଆନୁଷ୍ଠାନିକ ଭାବରେ ଶନିବାର ଘୋଷଣା କରାଯାଇଥିଲା।ଆକାଶ ଏଜୁକେସନାଲ ସର୍ଭିସେସ ଲିମିଟେଡର ଉଲ୍ଲେଖନୀୟ ସଫଳତା ହାସଲକାରୀଙ୍କ ମଧ୍ୟରେ ଉତ୍କର୍ଷ ଅଓ୍ୱଧୀୟା (ଏଆଇଆର-୨), କ୍ରିଶଙ୍ଗ ଜୋଷୀ (ଏଆଇଆର-୩), ଅଭିକା ଅଗ୍ରଓ୍ୱାଲ (ଏଆଇଆର-୫), ହର୍ଷ କେଡାଓ୍ୱତ (ଏଆଇଆର-୯), ଆରବ ଅଗରଓ୍ୱାଲ (ଏଆଇଆର-୧୦) ପ୍ରମୁଖ ସ୍ଥାନ ପାଇଛନ୍ତି। ଆକାଶ ଏଜୁକେସନାଲ ସର୍ଭିସେସ ଲିମିଟେଡ, ଓଡ଼ିଶା ଶାଖାର ଉଲ୍ଲେଖଯୋଗ୍ୟ ସଫଳତା ହାସଲକାରୀ ଏନଇଇଟି ୨୦୨୫ରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି, ଯେଉଁଥିରେ ଏଆଇଆର ୧୦୦୦ ର୍ୟାଙ୍କ ମଧ୍ୟରେ ୯ ଜଣ ଛାତ୍ର ଛାତ୍ରୀ ଶୀର୍ଷ ର୍ୟାଙ୍କ ହାସଲ କରିଛନ୍ତି ଏବଂ ସେମାନଙ୍କ ମଧ୍ୟରେ ଆଦିତ୍ୟ କିରଣ ବଳ ଏଆଇଆର ୧୨୮ ହାସଲ କରିଥିବାବେଳେ ତାଲିକାରେ ରିତେଶ ପରିଜା (ଏଆଇଆର ୨୦୪), ସାତ୍ୱିକ ମହାପାତ୍ର (ଏଆଇଆର ୪୨୧), ଅନନ୍ୟା ପାଢୀ (ଏଆଇଆର ୪୬୬), ଆଦିତ୍ୟ ଅଂଶୁମାନ ରଥ (ଏଆଇଆର ୬୬୭), ପ୍ରତ୍ୟାଶା ଦାସ (ଏଆଇଆର ୬୭୯), ଅଶ୍ମିତ ମହାପାତ୍ର (ଏଆଇଆର ୭୯୭), ସ୍ମାରକ ଦାସ (ଏଆଇଆର ୮୨୭), ପ୍ରତ୍ୟୁଷ କର (ଏଆଇଆର ୯୯୦), ଏବଂ ଏଆଇଆର ୫୦୦୦ ର୍ୟାଙ୍କ ମଧ୍ୟରେ ଓଡ଼ିଶାରୁ ୩୯ ଜଣ ଛାତ୍ର ଛାତ୍ରୀ ମନୋନୀତ ହୋଇଛଁ। ସେମାନଙ୍କର ଉଲ୍ଲେଖନୀୟ ସଫଳତା ସେମାନଙ୍କର ଉତ୍ସର୍ଗୀକୃତ ପ୍ରୟାସ ଏବଂ ଏଇଏସଏଲର ଅଭିଜ୍ଞ ଅଧ୍ୟାପକ ମଣ୍ଡଳୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଶିକ୍ଷାଗତ ଉତ୍କର୍ଷ ଏବଂ ସୁସଂହତ ପାଠ୍ୟକ୍ରମକୁ ପ୍ରତିଫଳିତ କରୁଛି ଏବଂ ଏହା ଶାଖାର ଶିକ୍ଷାଗତ ଉତ୍କର୍ଷ ଏବଂ ଛାତ୍ର-କୈନ୍ଦ୍ରିକ ନିରନ୍ତର ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି। ଅଜୟ ବାହାଦୂର ସିଂ, ରିଜିଓନାଲ ଡାଇରେକ୍ଟର, ଏଇଏସଏଲ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି, 'ଆମେ ଆମ ଛାତ୍ରଛାତ୍ରୀଙ୍କ ଏନଇଇଟି ୟୁଜି ୨୦୨୫ରେ ଉଲ୍ଲେଖନୀୟ ସଫଳତା ପାଇଁ ଅତ୍ୟନ୍ତ ଗର୍ବିତ ଅନୁଭବ କରୁଛୁ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



# ରାଜ୍ୟରେ ଝାଡ଼ାବାନ୍ତିର କରାଳ ରୂପ

## ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଲୋଡ଼ା

ଆମ ରାଜ୍ୟ ତଥା ଦେଶରେ ଏବେ ବ୍ୟାପୀ ଚାଲିଥିବା କରୋନାର ମୁକାବିଲା ପାଇଁ ସ୍ୱାସ୍ଥ୍ୟ ପ୍ରଶାସନ ତତ୍ପର ହୋଇ ଉଠିଥିବା ବେଳେ ବିଭିନ୍ନ ଅଞ୍ଚଳରେ ଝାଡ଼ାବାନ୍ତି ଓ ହଇଜାର କରାଳ ରୂପ ମୁଣ୍ଡବ୍ୟଥାର କାରଣ ସାଜିଛି। ପ୍ରାୟ ଗୋଟିଏ ସପ୍ତାହ ପୂର୍ବରୁ ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଡାଇରିଆ ବା ଝାଡ଼ାବାନ୍ତି ରୋଗ କାୟା ବିସ୍ତାର କରି ନିକଟବର୍ତ୍ତୀ ଜିଲ୍ଲାଗୁଡ଼ିକୁ ମାଡ଼ି ଚାଲିଛି ଏବଂ ବର୍ତ୍ତମାନ ସୁଦ୍ଧା ୬ଟି ଜିଲ୍ଲାକୁ ଏହା କବଳିତ କରି ସାରିଲାଣି। ସର୍ବଶେଷ ତଥ୍ୟ ଅନୁଯାୟୀ ଯାଜପୁର ପରେ ଭଦ୍ରକ, କେନ୍ଦୁଝର, ଖୋର୍ଦ୍ଧା, କଟକ, ବରଗଡ଼ ଓ ଢେଙ୍କାନାଳ ଜିଲ୍ଲାରେ ଝାଡ଼ାବାନ୍ତିର ପ୍ରକୋପ ଦେଖିବାକୁ ମିଳିଛି। ଯାଜପୁର ଜିଲ୍ଲାରେ ୧୫୦୦ରୁ ଅଧିକ ରୋଗୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ୧୩ଜଣଙ୍କର ମୃତ୍ୟୁ ଘଟିଛି। ବହୁ ସଂଖ୍ୟକ ରୋଗୀ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଏବେ ମଧ୍ୟ ୨୦୦ ସଂକ୍ରମିତ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ଯାଜପୁର ଜିଲ୍ଲାରେ ରୋଗୀଙ୍କ ମଳ ନମୂନାରୁ ହଇଜାର ଜୀବାଣୁ ଠାବ କରାଯାଇଛି ଏବଂ ବର୍ତ୍ତମାନ ସୁଦ୍ଧା ୧୧ଜଣ ହଇଜାରେ ଆକ୍ରାନ୍ତ ହୋଇଥିବାର ଜଣାପଡିଛି। ଆହୁରି ୨୦୦ ରୋଗୀଙ୍କ ନମୂନା ପରୀକ୍ଷା ପାଇଁ ପଠାଯାଇଛି ଏବଂ ରିପୋର୍ଟ ଆସିବା ପରେ ସେମାନେ ହଇଜାରେ ଆକ୍ରାନ୍ତ ହୋଇଛନ୍ତି କି ନାହିଁ, ତାହା ସ୍ପଷ୍ଟ ହେବ। ଆମ ରାଜ୍ୟରେ ଅନେକ ବର୍ଷ ତଳୁ ହଇଜା ଓ ବସନ୍ତ ଭଳି ସଂକ୍ରାମକ ରୋଗକୁ ସମ୍ପୂର୍ଣ୍ଣ ଦୂରେଇ ଦିଆଯାଇଥିଲା। ଜଣେ ହେଲେ ରୋଗୀ ହଇଜାରେ ଆକ୍ରାନ୍ତ ହେବାର ନଜିର ଦେଖାଯାଉନଥିଲା। ଯାଜପୁର ଜିଲ୍ଲାରେ ହଠାତ୍ କେଉଁ କାରଣରୁ ଝାଡ଼ାବାନ୍ତି ଏଭଳି ସଂକ୍ରାମକ ରୂପ ନେବା ସଙ୍ଗେ ସଙ୍ଗେ ଦୀର୍ଘବର୍ଷର ବ୍ୟବଧାନରେ ହଇଜାର ପୁନଃ ଆଗମନ ଘଟିଲା, ତାହା ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ମଧ୍ୟ ବିସ୍ମିତ କରିଛି। ତେବେ ଦୂଷିତ ଜଳ ଓ ବିଷାକ୍ତ ଖାଦ୍ୟ ଝାଡ଼ାବାନ୍ତି ବ୍ୟାପିବାର ମୁଖ୍ୟ କାରଣ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଅଳ୍ପଦିନ ପୂର୍ବେ ଯାଜପୁର ଜିଲ୍ଲାରେ ଏକ ଭୋଜିରେ ପ୍ରାୟ ୨୫୦୦ଲୋକ ଖାଇଥିଲେ। ସେହି ଭୋଜି ହିଁ ଝାଡ଼ାବାନ୍ତି ବ୍ୟାପିବାର ମୂଳ କାରଣ ବୋଲି ଅନୁମାନ କରାଯାଉଛି। ଯାଜପୁର ଜିଲ୍ଲାରେ ଝାଡ଼ାବାନ୍ତି ଓ ହଇଜା ସ୍ଥିତି ଅନୁଧ୍ୟାନ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏକ ଚଉଦ ଜଣିଆ ବିଶେଷଜ୍ଞ ଦଳ ସେଠାରେ ପହଞ୍ଚି ବିଭିନ୍ନ ସ୍ଥାନକୁ ଗସ୍ତ କରୁଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ରବିବାର ଯାଜପୁର ଓ କେନ୍ଦୁଝର ଜିଲ୍ଲାର ହସ୍ପିଟାଲ ଗୁଡ଼ିକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। କଟକ ସଦର ଅନ୍ତର୍ଗତ ୪୨ ମୌଜା ଓ ବାଙ୍କୀ ଅଞ୍ଚଳରେ ଝାଡ଼ାବାନ୍ତିରେ ୫୦ଜଣ ଆକ୍ରାନ୍ତ ହୋଇଥିବା ବେଳେ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସେହିପରି ଢେଙ୍କାନାଳ ଜିଲ୍ଲାର ଭୁବନରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାର ଖବର ମିଳିଛି। ରାଜ୍ୟର ରାଜଧାନୀରେ ମଧ୍ୟ ଝାଡ଼ାବାନ୍ତିର ପଦଧ୍ୱନୀ ଶୁଣାଗଲାଣି ଏବଂ ଉପକଣ୍ଠବର୍ତ୍ତୀ ଘାଟିକିଆ ଅଞ୍ଚଳରେ ଅନେକ ଲୋକ ଏଥିରେ ଆକ୍ରାନ୍ତ ହୋଇଛନ୍ତି। କଳିଙ୍ଗ ବିହାର ଅଞ୍ଚଳର ଏକ ଆପାର୍ଟମେଣ୍ଟରୁ ୫୦ରୁ ଅଧିକ ଲୋକ ଡାଇରିଆରେ ଆକ୍ରାନ୍ତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାର ଜଣାପଡିଛି। ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ ୯ଟି ସ୍ଥାନରୁ ଜଳ ନମୂନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ରାଜ୍ୟରେ ମୌସୁମୀର ଆରମ୍ଭରୁ ଯଦି ଝାଡ଼ାବାନ୍ତି ଓ ହଇଜାର ଏଭଳି ଉଗ୍ରରୂପ ଦେଖିବାକୁ ମିଳିଲାଣି, ତେବେ ଆଗକୁ ସ୍ଥିତି ଅଣାୟତ୍ତ ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେବନାହିଁ। ସ୍ୱାସ୍ଥ୍ୟ ପ୍ରଶାସନ ପୂର୍ବରୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିଥିଲେ, ପରିସ୍ଥିତି ଏଭଳି ଗୁରୁତର ଆକାର ଧାରଣ କରିନଥାନ୍ତା। ଝାଡ଼ାବାନ୍ତି ସହ ହଇଜାକୁ ନିୟନ୍ତ୍ରଣାଧୀନ କରିବା ଲାଗି ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯିବା ଏକାନ୍ତ ଜରୁରି।

# ଧନ ସମ୍ବଳରେ ମୂଲ୍ୟବୋଧର ସଂଜ୍ଞା



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର,
ଏମ୍-୭୯, ମଧୁସୂଦନ ନଗର, ୟୁନିଟ-୪
ଭୁବନେଶ୍ୱର, ମୋ:୯୯୩୭୩୪୫୯୦୦

ସମାଜରେ ବଞ୍ଚିବା ପାଇଁ ହେଲେ ମଣିଷର ଧନ ଏକାନ୍ତ ଆବଶ୍ୟକ ଯାହାର ସାହଚର୍ଯ୍ୟରେ ମଣିଷ ଜୀବନ ନିର୍ବାହ କରିବାର ପନ୍ଥା ଅନୁସରଣ କରିଥାଏ। ମଣିଷର ବଞ୍ଚିବା ପାଇଁ ଯେଉଁ ଧନ ଆବଶ୍ୟକ ହୋଇଥାଏ ତାହା ବିଶେଷତଃ ଏ ସମାଜରେ ଟଙ୍କା ପଇସାଯୁକ୍ତ ଧନକୁ ନିର୍ଦ୍ଦିଷ୍ଟ କରିଥାଏ ଯାହା ବ୍ୟକ୍ତିର ଦୈନନ୍ଦିନ ଜୀବନ ପ୍ରବାହରେ ସନ୍ନିବେସିତ ହୋଇଥାଏ। ମାତ୍ର ଅନେକେ ଟଙ୍କା ପଇସାର ଧନକୁ ଗୌଣ ମନେକରି ମାନବ ସମ୍ବଳ, ବୁଦ୍ଧି, ଜ୍ଞାନ, ବିବେକ, ନୀତି, ଆଦର୍ଶ, ଚରିତ୍ର ଆଦିକୁ ଧନର ମାନ୍ୟତା ଦେଇ ସେଥିରେ ଜୀବନ ଅତିବାହିତ କରିଥାନ୍ତି। ଅତଏବ ଧନ ଗୋଟିଏ ଦିଗରେ ପ୍ରତ୍ୟକ୍ଷ ଭାବେ ବ୍ୟକ୍ତିକୁ ପ୍ରଭାବିତ କରୁଥିବା ବେଳେ ଅନ୍ୟ ଏକ ଧନ ବ୍ୟକ୍ତିକୁ ପରୋକ୍ଷରେ ମଧ୍ୟ ଜୀବନ ଧାରଣ କରିବାରେ ଯଥେଷ୍ଟ ସାହାଯ୍ୟ କରିଥାଏ, ଯାହା ଥାଏ ବଞ୍ଚିବାର ବିଶେଷ ମାଧ୍ୟମ। ଧନ ସମାଜର ବିଭିନ୍ନ ବ୍ୟକ୍ତି ପାଇଁ ଭିନ୍ନ ଅର୍ଥରେ ଉପଯୋଗ ହୋଇଥାଏ। ଅନେକଙ୍କ ପାଇଁ ଏକ ସୁନ୍ଦର ଘର, ବୁଲିବା ପାଇଁ ଆରାମଦାୟକ କାର୍, ସମସ୍ତ ଖର୍ଚ୍ଚ ପୂରଣ ପାଇଁ ପର୍ଯ୍ୟାପ୍ତ ବ୍ୟାଙ୍କ ବାଲାନ୍ସ ଓ ଅବସର ପରେ ଜୀବନ ସୁଖମୟ ପାଇଁ ପର୍ଯ୍ୟାପ୍ତ ଅର୍ଥକୁ ଆଧାର କରିଥାନ୍ତି। ଧନର ଅର୍ଥ ବିଷୟରେ ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜସ୍ୱ ନିର୍ଦ୍ଦିଷ୍ଟ ଧାରଣା ରହିଥାଏ। କେତେକ ଜନ୍ମ ହେବା ଦିନଠାରୁ ଧନ ସହିତ ଜୀବନ ସୃଷ୍ଟି ହୋଇ ସେମାନଙ୍କର ପରିବାର ଧନୀ ହୋଇଥାନ୍ତି ଓ ତା’ପରେ ସେମାନେ କୌଣସି ପରିଶ୍ରମ ନକରି ଧନ ପ୍ରାପ୍ତ କରନ୍ତି। ଅନ୍ୟମାନେ ସେମାନଙ୍କର ରୋଜଗାର ପାଇଁ ଅତ୍ୟନ୍ତ କଠିନ ପରିଶ୍ରମ କରି ସ୍ୱଳ୍ପ ଅର୍ଥରେ ନିଜକୁ ଓ ପରିବାରକୁ ସନ୍ତୁଷ୍ଟ କରିଥାନ୍ତି। ତେଣୁ, ବିଭିନ୍ନ ଉପାୟରେ ଧନ ହାସଲ କରାଯାଇପାରେ, ମାତ୍ର ଧନ ପ୍ରକୃତରେ ଫଳପ୍ରଦ ନୁହେଁ ଯଦି ଏହା ରୋଜଗାର କରୁଥିବା ବ୍ୟକ୍ତି ଏହାର ଲାଭ ଉପଭୋଗ କରିବାକୁ ସକ୍ଷମ ହୋଇ ନଥାଏ। ଅନେକ ଲୋକ ଟଙ୍କା ରୋଜଗାର କରିବା ପାଇଁ ଏତେ ପରିଶ୍ରମ କରନ୍ତି ଯେ ଏହାକୁ ଖର୍ଚ୍ଚ କରିବାକୁ ସମୟ ନଥାଏ। ଅନ୍ୟମାନଙ୍କ ହାତରେ ବହୁତ ସମୟ ଥାଏ, ଉଦ୍ୟମ ଯଥେଷ୍ଟ ଥାଏ, ମାତ୍ର ସେମାନଙ୍କ ନିକଟରେ ଖର୍ଚ୍ଚ କରିବାକୁ ଟଙ୍କା ନଥାଏ, କିନ୍ତୁ ଜୀବନର ବାସ୍ତବ ଚିତ୍ରକୁ ସପରିବାର ଅନୁଭବ କରିଥାନ୍ତି। ତେଣୁ, ଧନର ସର୍ବୋତ୍ତମ ରୂପ ହେଉଛି ଯେତେବେଳେ ବ୍ୟକ୍ତି ଚାହୁଁଥିବା ଅର୍ଥର ପରିମାଣ ଥାଏ ଓ ଏହାକୁ ଖର୍ଚ୍ଚ କରିବାକୁ ପର୍ଯ୍ୟାପ୍ତ ସମୟ ଥାଏ। ସମାଜରେ ଅନେକ ଧନୀ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଜୀବନରେ ତୃପ୍ତି ପାଇବା ଭଳି ମନେହୁଏ ନାହିଁ, ସେହି ସମାଜରେ ଅଧିକାଂଶ ନିମ୍ନବର୍ଗ ପରିବାର ସେମାନଙ୍କ ସରଳ ଜୀବନରେ ଖୁସି ଥା’ନ୍ତି। ଏକ ସ୍ନେହୀ ଗୃହରେ ଆଧାରିତ ଏକ ପରିବାର ହେଉଛି ଯେଉଁଠାରେ ପିଲାମାନେ ଦୁଃଖ ସମୟରେ ସାନ୍ତ୍ୱନା ପାଆନ୍ତି, ସଫଳତା ସମୟରେ ପ୍ରଶଂସିତ ହୁଅନ୍ତି ଓ ସବୁବେଳେ ମାନବ ସମ୍ବଳ ଦ୍ୱାରା ସମର୍ଥିତ ହୁଅନ୍ତି। ଯେଉଁମାନେ ଚତୁଃପାର୍ଶ୍ୱରେ ଥିବା ବ୍ୟକ୍ତିଙ୍କୁ ନିଃସ୍ୱାର୍ଥ ଭାବରେ ସମ୍ମାନ ଦେବା ପାଇଁ ଇଚ୍ଛା ପ୍ରକଟ କରିଥାନ୍ତି ସେମାନେ ହେଉଛନ୍ତି ସଫଳ ବ୍ୟକ୍ତି।

ଆଜିର ସମାଜରେ ସମସ୍ତେ ଏକ ସୁଖୀ ତଥା ପରିପୂର୍ଣ୍ଣ ଜୀବନ ଅତିବାହିତ କରିବା ପାଇଁ ଇଚ୍ଛା କରିଥାନ୍ତି, ମାତ୍ର ଉକ୍ତ ଇଚ୍ଛାର ପ୍ରଚ୍ଛଦପଟରେ ମଣିଷର ଲୁକ୍କାୟିତ ବା ଦୃଶ୍ୟମାନ ଭୁଲ ରହିଯାଇଥାଏ ଯାହା ଦ୍ୱାରା ଅନେକ ସମୟରେ ମଣିଷ ସୁଖ ପରିବର୍ତ୍ତେ ଦୁଃଖ ହିଁ ପାଇଥାଏ। ଅନେକଙ୍କର ଜୀବଦ୍ଦଶା ମଧ୍ୟରେ ଧାରଣା ଥାଏ ଯେ ଏକ ସୁଖୀ ଓ ପୂର୍ଣ୍ଣ ଜୀବନରେ ପହଞ୍ଚିବାର ଏକମାତ୍ର ଉପାୟ ହେଉଛି ଅଧିକ ଧନର ପୁଞ୍ଜି। ମାତ୍ର ପ୍ରଥମେ ଆମକୁ ସୁଖର ଅର୍ଥ ପରୀକ୍ଷା କରିବାକୁ ପଡିବ। ସୁଖ ମନର ସ୍ଥିତି ବା ତୃପ୍ତି, ସନ୍ତୁଷ୍ଟି, ଆନନ୍ଦ, କିମ୍ବା ଆନନ୍ଦ ଦ୍ୱାରା ବର୍ଣ୍ଣିତ ଅନୁଭବ ଭାବରେ ଜଣାଶୁଣା। ସୁଖ ହେଉଛି ମଣିଷର ସବୁଠାରୁ ମୂଲ୍ୟବାନ ସମ୍ପଦ ବା ଧନ ଯାହା ଟଙ୍କା ଧନରେ ନିହିତ ନଥାଏ। ସୁଖର ଏହି ଅନୁସରଣ ସମୟରେ, ସାମାଜିକ ଓ ପାରିବାରିକ ସମ୍ପର୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜୀବନର ଗତିରେ, ଯେତେବେଳେ ମଣିଷ କିଛି ଚାପଗ୍ରସ୍ତ କିମ୍ବା ନିରାଶାଜନକ ପରିସ୍ଥିତି କିମ୍ବା କୌଣସି ପରିସ୍ଥିତିର ସମ୍ମୁଖୀନ ହୋଇଥାଏ, ସେତେବେଳେ ନିଷ୍ପତ୍ତି ନେବା ପାଇଁ ମଣିଷ ସବୁବେଳେ ପରିବାର ସହିତ ପରାମର୍ଶ କରି ପରିବାରର କୋଳରେ ଆଶ୍ରୟ ଖୋଜିଥାଏ। କିନ୍ତୁ ସାଂପ୍ରତିକ ସମାଜରେ ମଣିଷ ନିକଟରେ ଅନେକ ଟଙ୍କା ପଇସାର ଧନ ରହିଥିଲେ ମଧ୍ୟ ଜୀବନଟା ଦୁର୍ବିସହ ହୋଇଯାଉଛି। ଅନେକ ବ୍ୟକ୍ତି ନିକଟରେ ଟଙ୍କା, ଉପଭୋଗ୍ୟ ବସ୍ତୁ, ମୂଲ୍ୟବାନ ଅଳଙ୍କାର, ନାମିଦାମୀ ଘର, ଗାଡି ଆଦି ଥାଇ ଅହଂକାର ଓ ଗର୍ବର ଶିଖର ପ୍ରଦେଶରେ କ୍ଷମତାର ଉତ୍ତରାଧିକାରୀ ହୋଇ ମଧ୍ୟ ସୁଖରେ ଜୀବନ ଅତିବାହିତ କରିବା ପାଇଁ ଚିନ୍ତିତ। ଧନ ଥିଲେ ସୁଖ ଶାନ୍ତି ଆଦି କ୍ରୟ କରାଯାଇ ପାରେନାହିଁ। ଟଙ୍କାଯୁକ୍ତ ଧନର ଅଧିକ ଲାଳସା ହେତୁ ପରିବାରର ସଦସ୍ୟମାନେ ଆହୋରାତ୍ର କେବଳ ଧନ ରୋଜଗାର କରିବାରେ ବ୍ୟସ୍ତ ହୋଇଥାନ୍ତି ଓ ନିଜର ତଥା ପରିବାରର ପୂର୍ବ ପିଢି ବା ଉତ୍ତର ପିଢି ପ୍ରତି ନଜର ଦେଇପାରି ନଥାନ୍ତି। ଏପରିକି ଅନେକ ସମୟରେ ବ୍ୟକ୍ତି ଜୀବଦ୍ଦଶା ମଧ୍ୟରେ ଅନେକ ଟଙ୍କା ଧନ ରୋଜଗାର କରି ବାର୍ଦ୍ଧକ୍ୟ ସମୟରେ ନିର୍ବାସନ ଜୀବନ ଅତିବାହିତ କରିଥାନ୍ତି କେବଳ ଦେୟଯୁକ୍ତ ସେବକ ସେବିକା ମାନଙ୍କର ଅନୁକମ୍ପାରେ। ଯେତେବେଳେ ମଣିଷ କାହାର ସାନ୍ନିଧ୍ୟ ଓ ସାହଚର୍ଯ୍ୟ ଆବଶ୍ୟକ କରେ ସେତେବେଳେ ତା’ ନିକଟରେ ଥାଏ କେବଳ ନିଜସ୍ୱ ଅର୍ଜିତ ଟଙ୍କା ଧନ ବା ପିଲାମାନଙ୍କ ଦ୍ୱାରା ପ୍ରେରିତ ହେଉଥିବା ଟଙ୍କା ଧନ। ସମ୍ପ୍ରତି ମଣିଷ ପାରିବାରିକ କନ୍ଦଳ, ସାମାଜିକ ବିଶୃଙ୍ଖଳା, ସ୍ୱାସ୍ଥ୍ୟଗତ ସମସ୍ୟା, ମାନସିକ ବିଷାଦ ଆଦି ଦ୍ୱାରା ଜର୍ଜରିତ ହୋଇ ପର୍ଯ୍ୟାପ୍ତ ପରିମାଣର ଟଙ୍କା ଅର୍ଥ ଥାଇ ମଧ୍ୟ ଦୁଃଖରେ କାଳାତିପାତ କରୁଛି ପରିବାରର ସାହଚର୍ଯ୍ୟ ପାଇଁ।

ସୁଖରେ ବଞ୍ଚିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ସନ୍ତୁଷ୍ଟି। କାରଣ ପ୍ରକୃତରେ ଟଙ୍କା ମଣିଷକୁ ଖୁସି କରେ ନାହିଁ, ଏହା କେବଳ କିଛି ତୃପ୍ତି ପ୍ରଦାନ କରି ମଣିଷକୁ ସାହାଯ୍ୟ କରିଥାଏ। ଯେତେବେଳେ ମଣିଷ ସନ୍ତୁଷ୍ଟତା ହରାଏ, ଏହାର ଅର୍ଥ ହେଉଛି ଯେ ସୁଖର ଅନୁପସ୍ଥିତି। ସମାଜରେ ଅନେକ ବାଧାବିଘ୍ନ ଓ ଖରାପ ପ୍ରଭାବକୁ ନିୟନ୍ତ୍ରଣ କରିବା ପାଇଁ ଆତ୍ମ ନିୟନ୍ତ୍ରଣ ଏକାନ୍ତ ଆବଶ୍ୟକ ଯେଉଁଥିରେ ପରିମାର୍ଜିତ ଜୀବନଧାରା ସନ୍ଧାନ ନିହିତ ଥାଏ। ତେଣୁ ଆତ୍ମ ନିୟନ୍ତ୍ରଣ ବ୍ୟତୀତ ମଣିଷ ଖୁସି ହୋଇପାରିବା ଅସମ୍ଭବ, କାରଣ ଧନ ଥାଇ ଦୁଃଖ ଅନୁଭବର ଅର୍ଥ ସେ ଧନର ଅନାବଶ୍ୟକତା। ଧନ ଦ୍ୱାରା ମଣିଷ ଆବଶ୍ୟକତାର ଲାଘବ କରିଥାଏ, ମାତ୍ର ମଣିଷର ଉଦାସୀନତାକୁ ଲାଘବ କରିଥାଏ କେବଳ ମାନବ ସମ୍ବଳ ଓ ପାରିବାରିକ ସମ୍ବନ୍ଧ ତଥା ମାନସିକ ସ୍ୱଚ୍ଛତା। ଅର୍ଥ ହେଉଛି ଆତ୍ମ ନିୟନ୍ତ୍ରଣର ମୁଖ୍ୟ ଶତ୍ରୁ। ଯଦି ବ୍ୟକ୍ତିର ମୌଳିକ ଆବଶ୍ୟକତା ପାଇଁ ପର୍ଯ୍ୟାପ୍ତ ଅର୍ଥ ଅଛି, ତେବେ ତାହାର ଉପଯୁକ୍ତ ବିନିଯୋଗ ଓ ଆସକ୍ତି ରହିତ ହୋଇ ଜୀବନ ଧାରଣର ମାନକୁ ଅଗ୍ରାଧିକାର ଦେବା ଆବଶ୍ୟକ। ସୁଖ ଅର୍ଥରୁ ଆସେ ନାହିଁ। ଅପରପକ୍ଷେ, ଯେପର୍ଯ୍ୟନ୍ତ ବ୍ୟକ୍ତି ନିକଟରେ ପ୍ରଚୁର ପରିମାଣର ଧନଯୁକ୍ତ ଅର୍ଥ ଅଛି ସେପର୍ଯ୍ୟନ୍ତ ବ୍ୟକ୍ତି ଦୁଃଖକୁ ଆମନ୍ତ୍ରଣ କରି ନିଜର ଅସହାୟତାକୁ ସମାଜର ହେୟ ମଣୁଥିବା ବ୍ୟକ୍ତି ନିକଟରେ ନିଜକୁ ସମର୍ପଣ କରିଥାଏ। ମାତ୍ର ଯଦି ବ୍ୟକ୍ତି ସାମାନ୍ୟ ଆବଶ୍ୟକତାକୁ ସମ୍ମୁଖୀନ ହୋଇପାରୁଥିବା ଟଙ୍କା ଯୁକ୍ତ ଧନ ସହିତ ମାନବିକ ଧନ ଯାହା ବ୍ୟକ୍ତି ପାଇଁ ସେବାରେ ନିହିତ ଥାଏ ତାହା ହୋଇଥାଏ ସୁଖ ସେଇଠି ଧନର ସାଗର ହୋଇଥାଏ। ଅସନ୍ତୋଷ ଓ ଆତ୍ମ ନିୟନ୍ତ୍ରଣ ଅଭାବ ହେତୁ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଅତ୍ୟନ୍ତ ଖରାପ ପ୍ରଭାବିତ ହେଲେ ଧନର ମୂଲ୍ୟ ହୀନ ହୋଇଯାଏ। ଧନର ପ୍ରାଚୁର୍ଯ୍ୟରେ ଲୀନ ହୋଇ ମଧ୍ୟ ଯଦି ମାନସିକ, ସ୍ୱାସ୍ଥ୍ୟଗତ, ପାରିବାରିକ ତଥା ସାମାଜିକ ଉଦ୍‌ବେଳନରେ ମଣିଷ ଲୀନ ହୋଇଥାଏ, ତେବେ ସେ ଧନର ଆବଶ୍ୟକତା କେତେ ଜରୁରି ତାହା ଅନୁଭବି ହିଁ ହୃଦୟଙ୍ଗମ କରିଥାଏ। ବର୍ତ୍ତମାନର ସମାଜରେ ଅନେକ ରୋଗଯୁକ୍ତ ବୃଦ୍ଧ ପିତାମାତା ନିଃସଙ୍ଗରେ ଅର୍ଥର ବେଷ୍ଟନୀ ମଧ୍ୟରେ ବଞ୍ଚି ରହିଥାନ୍ତି କେବଳ ଅନ୍ୟର ଆଶ୍ରାକୁ ଭରସା କରି। ତେଣୁ ଟଙ୍କା ପଇସାର ଧନକୁ ଆବଶ୍ୟକତାର ପରିଧି ମଧ୍ୟରେ ସୀମିତ ରଖି ମାନବିକ ଧନ ସମ୍ପତ୍ତିରେ ଅଧିକ ଗୁରୁତ୍ୱ ଦେଲେ ମଣିଷ ଜୀବନରେ ବଞ୍ଚିବାର ଅର୍ଥ ଏକ ସମ୍ବଳ ଧନରେ ପରିଣତ ହୋଇପାରନ୍ତା ଓ ମୂଲ୍ୟବୋଧ ଭିତ୍ତିକ ଧନର ଉପାଦେୟତାରେ ବ୍ୟକ୍ତି ଧନର ସଂଜ୍ଞାକୁ ଉପଲବ୍ଧି କରିବା ପାଇଁ କ୍ଷେତ୍ର ପ୍ରସ୍ତୁତି ହୋଇପାରନ୍ତା।

# ଦେଶବନ୍ଧୁ ଓ ଯୁଗବନ୍ଧୁ



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଉଲ୍ଲେଖନୀୟ ଓ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷଙ୍କ ମଧ୍ୟରେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଅନ୍ୟତମ। ବ୍ରିଟିଶ ଭାରତରେ ସେ ସ୍ୱରାଜ ଦଳର ସକ୍ରିୟ ସଦସ୍ୟ ଥିଲେ। ସେ ଅବିଭକ୍ତ ଭାରତବର୍ଷର ଢ଼ାକ୍କା (ବର୍ତ୍ତମାନର ବାଂଲାଦେଶ) ନିକଟବର୍ତ୍ତୀ ବିକ୍ରମପୁରରେ ଏକ ସମ୍ଭ୍ରାନ୍ତ ବୈଦ୍ୟ ପରିବାରରେ ଜନ୍ମ ହୋଇଥିଲେ। ଇଂଲଣ୍ଡରେ ଆଇନ ଶିକ୍ଷା କରି ସେ ବାରିଷ୍ଟର ହୋଇଥିଲେ। ଆଲିପୁର ବୋମା ବିସ୍ଫୋରଣ ମାମଲାରେ ସେ ଶ୍ରୀ ଅରବିନ୍ଦଙ୍କ ପକ୍ଷରୁ ମାମଲା ପରିଚାଳନ କରି, ତାଙ୍କୁ ରକ୍ଷା କରିବାରେ ସଫଳ ହୋଇଥିଲେ। ଅସହଯୋଗ ଆନ୍ଦୋଳନରେ ଦେଶବନ୍ଧୁ ସକ୍ରିୟ ଭାବେ ଅଂଶଗ୍ରହଣ କରି ବିଦେଶୀ ବସ୍ତ୍ରରେ ନିଆଁ ଲଗାଇଥିଲେ। ସେ ଫରୱାର୍ଡ଼ ନାମକ ଖବରକାଗଜ ପ୍ରକାଶ କରୁଥିଲେ। ପରେ ଏହାର ନାମ ବଦଳି ଲିବର୍ଟି ହୋଇଥିଲା। କଲିକତା ମହାନଗର ନିଗମର ସେ ଥିଲେ ପ୍ରଥମ ମେୟର୍। ଭାରତୀୟ କଂଗ୍ରେସର ଗୟା ଅଧିବେଶନ ବେଳେ ଗାନ୍ଧିଜୀଙ୍କ ସହ ମତଭେଦ ଯୋଗୁଁ ସେ ସଭାପତି ପଦ ତଥା ଦଳ ତ୍ୟାଗ କରିଥିଲେ। ତାହା ପରେ ମୋତିଲାଲ ନେହେରୁ ଓ ହୁସେନ ଶାହିଦ ସୁହ୍ରାୱର୍ଦ୍ଦୀଙ୍କ ସହ ମିଳିତ ଭାବେ ସ୍ୱରାଜ ଦଳ ପ୍ରତିଷ୍ଠା କରିଥିଲେ। ସେ ଅହିଂସାବାଦୀ ଥିଲେ ହେଁ କଠୋର ଆଭିମୁଖ୍ୟ ଯୋଗୁଁ ଗାନ୍ଧୀଙ୍କ ଠାରୁ ଦୂରେଇ ଯାଇଥିଲେ।

ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କର ଆଧ୍ୟାତ୍ମିକ ଗୁରୁ ଯୁଗବନ୍ଧୁ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଦିଗ୍‌ଦର୍ଶନରେ ଦେଶବନ୍ଧୁଙ୍କର ଜୀବନଶୈଳୀ ସମ୍ପୂର୍ଣ୍ଣ ରୂପାନ୍ତରିତ ହୋଇଥିଲା। ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ କନିଷ୍ଠ ଭ୍ରାତା ଶ୍ରୀ ବାରୀନ୍ ଘୋଷ ଦୀପାନ୍ତର ପରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସାହଚର୍ଯ୍ୟରେ ପାବନା ହିମାଇତପୁର (ବାଂଲାଦେଶ) ସତ୍‌ସଙ୍ଗ ଆଶ୍ରମରେ କିଛିଦିନ ଅବସ୍ଥାନ କରିଥିଲେ। ଶ୍ରୀ ଶ୍ରୀ ଠାକୁରଙ୍କର ଚରିତ୍ରର ମାଧୁର୍ଯ୍ୟ ଓ ଆଧ୍ୟାତ୍ମିକ ଆଳାପ ଆଲୋଚନାରେ ଶ୍ରୀ ବାରୀନ୍ ଘୋଷ ଅତ୍ୟନ୍ତ ମୁଗ୍ଧ ହୋଇଥିଲେ। ସତ୍‌ସଙ୍ଗରୁ ଫେରି ଶ୍ରୀ ବାରୀନ୍ ଘୋଷ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କୁ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁରଙ୍କ କଥା କହିଥିଲେ ଓ ଦେଶବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ‘ନାରାୟଣ’ ପତ୍ରିକାରେ ‘ସତ୍‌ସଙ୍ଗର ମଧୁଚକ୍ର’ ନାମକ ଏକ ପ୍ରବନ୍ଧ ପ୍ରକାଶ କଲେ। ଯୁଗବନ୍ଧୁ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ପ୍ରଥମ ସାକ୍ଷାତ ହୋଇଥିଲା କଲିକତା ମହାନଗରୀର ମାଣିକତଲାରେ ୧୯୨୪ ମସିହାର ମଇ ମାସରେ। ସତ୍ୟାଗ୍ରହ ଆନ୍ଦୋଳନ, ଚରଖା ଆନ୍ଦୋଳନ, ସ୍ୱରାଜ ଆନ୍ଦୋଳନ, ବିପ୍ଳବୀ କ୍ରିୟାକଳାପ, ଭାରତ ବର୍ଷର ସ୍ୱାଧୀନତା, ଦେଶର ଅର୍ଥନୈତିକ ସ୍ୱାଧୀନତା ଓ ମାନବୀୟ ମୂଲ୍ୟବୋଧର ଜାଗରଣ ଇତ୍ୟାଦି ବହୁ ପ୍ରସଙ୍ଗରେ ଦେଶବନ୍ଧୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ ଆଲୋଚନା କରିଥିଲେ।

ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁରଙ୍କର ସହଜ, ସରଳ, ନିରଭିମାନ ବ୍ୟକ୍ତିତ୍ୱ, ଅନ୍ତହୀନ ଜ୍ଞାନ, ଉତ୍କୃଷ୍ଟ ଅନାବିଳ ପ୍ରେମ ଓ ସର୍ବୋପରି ଆଧ୍ୟାତ୍ମିକ ମୂଲ୍ୟବୋଧ ଓ ଭାରତମାତାର ଜାଗରଣ ନିମିତ୍ତ ଏକ ସୁପରିକଳ୍ପିତ ସମନ୍ୱିତ ଯୋଜନା ଯାହାକି ଶିକ୍ଷା, ଦୀକ୍ଷା, ସୁବିବାହ ଓ ମନୁଷ୍ୟର ଜୈବିକ ସଂସ୍ଥିତିର ଉନ୍ନୟନ ଉପରେ ପର୍ଯ୍ୟବେସିତ ଇତ୍ୟାଦି ଜ୍ଞାନର ଆଭାସ ପାଇ ଶ୍ରୀ ଶ୍ରୀ ଠାକୁରଙ୍କୁ ଦେଶବନ୍ଧୁ ଗୁରୁ ରୂପେ ବରଣ କରିଥିଲେ ଓ ଜନନୀ ମନମୋହିନୀ ଦେବୀଙ୍କ ଠାରୁ ୧୪ ମଇ ୧୯୨୪ ମସିହାରେ ସତ୍‌ଦୀକ୍ଷାରେ ଦୀକ୍ଷିତ ହୋଇଥିଲେ। ଦୀକ୍ଷା ଗ୍ରହଣ ପରେ ଦେଶବନ୍ଧୁ ତାଙ୍କର ପୁତ୍ର ଚିରରଞ୍ଜନ ଓ ପୁତ୍ରବଧୂ ସୁଜାତା ଦେବୀଙ୍କୁ ସତ୍‌ମନ୍ତ୍ରରେ ଦୀକ୍ଷା ଦେଇ ଶ୍ରୀମାନ ସୁନୀଲ ଚନ୍ଦ୍ର ମୁର୍ଖାଜୀଙ୍କ ସହିତ ସତ୍‌ସଙ୍ଗ ଆଶ୍ରମକୁ ପଠାଇ ଦେଇଥିଲେ ଓ ସେମାନେ ସୁଦୀର୍ଘ ଦିନ ଶ୍ରୀ ଶ୍ରୀ ଠାକୁରଙ୍କ ସାହଚର୍ଯ୍ୟରେ ଆଶ୍ରମରେ ଅବସ୍ଥାନ କରିଥିଲେ। ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ଫରିଦ୍‌ପୁର ସମ୍ମିଳନୀ ଯିବା ପୂର୍ବରୁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏକ ପତ୍ର ମାଧ୍ୟମରେ ତାଙ୍କୁ ଅନୁରୋଧ କରିଥିଲେ ଯେ ଆପଣ କିଛି ଦିନ ସତ୍‌ସଙ୍ଗ ଆଶ୍ରମରେ ରହି ଆପଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଶ୍ରୀ ଶ୍ରୀ ଠାକୁରଙ୍କର ଲୀଳାସହଚର ଭକ୍ତ ପ୍ରବଳ ସୁଶୀଳ ଚନ୍ଦ୍ର ବସୁ ଏହି ଚିଠିଟି ନେଇ ଦେଶବନ୍ଧୁଙ୍କୁ ଦେଲାପରେ ଦେଶବନ୍ଧୁ ଚିଠିଟିକୁ ମଥାରେ ଲଗାଇ ଖୋଲିଲେ ଏବଂ ପଢି କହିଲେ ଯେ ଫରିଦ୍‌ପୁର କନ୍‌ଫାରେନ୍ସରୁ ଫେରି ଦାର୍ଜିଲିଂ ଯିବା ପଥରେ ମୁଁ ସତ୍‌ସଙ୍ଗ ଆଶ୍ରମକୁ ଯିବି। ମହାତ୍ମା ଗାନ୍ଧୀ ମଧ୍ୟ ସେହି ଫରିଦ୍‌ପୁର କନ୍‌ଫାରେନ୍ସରେ ଉପସ୍ଥିତ ଥିଲେ।

୧୯୨୫ ମସିହା ୧୧ମେ ଦିନ ଦେଶବନ୍ଧୁ ସତ୍‌ସଙ୍ଗ ଆଶ୍ରମରେ ପଦ୍ମାତୀରରେ ଏକ ଛୋଟ ବଙ୍ଗଳାରେ ଯାଇ ରହିଲେ। ସେହିଠାରେ ଗଭୀର ରାତ୍ରି ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ସହିତ ଆଳାପ ଆଲୋଚନା ଚାଲୁଥିଲା - ଆଧ୍ୟାତ୍ମିକ ସାଧନା, ଶିକ୍ଷା, ଦର୍ଶନ, ସମାଜ, ଇତିହାସ ଓ ବିଜ୍ଞାନ ଇତ୍ୟାଦି ବିଷୟରେ ବହୁ ଆଲୋଚନା ହେଉଥିଲା। ଦାର୍ଜିଲିଂରୁ ଫେରି ସେ କେଉଁ କାର୍ଯ୍ୟରେ ମନ ଦେବେ, ସେ ସବୁ ବିଷୟରେ ଶ୍ରୀ ଶ୍ରୀ ଠାକୁର ପରାମର୍ଶ ଦେଇଥିଲେ। ଆଶ୍ରମରେ ତିନି ଚାରି ଦିନ ରହିବା ପରେ ଅନେକ ସୁସ୍ଥବୋଧ କଲାପରେ ଆତ୍ମୀୟ ସ୍ୱଜନଙ୍କ ଇଚ୍ଛାନୁସାରେ ଦାର୍ଜିଲିଂ ଯିବା ପାଇଁ ଇଚ୍ଛା ପ୍ରକାଶ କଲେ। କିନ୍ତୁ ଶ୍ରୀ ଶ୍ରୀ ଠାକୁରଙ୍କ ଅନୁମତି ନମିଳିବା ଯୋଗୁଁ ଦୁଇଥର ଦାର୍ଜିଲିଂ ଯାତ୍ରା ବନ୍ଦ ହୋଇଥିଲା। କିନ୍ତୁ ପରେ ଅନିଚ୍ଛାସତ୍ତ୍ୱେ ମଧ୍ୟ ଶ୍ରୀ ଶ୍ରୀ ଠାକୁର ଅନୁମତି ଦେବାକୁ ବାଧ୍ୟ ହୋଇଥିଲେ। ପୁତ୍ରଚରିରଞ୍ଜନ, ପୁତ୍ରବଧୂ ସୁଜାତା ଦେବୀ ଓ ତାଙ୍କର କନ୍ୟାଗଣ ଆଶ୍ରମରେ ରହିଗଲେ। କିନ୍ତୁ ଦୁର୍ଭାଗ୍ୟବଶତଃ କାଳର କରାଳକ୍ରମେ ଦାର୍ଜିଲିଂ ଠାରେ ଗୁରୁତର ଶାରୀରିକ ଅସୁସ୍ଥତା ଯୋଗୁଁ ମାତ୍ର ପଞ୍ଚାବନ ବର୍ଷ ବୟସରେ ଦେଶବନ୍ଧୁଙ୍କର ମହାପ୍ରୟାଣ ହୋଇଥିଲା। କଲିକତାରେ ଦେଶବନ୍ଧୁଙ୍କ ଅନ୍ତିମ ଶୋଭାଯାତ୍ରାରେ ଜନନୀ ମନମୋହିନୀ ଦେବୀ ଓ ଜାତିର ପିତା ମହାତ୍ମାଜୀ ଉପସ୍ଥିତ ରହି ତାଙ୍କର ଗୁଣ ବଖାଣିଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମଧ୍ୟ ତାଙ୍କୁ ନିଜର ଗୁରୁ ହିସାବରେ ମାନନ୍ତି। ଦେଶବନ୍ଧୁଙ୍କ ପତ୍ନୀ ବାସନ୍ତୀ ଦେବୀଙ୍କୁ ମାଆ ଭାବେ ସମ୍ବୋଧିତ କରୁଥିଲେ। ଦେଶବନ୍ଧୁଙ୍କର ଶେଷ ବାକ୍ୟ ଥିଲା - ମୋ ଜୀବନର ସମସ୍ତ ଆଶା, ଆକାଂକ୍ଷା ଓ ଚିନ୍ତାଧାରା ଶ୍ରୀ ଶ୍ରୀ ଠାକୁରଙ୍କର ସାନ୍ନିଧ୍ୟ ଲାଭ କରି ପରିମାର୍ଜିତ ହୋଇଥିଲା। ୧୯୨୫ ମସିହା ଜୁନ୍ ୧୬ ତାରିଖରେ ପ୍ରବଳ ଜ୍ୱରରେ ପୀଡ଼ିତ ହେବା ଯୋଗୁଁ ଦେଶବନ୍ଧୁଙ୍କର ପ୍ରାଣହାନୀ ଘଟିଥିଲା।

# ରଜ ପର୍ବ



ଉତ୍କଳାନନ୍ଦ ଅଜୟ କୁମାର ବେହେରା
ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ
କଟକ, ମୋ: ୯୪୩୭୦୩୧୨୫୩

ପର୍ବର ନାମ ରାଜ। ମୃତ୍ତିକା ବସୁମତୀ ଦେବୀଙ୍କର ରୋଜ ଦର୍ଶନ ଯାହା ଆସାମ ପ୍ରଦେଶ ମାଆ କାମାକ୍ଷାଙ୍କର ଅମ୍ବୁବଚୀ ସମୟ ମାଟି ବହୁ ଆଗରତୁ ଶୀତ ବସନ୍ତ ଗ୍ରୀଷ୍ମ ପରି ଛଅ ମାସ ମଧ୍ୟରେ ଯେତେବେଳେ ଏଇ ମାଟିର କଠୋରତା ନିବାରଣ ସମୟ ଆସୁଛି ସେହି ସମୟର ଏହି ପର୍ବର ପାଳନ ସମୟ। ରାଶି ଚକ୍ରରେ ୨୭ଟି ନକ୍ଷତ୍ର ଅଛି । ଏ ମଧ୍ୟରେ ପଣା ସଂକ୍ରାନ୍ତି (ମହାବିଷୁବ ସଂକ୍ରାନ୍ତି) ଠାରୁ ରବିଙ୍କର ଅଶ୍ୱିନୀ ନକ୍ଷତ୍ର ପ୍ରବେଶ କାଳ ଏହିଠାରୁ ଆଗକୁ ଆଗକୁ ସୂର୍ଯ୍ୟ ୧୩/୧୪ ଦିନ ବ୍ୟବଧାନରେ ୧/୧ ନକ୍ଷତ୍ର ଭୋଗ କରି ଚାଲିଥାନ୍ତି। ବୈଶାଖ-ଜ୍ୟେଷ୍ଠ ଗ୍ରୀଷ୍ମ ଋତୁ ଅଶ୍ୱିନୀ + ଦ୍ୱିଜା + କୃତ୍ତିକା ଏମିତି ୩ ନକ୍ଷତ୍ର ହୁଏ ୪୦ ଅଂଶ ଏହି ୪୦ ଅଂଶ ରବିଙ୍କର ଭୋଗକୁ ପ୍ରାୟ ୪୦ ଦିନ ଭୋଗ ହୁଏ। ଏହାପରେ ଭୋଗ ରୋହିଣୀର ୧୩ ଅଂଶ ୨୦ କଳା, ଏହି ସମୟ ସୂର୍ଯ୍ୟଙ୍କ ପ୍ରଖର ତୀକ୍ଷ୍ଣ କିରଣ ପୃଥିବୀ ଉପରେ ପଡ଼େ। ମାଟିରେ ଅତ୍ୟଧିକ ଗରମ ବୋଧ ହୋଇ ଗୁରୁଚାପ ଯୋଗୁଁ ବାୟୁମଣ୍ଡଳ ଗରମ ହୋଇ ମାଟିରୁ ଉପରକୁ ବାୟୁ ଊର୍ଦ୍ଧ୍ୱଗାମୀ ହୁଏ। ଏହି ବାୟୁର ଶୂନ୍ୟ ସ୍ଥାନ ପୂରଣ ପାଇଁ ଓଡ଼ିଶା ବଙ୍ଗ ଆସାମ ମେଘାଳୟ ଦିଗକୁ ବଙ୍ଗୋପ ସାଗରରୁ ପବନ ବହିବା ଆରମ୍ଭ କରେ। ସାଧାରଣତଃ ବସନ୍ତ ଋତୁରେ ଫାଲଗୁନ ଚୈତ୍ରରେ ଦକ୍ଷିଣା ପବନ ବହୁଥାଏ। ଏହି ବୈଶାଖ ଜ୍ୟେଷ୍ଠରେ ଉତ୍ତରାପବନ ସହିତ ପଶ୍ଚିମା ପବନ ମିଶି ମାଟିର ଗରମ ପବନର ସହିତ ଢ଼ାଇ ହୁଏ। ଯଦି ଜୋରରେ ଦୁଇ ଦିଗ ପବନ ଢ଼ାଇ ହୁଏ ସେ ସମୟରେ ନିର୍ଘାତ ହୁଏ। ଘୂର୍ଣ୍ଣିବାତ୍ୟା ଦେଖାଯାଏ ଯାହା ଚକ୍ରବାତ୍ୟା। ଏହାର ଫଳ ସ୍ୱରୂପ କାଳବୈଶାଖି ତତ୍‌ସହିତ କାଁ ଭାଁ ବର୍ଷା, ମାଟି ଭିଜା ବର୍ଷା, ମାଟି ଆର୍ଦ୍ର ହୋଇଯାଏ। ନକ୍ଷତ୍ରରେ ଅଛି ଆର୍ଦ୍ରା। ୬ ନମ୍ବର ନକ୍ଷତ୍ର ଏହାର ପୂର୍ବ ନକ୍ଷତ୍ର ମୃଗଶିରା ୫ ନକ୍ଷତ୍ର ଏହା ଅଧା ଅଛି ବୃଷରେ ଅଧା ଅଛି। ମିଥୁନରେ ଏକ ନକ୍ଷତ୍ର ୧୪ ଦିନ ସର୍ବୋଚ୍ଚ ହେତୁ ୭ ଦିନ ବୃଷରେ ୭ ଦିନ ମିଥୁନରେ। ମିଥୁନରେ ରବି ପ୍ରବେଶକୁ ରଜ ସଂକ୍ରାନ୍ତି କୁହାଯାଏ। ଏହା ପ୍ରାକ୍ ମୌସୁମୀର ପ୍ରବେଶ କାଳ, ରଜ ସଂକ୍ରାନ୍ତିର ପୂର୍ବର ଦୁଇଦିନ ଓ ପରପର ଦୁଇଦିନ ସଜବାଜ ପହଲିରଜ ଓ ରଜସଂକ୍ରାନ୍ତି ଓ ତା’ର ପର ଭୂମି ନହଣକୁ ନେଇ ରଜପର୍ବ। ଏହାପରେ ଆଉ ୩/୪ ଦିନ ପରେ ଆସେ ଆର୍ଦ୍ର ପ୍ରବେଶ ଯାହା ୨୧/୨୨ ତାରିଖ ଦିନ ମୌସୁମୀ ବର୍ଷର ରୁଟିନ ଆରମ୍ଭ।

ମୌସୁମୀ ବର୍ଷା ଆରମ୍ଭ ହେଲେ ଖରିଫ ଋତୁର ଚାଷକାର୍ଯ୍ୟ ଶାରଦ ଧାନର ଅଖିମୁଠି ଅନୁକୂଳ ଅକ୍ଷୟ ତୃତୀୟାରୁ ବୁଣା ବୁଣି ଆରମ୍ଭ ଓ ବର୍ଷଣ ମୁଖର କାଳ ଆରମ୍ଭ ପରେ ତଳିପକା ଯାଏ ତା’ପରେ ରୁଆ ରୁଇ ଚାଷର ଜୋରସୋର କାର୍ଯ୍ୟ। ରଜ ପର୍ବ ମୃତ୍ତିକାର ହେଲେ ବି ଏହାକୁ ପ୍ରତିଗୃହର କୁମାରୀ କନ୍ୟାମାନେ ବିଧିରେ ପାଳନ କରନ୍ତି। ମାଟିରେ ଖାଲି ପାଦରେ ଝିଅମାନେ ଚାଲନ୍ତି ନାହିଁ। ଚପଲ ଯୋତାର ବହୁଳ ପ୍ରସାର ନଥିବାବେଳେ ଗୁଆ ଗଛ ବାହୁଙ୍ଗାର ଖୋଳପାରେ ଜୋତାପତି ପାଦ ଆଭରଣ କରି କନ୍ୟାମାନେ ଚାଲୁଥିଲେ। ଦୋଳି ଲଗାଇ ଝୁଲଣ ଖେଳ ଆଦି ବିଶେଷ ଆନନ୍ଦ ପର୍ବ ସହିତ ଉତ୍ତମ ଖାଦ୍ୟ ଭୋଜନ ଏ ମଧ୍ୟରେ ବିଶେଷ ପୋଡ଼ପିଠା ବଣ୍ଟନ ଖିଆ ଚାଲେ। ରଜପାନ ବି ଏକ ବିଶେଷ ମାନ୍ୟତା ବଣ୍ଟନ ଓ ଚର୍ବଣ ଦ୍ରବ୍ୟ। ଏଥିରେ ବହୁ ମସଲା ସଂଯୋଗ କରାଯାଇଥାଏ। ରଜୋବତୀ କନ୍ୟାମାନେ ରୋଷେଇବାସ ରେ ଭାଗ ନିଅନ୍ତି ନାହିଁ। ମାଆ ଭାଉଜ ଏଇମାନେ ତାଙ୍କ କନ୍ୟା ନଣନ୍ଦ ବା ଭଉଣୀମାନେ ଭୋଜନ ବ୍ୟବସ୍ଥା କରିଥାନ୍ତି। ପୁରୁଷମାନେ ତାସ ଖେଳ ସହିତ ଗ୍ରାମର ଯୁବକମାନେ ବାଗୁଡ଼ି ଖେଳର ପ୍ରତିଯୋଗିତାରେ ଭାଗ ନିଅନ୍ତି। ଯାହା ଏକ ବିଶେଷ ଉପଭୋଗ୍ୟ ଖେଳ। ହୁଣ୍ଡା ବାଗୁଡ଼ି, ପାହି ବାଗୁଡ଼ି ଯେଉଁଥିରେ ଦୁଇ ଦଳ ଯୁବକଙ୍କ ମଧ୍ୟରେ ଏକ ମେଳା ପଡ଼ିଆରେ ଯାଗାରେ ବା ନଦୀ ବାଲିରେ ଖେଳଟି ଲୋକଙ୍କ ମନୋରଞ୍ଜନ ପାଇଁ ପ୍ରଦର୍ଶନ ହୁଏ। ଡେଙ୍ଗୁରା ବଜାଇ ଖାସି ବାଜି ରଖି ଏ ଖେଳ ଅନେକ ସ୍ଥାନରେ ହୁଏ। ବାଗୁଡ଼ି ଖେଳରେ ଶକ୍ତି ପ୍ରଦର୍ଶନ ଏକ ବିଶେଷ ଘଟଣା, ବାଗୁଡ଼ି ଖେଳରେ ଦମ ରଖି କାଳି ଦିଆଯାଏ ନାହିଁ। ନିଶ୍ୱାସ ରୋକି ବା ଦମ ରଖିବାରେ କାଳି ଦେବା ଖେଳ କିତିକିତି କବାଡ଼ି ଏହି ଖେଳ ବି ଅନେକ ସ୍ତରରେ ହୋଇଥାଏ।

ଅନେକ ସ୍ଥାନ ସାହିତ୍ୟ ଚର୍ଚ୍ଚା ଓ ଧର୍ମୀୟ ଅନୁଷ୍ଠାନ ସମ୍ବନ୍ଧ ଠିଆପାଲା ଲଢ଼େଇ ପାଲା କରାଯାଏ। ପ୍ରାଚୀନ କବିଙ୍କ ଲେଖା ଶାସ୍ତ୍ର ପୁରାଣକୁ ବିଶେଷ ରଙ୍ଗ ଦେଇ ପାଲା ଗାୟକ ମାନେ ଲୋକ ଆଗରେ ପରିବେଷଣ କରି ମନୋରଞ୍ଜନ ଓ ଧର୍ମଜ୍ଞାନ ଶିକ୍ଷା ଦାନ କରାଉଥିଲେ। ରଜ ପର୍ବ ଏକ ଓଡ଼ିଆ ପର୍ବ। ଓଡ଼ିଶା ବାହାରେ ରହିବା ବୃତ୍ତିଧନ୍ଦାରେ ନିୟୋଗ ବ୍ୟକ୍ତିମାନେ ଛୁଟି କଟାଇବାକୁ ଘରକୁ ଆସିଥାନ୍ତି। ଜ୍ଞାତିଜନ ମିଳନ ଧୁମଧାମରେ ଭୋଜନ ମନୋରଞ୍ଜନ ଏପରି ଚାରି ଦିନ କଟିଯାଏ। ତାପରେ ଆସେ ସବୁ ଦିନିଆଁ ରୁଟିନ କାର୍ଯ୍ୟ। ଚାଷ ଭିତ୍ତିକ ଜୀବିକାଧାରୀଙ୍କର ଏ ପର୍ବ ବାର୍ଷିକ ଆନନ୍ଦର ପର୍ବ। ଜଣେ ଝିଅ ଜୀବନ କାଳରେ ପିତ୍ରାଳୟରେ ବିଶେଷ ଅୟସ କେଇଟି ରଜପର୍ବ ପାଳନ ପ୍ରକୃତ ଆନନ୍ଦମୟ ସ୍ୱାଧୀନ ଜୀବନର ସମୟ ଥାଏ। ମାଆ କାମାକ୍ଷାଙ୍କ ଅମ୍ବୁବାଚୀରେ ମନ୍ଦିରରନ୍ଧ୍ରରେ ରଜସ୍ରାବର ଗୁପ୍ତ ସେବା ହୁଏ। ଏଇ ସେହି ରଜପର୍ବ। ଯଦି ବର୍ଷା ଭାରତରେ ସବୁଠାରୁ ଅଧିକ ହୁଏ ଏହି ଅଖଣ୍ଡ ଆସାମ ଅଞ୍ଚଳରେ ପୂର୍ବେ ଚେରାପୁଞ୍ଜି ଡାକ ଥିଲା ଏବେ ମେଘାଳୟ। ପୃଥିବୀ ରଜସ୍ୱଳା ପରେ ଫସଲ ସ୍ରଷ୍ଟାରେ ମାନବକୁ ଅନ୍ନ ଯୋଗାଣ ପାଇଁ ଫସଲ ଅଜାଡ଼ି ଦିଅନ୍ତି।

# ହଜି ଯାଉଛି ରଜ ପରିବେଶ !

ଫି ସନ ଭଳି ଚଳିତ ସନ ବି ରଜ ଆସିଛି। ହେଲେ ବରଷା ରାଣୀର ଓଢ଼ଣୀ ତଳେ ଆସୁଥିବା ରଜ କିନ୍ତୁ ଏ ବର୍ଷ ଆସିଛି ପ୍ରଚଣ୍ଡ ଖରା ଓ ଗୁଳୁଗୁଳିର ପରଦା ଭିତରେ। ଓଡ଼ିଶାର କୃଷି ପରମ୍ପରାର ପ୍ରତୀକ ରଜ ଉତ୍ସବ। ଦାରୁଣ ନିଦାଘ ପରେ ଧରାପୃଷ୍ଠକୁ ଓହ୍ଲାଇ ଆସିଥାଏ ବରଷାରାଣୀ। ଆକାଶ ଓ ବସୁମାତା ମିଳନରେ ଧରା ହୋଇଥାଏ ଶୀତଳ। ଏହି ଶୀତଳ ପରିବେଶ ମଧ୍ୟରେ ଉପକୂଳ ଓଡ଼ିଶାର ପୁରପଲ୍ଲୀ ହୋଇଉଠେ ଉତ୍ସବମୁଖର। ଝିପି ଝିପି ବର୍ଷାରେ ହୁଏ ବାଗୁଡ଼ି ଖେଳ। କୁମାରୀମାନଙ୍କ ରଜଦୋଳି ଗୀତରେ ଝଙ୍କୃତ ହୋଇଥାଏ ଗ୍ରାମ୍ୟ ପରିବେଶ। ପିଠାପଣାର ବାସ୍ନା ଓ କୁଣିଆଙ୍କ ଆତଯାତରେ ଗ୍ରାମ୍ୟ ପରିବେଶ ରୂପାନ୍ତରିତ ହୋଇଥାଏ ଭିନ୍ନ ରୂପରେ କିନ୍ତୁ ସେ ପରିବେଶ ଏବେ ଆଉ ନାହିଁ। ମେଘୁଆ ପାଗ ବଦଳରେ ଡହଡହ ଖରାରେ ମନ ପ୍ରାଣ ସିଝିଯାଉଛି। ତିନି ଦିନିଆ ରଜପର୍ବ ପାଇଁ ପୁରପଲ୍ଲୀ ଉତ୍ସବମୁଖର ହୋଇଥିବାବେଳେ ଚଳିତ ବର୍ଷର ୪୦ ଡିଗ୍ରୀ ସେଣ୍ଟିଗ୍ରେଡରୁ ଊର୍ଦ୍ଧ୍ୱ ତାପମାତ୍ରା ରଜ ପରିବେଶକୁ କରିଛି ଉତ୍ତପ୍ତ।

ପାଠକଙ୍କ ମତ

ଶନିବାର ଓ ରବିବାର ଛୁଟି ଥିବାରୁ ଅଧିକାଂଶ ସରକାରୀ କର୍ମଚାରୀ ପରିବାର ସହ ଗ୍ରାମକୁ ଚାଲି ଯାଉଛନ୍ତି ରଜ ପାଳିବା ପାଇଁ। ଗତ ପ୍ରାୟ ଏକ ସପ୍ତାହ ହେଲା ରଜ ପୋଷାକ ଓ ସଉଦା ପାଇଁ ଦୋକାନ ବଜାରରେ ଅସମ୍ଭବ ଭିଡ଼। ଏସବୁ ମଧ୍ୟରେ ରଜ ରହିଛି ଏକ ସାଂସ୍କୃତିକ ପର୍ବ ଭାବେ, ହଜିଯାଉଛି ରଜ ପରିବେଶ। ବର୍ତ୍ତମାନ ପାଗ ମେଘୁଆ ରହିବା କଥା। ଆକାଶ ମେଘାଚ୍ଛନ୍ନ ରହିବା ସହ ଝିପିଝିପି ବର୍ଷା ଆଗାମୀ ଚାଷକାର୍ଯ୍ୟ ପାଇଁ ଚାଷୀଙ୍କୁ ସଚେତନ କରାଇଦେଇଥାଏ। ତେଣୁ ରଜପାଗର ଥାଏ ଏକ ସ୍ୱତନ୍ତ୍ର ମାଦକତା। ଏହା କିନ୍ତୁ ଏ ବର୍ଷ ପରିଲକ୍ଷିତ ହେଉନାହିଁ। ଅସହ୍ୟ ଗୁଳୁଗୁଳି ଓ ଗ୍ରୀଷ୍ମ ଲହରୀ ମଧ୍ୟରେ ଆସିଛି ରଜ। ପାଗ ଦେଖିଲେ ରଜ ବୋଲି ଜଣାପଡୁ ନାହିଁ। ଗତ କିଛି ସପ୍ତାହ ହେଲା ରାଜ୍ୟରେ ଗ୍ରୀଷ୍ମ ଲହରୀ ପ୍ରବାହିତ ହେଉଛି। ସାଧାରଣତଃ ଜୁନ ମଧ୍ୟଭାଗରେ ରଜ ପର୍ବ ପଡ଼ିଥାଏ। ରଜ ଅବ୍ୟବହିତ ପୂର୍ବରୁ ଓଡ଼ିଶାରେ ମୌସୁମୀ ପ୍ରବାହ ଆରମ୍ଭ ହୋଇଯାଉଥିବାରୁ ପରିବେଶ ଶୀତଳ ହୋଇଯାଇଥାଏ। ପାଗ ମେଘୁଆ ରହିଥାଏ। କିନ୍ତୁ ବିଳମ୍ବିତ ମୌସୁମୀ ପାଇଁ ଏ ବର୍ଷ ବର୍ଷା ନାହିଁ। ପ୍ରାକ୍ ମୌସୁମୀର ଝଲକ ବି ଏଯାଏଁ ଦେଖିବାକୁ ମିଳିନାହିଁ। ଗୁଳୁଗୁଳି ଯୋଗୁଁ ଜନସାଧାରଣ ଘରୁ ବାହାରିବାକୁ ଚାହୁଁନାହାନ୍ତି। ଗାଁରେ ଆଉ ତୋଟା ଦେଖିବାକୁ ମିଳୁନାହିଁ। ବରଗଛ ଓହଳର ମଧ୍ୟ ଘୋର ଅଭାବ। ଦୋଳି ବାନ୍ଧିବାକୁ ସ୍ଥାନ ନାହିଁ। ସତେଯେମିତି ରଜ ଯେପରି ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ହୋଇଯାଇଛି। ଏହା କୁମାରୀମାନଙ୍କର ମୁଖ୍ୟ ପର୍ବ ହୋଇଥିଲେ ମଧ୍ୟ ଆବାଳ ବୃଦ୍ଧବନିତା ଏଥିରେ ସାମିଲ ହୋଇଥାନ୍ତି। ଏହି ସମୟରେ ଛୁଟି ପରିବେଶକୁ କରିଥାଏ ଅଧିକ ସରସ। ରଜ ଶେଷରେ ବସୁମତୀ ସ୍ନାନ ସରିବା ପରେ ଚାଷୀ ବାହାରେ ଭୂମି କର୍ଷଣ କରିବାକୁ। କିନ୍ତୁ ଚଳିତ ବର୍ଷା ହୋଇନଥିବାରୁ ରଜ ପରେ ପରେ ଜମି ଚାଷ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହି କାରଣରୁ ଚାଷୀଙ୍କ ମନରେ ସେତେଟା ସରାଗ ମଧ୍ୟ ନାହିଁ। ଏହାସତ୍ତ୍ୱେ ଆଦ୍ୟ ଆଷାଢ଼ର ଏହି ଗଣପର୍ବରେ ସାମିଲ ହେବା ପାଇଁ ପୁରପଲ୍ଲୀରେ ଉନ୍ମାଦନା ସୃଷ୍ଟି ହୋଇଥିବାବେଳେ ଗୁଳୁଗୁଳି ଓ ତତଲା ପରିବେଶ ଏହାକୁ କିଛି ମାତ୍ରାରେ ଫିକା ପକାଇ ଦେଇଛି। ତେବେ ଯାହାହେଉନା କାହିଁକି ଗାଁ ଓ ସହର ଜୀବନକୁ ସ୍ନେହ, ପ୍ରୀତି ସାମାଜିକ ଐକ୍ୟର ମଧୁରବାର୍ତ୍ତା ନେଇ ଆସେ କୃଷିଭିତ୍ତିକ ଏହି ପର୍ବ ରଜ ଏବଂ କର୍ମକ୍ଳାନ୍ତ ମଣିଷ ଜୀବନରେ ଟିକିଏ ହସଖୁସି ଭରିଦେବା ଉଦ୍ଦେଶ୍ୟରେ, ପ୍ରକୃତି ସହ ମଣିଷକୁ ନିବିଡ଼ ଭାବେ ଯୋଡ଼ି ଦେବାର ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଅବସର ସୃଷ୍ଟି କରେ ରଜ ଓ ଓଡ଼ିଆ ଘରର ପରମ୍ପରାକୁ ଭୁଲି ନଯାଇ ଆମେ ତାହାକୁ ବଜାୟ ରଖିବା ଉଚିତ।

ଡ. ତପନ କୁମାର ପାଳ
ଦେଉଳ ସାହି, ତୁଳସୀପୁର, କଟକ, ମୋ: ୯୯୩୭୬୫୮୩୬୨



ଜଳେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର କୃଷି ଭିତ୍ତିକ ଗଣ ପର୍ବ ରଜରେ ଯୋଗ ହିଁ ନିରୋଗ ବାର୍ତ୍ତାରେ ଗାନ୍ଧୀ ସେବାଶ୍ରମ ପରିସରରେ ଏକ ନିଆରା ଢଙ୍ଗରେ ରଜ ପାଳିଲେ ଜଳେଶ୍ୱର ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ। ସ୍ୱାସ୍ଥ୍ୟ ହିଁ ସମ୍ପଦ-ଯୋଗ ତାର ଚାବିକାଠି- ସ୍ଥାନୀୟ ଶାନ୍ତିଆ ଗ୍ରାମସ୍ଥ ଗାନ୍ଧୀ ସେବାଶ୍ରମର ଅନ୍ତେବାସୀ କୁନି-କୁନି ପିଲାଙ୍କ ସହ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ଯୋଗ ମାଧ୍ୟମରେ ଏହାକୁ ଗ୍ରହଣ କରିଥିଲେ। ଓଡ଼ିଶାର ପାରମ୍ପାରିକ ଗଣପର୍ବ ରଜରେ ଗାଁରୁ ସହର ସବୁଠି ଆନନ୍ଦ ଉଲ୍ଲାସର ପରିବେଶ ସୃଷ୍ଟି ହୋଇଥିବା ବେଳେ ଗାନ୍ଧୀ ସେବାଶ୍ରମ ସେଥିରୁ ବାଦ୍ ପଡି ନ ଥିଲା। ପିଠା-ମିଠା ଖାଇବା ସହ ରଜ ଦୋଳିରେ ଝୁଲି ପିଲାଙ୍କ ସହ ସମସ୍ତେ ଆନନ୍ଦରେ ମଉଆଲା ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଚାୟତ ସମିତିର ଅଧ୍ୟକ୍ଷ ମାନସ କୁମାର ଜେନା ଜଳେଶ୍ୱରରେ ନିଆରା ଢଙ୍ଗରେ ରଜ ପାଳନ କରାଯାଉଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ସଭାପତି ଡ଼ଃ ରମାକାନ୍ତ ଭଞ୍ଜଙ୍କ ପୌରହିତ୍ୟରେ ସମ୍ମାନିତ ଅତିଥି ଭାବେ ରକ୍ତଦାତା ସଙ୍ଘ ଜିଲ୍ଲା ସଭାପତି କମଳ ଚକ୍ରବର୍ତ୍ତୀ, ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ। ବିଶିଷ୍ଟ ଯୋଗ ଶିକ୍ଷିକା ଅବସରପ୍ରାପ୍ତ ପ୍ରାଧାପିକା ଇନ୍ଦୁମତି ଗିରି ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଗାନ୍ଧୀ ସେବାଶ୍ରମର ସଭାପତି ସିତାଂଶୁ ରଞ୍ଜନ ସେନାପତି, ମଞ୍ଚର ସମ୍ପାଦକ ଡଃ ଲଳିତ ରଞ୍ଜନ ସେନାପତି, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ସହ ସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ ପ୍ରମୁଖ ସହଯୋଗ କରିଥିଲେ।

### ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିଅନ୍ ବିବାଦ

# ସଂଘର ସମ୍ପତ୍ତି କବ୍‌ଜା ଉଦ୍ୟମ ନେଇ ଅଭିଯୋଗ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିଅନର ସାଧାରଣ ସମ୍ପାଦକ ନିରଞ୍ଜନ ମହାପାତ୍ର ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ଅଭିଯୋଗ କରିଛନ୍ତି ଯେ ପୂର୍ବତନ ସାଧାରଣ ସମ୍ପାଦକ ସନାତନ ବେହେରା କିଛି ଅସାମାଜିକ ଲୋକଙ୍କୁ ଧରି ୟୁନିଅନକୁ କବ୍‌ଜା କରି ରଖିଛନ୍ତି । ଯାହାକୁ ନେଇ ଗତ କିଛିଦିନ ତଳେ ୟୁନିଅନର ସଭାପତି ଲିଙ୍ଗରାଜ ମହାନ୍ତି ଓ ସାଧାରଣ ସମ୍ପାଦକ ନିରଞ୍ଜନ ମହାପାତ୍ର ଏବଂ ୟୁନିଅନର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ପାରାଦୀପ ଅତିରିକ୍ତ ଜିଲ୍ଲାପାଳ (ଏଡ଼ିଏମ), ଏଏସପି, ଡ଼ିଏଲସି ଓ ଆଦର୍ଶ ଥାନା ଆଇଆଇସିଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏଡ଼ିଏମଙ୍କ ଅଧ୍ୟକ୍ଷତାରେ ୧୫/୦୫/୨୦୨୫ରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଉଭୟ ଗୋଷ୍ଠି ପକ୍ଷରୁ ୫ଜଣ ଲେଖାଏଁ ୟୁନିଅନରେ ରହିବେ ଓ କୌଣସି ବିଶୃଙ୍ଖଳା କରିବେ ନାହିଁ କି ବେଶୀ ଲୋକଙ୍କୁ ୟୁନିଅନରେ ଏକାଠି କରିବେ ନାହିଁ । କିନ୍ତୁ ପୂର୍ବତନ ସମ୍ପାଦକ ସନାତନ ବେହେରା ପୂର୍ବତନ ସଭାପତି ତନ୍ମୟ ଜେନାଙ୍କ କଥାରେ ପଡି ୟୁନିଅନରେ ଇଫକୋ, ପିପିଏଲ ଏବଂ ରିଫାଇନାରୀ ଶ୍ରମିକଙ୍କୁ ୟୁନିଅନରେ ପୁରାଇ ବିଶୃଙ୍ଖଳା କରିବା ସହ ଆମକୁ ଧମକ ଚମକ ଦେଇ ମାରିଦେବାର ଭୟ ଦେଖାଇ ସେଠାରେ ପୁରାଇ ନ ଦେଇ ପ୍ରଶାସନ ଦେଇଥିବା ନିଷ୍ପତ୍ତିକୁ ମାନୁନଥିବା ଅଭିଯୋଗ କରାଯାଇଛି । ଯାହା ଦ୍ୱାରା ଆମେ ନିରୁପାୟ ହୋଇ ଗତ ୯ ତାରିଖରେ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ଥାନା ଅଧିକାରୀଙ୍କୁ ପ୍ରଦାନ କରିଥିଲ । କିନ୍ତୁ ତଦନ୍ତକୁ ଭଣ୍ଡୁର କରିବାକୁ ତନ୍ମୟ ଜେନା ଓ ସନାତନ ବେହେରା ପୋଲିସ ପ୍ରଶାସନ ବିରୋଧରେ ମିଛ ମନଗଢ଼ା କଥା କହିବା ସହ ଆମକୁ ୟୁନିଅନରେ ପୁରାଇ ନ ଦେବାକୁ ଭୟ ଦେଖାଉଥିବା ନେଇ ୟୁନିଅନର କର୍ମକର୍ତ୍ତା କ୍ଷୋଭର ସହ କହିଛନ୍ତି । ଏଠାରେ ସୂଚନାଥାଉକି ପାରାଦ୍ୱୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିଅନ କେବଳ ପାରାଦୀପରେ କାର୍ଯ୍ୟରତ ଶ୍ରମିକଙ୍କୁ ନେଇ ଗଠିତ ହୋଇଛି ଏବଂ ପାରାଦୀପ ପୋର୍ଟ ଅଥରିଟି କେବଳ ଏହି ସଂଘ ନକ୍ଷମରେ ଅଫିସ ଗୃହ ପ୍ରଦାନ କରିଛନ୍ତି । ଇଫକୋ, ପିପିଏଲ ଓ ରିଫାଇନାରୀ ପାଇଁ ଅଲଗା ଅଲଗା ନାମରେ ୟୁନିଅନ ଗଠିତ ହେବା ସହିତ ସେଠାରେ ମଧ୍ୟ ବିଭିନ୍ନ କାର୍ଯ୍ୟାଳୟ ରହିଛି । ସ୍ୱର୍ଗତ ଘନଶ୍ୟାମ ଜେନା ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିଅନ ପାଇଁ ସ୍ୱତନ୍ତ୍ର ବାଇଲ ତିଆରି କରିଥିଲେ । ସ୍ୱର୍ଗତ ଘନଶ୍ୟାମ ଜେନାଙ୍କ ସମୟରେ ଏହି ନିୟମ ଲାଗୁ ହୋଇ ଆସୁଥିଲା । ତେବେ ପୂର୍ବତନ ସାଧାରଣ ସମ୍ପାଦକ ସନାତନ ବେହେରା ପ୍ରାୟ ୪ ବର୍ଷ ହେବ ଚାକିରିରୁ ଅବସର ନେଇସାରିଲେଣି । କିନ୍ତୁ କୌଣସି ନିୟମକୁ ତନ୍ମୟ ଜେନା ଓ ସନାତନ ବେହେରା ମାନିବାକୁ ପ୍ରସ୍ତୁତ ନାହାନ୍ତି । ଏହାର କାରଣ ସ୍ୱର୍ଗତ ଘନଶ୍ୟାମ ଜେନା ୟୁନିଅନ ଚାଲିବାକୁ ଶ୍ରମିକଙ୍କ ପଇସାରେ ଏବଂ ସ୍ଥାୟୀ ରୋଜଗାରର ବ୍ୟବସ୍ଥା କରାଇ ଦେଇଛନ୍ତି । ପୁରୀରେ ଏକ ହଲିଡେ ହୋମ ଯାହାର ମାସିକ ରୋଜଗାର ପ୍ରାୟ ୫ ରୁ ୬ ଲକ୍ଷ ଟଙ୍କା, ତାରିଣୀଗଡାରେ ୨୦ ଡ଼ିସିମିଲର ଏକ ପ୍ଲଟ ଯାହାର ଆନୁମାନିକ ମୂଲ୍ୟ ୨ କୋଟିରୁ ଉର୍ଦ୍ଧ, ୟୁନିଅନ ବ୍ୟାଙ୍କ ଖାତାରେ ପ୍ରାୟ ୨ କୋଟିରୁ ଅଧିକ ଟଙ୍କା ଜମା ଏବଂ ୟୁନିଅନ ନାଁରେ ଦୁଇଟି ମୂଲ୍ୟବାନ କାର ରହିଛି । ଏହିସବୁ ସମ୍ପତ୍ତିକୁ ତନ୍ମୟ ନିଜ ନାମରେ କରାଇବାକୁ କୌଣସି ନିୟମକୁ ନ ମାନିବା ସହିତ ପଦବୀ ଏବଂ ସଂଘର ଘରକୁ ଛାଡୁ ନାହାନ୍ତି । ତେଣୁ ଏବାବଦରେ ଆମ୍ଭେ ଏ ସମସ୍ତ କଥାକୁ ସମସ୍ତ ପ୍ରଶାସନ ଅଧିକାରୀଙ୍କୁ ଅବଗତ କରାଇଛୁ । ଏଣୁ ଆମ୍ଭେ ଗଣମାଧ୍ୟମ ଜରିଆରେ ଜଣାଉଅଛୁ କି ଏ ସମସ୍ତ ଘଟଣାକୁ ସଠିକ ତଦନ୍ତ କରି ୟୁନିଅନର ସମସ୍ତ ସମ୍ପତ୍ତିକୁ ସୁରକ୍ଷା ଦେବା ସହିତ ତନ୍ମୟ ଜେନା ଓ ସନାତନ ବେହେରାଙ୍କ ବିରୁଦ୍ଧରେ ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହିତ ଶ୍ରମିକଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଅନୁରୋଧ କରୁଛୁ । ଏହି ସାମ୍ବାଦିକ ସମ୍ମିଳନୀରେ ଉପସଭାପତି କାଳୁ ଚରଣ ବରାଳ, କୋଷାଧ୍ୟକ୍ଷ ନବୀନ ବଳିୟାରସିଂ, ସମ୍ପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁ ଓ ଯୁଗ୍ମ ସମ୍ପାଦକ ବିଜୟ କୁମାର ବରାଳ ପ୍ରମୁଖ ଉପସ୍ଥିତ ଥିଲେ ।

### ଭୁବନରେ ଡାଇରିଆ ଅଣାୟତ୍ତ

# ଜଣେ ମୃତ, ୪୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ



ଭୁବନ(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲାରୁ ଆରମ୍ଭ ହୋଇଥିବା ଡାଇରିଆ ଢ଼େଙ୍କାନାଳ ଜିଲ୍ଲାକୁ ବ୍ୟାପିବା ପରେ ଭୁବନରେ ସ୍ଥିତି ଅଣାୟତ ହୋଇପଡ଼ିଛି । ଦୁଇ ଦିନ ମଧ୍ୟରେ ୪୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ୧୨ ନଂ ୱାର୍ଡ ପେଣ୍ଠ ସାହିର କୃପାସିନ୍ଧୁ ମଳିକ (୬୨) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଏ ସମ୍ପର୍କରେ ଖବର ପାଇ ରବିବାର ସକାଳେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ବିଧାୟକ ଶତ୍ରୁଘ୍ନ ଜେନା ଡାକ୍ତରଖାନାରେ ପହଞ୍ଚି ରୋଗୀଙ୍କ ସ୍ଥିତି ପରଖିବା ସହ ତ୍ୱରିତ ସେବା ଯୋଗାଇ ଦେବା ସମ୍ପର୍କରେ ମେଡ଼ିକାଲ ଭାରପ୍ରାପ୍ତ ଅଫିସର ଡା. ରମେଶ କୁମାର ସାହୁଙ୍କ ସହ ଆଲୋଚନା କରିଥିଲେ । ପରେ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶଙ୍କୁ ସଙ୍ଗରେ ନେଇ ମୃତକଙ୍କ ଘରେ ପହଞ୍ଚି ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ ଓ ମୃତ ବ୍ୟକ୍ତିଙ୍କ ଘର ସମ୍ମୁଖରେ ଥିବା ମୁକୁଳା ଡ୍ରେନ, ଡ୍ରେନ ଭିତରେ ଯାଇଥିବା ପାଇପ ଲାଇନ, ଗାଈ ଗୋବର, ମୁତ ଭର୍ତ୍ତି ହୋଇଥିବା ଦେଖି କ୍ଷୋଭ ପ୍ରକାଶ କରିଥିଲେ । ସ୍ଥାନୀୟ ଲୋକଙ୍କୁ ଡାଇରିଆରୁ ମୁକ୍ତି ପାଇଁ ପରିବେଶ ସଫା ସୂତରା ରଖିବ, ଫୁଟା ପାଣି ପିଇବା, ବାହାର ଖାଦ୍ୟ ନ ଖାଇବା ଓ ଭୋଜିଭାତ ବର୍ଜନ କରିବାକୁ ସଚେତନ କରିଥିଲେ । ମଧ୍ୟାହ୍ନରେ କାମାକ୍ଷା ନଗର ଉପ ଜିଲ୍ଲାପାଳ ଦିନମଣି ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା.ସଞ୍ଜୟ କୁମାର ମହାପାତ୍ର, ନିର୍ବାହୀ ଅଧିକାରୀ ପ୍ରଭାତ ସାହୁ ପ୍ରମୁଖ

**ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ଛୁଟିରେ**

ପହଞ୍ଚିବା ପରେ କାଳୀ ବଜାର, ନୂଆ ବଜାର ଅଞ୍ଚଳ ପରିଦର୍ଶନ କରି ଷ୍ଟ୍ରିଟ ଫୁଡ୍ ଖାଦ୍ୟ ଉପରେ ଚଢ଼ାଉ କରି ସପ୍ତାହକ ପାଇଁ ବନ୍ଦ କରିଥିଲେ । ଭୁବନରେ ଡାଇରିଆ ବ୍ୟାପି ହଇଜା ଆଡ଼କୁ ଗତି କରୁଥିବା ବେଳେ ସ୍ଥାନୀୟ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ଛୁଟିରେ ରହିବା ଓ ଏହି ବେପରୁଆ ମନୋଭାବ ସାଙ୍ଗକୁ ପ୍ରତ୍ୟେକ ସ୍ଥାନରେ ଅସ୍ୱାସ୍ଥ୍ୟକର ପରିବେଶରେ ଡ୍ରେନ ଭିତରେ/କଡ଼ରେ ପାଇପ ଲାଇନ୍ ଯିବା ଯୋଗୁ ଆଜି ଏଭଳି ବିପଜ୍ଜନକ ସ୍ଥିତି ଉପୁଜିଛି ବୋଲି ବୁଦ୍ଧିଜୀବୀ ମହଲ ଆଲୋଚନା କରୁଛନ୍ତି । ଆସନ୍ତାକାଲି ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଭୁବନ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।

### ଶୁଣିଲେନି ପୂର୍ବ ସରକାର

# ନିମାପଡ଼ାରେ ବସୁନ୍ଧରା ଯୋଜନା ପଟ୍ଟା ବାଣ୍ଟିବ ବିଜେପି

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ରାଜ୍ୟରେ ବିଜେପି ସରକାର ବିକାଶ ଜାରି ରଖିଥିବା ବେଳେ ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ବହୁ ବିକାଶ ଘଟିଛି । ମନ୍ଦିର ନିର୍ମାଣ ଠାରୁ ଆରମ୍ଭ କରି ରାସ୍ତାଘାଟ ଆଦି ବିଭିନ୍ନ ନଦୀବନ୍ଧ ସୁଦୃଢ଼ୀକରଣ, ଗ୍ରାମକୁ ରାସ୍ତା, ସ୍ୱାସ୍ଥ୍ୟ ସେବାକୁ ନେଇ ବିକାଶ ଜାରି ରହିଥିବା ବେଳେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ନିର୍ବାଚନ ମଣ୍ଡଳୀକୁ ଗସ୍ତ କରି ବିଭିନ୍ନ କାର୍ଯ୍ୟ ଉପରେ ସମୀକ୍ଷା କରିବା ସହ ସରକାରଙ୍କର ଅନୁଦାନ ଯୋଗାଇ ଦେଇଛନ୍ତି । ଦୀର୍ଘବର୍ଷ ଧରି ଭୂମିହୀନମାନେ ବସୁନ୍ଧରା ଯୋଜନାରେ ପଟା ଖଣ୍ଡିଏ ପାଇବା ପାଇଁ ତହସିଲ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଉଥିବା ବେଳେ ନିମାପଡ଼ାରେ ପଟା ଖଣ୍ଡିଏ ପାଇପାରି ନଥିଲେ । ଯାହାକୁ ନେଇ ଉପ-ମୁଖ୍ୟମନ୍ତ୍ରୀ ଏ ଦିଗରେ ଗୁରୁତ୍ୱ ଦେଇ ଭୂମିହୀନଙ୍କୁ ଚିହ୍ନଟ କରିବା ପାଇଁ ତହସିଲଦାର ମନୋଜ କୁମାର ପ୍ରଧାନଙ୍କୁ ନିର୍ଦ୍ଦେଶ ଦେବା ପରେ ତହସିଲଦାର, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ ବିଭିନ୍ନ ରାଜସ୍ୱ ନିରୀକ୍ଷକଙ୍କୁ ଭୂମିହୀନ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଭୂମିହୀନ ଚିହ୍ନଟ ପରେ ବସୁନ୍ଧରା ଯୋଜନାରେ ପଟା ବଂଟନ ହେବ ବୋଲି ଜଣାପଡ଼ିଛି । କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପଟା ବଂଟନ ଯୋଜନା ଥିବାବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ପୁରୀ ଅତିରିକ୍ତ ପଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ପୁରୀ ସବ୍ କଲେକ୍ଟର ରାଜ କିଶୋର ଜେନା, ନିମାପଡ଼ା ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ମନୋଜ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ସାଂସଦ ପ୍ରତିନିଧି ମୀନଲତା ମହାନ୍ତି, ପୋଲିସ ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ନିମାପଡ଼ା ଥାନାଧିକାରୀ ବାମଦେବ ସ୍ୱାଇଁ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଉପସ୍ଥିତ ରହିବେ । ପ୍ରକାଶ ଥାଉକି, ତହସିଲଦାରଙ୍କ ପକ୍ଷରୁ ବଂଟା ଯାଉଥିବା ପଟାରେ ବସୁନ୍ଧରା, ସିକିମ୍, କେତେକ ସ୍କୁଲକୁ ପଟା ପ୍ରଦାନ ପାଇଁ ସ୍ଥିର କରାଯାଇଛି ।

# ବଜ୍ରପାତ ନେଲା ୪୩ ଛେଳିଙ୍କ ଜୀବନ

ଛତ୍ରପୁର(ଭାସ୍କର ନ୍ୟୁଜ): ଛତ୍ରପୁର ବ୍ଲକ ଚିକଲଖଣ୍ଡି ଗ୍ରାମ ନିକଟ ଡିପିଆରସି ବିଲଡିଂ ନିକଟରେ କିଛି ଛେଳି ଚାଷୀ ଛେଳି ଚରାଇବା ସମୟରେ ବଜ୍ରପାତ ହୋଇଥିଲା । ଫଳରେ ବର୍ଷାରେ ଛେଳିମାନେ ଏକ ଗଛ ମୂଳରେ ରହିଥିବା ସମୟରେ ହଠାତ ବଜ୍ରପାତ ହୋଇଥିଲା, ଯେଉଁଥିରେ ୪୩ ଛେଳିଙ୍କ ମୃତ୍ୟୁ ଘଟିଛି । ଏକାଥରକେ ଏତେ ସଂଖ୍ୟକ ଛେଳିଙ୍କ ଜୀବନ ଯିବା ପରେ ଚାଷୀ ମାନେ ଦୁଃଖରେ ଭାଙ୍ଗି ପଡିଛନ୍ତି । ଚିକଲଖଣ୍ଡି ଗାଁର କୈଳାସ ଗୌଡ଼, ଗୋଦାବରୀ ଗୌଡ଼, ଆସେୟା ପାତ୍ର, ମୁତ୍ୟାଲୁ ପାତ୍ର, ଘଡଘଡାପଲି ଗାଁର ଏସ. ଗାଙ୍ଗେୟା ଓ ଏସ. ସନ୍ୟାସୀ ପାତ୍ର, ଗେଦଲପଲି ଗାଁ ର ଆର. ହାଡୁ ରେଡ୍ଡି, ଆର. ଧର୍ମା ପାତ୍ର, ବି. ଦାଶରଥୀ ଓ ବି ମାଧେୟା ପାତ୍ର, ମଲାଡ ଗାଁର ଡି. ହେମନ୍ତ ଓ ଡି. ଜଗନ୍ନାଥଙ୍କ ଛେଳି ଗୁଡିକର ମୃତ୍ୟୁ ହୋଇଛି । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଘଟଣା ସ୍ଥଳକୁ ଯାଇ ଚାଷୀଙ୍କୁ ଆଶ୍ୱାସନା ଦେବା ସହ କିପରି ଚାଷୀମାନେ କ୍ଷତିପୂରଣ ପାଇବେ ସେ ନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥର ନାମ୍ପୋ ନିକଟରେ ଦୁଇଟି କାର ଓ ବାଇକ ମଧ୍ୟରେ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ। ସୂଚନା ମୁତାବକ ରବିବାର ଅପରାହ୍ନରେ ଓଡି ୦୧ଏ ଏ ୬୯୧୬ ନମ୍ବର ବିଶିଷ୍ଟ ମାରୁତି ସୁଜୁକି କାର ଓ ଓ ଆର ୦୧ଏଫ ୦୫୯୫ ନମ୍ବର ବିଶିଷ୍ଟ ହିରୋ ହୁଣ୍ଡା ବାଇକ ଜଳେଶ୍ୱର ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଓଡି ୦୧କ୍ୟୁ ୧୧୮୮ ନମ୍ବର ବିଶିଷ୍ଟ ହୁଣ୍ଡା କାର ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ବାଇକ ଚାଳକ ଗୁରୁତର ଆହତ ହୋଇଥିଲେ। ଗୁରୁତର ଆହତ ଯୁବକଙ୍କୁ ନାମ୍ପୋ ଫାଣ୍ଡି ପୋଲିସ ଉଦ୍ଧାର କରି ଜଳେଶ୍ୱର ଜି.କେ ଭଟ୍ଟର ହସ୍ପିଟାଲ ନେଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଉକ୍ତ ଯୁବକଙ୍କ କୌଣସି ଠିକଣା ମିଳି ନ ଥିବା ବେଳେ ଯୁବକ ଜଣକ ବିହାର ଅଞ୍ଚଳର ଓ ସେ ପଶ୍ଚିମବଙ୍ଗର ସୁନାକନିଆ ନିକଟରେ କୌଣସି ଏକ ଗ୍ୟାରେଜରେ କାମ କରନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମାତ୍ର ମାରୁତି କାରରେ ଥିବା ଚାଳକ ବେଣୁଧର ନନ୍ଦୀ ଓ ହୁଣ୍ଡା କାରରେ ଥିବା ସିଂଲା ଥାନା ଅଞ୍ଚଳର ଚାଳକ ଶିଶିର କୁମାର ଦାସ ଓ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ତେବେ ଉଭୟ କାରର କୌଣସି କ୍ଷତି ହୋଇନଥିବା ଜଣାପଡ଼ିଛି।

### ପିସିସି ସଭାପତିଙ୍କ ଯାଜପୁର ଗସ୍ତ

# ରୋଗୀଙ୍କୁ ଭେଟିଲେ, ସରକାରଙ୍କ ଉପରେ ବର୍ଷିଲେ



ଯାଜପୁର(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲାରେ ଝାଡ଼ା ବାନ୍ତି ମହାମାରୀର ଉଗ୍ର ରୂପ ନେଉଥିବା ବେଳେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଯାଜପୁର ଆସି ପ୍ରଥମେ ବଡ଼ଚଣା ଏବଂ ପରେ ଧର୍ମଶାଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ରୋଗୀଙ୍କୁ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ବୁଝିବା ପରେ ଯାଜପୁର ମୁଖ୍ୟ ଚିକିତ୍ସାଳରେ ଶତାଧିକ ରୋଗୀଙ୍କୁ ଭେଟି ରୋଗୀଙ୍କ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଉପସ୍ଥିତ ମୁଖ୍ୟ ଚିକିତ୍ସାଧିକାରୀ ତଥା ଦାୟିତ୍ୱରେ ଥିବା ଚିକିତ୍ସାଧିକାରୀଙ୍କୁ ଭେଟି ରୋଗୀଙ୍କୁ କିପରି ସେବା ଦିଆଯାଉଛି ସେ ନେଇ ଆଲୋଚନା କରିଥିଲେ। ଇତି ଅବସରରେ ଜିଲ୍ଲାରେ ଗତ ୪ ଦିନ ମଧ୍ୟରେ ହାରାହାରି ୭୦୦ରୁ ଉର୍ଦ୍ଧ୍ୱ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଏବେ ମଧ୍ୟ ୨୦୦ରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସାଧିନ ଅବସ୍ଥାରେ ଅଛନ୍ତି। ସଭାପତି ଶ୍ରୀ ଦାସ ଯାଜପୁର ଜିଲ୍ଲାରେ ଝାଡ଼ା ବାନ୍ତି ଏକ ମହାମାରୀ ରୂପେ ନେଇଥିବା ବେଳେ ସରକାର କିଭଳି ବିକାଶ ମେଳା କରୁଛି ତାହା ଉପରେ ପ୍ରଶ୍ନବାଚି ସୃଷ୍ଟି କରିଥିଲେ। ଏପରିକି ସବୁ ରୋଗୀଙ୍କ ସର୍ବୋତ୍କୃଷ୍ଟ ସେବା ଯୋଗାଇ ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କହିଥିଲେ। ଜିଲ୍ଲାର ସ୍ଥିତି ବୁଝାବାପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସମ୍ବୋଧିତ କରି ଜିଲ୍ଲାରେ ଏପରି ଭୟଙ୍କର ସ୍ଥିତିରେ ଜିଲ୍ଲାବାସୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାରେ ଜିଲ୍ଲା ପ୍ରଶାସନ ଏବଂ ସରକାର ଅସମର୍ଥ ହୋଇଥିବା ବେଳେ ସଠିକ୍ ରୋଗର ସେବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଔଷଧ ରୋଗୀମାନଙ୍କୁ ଯୋଗାଇ ଦିଆଯାଇ ପାରି ନାହିଁ। ତତ୍ ସହିତ ଡାକ୍ତରମାନଙ୍କ ସଂଖ୍ୟା ଅଭାବରୁ ଏକାଧିକ ରୋଗୀଙ୍କର ମୃତ୍ୟୁ ହୋଇଥିବା କହିଛନ୍ତି। ତତ୍‌ପରେ ସହରସ୍ଥ ସର୍କିଟ୍ ହାଉସ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହିତ ରୋଗୀଙ୍କ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀ ଦାସଙ୍କ ସହିତ ପ୍ରଦେଶ କଂଗ୍ରେସ କମିଟିର ଉପ-ସଭାନେତ୍ରୀ ତଥା ଯାଜପୁର ଜିଲ୍ଲାର ପ୍ରଭାରୀ ସସ୍ମିତା ବେହେରା, ସହପ୍ରଭାରୀ ତଥା ପିସିସି ସମ୍ପାଦକ ମୋହନ ହେମ୍‌ରମ୍, ଉପଦେଷ୍ଟା ତଥା ରାଜନୈତିକ ସଚିବ ସୁଧାଂଶୁ ଦେଓ, ପ୍ରୋଟକଲ ଅଧିକାରୀ ପ୍ରଦୀପ ମହାପାତ୍ର, ସୁଶାନ୍ତ ତ୍ରିପାଠୀ, ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ, ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ପୂର୍ବତନ ସମ୍ପାଦକ ସୁଶାନ୍ତ ତ୍ରିପାଠୀ, ବରିଷ୍ଠ ନେତା ସନ୍ତୋଷ ନନ୍ଦ, ବିଧାନସଭା ମଣ୍ଡଳୀ ନେତା ସୁଦିପ୍ କୁମାର କର, ରମାକାନ୍ତ ସେଠୀ ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ କଂଗ୍ରେସ ନେତାବୃନ୍ଦ ଉପସ୍ଥିତ ଥିଲେ।

# ହଟିଲା ସାମୁଦ୍ରିକ କଟକଣା, ମତ୍ସ୍ୟଜୀବୀ ଓ ବ୍ୟବସାୟୀଙ୍କ ଉତ୍ସାହ



ଜଳେଶ୍ୱର(ଭାସ୍କର ନ୍ୟୁଜ): ଦୀର୍ଘ ଦୁଇ ମାସର ବ୍ୟବଧାନ ପରେ ହଟିଛି ସାମୁଦ୍ରିକ କଟକଣା। ଶନିବାର ରାତି ଠୁ ସମୁଦ୍ରକୁ ଯାଉଛନ୍ତି ମତ୍ସ୍ୟଜୀବୀ। ମତ୍ସ୍ୟଜୀବି ସମୁଦ୍ର ଭିତରକୁ ଯିବା ପାଇଁ ଜାଲ, ଡଙ୍ଗା, ଭୁଟୁଭୁଟି, ଟ୍ରଲର ଆଦି ସଜବାଜ ଆରମ୍ଭ କରିଛନ୍ତି। ସରକାରଙ୍କ ନିୟମ ଅନୁଯାଇ ଦୀର୍ଘ ଦୁଇମାସ କାଳ ଘରେ ହାତ ବାନ୍ଧି ବସିଥିଲେ ଶହ ଶହ ମତ୍ସ୍ୟଜୀବି ପରିବାର।ଘର ଚଳାଇବା ପାଇଁ ସେମାନଙ୍କ ପକ୍ଷେ ବହୁ କଷ୍ଟକର ହୋଇ ପଡ଼ିଥିଲା। ତେବେ ଶନିବାର ରାତିରୁ ସମୁଦ୍ର ଖୋଲିବା ନେଇ ସେମାନଙ୍କ ଭିତରେ ଦେଖିବାକୁ ମିଳିଛି ଉତ୍ସାହ ଓ ଉଦ୍ଦିପନାର ପ୍ରସ୍ତୁତି। ଭୋଗରାଇର ପ୍ରମୁଖ ମାଛଧରା କେନ୍ଦ୍ର ଉଦୟପୁର, ତାଳସାରୀ, ରଣସିଂହପୁର, କୀର୍ତ୍ତନିଆ ଜେଟି ଚଳ ଚଞ୍ଚଳ ହୋଇ ଉଠିଲାଣି। ବିବରଣୀରୁ ପ୍ରକାଶ ମାଛ ଧରା ବନ୍ଦ ହେବା ଯୋଗୁଁ ଦୀର୍ଘ ଦୁଇ ମାସ ଧରି ମତ୍ସ୍ୟଜୀବିଙ୍କୁ ଅଭାବ ଅନାଟନ ପାଇଁ ବହୁ ଅସୁବିଧାରେ ସମ୍ମୁଖିନ ହେବାକୁ ପଡ଼ିଥିଲା। ସମୁଦ୍ରରେ ଜୀବ ମାଛ, କଇଁଛ, କଙ୍କଡ଼ାଙ୍କ ପ୍ରଜନନ ଋତୁ ପାଇଁ ସରକାରଙ୍କ ପକ୍ଷରୁ ଏପ୍ରିଲ ୧୫ରୁ ଜୁନ୍ ୧୪ ଦୁଇ ମାସ ସମୁଦ୍ରରେ ମାଛ ମାରିବା ଉପରେ କଟକଣା ଲଗାଇ ଥିଲେ। ମାଛ ଓ କଇଁଛ ଆଦି ଗଭୀର ଜଳରୁ କୂଳକୁ ଆସି ଅଣ୍ଡା ଦେଇଥାନ୍ତି। ସେଥିପାଇଁ ଯନ୍ତ୍ରଚାଳିତ ଡଙ୍ଗା ଉପରେ ସରକାର ରୋକ ଲଗାଇଥିଲେ। ଏବେ ମତ୍ସ୍ୟଜୀବି ସମୁଦ୍ରକୁ ଯିବେ। ଏଥିପାଇଁ ଟ୍ରଲର ମାଲିକଙ୍କଠୁ କର୍ମଚାରୀ ପର୍ଯ୍ୟନ୍ତ ମଧ୍ୟରେ ତତ୍ପରତା ବଢ଼ି ଯାଇଛି। ତେବେ ଏହି ୨ ମାସ ଭୋଗରାଇର ପ୍ରାୟ ୨ ହଜାରରୁ ଅଧିକ ମତ୍ସ୍ୟଜୀବି ଜୀବିକା ହରାଇ ଆର୍ଥିକ ଅନଟନରେ ଗତି କରୁଥିଲେ। ଭୋଗରାଇ ବ୍ୟତୀତ ଜଳେଶ୍ୱର, ବାଲିଆପାଳ ଅଂଚଳର ଶହ ଶହ ମତ୍ସ୍ୟଜୀବି ପରିବାର ଭୋଗରାଇକୁ ଆସି ମାଛ ଧରିଥାନ୍ତି। ଆଜି ଯାଏ ଠିକ୍ ଭାବେ ସେମାନଙ୍କ ପରିସଂଖ୍ୟାନ ହୋଇନି କି ସମସ୍ତଙ୍କୁ ବାୟୋମେଟ୍ରିକ କାର୍ଡ଼(ପରିଚୟ ପତ୍ର)ମିଳି ପାରିନାହିଁ। ସରକାରଙ୍କ ସାବତ ପୁଅ ସାଜିଥିବା ଏହି ମତ୍ସ୍ୟଜୀବିମାନେ ୨ ମାସ ଧରି ହାତ ବାନ୍ଧି ବସିଥିଲେ। ସରକାର ଏହି ମତ୍ସ୍ୟଜୀବୀଙ୍କ ପାଇଁ ସରକାରୀ ସହାୟତା ଘୋଷଣା କଲେ ମଧ୍ୟ ତାହା ଏମାନଙ୍କ ପାଇଁ ପ୍ରତିଶୃତି ହୋଇ ରହିଯାଇଛି। ବର୍ଷ ବର୍ଷ ଧରି ନିର୍ବାଚନ ଆସିଲେ ମତ୍ସ୍ୟଜୀବିଙ୍କ ପାଇଁ ଅନେକ ସହାୟତା ପାଇଁ ପ୍ରତିଶୃତି ମିଳେ କିନ୍ତୁ ବାସ୍ତବରେ ଏହା କେବେ କାର୍ଯ୍ୟକାରୀ ହୁଏ ନାହିଁ। ଦୁଇ ମାସ କଟକଣାରେ ସରକାରୀ ସାହାଯ୍ୟ ମିଳିବା ନେଇ ଘୋଷଣା ହେଲେ ବି ତାହା କାଗଜ କଲମରେ ସ୍ଥଗିତ। ଦୁଇ ମାସ ପରେ କଟକଣା ହଟିଥିବାରୁ ସେମାନଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି। ୧୪ରୁ ଭଲ ଦିନ, ଭଲ ମୁହୂର୍ତ୍ତ ଦେଖି ସମୁଦ୍ରକୁ ମାଛ ଧରିବାକୁ ଯିବା ପାଇଁ ଦିନ ଗଣୁଛନ୍ତି। ମାଛ ବ୍ୟବସାୟୀ ତଥା ଖାଉଟିଙ୍କ ମନରେ ମଧ ଆନନ୍ଦ ବୃଦ୍ଧି ପାଉଛି।

# ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ସାଂସଦ



ଓଡ଼ାପଡ଼ା(ଭାସ୍କର ନ୍ୟୁଜ): ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଲେ ସାଂସଦ ରୁଦ୍ରନାରାୟଣ ପାଣି। ହିନ୍ଦୋଳ ରୋଡ ବଜାରର ପୂର୍ବତନ ସଭାପତି ବାଇଧର ପଟ୍ଟନାୟକ ଓ ସଂପାଦକ ଜନାର୍ଦ୍ଦନ ନାୟକଙ୍କର ପରଲୋକରେ ହିନ୍ଦୋଳ ରୋଡ ମାଉସୀ ମା' ଗୃହରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି ଶୋକ ସଭାରେ ସାଂସଦ ରୁଦ୍ରନାରାୟଣ ପାଣି ଯୋଗ ଦେଇଥିଲେ। ଦିବଂଗତଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ସଭ୍ୟମାନେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ହିନ୍ଦୋଳ ରୋଡବଜାର ସଭ୍ୟମାନେ ଯୋଗ ଦେଇଥିଲେ। ସେହିପରି ପରି ଗଦାଶିଳା ପଞ୍ଚାୟତ ଅଧୀନ ଚାଇଁପୁର ଗ୍ରାମର ଯଶୋବନ୍ତ ସାହୁଙ୍କ ଧର୍ମପତ୍ନୀ ସୁନିତା ରାଣୀ ସାହୁଙ୍କ ସାପ କାମୁଡାରେ ପରଲୋକ ଘଟିଥିଲା। ଶ୍ରୀ ପାଣି ବାସଭବନକୁ ଯାଇ ପରିବାରକୁ ଭେଟିବା ସହ ସାନ୍ତ୍ୱନା ଦେଇଥିଲେ। ଶ୍ରୀ ପାଣିଙ୍କ ସହ ଜିଲ୍ଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ ବିଜେପି ନେତ୍ରୀ ଇତିଶ୍ରୀ ସାହୁ, ସହଦେବ ପୃଷ୍ଟି, ସନ୍ତୋଷ ନାଏକ ପ୍ରଦିପ କୁମାର ସାହୁ, ତପନ ମହାପାତ୍ର କ୍ଷମାନିଧି ସାହୁଙ୍କ ସହିତ ଅନ୍ୟାନ୍ୟ ବିଜେପି କର୍ମୀମାନେ ଉପସ୍ଥିତ ଥିଲେ।

# ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ବିପ୍ଳବୀ ନେତାଙ୍କ ଶୁଭେଚ୍ଛୁ



ପାରାଦୀପ(ଭାସ୍କର ନ୍ୟୁଜ): ଯେଉଁଠାରେ ଅଧିକାଂଶ ଲୋକ ଜନ୍ମଦିନକୁ ଆଡ଼ମ୍ବର ଓ ବ୍ୟକ୍ତିଗତ ଆନନ୍ଦ ଭାବେ ପାଳନ କରନ୍ତି, କିନ୍ତୁ ଓଡ଼ିଶା ଲୋକ ଦଳର ରାଜ୍ୟ ଯୁବ ଛାତ୍ର ସଭାପତି ତଥା ବିପ୍ଳବୀ ନେତା ପ୍ରିୟବ୍ରତ ନାୟକ ତାଙ୍କ ୪୫ତମ ଜନ୍ମଦିନକୁ ପରିବେଶ ସୁରକ୍ଷା ଓ ସମାଜ ଉନ୍ନତିକୁ ନିର୍ବିକଳ୍ପ ଭାବେ ଉତ୍ସର୍ଗ କରି ଏକ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ଜନ୍ମ ଦିନ ଅବସରରେ ତାଙ୍କ ଶୁଭେଚ୍ଛୁଙ୍କ ଦ୍ୱାରା ଆୟୋଜିତ ଜଗତସିଂହପୁର ଜିଲ୍ଲାର ଡ଼ିଙ୍କିଆ ପଞ୍ଚାୟତ ଅଞ୍ଚଳରେ ଆୟୋଜିତ ଏକ ସାଧାରଣ ସଭା ବନ୍ଧୁମିଳନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା ସାଉଁଟିଛି । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅନେକ ଯୁବବନ୍ଧୁ, ସମାଜସେବୀ, ସଂଗ୍ରାମୀ, ପରିବେଶବିଦ, କବି, ସାହିତ୍ୟିକ, ଲେଖକ, କୃଷକ, ସାମ୍ବାଦିକ, ଇଞ୍ଜିନିୟର, ଗୁରୁଜନ ଓ ବିଭିନ୍ନ ରାଜନୈତିକ ଦଳର କର୍ମୀମାନେ ଉପସ୍ଥିତ ଥିଲେ। ପରିବେଶ ପ୍ରେମର ଉତ୍ସବ ପରେ ଯୁବଙ୍କ ଦ୍ୱାରା ଆୟୋଜିତ ଏକ ଉତ୍ସାହଭରା କ୍ରିକେଟ ମ୍ୟାଚର ଶୁଭାରମ୍ଭ କରିଥିଲେ ଶ୍ରୀ ନାୟକ । ପଢ଼ିଆରେ ଶାରୀରିକ କସରତ ଓ ଖେଳର ଗୁରୁତ୍ୱ ବୁଝାଇ ଶ୍ରୀ ନାୟକ କହିଥିଲେ ଯେ ଯୁବକମାନେ କିପରି ଭାବେ ଦେଶର ଭବିଷ୍ୟତ, ସେମାନଙ୍କର ଶରୀର ଓ ମନ ଉଭୟ ସୁସ୍ଥ ରହିବା ଅତି ଆବଶ୍ୟକ। ସ୍ଥାନୀୟ ମୁରବୀ ଓ ଯୁବ ନେତୃତ୍ୱ ସୁଶାନ୍ତ ଶେଖର ସ୍ୱାଇଁ, ଭ୍ରମର ବାବୁ , ବିକାଶ ପ୍ରଧାନ, ବବୁଲ ମଲ୍ଲିକ, ଫିରୋଜ ବେଉରା, ଗୌତମ ଦାସ, ରାଜେଶ ମିଶ୍ର, ଜିତେନ୍ ବେହେରା, ରଶ୍ମି ରଂଜନ ପ୍ରମୁଖ ସହଯୋଗ କରିବା ସହ ପ୍ରିୟଙ୍କ ସୁସ୍ଥ ନିରୋଗ ଜୀବନ ପ୍ରଭୁ କୁଞ୍ଜବିହାରୀ ଓ ମା' ଶାରଳାଙ୍କ ପାଖରେ ପ୍ରାର୍ଥନା କରିଥିଲେ ।

# ରାଇଘର ବ୍ଲକ୍ ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ

ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଖେଦୁରାମ୍ ଝାଙ୍କର(୭୮)ଙ୍କ ପରଲୋକ ହୋଇଯାଇଛି। ସେ ୧୯୯୨ ରୁ ୨୦୦୨ ପ୍ରଯ୍ୟାନ୍ତ ରାଇଘର ବ୍ଲକର ଅଧ୍ୟକ୍ଷ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଗତ କିଛି ଦିନ ଧରି ଅସୁସ୍ଥତା ହେତୁ ସେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସା ହେଉଥିଲେ । ରାଇଘର ବ୍ଲକ ଅନ୍ତର୍ଗତ କଲିଆପଦରରେ ଶେଷନିଶ୍ୱାସ ତ୍ୟାଗ କଲେ। ସେ ଜଣେ ଜଣାଶୁଣା ଓ ଶାନ୍ତ ସରଳ ଲୋକ ଭାବରେ ଅ□ଳରେ ପରିଚିତ ଥିଲେ। ମୃତ୍ୟୁ ବେଳକୁ ତାଙ୍କର ପୁତୁରା ତଥା ବର୍ତ୍ତମାନର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କରଙ୍କ ସମେତ ଭାଇ, ପୁତୁରା ଝିଅ, ଝିଆରି ଉପସ୍ଥିତ ଥିଲେ। ତାଙ୍କର ଶେଷ ଦର୍ଶନ ନିମନ୍ତେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ଲିଟିଲ୍ ଷ୍ଟାର ଗ୍ରୁପ୍‌ର ପ୍ରତିଷ୍ଠା ଦିବସ ଓ ରଜ ଉତ୍ସବ ସାହିତ୍ୟ ଆସର



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାର ଅଗ୍ରଣୀ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପର ୨୩ତମ ପ୍ରତିଷ୍ଠା ଦିବସ ଅବସରରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଭୁବନେଶ୍ୱର ସହଯୋଗରେ ରଜ ଉତ୍ସବ ସାହିତ୍ୟ ଆସର ରବିବାର ସ୍ଥାନୀୟ ବାବା କପିଳେଶ୍ୱର ଦେବଙ୍କ ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି । ଲିଟିଲ୍ ଷ୍ଟାର ଗ୍ରୁପ୍ ତଥା ମୋ ଆଶା ସାହିତ୍ୟ ପତ୍ରିକାର ସଂପାଦକ ସୁମନ୍ତ ମହାରଣାଙ୍କ ସଂଯୋଜନାରେ ପିଲାମାନେ ଗପ, କବିତା ଆବୃତି କରିବା ସହ ରଜ ଓ ରଥଯାତ୍ରାକୁ ବିଭିନ୍ନ ଚିତ୍ର ଆଙ୍କି ଥିଲେ । ପରେ ଆୟୋଜିତ ସାମରୋହରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଣବ ସ୍ୱାଇଁ, ନିର୍ଝରିଣୀ ନାୟକ, ସମାଜସେବୀ କୃଷ୍ଣଚନ୍ଦ୍ର ନାୟକ, ପ୍ରକାଶ ଚନ୍ଦ୍ର ଖଟୋଇ, କବି କାଳିକିଙ୍କର, ଶିକ୍ଷକ ନିର୍ମଳ ମିଶ୍ର, ବସନ୍ତ ସ୍ୱାଇଁ, ସଂଯୁକ୍ତା ମହାନ୍ତି, ଫାର୍ମାସିଷ୍ଟ ଆଇ ତ୍ରିନାଥ ପାତ୍ର ପ୍ରମୁଖ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଡ଼. ମନୋରଂଜନ ମହାପାତ୍ର, ସାମ୍ବାଦିକା ଶତରୂପା ସାମନ୍ତରାୟ, ଶିକ୍ଷୟିତ୍ରୀ ନିବେଦିତା ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ଗଳ୍ପ, କବିତା ପାଠ ଓ ଚିତ୍ରାଙ୍କନର କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଗ୍ରୁପ ପକ୍ଷରୁ ଅଜୟ ମିଶ୍ର, ସୁନନ୍ଦ ରାଉତରାୟ, ଧର୍ମପଦ ଦାସ, ସାରଦା ପ୍ରସନ୍ନ ବେହେରା, ନିରନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀଙ୍କ ସମେତ ସାହିତ୍ୟ ଅନୁରାଗୀ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

# ସମବାୟ ଚାଉଳ ଗୋଦାମ ମଦ୍ୟପ ଓ ଜୁଆଡିଙ୍କ ଆଡ୍ଡାସ୍ଥଳୀ




ଆସିକା(ଭାସ୍କର ନ୍ୟୁଜ): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ୱାର୍ଡ ନମ୍ବର ୧୫ ରେ ଅବସ୍ଥିତ ସମବାୟ ଚାଉଳ ଗୋଦାମ ପାଲଟିଛି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ । ପ୍ରତ୍ୟେହ ସନ୍ଧ୍ୟା ସମୟ ଠାରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଏହି ଗୋଦାମ ପରିସରରେ ମଦ୍ୟପ ଓ ଜୁଆଡିମାନଙ୍କ ଭିଡ ଜମୁଥିବା ଦେଖିବାକୁ ମିଳିଛି ।ଅସାମାଜିକ ବ୍ୟକ୍ତିଙ୍କ ଭୟରେ କେହି ସେମାନଙ୍କ ବିରୋଧରେ ପୁଲିସ ନିକଟରେ ଅଭିଯୋଗ କରୁନଥିବା ଶୁଣିବାକୁ ମିଳୁଛି। ପ୍ରକାଶ ଥାଉକି ବ୍ରିଟିଶ ରାଜୁତି ସମୟରେ ୧୯୪୫ ମସିହାରେ ୱେର ହାଉସ ଭାବେ ଏହାକୁ ପ୍ରତିଷ୍ଠା କରାଯାଇଥିଲା । କାଳକ୍ରମେ ସରକାରଙ୍କ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଓ ରାଜନୈତିକ ଇଚ୍ଛା ଶକ୍ତି ଅଭାବ ଯୋଗୁଁ ଏହା ବର୍ତ୍ତମାନ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ସ୍ଥଳୀ ପାଲଟିଛି । କେହି ଏଠାରେ ଗୁହାଳ କଲାଣି ତ କେହି ଏହାର ଜାଗା ଜବରଦଖଲ କରି ନିଜ ଘର କରିସାରିଲେଣି। ସରକାରଙ୍କ ପକ୍ଷରୁ ଏହାର ପାର୍ଶ୍ୱରେ ଏକ ମିଶନ ଶକ୍ତି ଗୃହ ନିର୍ମାଣ ହୋଇଛି ଯାହାକି ବର୍ତ୍ତମାନ ତାଲା ପଡି ଅକାମି ହୋଇପଡିଛି । ଏଠାରେ ଅନେକ ସମସ୍ୟା ରହିଥିଲେ ମଧ୍ୟ ସେଥିପ୍ରତି କୌଣସି ଅଧିକାରୀ କିମ୍ବା ଜନପ୍ରତିନିଧି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି । ଉକ୍ତ ସ୍ଥାନର ସୁରକ୍ଷା ପାଇଁ ପାଚେରୀ ନିର୍ମାଣ ହୋଇନାହିଁ। ଉକ୍ତ ଗୋଦାମ ପରିସର ଦେଇ ସାହି ବାସିନ୍ଦା ଯିବା ଆସିବା ରାସ୍ତାରେ ପରିଣତ କରିଛନ୍ତି । ଏହା ସମ୍ପୂର୍ଣ୍ଣ ମୁକୁଳା ଥିବା ଯୋଗୁଁ ଅସାମାଜିକ ବ୍ୟକ୍ତିମାନେ ଭଗ୍ନ ଘରେ ବସି ମଦ ଗଞ୍ଜେଇ ଓ ବ୍ରାଉନସୁଗାର ଆଦି ମାଦକ ଦ୍ରବ୍ୟ ସେବନ କରିବା ସହ ଅସାମାଜିକ କାର୍ଯ୍ୟ କରିବା ପାଇଁ ମେଳି ବାନ୍ଧୁଛନ୍ତି ଉକ୍ତ ଗୋଦାମ ଗୃହର ବିଭିନ୍ନ ସ୍ଥାନରେ ମଦ ବୋତଲ, ଅଇଁଠା ଖାଲି, ପାଣି ବୋତଲ, କୋଲଡ୍ରିଙ୍କ ବୋତଲ, ଖଣ୍ଡିଆ ବିଡ଼ି ଓ ସିଗାରେଟ ପଡି ରହୁଛି । ଏପରିକି ନିକଟରେ ଥିବା ଭେଣ୍ଡିଙ୍ଗ ଜୋନର ପରିବା ବିକାଳୀ ଉକ୍ତ ସ୍ଥାନରେ ପଚାଶଢା ପରିବା ମାଛ ବେପାରୀ ସେମାନଙ୍କ ଅବଶିଷ୍ଟାଂଶ ପକାଉଛନ୍ତି ଯାହାଦ୍ୱରା ଅଞ୍ଚଳରେ ଦୁର୍ଗନ୍ଧରେ ନାକ ଫାଟିପଡୁଥିବା ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରୁଥିବା ଶୁଣିବାକୁ ମିଳୁଛି। ୱେର ହାଉସଠାରେ ବହୁମୁଖୀ ଉପଯୋଗୀ କୋଠା ପାଇଁ ସ୍ଥାନ ଚହ୍ନଟ ହୋଇଥିଲା। କୋଠା ନିର୍ମାଣ ପାଇଁ ୨୦୨୩ ମସିହାରେ ୪ କୋଟିରୁ ଉର୍ଦ୍ଧ ଟଙ୍କା ରାଜ୍ୟ ସରକାର ମଞ୍ଜୁର କରିଥିଲେ। ସ୍ଥାନଟିକୁ ପ୍ରଶାସନିକ ଅଧିକାରୀ ଆସି ସରଜମିନ ତଦନ୍ତ କରିଯାଇଥିଲେ। ସ୍ଥାନ ଚିହ୍ନଟ ହେବା ପରେ ସେଠାରେ କାର୍ଯ୍ୟ ଆରମ୍ଭରେ ଅବହେଳା ଯୋଗୁଁ ସେହି ସ୍ଥାନ ଏବେ ସହରର ଆବର୍ଜନା ସ୍ଥଳୀ ପାଲଟିଛି। ମଦ୍ୟପମାନେ ଏଠାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବସି ରହି ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ତେଣୁ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ପ୍ରଦାନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସହରର ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ଓଡ଼ିଶା ଭାସ୍କର
ରାଜ୍ୟ ଖବର



ନିଆଳି, (ଭାସ୍କର ନ୍ୟୁଜ୍) : ନିଆଳି ବ୍ଲକ ଜଲ୍ଲାର ପୁର ପଂଚାୟତ ରେ ବହୁ ଆନନ୍ଦରେ ପାଳିତ ହେଲା ରଜ ମହୋତ୍ସବ। ଏହି ମହୋତ୍ସବ କୁ ଉଦଘାଟନ କରିଛନ୍ତି ବିଜେପି ନେତ୍ରୀ ଓ ଅଭିନେତ୍ରୀ ପିଙ୍କି ପ୍ରଧାନ। ଏହି ଉତ୍ସବ ରେ ଯୋଗ ଦେଇଥିଲେ ନିଆଳି ବିଧାୟକ ଛବି ମଲିକ ଓ ଶଶିକାନ୍ତ ଲେଙ୍କା।ରଜ ଉତ୍ସବ ପାଇଁ ଜଲ୍ଲାର ପୁର ଓ ଏହାର ଆଖ ପାଖ ଅଞ୍ଚଳ ଉତ୍ସବ ମୁଖର ହୋଇଥିବା ବେଳେ ଉତ୍ସବ ରେ ପୋଡ଼ ପିଠା, ରଜ ପାନ ଓ ବିଭିନ୍ନ ଷ୍ଟଲ ପଡ଼ିଥିବା ବେଳେ ଦୋଳିର ବ୍ୟବସ୍ଥା ମଧ କରାଯାଇଛି ।ଏହି ଉତ୍ସବ ର ଆବାହକ ରହିଛନ୍ତି ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା। ସନ୍ଧ୍ୟାରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଯୋଗ ଦେଇଥିଲେ। କମିଟିଆନ ପ୍ରଜ୍ଞା ନିଜର କଳା ପ୍ରଦର୍ଶନ କରିଥିଲେ ଓ ଗ୍ରାମ ବାସୀ ମାନେ ଏହି ଉତ୍ସବ ରେ ସହଯୋଗ କରିଥିଲେ। ଏହି ଉତ୍ସବ ପ୍ରତି ବର୍ଷ ପାଳିତ ହୋଇଆସୁଛି। ଏହି ଭଳି ମାଧବ ପଂଚାୟତ ରେ ରଜ ଉତ୍ସବ ଧୁମ ଧାମ ରେ ପାଳିତ ହୋଇଛି। ରଜକୁ ନେଇ ସାରା ନିଆଳି ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଥିବା ବେଳେ ଘରେ ଘରେ ପିଠା ମିଠା ରଜ ପାନ ର ମଜା ଉଠାଉଛନ୍ତି ଝିଅ ବୋହୁ ମାନେ। ବିଭିନ୍ନ ଜାଗାରେ ହେଉଥିବା ରଜ ଉତ୍ସବ ରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ନିଆଳି ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି।



# 'ଜନଜାତିଙ୍କ ବିକାଶରେ ଜିଲ୍ଲାର ବିକାଶ ସମ୍ଭବ'

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଜନଜାତି ବହୁଳ ଜିଲ୍ଲା। ଜନଜାତିଙ୍କ ବିକାଶ ହେଲେ ଜିଲ୍ଲାର ବିକାଶ ହୋଇପାରିବ ବୋଲି ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ବିକାଶ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି ମାଲକାନଗିରି ଜିଲ୍ଲା ପ୍ରଭାରୀ ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ମାତ୍ର ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର- କୃଷକ, ମହିଳା, ଜନଜାତି, ଯୁବଶକ୍ତି, ଛାତ୍ରଛାତ୍ରୀ, ଶିଳ୍ପୀଶ୍ରମ, ଗରିବ ଆଦି ସବୁ ବର୍ଗ ଲୋକଙ୍କର ସର୍ବସ୍ପର୍ଶୀ ଓ ସମାବେଶୀ ଉନ୍ନତି ପାଇଁ ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଆଜି ଆମ ରାଜ୍ୟ ସଶକ୍ତ, ସମୃଦ୍ଧ ଓ ଆତ୍ମନିର୍ଭର ହୋଇପାରିଛି ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ନିଜ ବିଭାଗ ବିଷୟରେ ସୂଚନା ଦେଇ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନରେ ୨୪ ଜଣ ଗୋପାଳନ,୦୬ ଜଣ ମଇଁଷି ପାଳନ,୦୭ ଜଣ ଘାସ ଚାଷ



ଉଦ୍ୟୋଗ, ୬୦ ଜଣ ମାଇ ଛାଗୁଳୀ ପାଳନ, ୧୩୦ ଜଣ ଗାଇ ମଇଁଷି ବାମାଳକଣ, ୨,୮୯୯ ଜଣ ଆଦିମ ଜନଜାତିଙ୍କ ବାଡ଼ି ଅଗଣାରେ କୁକୁଡ଼ା ପାଳନ ଯୋଜନାରେ ଉପକୃତ ହୋଇଛନ୍ତି। ସେହିପରି ନବରଙ୍ଗପୁର ଲୋକସଭା ସାଂସଦ ଇଂ ବଳଭଦ୍ର ମାଝୀ କହିଛନ୍ତି ଯେ ସ୍ୱଚ୍ଛ, ଉତ୍ତରଦାୟୀ ଓ ଲୋକାଭିମୁଖୀ ଶାସନର ଏକ ବର୍ଷ ପୂରଣ ଅବସରରେ, ଜନ ସାଧାରଣଙ୍କ ଦ୍ୱାର ନିକଟରେ ବିକାଶର ବାର୍ତ୍ତା ପହଞ୍ଚାଇବା ପାଇଁ 'ବିକାଶ ବାହନ'ର ଶୁଭାରମ୍ଭ କରାଯାଇଛି। ଏହି ବିକାଶ ବାହନ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଗାଁ ଗାଁ ବୁଲି ଲୋକଙ୍କ ପାଖରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବ। ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଏହି ଅବସରରେ କହିଛନ୍ତି ଯେ ବିକଶିତ ଓଡ଼ିଶା ଗଠନର ମୂଳଦୁଆ ହେଉଛନ୍ତି ମହିଳା। ବିଗତ ଏକ ବର୍ଷରେ ରାଜ୍ୟ ସରକାର ମହିଳା ସଶକ୍ତିକରଣ ପାଇଁ ସୁଭଦ୍ରା ଓ ଭାରତ ସରକାରଙ୍କ ଫ୍ଲାଗସିପ କାର୍ଯ୍ୟକ୍ରମ ଲକ୍ଷ୍ୟପତି ଦିଦି ଭଳି ଅନେକ ଯୁଗାନ୍ତକାରୀ ଏବଂ ଐତିହାସିକ ଯୋଜନା କର୍ଯ୍ୟକାରୀ କରିଛନ୍ତି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ବିକାଶ ମେଳାର ଆଭିମୁଖ୍ୟ ସଂପର୍କରେ ଉଦ୍‌ବୋଧନ ଦେଇ ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏଠାରେ ୨୫ ଜଣ ହିତାଧୀକାରୀ ମାନଙ୍କୁ ବିଭିନ୍ନ ବିଭାଗର ସହାୟତା ବଣ୍ଟନ କରାଯାଇଥିଲା। ସେହିପରି ବିକାଶ ମେଳାରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଆର୍ଥିକ ରାଶି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ପରିଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଧନ୍ୟବାଦ ଅର୍ପଣ କରିଥିଲେ। ସଭା କାର୍ଯ୍ୟକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା। ଏହି ମେଳାରେ ପ୍ରାୟ ୪ ହଜାରରୁ ଅଧିକ ମହିଳା ଯୋଗ ଦେଇଥିଲେ। ପରିଶେଷରେ ମୁଖ୍ୟ ଅତିଥି ମେଳାର ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପଟେଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

# ୬୧ ଦିନ ପରେ ହଟିଲା କଟକଣା

- ନଦୀ ଓ ସମୁଦ୍ର ମୁହାଣରୁ ୮ ମିଟର ଡଙ୍ଗାରେ ମାଛଧରିବାକୁ ଅନୁମତି
- ସମୁଦ୍ରକୁ ଗଲେ ଅସ୍ତରଙ୍ଗ ଅଞ୍ଚଳର ମତ୍ସ୍ୟଜୀବୀ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ) : ମତ୍ସ୍ୟ ସଂରକ୍ଷଣକୁ ଆଖି ଆଗରେ ରଖି ଏପ୍ରିଲ ୧୫ରୁ ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ୬୧ ଦିନ ସମୁଦ୍ରରେ ମାଛ ଧରା ବନ୍ଦ ରହିଥିଲା। ଦୁଇମାସ ଧରି ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ଯିବା ନେଇ କଟକଣା ଲାଗୁ ହୋଇଥିଲା। ଓଡ଼ିଶା ଉପକୂଳ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ମାଛ ଧରା ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ସାଢ଼େ ୮ ମିଟର ଡଙ୍ଗାରେ କେବଳ ମାଛ ଧରାଯାଇପାରିବ ବୋଲି କୁହାଯାଇଥିଲା। ଏହି ସମୟରେ ମାଛମାନଙ୍କର ପ୍ରଜନନ ଋତୁ ଆରମ୍ଭ ହେଉଥିବା ଯୋଗୁଁ ସବୁ ବର୍ଷ ଏହି ସମୟରେ କେନ୍ଦ୍ର ସରକାରଙ୍କ ମତ୍ସ୍ୟ ସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ମତ୍ସ୍ୟଜୀବୀଙ୍କ ସମୁଦ୍ର ପ୍ରବେଶ ଉପରେ କଟକଣା ଲାଗୁ ହୋଇଥାଏ। ମୌସୁମୀ ଆସିବା ପୂର୍ବରୁ ମାଛମାନଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଥାଏ। ମାଛମାନେ ଏହି ସମୟରେ ଅନୁକୂଳ ପରିବେଶରେ ଅଣ୍ଡା ଦେଇଥାନ୍ତି। ମାଛ ବଢ଼ିବାକୁ ୩ରୁ ୪ ମାସ ଲାଗିଥାଏ। ଏହା ପୂର୍ବରୁ କଟକଣା ଶେଷ ହୋଇଯାଉଥିବାରୁ ମାଛର ଆକାର ବହୁତ ଛୋଟ ଥାଏ। ଏହି ସମୟରେ ସମୁଦ୍ରରେ ଟ୍ରଲର, ଗିଲେଟିନ୍, ଭୁଟ୍‌ଭୁଟି ଆଦି ଚଳାଚଳ ଆରମ୍ଭ ହୋଇଯାଏ। ଯାହାଦ୍ୱାରା ଲକ୍ଷାଧିକ ମାଛ ଓ ଯାଆଁଳା ମରିଯାଆନ୍ତି। ମସ୍ଜୀବୀ ବଡ଼ ମାଛ ବଦଳରେ ଛୋଟ ମାଛ ଆଣିଥାନ୍ତି। କଟକଣା ହଟିବା ପରେ ଅସ୍ତରଙ୍ଗ ଅଞ୍ଚଳ ମତ୍ସ୍ୟଜୀବି ସମୁଦ୍ରକୁ ମାଛ ଧରିବାକୁ ଯାଇଛନ୍ତି।

# ୭ ଦିନ ରଜ ପାଳିବେ ସଂପୁରବାସୀ

ବୋଲଗଡ, (ଭାସ୍କର ): ବୋଲଗଡ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ପ୍ରସିଦ୍ଧ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଛି । ଏଥିରେ ଯୁବ ସମାଜସେବୀ ନିରଂଜନ ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ସମାଜସେବୀ ମନୋଜ ପ୍ରଧାନ, ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ପରିବାର ଅଦାଲତ ପରାମର୍ଶ ଦାତା ଲୋତକ ପଟ୍ଟନାୟକ, ପ୍ରାକ୍ତନ ବରିଷ୍ଠ ବ୍ୟାଙ୍କ ଅଧିକାରୀ ପ୍ରମୋଦ କୁମାର ମହାପାତ୍ର ବିଶିଷ୍ଟ ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାପାତ୍ର, ପ୍ରାକ୍ତନ ବିଓ ଲଛମନ ପରିଡା, ପ୍ରମୋଦ ଚୌଧୁରୀ, ସମାଜ ସେବୀ ନିରଞ୍ଜନ କର, ବିଜେଡ଼ି ଗ୍ରାମପଞ୍ଚାୟତ ସଭାପତି ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଥାଏ ଏହି ମହୋତ୍ସବ ବୋଲି ଅତିଥି ମତ ପ୍ରକାଶ କରିଥିଲେ। ରଜ ପର୍ବ ଏକ ଗଣ ପର୍ବ ସମସ୍ତ ଯୁବକ ଓ ପୁରୁଷ ମାନେ ଏହି ରଜ ପର୍ବରେ ଘର ମୁହାଁ ହୋଇ ଘରକୁ ବାହୁଡ଼ିଆନ୍ତି କାରଣ ଏହି ପର୍ବ ଭାଇଚାରାର ପର୍ବ ଭାବରେ ବେଶ ଜଣାଶୁଣା ଏବଂ ଏହି ରଜ ପର୍ବ ନୂତନ ଚାଷ କାର୍ଯ୍ୟ ପାଇଁ ଶୁଭ ସଂକେତ ଦେଇଥାଏ ଓ ରଜ ପର୍ବରେ ସମସ୍ତ ମହିଳା ରାଜବତୀ ହୋଇ ନୂତନ ପୋଷାକ ପିନ୍ଧି ଏକାଠି ମିଳିମିଶି ବିଭିନ୍ନ ବ୍ୟଞ୍ଜନ ଖାଇବା ସହିତ ନନା ଖେଳ ଖେଳିଥାନ୍ତି ବୋଲି ସାନମାନିତ ଅତିଥି ମାନେ କହିଥିଲେ। ବୋଲଗଡ଼ ବ୍ଲକରେ ରଜ ୪ ଦିନ ପାଳନ କରାଯାଉଥିବା ବେଳେ ସଂପୁର ଗ୍ରାମରେ ଏହି ପର୍ବକୁ ୭ ଦିନ ଧରି ପାଳନ କରାଯିବା ସହିତ ୭ ଦିନ ପର୍ଯ୍ୟନ୍ତ ମଧ ସଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ। ଉଦ୍‌ଘାଟନୀ ସନ୍ଧ୍ୟାରେ ସଂପୁର ରଜ ପଡିଆ ଠାରେ ପୌରାଣିକ ନାଟକ ପରିବେଷଣ ହୋଇଥିଲା। ଅନୁରୂପ ଭାବେ ବାଉତୀ ପାଟଣାଠାର ସାଂସ୍କୃତିକ ନାଟକ ପରିବେଷଣ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗ ଦେଇ ଭାଇଚାରା ରଜ ପର୍ବକୁ ମିଳିମିଶି ବଜାୟ ରଖିବାକୁ କହିଥିଲେ। ଏହି ଅବସରରେ ମଞ୍ଚସ୍ଥ ପୌରାଣିକ ଓ ସଂସ୍କୃତିକ ନାଟକକୁ ଦର୍ଶକ ମନଭରି ଉପଭୋଗ କରିଥିଲେ।



## ପୂର୍ବ ଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ ଘଟଣା
# ୨ ଯୁବକ ଗୁରୁତର, ଜଣେ ଗିରଫ



ବେଲପାହାଡ଼,( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରରେ ଗତ ମଇ ମାସରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୬ ରୁ ଅଧିକ ଦୁର୍ବୃତ୍ତଙ୍କ ସଂଘବଦ୍ଧ ଆକ୍ରମଣରେ ଦୁଇ ଜଣ ଯୁବକ ଗୁରୁତର ଆହତ ହୋଇଥିବା ଘଟଣା ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣା ପରେ ଦୁର୍ବୃତ୍ତମାନେ ଫେରାର ରହିଥିଲେ। ତେବେ ସେମାନଙ୍କ ମଧ୍ୟରୁ ବେଲପାହାଡ଼ର ହସ୍ମତନଗରର ଏମଡ଼ି ଅର୍ବାଜ୍ ( ୨୫)କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଆହୁରି ୫ରୁ ଅଧିକ ଆସାମୀ ଫେରାର ଥିବା ପୋଲିସ ସୂଚନା ଦେଇଛି। ଦୁର୍ବୃତ୍ତଙ୍କ ସଂଘବଦ୍ଧ ଆକ୍ରମଣରେ ବେଲପାହାଡ଼ ଥାନା ଅଞ୍ଚଳର ଋଷଭ ତ୍ରିପାଠୀ ( ୨୫) ଓ ତାଙ୍କ ସାଙ୍ଗ ତ୍ରିନାଥ ରାଓ ( ୨୬) ଗୁରୁତର ଆହତ ହୋଇଥିଲେ।

# ଜିଲ୍ଲାସ୍ତରୀୟ ବିକଶିତ ଜିଲ୍ଲା କର୍ମଶାଳା

କୋରାପୁଟ, (ଭାସ୍କର ନ୍ୟୁଜ୍) : କୋରାପୁଟ ସ୍ଥିତ ସଦ୍‌ଭାବନା ସଭାଗୃହରେ ଓଡିଶା ଭିଜନ -୨୦୩୬ ଏବଂ ୨୦୪୭ ପାଇଁ ଜିଲ୍ଲାସ୍ତରୀୟ ବିକଶିତ ଜିଲ୍ଲା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ତଥା କୋରାପୁଟ ଜିଲ୍ଲା ପ୍ରଭାରୀ ଗୋକୁଳା ନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ କୋରାପୁଟ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି, ବୁଦ୍ଧିଜୀବୀ ଓ ବୈଷୟିକ ଜ୍ଞାନର ଦକ୍ଷ ବ୍ୟକ୍ତିବିଶେଷ ଉପସ୍ଥିତ ରହି ପ୍ରସ୍ତାବ ଦେଇଥିଲେ । ସମସ୍ତ ପ୍ରସ୍ତାବକୁ ନେଇ ଭିଜନ ଖସଡା ଚୂଡାନ୍ତ ରୂପ ନେବ ବୋଲି ମନ୍ତ୍ରୀ କହିଥିଲେ । ଆଗାମୀ ଦିନରେ ପଂଚାୟତସ୍ତରରୁ ଆରମ୍ଭ ହୋଇ ଜିଲ୍ଲାସ୍ତରରେ ଏଭଳି କର୍ମଶାଳା ଆୟୋଜନ କରି ଲୋକଙ୍କ କଥାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରାଯିବ । ଆର୍ଥିକ ପ୍ରଗତି, କୃଷକଙ୍କ ଆୟ ବୃଦ୍ଧି କରିବା, ପ୍ରାଣୀ ଚାଷୀଙ୍କ ଆୟ ବୃଦ୍ଧି, ମତ୍ସ୍ୟ ଚାଷ ଏବଂ ଜଳ କୃଷିକୁ ବୃଦ୍ଧି , ଜଳ ସୁରକ୍ଷା, ଅଣକୃଷି ନିଯୁକ୍ତି ସୃଷ୍ଟି କରିବା, ସମସ୍ତଙ୍କ ପାଇଁ ପୁଷ୍ଟିକରଣ ସୁରକ୍ଷା ସୁନିଶ୍ଚିତ କରିବା, କ୍ରୀଡା କ୍ଷେତ୍ରରେ ଅଗ୍ରଣୀ, ଉଚ୍ଚ ଶିକ୍ଷା, ଗୁଣାତ୍ମକ ଶିକ୍ଷା, ମହିଳା ନେତୃତ୍ୱରେ ବିକାଶ, ଷ୍ଟାର୍ଟଅପ ଓଡିଶା, ସହରୀକରଣ ଅଭିବୃଦ୍ଧି, ଭିତିଭୂମି ଏବଂ ସଂଯୋଗୀକରଣ, ସେବାକ୍ଷେତ୍ରର ବିସ୍ତାର, ଶିଳ୍ପ, ଖଣିଜ ସମ୍ପଦର ଉପଯୋଗ ଉପରେ ଆଲୋଚନା କରାଯାଇଥିଲା । ସେହିପରି ଚାକିରି ସୁଯୋଗ ସୃଷ୍ଟି କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । କୋରାପୁଟ ଜିଲ୍ଲା କଫି ଚାଷରେ ଅନେକ ମାଇଲ ଖୁଣ୍ଟ ଅତିକ୍ରମ କଲାଣି, ବିଶ୍ୱ ଦରବାରରେ ମଧ୍ୟ କଫି ଚାହିଦା ରହିଛି । ଆଗାମୀ ଦିନରେ ବ୍ୟାପକ କଫି ଚାଷ ପାଇଁ ଲକ୍ଷ୍ୟ ରହିଛି ବୋଲି ମନ୍ତ୍ରୀ କହିଥିଲେ। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କୋଟପାଡ ବିଧାୟକ ରୁପୁ ଭତ୍ରା, କୋରାପୁଟ ଏସ୍‌ପି ରୋହିତ ବର୍ମା, ଆଇଏଏସ୍ ପ୍ରୋବେସନର ସନ୍ତୋଷ କୁମାର ପାତ୍ର, କୋରାପୁଟ ପୌରାଧ୍ୟକ୍ଷ ଲାଲଟ ରନ ସେଠୀ, ସୁନାବେଡା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର, ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, କୋଟପାଡ ଏନଏସି ଅଧ୍ୟକ୍ଷ ଏମ.ଶଙ୍କର ରାଓଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖା ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।




# ବିଜେଡି କର୍ମୀ ସମ୍ମିଳନୀ

କାଳିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ୍ ସଦର ଏମ୍‌ଭି-୯୦ ଗାଁ ନିକଟ ହରିଚାନ୍ଦ ମନ୍ଦିର ପ୍ରାଙ୍ଗଣରେ ତୃଣମୂଳସ୍ତରୀୟ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ଶଙ୍କର ହାଲଦାରଙ୍କ ନେତୃତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ମାଲକାନଗିରି ପୂର୍ବତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ମାନସ ମାଡକାମୀ, ମାଲକାନଗିରି ବ୍ଲକ ସଭାପତି ସର୍ବ ବିଶୋଇ, କାଳିମେଳା ବ୍ଲକ୍ ଉପସଭାପତି ସୁଧୀର କୁମାର ସ୍ୱାଇଁ, ସଂପାଦକ ଗଙ୍ଗା ମାଢି, କୋଷାଧ୍ୟକ୍ଷ ତଥା କାଳିମେଳା ସରପଞ୍ଚ ପୃଥ୍ୱୀରାଜ ମାଝୀ ପ୍ରମୁଖ ଯୋଗଦେଇ ଦଳକୁ ମଜଭୁତ୍ କରିବା ସହ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ନବୀନ ସରକାରଙ୍କ ବିଭିନ୍ନ ଲୋକ ପ୍ରିୟ ଯୋଜନା ଓ ଉପଲବ୍ଧି ସମ୍ପର୍କରେ ଲୋକଲୋଚନକୁ ଆଣିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଦଳୀୟ କର୍ମୀମାନେ ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ସେମାନଙ୍କ ସମସ୍ୟାର ସମାଧାନ କରିବା ଦିଗରେ ଆଗଭର ହେବା ପାଇଁ ପରାମର୍ଶ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରତିନିଧି ବିପ୍ଳବ ବିଶ୍ୱାସ, ମାଣିକ ଲାଲ, ସୁଜୟ ମିସ୍ତ୍ରୀ, ଦିଲ୍ଲୀପ ବିଶ୍ୱାସ, ଦେବାଶିଷ ହାଲଦାର, ସପନ ମଜୁମଦାର, ତେଲେରାଇ ପଞ୍ଚାୟତ ସଭାପତି ଶଙ୍କର ହାଲଦାରଙ୍କ ସମେତ ବିଭିନ୍ନ ସ୍ତରର ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ବାଲିସାହିରେ ରାମକଥା, ଗାଥା ଓ ଅଭିନୟ ଉତ୍ସବ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଇନ୍ଦାଳୋ ପଂଚାୟତ ଅନ୍ତର୍ଗତ ବାଲିସାହି ଗ୍ରାମରେ ଦୀର୍ଘ ୪୬ ବର୍ଷ ଧରି ପବିତ୍ର ରଜ ଅବସରରେ ଅନୁଷ୍ଠିତ ହୋଇଆସୁଥିବା ରାମକଥା, ଗାଥା ଓ ଅଭିନୟ ଉତ୍ସବ ଶନିବାର ଠାରୁ ଆରମ୍ଭ ହୋଇଯାଇଛି । ଦୀର୍ଘ ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରାମାୟଣର ଗାଥା ଅଭିନୟ କରାଯାଇଥାଏ । ଦର୍ଶକମାନଙ୍କ ସୁବିଧା ପାଇଁ ପ୍ରତ୍ୟେହ ସନ୍ଧ୍ୟା ୭ଟାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ରାତ୍ର ୧୧ ଟା ପର୍ଯ୍ୟନ୍ତ ଚାଲିଥାଏ । ଏହି କାର୍ଯ୍ୟକ୍ରମରେ ପ୍ରଦୀପ୍ତ କୁମାର ପଣ୍ଡା ବଚନିକା ପାଠ କରୁଥିବା ବେଳେ ବାଦ୍ୟଯନ୍ତ୍ରରେ ମହେଶ ଜେନା, ମଙ୍ଗୁଳି କାଣ୍ଡି, ବ୍ରଜ କାଣ୍ଡି, ମଧୁ କାଣ୍ଡି, ବିଷ୍ଣୁ ଚରଣ ପଣ୍ଡା, ତପନ କାଣ୍ଡି ପ୍ରମୁଖ ସହଯୋଗ କରିଥିଲେ ।

# ବୃଦ୍ଧବୃଦ୍ଧାଙ୍କୁ ୧୦୦ କେଜିର କେକ୍ ଭେଟି

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ପହିଲି ରଜ ଉପଲକ୍ଷେ ନିଆରା ପଦକ୍ଷେପ। ବୟସ୍କ ଓ ବୟସ୍କାଙ୍କ ପାଇଁ ଏହି ଦିନଟିକୁ ଉତ୍ସର୍ଗ କରି ଚର୍ଚ୍ଚାରେ ରହିଛନ୍ତି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ପଞ୍ଚାୟତର ସରପଞ୍ଚ କାନାମ ରାଜୁ ନାୟକ ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣା। ଦୀର୍ଘ ୧୦ମିଟର ଲମ୍ବର ୧୦୦ କେଜି ବିଶିଷ୍ଟ କେକ୍ ତିଆରି କରି ଉଭୟ ବୃଦ୍ଧବୃଦ୍ଧାଙ୍କ ମୁହଁରେ ହସ ଫୁଟାଇବାକୁ ଉଦ୍ୟମ କରିଛନ୍ତି। ସେମାନଙ୍କ ହାତରେ ଏହି କେକ୍ କଟାଇ ପରସ୍ପରକୁ ଖୁଆଇଛନ୍ତି। ଏଥିସହ ବୟସ୍କ ବୟସ୍କା ମାନେ ପରସ୍ପରକୁ ବିଡିଆ ପାନ ଖୁଆଇ ଖୁସି ମନାଇଛନ୍ତି। ପରିଣତ ବୟସରେ ସେମାନଙ୍କ ମୁହଁରେ ହସ ଫୁଟାଇବା ଏଭଳି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହା ଏକ ଛୋଟିଆ ପ୍ରୟାସ ବୋଲି କହିଛନ୍ତି ସରପଞ୍ଚ କାନାମରାଜୁ ନାୟକ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ପ୍ରମୋଦ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ମାଥିଲି ଜିଲ୍ଲା ପରିଷଦ ଜୋନ-୩ ସଭ୍ୟା ସସ୍ମିତା ମାଝୀ, ସମିତିସଭ୍ୟ ତଥା ଯୁବନେତା ବାଲରାଜୁ କୋପେ ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ମୃତିରଞ୍ଜନ ଯୋଗ ଦେଇଥିଲେ।



# ବିଶ୍ୱ ରକ୍ତଦାତା ଦିବସରେ ସଚେତନତା ବୈଠକ



କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ଆଜି ବିଶ୍ୱ ରକ୍ତଦାତା ଦିବସ ଏହି ଅବସରରେ କରଞ୍ଜିଆ ଉପଖଣ୍ଡ ଡାକ୍ତର ଖାନା ପକ୍ଷରୁ ସଚେତନତା ଶୋଭାଯାତ୍ରା ଓ ସଚେତନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିବାପାଇଁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ସକାଳୁ ଏକ ସଚେତନତା ଶୋଭାଯାତ୍ରାରେ ପ୍ଲାକାର୍ଡ ମାନ ଧରି ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ସ୍ୱାସ୍ଥ୍ୟ କର୍ମୀ ମାନେ ବାହାରି ସହର ପରିକ୍ରମା କରିଥିଲେ ଏବଂ ରକ୍ତଦାନ ମହତଦାନ ବିଷୟରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ପରେ ପରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ସମ୍ମିଳନି କକ୍ଷରେ ପାଞ୍ଚପିଢ ଉପଜିଲ୍ଲାପାଳ ତଥା ରକ୍ତ ଭଣ୍ଡାର ସଭାପତି ପ୍ରକାଶ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ଅନିତା ସିଂ, ଚନ୍ଦ୍ର କୁମାର ଲକିତେନ୍ଦୁ ଦାସ ପ୍ରମୁଖ ଯୋଗଦାନ କରି ବିଶ୍ୱ ରକ୍ତଦାତା ଦିବସ ପାଳନର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ, ପରେ ରକ୍ତଦାତା ଓ ରକ୍ତଦାନ ଶିବିର ଆୟାଜନ କରୁଥିବା ସଂସ୍ଥା ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରକ୍ତ ଭଣ୍ଡାର ଅଧିକାରି ଡାକ୍ତର ଗୌରାଙ୍ଗ ଚରଣ ନାୟକ, ବରିଷ୍ଠ ସାମ୍ବାଦିକ ଉମାଶଙ୍କର ଦାସ, କପିଳେନ୍ଦ୍ର ରାଉତ, ରାଜତ ମହାକୁଡ, ସୁମନ୍ତ କୁମାର ମହାନ୍ତ, ତ୍ରିଲୋଚନ ମହାନ୍ତ, ଅଭିଜିତ ମୁଖି, ଜିତେଶ କୁମାର ସେଠି, ମାନସ ଚନ୍ଦ୍ର ବାରିକ, ଗାୟତ୍ରୀ ଓ ରାଣୀ ସୋରେନ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ଗୌରାଙ୍ଗ ଚରଣ ନାୟକ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ମଂଚ ପରିଚାଳନା କରିଥିଲେ. ଶେଷରେ ଉମା ଶଙ୍କର ଦାସ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

# ଧୁମଧାମରେ ରଜ ପାଳିଲେ ଗ୍ରାମବାସୀ

ନନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍) : ରଜ ପର୍ବ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ସମାରୋହରେ ପାଳନ ହେଉଥିବା ବେଳେ ଦୂରବର୍ତ୍ତୀ ନବରଙ୍ଗପୁର ଜିଲ୍ଲାର ଜଗନ୍ନାଥପୁର ପଞ୍ଚାୟତ ଗୌଡ଼ କୋଷ୍ଟିଗୁଡ଼ାରେ ମଧ ଧୁମଧାମରେ ପାଳନ କରାଯାଇଛି। ସ୍ଥାନୀୟ କୁଆଁରୀ ଝିଅମାନେ ଆଗ୍ରହ ପ୍ରକାଶ କରିବାରୁ ଗ୍ରାମବାସୀ ମଧ ପୂର୍ଣ୍ଣ ସହଯୋଗ କରିଥିଲେ। ଶନିବାର ପହିଲି ରଜ ପାଳନ ସହ ମନୋରଞ୍ଜନ ପାଇଁ ରାତ୍ରୀରେ ଏକ ଆଞ୍ଚଳିକ ନାଟକ ପ୍ରଦର୍ଶନ କରାଯାଇଥିଲା। ରବିବାର ରଜ ପର୍ବ ସହ ସୋମବାର ଶେଷ ରଜ ମଧ ପାଳନ କରାଯିବ ବୋଲି ଆୟୋଜକ ମଣ୍ଡଳୀ ଜଣାଇଥିଲେ। ଗୌଡ଼ କୋଷ୍ଟିଗୁଡ଼ରେ ଏହା ଦ୍ୱିତୀୟ ବର୍ଷ ଆୟୋଜନ କରାଯାଇଛି ବୋଲି କହିଥିଲେ। ଗତ ବର୍ଷ ମଧ ଅନୁରୂପ ପାଳନ କରାଯାଇଥିଲା। ଏଭଳି ରଜ ପାଳନ ବ୍ଲକରେ ଏହା ଅଦ୍ୱିତୀୟ। ଅଞ୍ଚଳରେ କୌଣସି ଗ୍ରାମରେ ଏତେ ସମାରୋହରେ ପାଳନ ହେଉ ନଥିବାରୁ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଗୌଡ଼ କୋଷ୍ଟିଗୁଡା। କାର୍ଯ୍ୟକ୍ରମରେ ନନ୍ଦାହାଣ୍ଡି ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ, ଜୋନ ନଂ -୨ ଜିଲ୍ଲାପରିଷଦ ଅରୁଣ କୁମାର ମିଶ୍ର, ବ୍ଲକ ଉପାଧ୍ୟକ୍ଷ ସଦନ ଗୌଡ଼, ବିଜେପି ଡଙ୍ଗରଭେଜା ମଣ୍ଡଳ ସଭାପତି ଭାବଗ୍ରାହୀ ବେନ୍ୟା, ଜିଲ୍ଲା ଭାରତୀୟ ଜନତା ଯୁବ ମୋର୍ଚ୍ଚା ଉପସଭାପତି ରିତେଶ କୁମାର ଭଞ୍ଜ ଏବଂ ବିଜେପିର କୃଷ୍ଣ ଚନ୍ଦ୍ର ନାୟକ, ରାମ ବିଷୋୟୀ, ଗୋବିନ୍ଦ ନାୟକ, ଭଗବାନ ବିଷୋୟୀ ଓ ଲଛମନ ଗୌଡ଼ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।

# ସମ୍ବିଧାନ ବଞ୍ଚାଅ ସମାବେଶ ପାଇଁ କଂଗ୍ରେସ ଦଳର ପ୍ରସ୍ତୁତି ବୈଠକ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍) : ସମ୍ପ୍ରତି ଦେଶରେ ବିଜେପି ସରକାର ଓ ଆର୍‌ଏସ୍‌ଏସ୍ ସମ୍ବିଧାନ ଉପରେ ଯେଭଳି ଭାବେ ଆକ୍ରମଣ କରୁଛି ଏହି ପରିପ୍ରେକ୍ଷୀରେ ସମ୍ବିଧାନକୁ ବଂଚେଇବା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ସାରା ଦେଶରେ "ସମ୍ବିଧାନ ବଞ୍ଚାଓ ଯାତ୍ରା" କାର୍ଯ୍ୟକ୍ରମ ହାତକୁ ନେଇଛି। ଏବଂ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ସ୍ତରରେ ଏହି କାର୍ଯ୍ୟକ୍ରମ କରିବାକୁ ପିସିସି ସଭାପତି ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ କଂଗ୍ରେସର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି କମିଟି ବୈଠକ ଶନିବାର ଅପରାହ୍ନ ୪ ଘଟିକା ସମୟରେ ଜଳେଶ୍ୱର ନୂଆବଜାର ସ୍ଥିତ ଭଞ୍ଜ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଂଗ୍ରେସ ନେତୃମଣ୍ଡଳୀ ମାନେ ଭାରତ ବର୍ଷରେ ୧୪୦ କୋଟି ଜନସାଧାରଣଙ୍କ ଅଧିକାରକୁ ସୁରକ୍ଷିତ ରଖିବା ସହିତ ଏ ଦେଶକୁ କିଭଳି ଫାସିବାଦ ଚିନ୍ତାଧାରାରୁ ମୁକ୍ତ କରିବା ପାଇଁ ଯେଉଁ ଭଳି ଭାବରେ ରାହୁଲ ଗାନ୍ଧୀ ସଂସଦରୁ ଆରମ୍ଭ କରି ସଡ଼କ ପର୍ଯ୍ୟନ୍ତ ଲଢେଇ ଜାରି ରଖିଛନ୍ତି। ଆମ ମାନଙ୍କୁ ମଧ ସମ୍ବିଧାନକୁ ରକ୍ଷା କରିବା ପାଇଁ ଉଦ୍ୟମ କରିବାକୁ ପଡିବ ବୋଲି କହିଥିଲେ। ଉକ୍ତ ବୈଠକରେ ବକ୍ତା ବ୍ଲକର ପୂର୍ବତନ ସଭାପତି ସତ୍ୟ ନାରାୟଣ ଗୁପ୍ତା, ଜଳେଶ୍ୱର ବ୍ଲକର ପୂର୍ବତନ ସଭାପତି ରାଜୀବ କୁମାର ପରିଡା, ପୂର୍ବତନ ଟାଉନ କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ, ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, ଜଳେଶ୍ୱରର ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ, କିସାନ କଂଗ୍ରେସ ନେତା ସୁଦାମ ପାତ୍ର, ଛାତ୍ର କଂଗ୍ରେସ ସଭାପତି ଜଗନ୍ନାଥ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହରିଶଙ୍କର ଜେନା, ସବ୍ୟସାଚୀ ଦାସ, ଫରିଦ ଅହମଦ, ରାଜକିଶୋର ଘୋଷ, ସପନ ଜେନା, ସଂଜିତ ପ୍ରଧାନ, ଗୌରାଙ୍ଗ ମହାପାତ୍ର, ରାଜେଶ ସାସମଲ, ପ୍ରଦୀପ କୁମାର ମହାନ୍ତି, ସରୋଜ ଦାସ, ସନ୍ଦୀପ ଜେନା, ବିଶ୍ୱନାଥ ପାଣିଗ୍ରାହୀ, ଅନିମା ରାଣୀ ସାହୁ, ମନୋଜ ପରିଡା, ପ୍ରଦ୍ୟୁମ୍ନ ମହାନ୍ତି, ଜିତେନ୍ଦ୍ର ଦାସମହାପାତ୍ର, ଜୟ ନାରାୟଣ ପ୍ରଧାନ, ମିହିର ଭୂୟାଁ, ଅବଦୁଲ ଇନ୍ତିଆଜ ଖାନ,ବସନ୍ତ ଜେନା,ସଦାଶିବ ଜେନା, ଅନନ୍ତ ମହାନ୍ତି, ଉମାକାନ୍ତ ଦାସ, ବରେନ୍ଦ୍ର ମଲିକ, ପୁଷ୍ଟିଆ ମାରାଣ୍ଡି ପ୍ରମୁଖଙ୍କ ସହି ବିଭିନ୍ନ ପଞ୍ଚାୟତରୁ ଆସିଥିବା ନେତୃମଣ୍ଡଳୀ ମାନେ ଉପସ୍ଥିତ ରହି ଆଗାମୀ କାର୍ଯ୍ୟକ୍ରମ ପାଇଁ ନିଜ ନିଜର ମତାମତ ରଖିଥିଲେ।



# ବହି ଓ ଖାତା ବିକ୍ରି ଆଳରେ ଶୋଷଣ ଅଭିଯୋଗ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍ ): ବ୍ରଜରାଜନଗର ଅଂଚଳର କିଛି ଘରୋଇ ବିଦ୍ୟାଳୟ ବର୍ତ୍ତମାନ ଶିକ୍ଷାକୁ ବେପାରରେ ପରିଣତ କରିସାରିଛନ୍ତି। ଏହି ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷା ନାମରେ ପ୍ରଚୁର ମାତ୍ରାରେ ଟଙ୍କା ଆଦାୟ କରାଯାଉଛି ଓ ଶିକ୍ଷାକୁ କେବଳ କାଗଜପତ୍ରରେ ଦେଖାଯାଉଛି। ସେହିପରି ଏହି ସଂସ୍ଥା ଗୁଡ଼ିକ ନିଜର ବ୍ୟକ୍ତିଗତ ଲାଭ ଓ ସ୍ୱାର୍ଥ ପାଇଁ ବେଧଡକ ଭାବେ ସମସ୍ତ ସରକାରୀ ନିୟମ ଉଲ୍ଲଂଘନ କରି ଚାଲିଛନ୍ତି। ହେଲେ ପରିତାପର ବିଷୟ ଯେ, ଜିଲ୍ଲା ଶିକ୍ଷା ଅଧିକାରୀ ବିଦ୍ୟାଳୟ ଗୁଡିକର ଏ ଭଳି ବେଆଇନ କାରବାର ବାବଦରେ ଜାଣିଥିଲେ ସୁଦ୍ଧା ନିରବଦ୍ରଷ୍ଟା ସାଜିଥିବା ଲୋକେ ଅଭିଯୋଗ କରିଛନ୍ତି। ଯାହାର ପ୍ରତ୍ୟକ୍ଷ ଉଦାହରଣ ହେଉଛି ବ୍ରଜରାଜନଗରର ଏକ ରେସିଡ଼ାନସାଲ ସ୍କୁଲ। ଉକ୍ତ ବିଦ୍ୟାଳୟରେ ବହି, ଖାତା, ପେନସିଲ, କଭର ଏବଂ ସ୍କୁଲ ଡ୍ରେସ ଖୋଲାଖୋଲି ବିକ୍ରି ହେଉଛି। କେବଳ ଏତିକି ନୁହେଁ, ବିଦ୍ୟାଳୟରେ ଏନ୍‌ସିଆର୍‌ଇଟି ବହି ବ୍ୟବହାର କରାଯାଉ ନାହିଁ। ତା ସହିତ ବିଦ୍ୟାଳୟରେ ବହି ଗୁଡ଼ିକ ଚଢ଼ା ଦରରେ ବିକ୍ରି କରାଯାଉଛି। ଏହି ସ୍କୁଲଟି ସମସ୍ତ ସରକାରୀ ଏବଂ ସିବିଏସ୍‌ଇ ନିୟମକୁ ଅଣଦେଖା କରି ସ୍କୁଲ ପରିସର ମଧ୍ୟରେ ଏକ କ୍ୟାଣ୍ଟିନ ଚଳାଉଛି। ଯେଉଁଥିରେ ପିଲାମାନଙ୍କ ପାଇଁ ନିଷିଦ୍ଧ ଖାଦ୍ୟ ସାମଗ୍ରୀ, ଯେପରିକି ମଞ୍ଚୁରିଆନ୍, ଚାଉମିନ୍, ଗୁପଚୁପ୍, ଫାଷ୍ଟ ଫୁଡ୍ ଏବଂ ଜଙ୍କ୍‌ଫୁଡ୍ ବିକ୍ରି କରାଯାଉଛି। ଯାହା ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହି ପରିପ୍ରେକ୍ଷୀରେ, ଗତ ବର୍ଷ ମଧ୍ୟ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗର୍ତିଆଙ୍କ ସହିତ କଥା ହୋଇଥିଲୁ, ସେ ଏହାର ତଦନ୍ତ କରିବା ବିଷୟରେ କହିଥିଲେ। କିନ୍ତୁ ସେହି ତଦନ୍ତ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ଉପଯୁକ୍ତ ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଏଭଳି ଶିକ୍ଷା ନାମରେ ବେପାର କରୁଥିବା ଏପରି ବିଦ୍ୟାଳୟ ପ୍ରତି ନରମ ମନୋଭାବ ପୋଷଣ କରୁଥିବା ଶିକ୍ଷା ଅଧିକାରୀଙ୍କ ଭୂମିକା ଅତ୍ୟନ୍ତ ସନ୍ଦେହଜନକ ଥିବାରୁ ତଦନ୍ତ ସାପେକ୍ଷ। ନିଜର ନାମ ଗୋପନ ରଖି ଉକ୍ତ ବିଦ୍ୟାଳୟର ଜଣେ ଶିକ୍ଷକ କହିଛନ୍ତି ଯେ, ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ବହୁତ କମ ଦରମା ଦିଆଯାଉଛି। କିନ୍ତୁ ସେମାନଙ୍କୁ ଅଧିକ ଟଙ୍କାର ରସିଦରେ ଦସ୍ତଖତ କରିବାକୁ ବାଧ କରାଯାଉଛି। କିଛି ଅଭିଭାବକ ଅଭିଯୋଗ କରିଛନ୍ତି ଯେ, ବିଦ୍ୟାଳୟ କମ ଦରମାରେ ଚାକିରୀ କରୁଥିବା ଶିକ୍ଷକଙ୍କ ପାଖରେ ଶୈକ୍ଷିକ ଦକ୍ଷତାର ଘୋର ଅଭାବ ରହିଛି। ଯାହା କାରଣରୁ ପିଲାମାନଙ୍କ ଭବିଷ୍ୟତ ନଷ୍ଟ ହେଉଛି। ସେହିପରି କୌଣସି ସରକାରୀ ସଂସ୍ଥା ଦ୍ୱାରା ଏହି ବିଦ୍ୟାଳୟର ଅଡିଟ କରିବା ଲାଗି ଦାବି କରାଯାଉଛି। ଫଳରେ ସ୍କୁଲରେ ହେଉଥିବା ହେରଫେର ଏବଂ ଏନଜିଓ ନାମରେ ଚାଲୁଥିବା ଏହି ସ୍କୁଲ ଗୁଡ଼ିକ ଉପରେ ସରକାର ନିୟନ୍ତ୍ରଣ କରି ପାରିବେ ବୋଲି କେତେକ ସାମାଜିକ ସଂଗଠନ କହିଛନ୍ତି। ସୂଚନା ଯୋଗ୍ୟ ଯେ, ସିବିଏସ୍‌ଇର ନିର୍ଦ୍ଦେଶାବଳୀ ଅନୁସାରେ, କୌଣସି ସ୍କୁଲ, ଶିକ୍ଷା ପ୍ରତିଷ୍ଠାନରେ ତଥା ଏହାର କ୍ୟାମ୍ପସରେ କୌଣସି ବ୍ୟବସାୟିକ କାମ କରାଯାଇପାରିବ ନାହିଁ। କିନ୍ତୁ ଏହି ସମସ୍ତ ନିଷିଦ୍ଧ କାର୍ଯ୍ୟକଳାପ ଏଠାରେ ଖୋଲାଖୋଲି ଭାବରେ କରାଯାଉଛି। ଆପଣଙ୍କୁ ଜଣାଇ ଦେଉଛୁ ଯେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରୀ ଓଡ଼ିଶାର ଅଛନ୍ତି ଏବଂ ସେ ଏହି ଅଞ୍ଚଳର ସାଂସଦ ମଧ୍ୟ ରହି ସାରିଛନ୍ତି। ତାଙ୍କ ପୁରୁଣା ଅଞ୍ଚଳରେ ଏପରି ଘୋଟାଲା ସିଧାସଳଖ ସରକାରଙ୍କୁ ଚ୍ୟାଲେଞ୍ଜ କରୁଛି। ଜନସାଧାରଣ ଏନେଇ ରାଜ୍ୟ ସରକାର ପାଖରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହିତ ଦୋଷୀ ବ୍ୟକ୍ତି ଏବଂ ସଂସ୍ଥା ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପବିତ୍ରପଡ଼ା (ଡାବଳ)ରେ ପବିତ୍ର ରଜ ଉପଲକ୍ଷେ ଆୟୋଜିତ ବାଦିପାଲା ଶନିବାର ଉଦ୍‌ଘାଟିତ ହୋଇଯାଇଛି । ସତ୍ୟନାରାୟଣ ପାଲା ପରିଷଦ ଆନୁକୂଲ୍ୟରେ ଦୀର୍ଘ ଦଶ ଦଶନ୍ଧିରୁ ଉର୍ଦ୍ଧ୍ୱ ବର୍ଷ ହେବ ରଜ ତିନିଦିନ ବ୍ୟାପୀ ବାଦିପାଲା ଅନୁଷ୍ଠିତ ହୋଇ ଆସୁଅଛି । ଚଳିତ ବର୍ଷ ଢେଙ୍କାନାଳ ଜିଲ୍ଲାର ଗାୟିକା ସଙ୍ଗିତ ସାରିକା ଦୀପିକା ସାହୁ ଓ ଆଠଗଡ଼ର ଗାୟିକା ସ୍ୱରସୁଧା ସୌଦାମିନୀ ସାହୁଙ୍କ ମଧ୍ୟରେ ବାଦିପାଲା ଅନୁଷ୍ଠିତ ହେଉଛି । ଆଜି ପାଲା ମଣ୍ଡପରେ ସତ୍ୟନାରାୟଣଙ୍କର ଆସ୍ଥାନ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ପରେ ପାଲା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି ଉତ୍ସବ ଦିନବେଳା ହେଉଥିବାରୁ ଅଞ୍ଚଳର ବହୁ ପାଲା ତଥା ସାହିତ୍ୟ ସଂସ୍କୃତି ପ୍ରେମୀ ଜ୍ଞାନୀଗୁଣୀଙ୍କ ସମେତ ଆବାଳ ବୃଦ୍ଧବନିତା ଉପସ୍ଥିତ ରହି ଏହି ପାଲାକୁ ଉପଭୋଗ କରିଥିଲେ । କାର୍ଯ୍ୟକ୍ରମକୁ ଡାବଳ ଗ୍ରାମର ବାବାଜୀ ଚରଣ ମଳିକ, ରଘୁନାଥ ମଳିକ, ଅଶୋକ କୁମାର ମଳିକ, ଗୋପିନାଥ ମଳିକ, ରଞ୍ଜନ କୁମାର ମଳିକ, ସୁରେନ୍ଦ୍ର ମଳିକ, ବଳରାମ ମଳିକ ପ୍ରମୁଖ ପରିଚାଳନା କରିଥିବା ବେଳେ ଶ୍ରୀଧରପୁର ଓ ଡାବଳ ଗ୍ରାମବାସୀ ସହଯୋଗ କରିଥିଲେ ।

## ଫୁଲନଖରାରେ ରଜ ମହୋତ୍ସବ

ଫୁଲନଖରା (ଭାସ୍କର ନ୍ୟୁଜ୍) : ଓଡ଼ିଶାରେ ବିଭିନ୍ନ ପର୍ବପର୍ବାଣି ପାଳନ କରାଯାଇଥାଏ । ସେଥିମଧ୍ୟରୁ ଓଡ଼ିଆ ମାନଙ୍କର ରଜପର୍ବ ହେଉଛି ଆନନ୍ଦ ଉଲ୍ଲାସର ପର୍ବ ତାହା ନୁହେଁ ଏହି ରଜ ପର୍ବରେ ନାରୀର ସ୍ୱତନ୍ତ୍ର ସମ୍ମାନ ରହିଛି । ବିଭିନ୍ନ ଦିଗ ବିଭିନ୍ନ ନୀତିକୁ ନେଇ ଏହି ରଜପର୍ବ ୩ ଦିନ ଧରି ପାଳନ କରାଯାଇଥାଏ । ଗାଁ ଗାଁରେ ରଜ ଉତ୍ସବର ମାହୋଲ ସହ ଘରେ ଘରେ ମୁଖ୍ୟତଃ



ପୋଡ ପିଠା ସହ ବିଭିନ୍ନ ପ୍ରକାରର ପିଠା କରାଯାଇ ଆନନ୍ଦ ଉଲ୍ଲାସରେ ଖାଇଥାନ୍ତି । ରଜ ପାନ ପରସ୍ପରକୁ ବଣ୍ଟାଯାଇଥାଏ । ଝିଅ ବୋହୂମାନେ ରଜଦୋଳିରେ ବସି ବେଶ୍ ମଜାମସ୍ତି କରିଥାନ୍ତି । ଏହି ପର୍ବ ସମାଜର ସବୁ ବର୍ଗ ଜାତି ପାଇଁ ସ୍ନେହ ଶ୍ରଦ୍ଧା ଭାଇଚାରା ମନୋବଳକୁ ବେଶ୍ ସୁଦୃଢ଼ କରିଥାଏ । ଆମ୍ବତୋଟା ମାନଙ୍କରେ ଝିଅମାନେ ଦୋଳିରେ ମସ୍ତୁଲ ହେଉଥିବାବେଳେ ଯୁବକମାନେ କବାଡ଼ିଖେଳ, କେହି କେହି ଯୁବକ ତାସ ଖେଳ, ପସା ଖେଳରେ ମଧ୍ୟ ମସଗୁଲ୍ ଥିବା ଦେଖିବାକୁ ମିଳେ । ଝିଅ ପିଲାମାନେ ନୂଆ ଡ୍ରେସ୍ ପିନ୍ଧି ପିଠା, ପାନ ବାଣ୍ଟି ମଜା ନେଇଥାନ୍ତି । ୩ ଦିନର ରଜ ପାଳନ ପରେ ପରେ ୪ର୍ଥ ଦିନକୁ ବସୁମତୀ ସ୍ନାନ ପାଳନ କରାଯାଇଥାଏ ।

## ଆଜି ଶେଷ ରଜ
# ଗାଁ ଠୁ ସହର ଉତ୍ସବମୁଖର



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ପର୍ବ ରଜ । ପହିଲି ରଜ, ରଜ ସଂକ୍ରାନ୍ତି ପରେ ଆଜି ଶେଷ ରଜ ପାଳୁଛନ୍ତି ରାଜ୍ୟବାସୀ । ଶେଷ ରଜକୁ ଧୁମ୍‌ଧାମ୍‌ରେ ପାଳିବା ପାଇଁ ଉତ୍ସବମୁଖର ହୋଇଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗାଁ । ପହିଲି ରଜକୁ ଉପଭୋଗ କରିବା ପରେ ରଜ ସଂକ୍ରାନ୍ତିର ମାହୋଲ ବେଶ ଜମିଥିଲା । ପିଠାପଣାର ବାସ୍ନାରେ ପୁରପଲ୍ଲୀରେ ମହକୁଛି । ଏହି ଦିନକୁ ମାଟି ଓ ମୌସୁମୀର ମିଳନ ପର୍ବ ବୋଲି କୁହାଯାଏ । ସଂକ୍ରାନ୍ତିରେ ଭଗବାନଙ୍କୁ ଦର୍ଶନ କରିବା ସହ ପିଠା ଖାଇ ସଜ ହୋଇ ରଜ ମଉଜ କରିଥିଲେ ସର୍ବେ । ଶେଷ ରଜର ସକାଳକୁ ଉତ୍ସାହ ଓ ଉଦ୍ଦୀପନାର ସହ ସର୍ବେ ସ୍ୱାଗତ କରିଛନ୍ତି । ତିନିଦିନ ଧରି ପାଳିତ ହେଉଥିବା ଏହି ରଜପର୍ବର ଆଜି ତୃତୀୟ ଦିନ । ସମାନ ଭାବରେ ଗାଁରୁ ନେଇ ସହର ଚଳଚଞ୍ଚଳ ହୋଇଛି । ପ୍ରତିବର୍ଷ ଏହି ତିନିଦିନକୁ ଉତ୍କଣ୍ଠାର ସହିତ ପାଳନ କରନ୍ତି ପ୍ରତିଟି ଓଡ଼ିଆ । ସାଧାରଣତଃ କୃଷକମାନେ ରଜ ସଂକ୍ରାନ୍ତି ପୂର୍ବରୁ ଜମିରେ ଧାନ ବୁଣି ବର୍ଷାର ଆଗମନକୁ ଅପେକ୍ଷା କରିଥାନ୍ତି । ଆଷାଢ଼ର ପ୍ରଥମ ବର୍ଷା ପୃଥିବୀକୁ ଶୀତଳ କରିଥାଏ । ରଜ ତିନିଦିନ ଧରା ଉପରେ କୌଣସି କାର୍ଯ୍ୟ କରାଯାଇନଥାଏ । ସମସ୍ତ କୃଷି କାର୍ଯ୍ୟକୁ ବିରତି ନେଇ ଆନନ୍ଦ ଉଲ୍ଲାସରେ ମଜ୍ଜି ଯାଇଥାନ୍ତି କୃଷକଭାଇ । ଆଷାଢ଼ ମାସରେ ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ । ମାଟି ମା' ହୁଏ ରଜସ୍ୱଳା । ମାଟି ମା' ବହୁ କିସମର ଫସଲ ଫଳାଇ ଆମରି ହାତରେ ଅଜାଡ଼ି ଦିଏ । କୁମାରୀମାନଙ୍କ ପାଇଁ ରଜପର୍ବ ବିଶେଷ ଗୁରୁତ୍ୱବହନ କରେ । ତେଣୁ ମା'ମାଟିକୁ ଝିଅମାନଙ୍କ ସହ ତୁଳନା କରାଯାଇ ସେମାନଙ୍କୁ ବିଶ୍ରାମ ଦିଆଯାଏ । ଆସନ୍ତାକାଲି (ମଙ୍ଗଳବାର) ବସୁମତୀ ସ୍ନାନ । ମାଟି ମାଆକୁ ପୂଜା କରାଯାଏ ।

# ହାତୀଙ୍କ ଖାଦ୍ୟ ସୁରକ୍ଷା ପାଇଁ ବାଉଁଶମଞ୍ଜି ପ୍ରକ୍ଷେପଣ ଅଭିଯାନ



ବାରିପଦା (ଭାସ୍କର ନ୍ୟୁଜ୍) : ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରେ ଅବସ୍ଥିତ ଚାକିଡି ଗ୍ରାମ ପଞ୍ଚାୟତରେ ଜଙ୍ଗଲ ମଧ୍ୟରୁ ବାଉଁଶମଞ୍ଜି ପ୍ରକ୍ଷେପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆରସିସିଏଫ ଡ. ପ୍ରକାଶ ଚାନ୍ଦ ଗୋଗିନାନୀ, ବାରିପଦା ବନଖଣ୍ଡ ଅଧିକାରୀ ଏ ଉମା ମହେଶ, ପୂର୍ବତନ ପିସିସିଏଫ ଏବଂ ସେଭ ଏଲିଫେଣ୍ଟ ଫାଉଣ୍ଡେସନର ମୁଖ୍ୟ ଡ. ଦେବବ୍ରତ ସ୍ୱାଇଁ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ତଥା ସାର୍ଡ଼ୀ ଅନୁଷ୍ଠାନର ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଶିମିଳିପାଳ ଦକ୍ଷିଣ ସହକାରୀ ବନ୍ୟ ସଂରକ୍ଷକ ସାମରେଶ ବିଶ୍ୱାଳ, ଆରଓ ବାଙ୍ଗିରିପୋଷି, ଆରଓ ବଡଗାଁ, ଆରଓ ତାଳବନ୍ଧ, ଚାକିଡି ସରପଞ୍ଚ ବିକ୍ରମ ମୁର୍ମୁ, ସେଭ ଏଲିଫେଣ୍ଟ ଫାଉଣ୍ଡେସନର ରଜନୀକାନ୍ତ ଜେନା, ହରିହର ଦାସ, ସାର୍ଡ଼ୀ ଅନୁଷ୍ଠାନର ମୋହନ ମୁର୍ମୁ, ହାଡିବନ୍ଧୁ ମୁର୍ମୁ, ପ୍ରତାପ ଦାସ ମହାପାତ୍ର, ସୁଧୀର ନାୟକ, ପୂର୍ଣ୍ଣ ନାୟକ ଏବଂ ଗ୍ରାମ ପଞ୍ଚାୟତର ୧୩ଟି ଗ୍ରାମର ଶତାଧିକ ଗ୍ରାମବାସୀଙ୍କ ଉପସ୍ଥିତିରେ କରାଯାଇଥିଲା । ଏହା ଏକ ଅଭିନବ କାର୍ଯ୍ୟକ୍ରମ ଏବଂ ଏଭଳି ଉଦ୍ୟମ ଜାରି ରହିଲେ ହାତୀମାନେ ଖାଦ୍ୟ ଅନ୍ୱେଷଣରେ ଜନବସତିକୁ ଆସିବା କମ୍ କରିବେ ବୋଲି ପୂର୍ବତନ ପିସିସିଏଫ ଦେବବ୍ରତ ସ୍ୱାଇଁ ମତାମତ ଦେଇଥିଲେ । ଏହି କାର୍ଯ୍ୟକୁ ଆହୁରି ବ୍ୟାପକ କରି ପ୍ରତ୍ୟେକ ବର୍ଷ ଏହା କରାଯିବାକୁ ଏବଂ ଅନ୍ୟାନ୍ୟ ଗଛ ମଧ୍ୟ ରୋପଣ କରାଯିବ ବୋଲି ଆରସିସିଏଫ ପ୍ରକାଶଚାନ୍ଦ ଗୋଗିନାନୀ କହିଥିଲେ । ବାରିପଦା ବନଖଣ୍ଡ ଅଧୀନରେ ଥିବା ହାତୀ ଆସୁଥିବା ଜଙ୍ଗଲ ଗୁଡ଼ିକରେ ମଧ୍ୟ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ଏ ଉମା ମହେଶ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଗ୍ରାମ ସଂଗଠନମାନଙ୍କୁ ସଂପୃକ୍ତ କରାଯାଇ ଏହାକୁ ବ୍ୟାପକ କରାଯିବ ବୋଲି ବିବେକାନନ୍ଦ ପଟ୍ଟନାୟକ ମତାମତ ଦେଇଥିଲେ । ପାରମ୍ପରିକ ପୂଜା ଅର୍ଚ୍ଚନା ସହିତ ୧୩ଟି ଗ୍ରାମର ଶତାଧିକ ପୁରୁଷ ଏବଂ ମହିଳା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଜଙ୍ଗଲ ମଧ୍ୟରେ ମାଟିରେ ତିଆରି ୧୦,୦୦୦ ସିଡ୍ ବଲ୍ ଜଙ୍ଗଲ ମଧ୍ୟରେ ପ୍ରକ୍ଷେପଣ କରିଥିଲେ ।

# ବଳେଇପୁରରେ ବିଜେଡିର କର୍ମୀ ସମ୍ମିଳନୀ

ଏରସମା (ଭାସ୍କର ନ୍ୟୁଜ୍) : ଏରସମା ବ୍ଲକ ଅନ୍ତର୍ଗତ ବଳେଇପୁରୁ ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ପୋଡ଼ିଛକ ଠାରେ ବଳେଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ମୁରଲୀଧର ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ବଳେଇପୁର ପଞ୍ଚାୟତ ବିଧାନସଭା ନିର୍ବାଚନରେ ଅଧିକ ଭୋଟ ଦେଇଥିବାରୁ ଉପସ୍ଥିତ ବିଜେଡି କର୍ମୀମାନଙ୍କୁ କୃତଜ୍ଞତା ଜଣାଇବା ସହିତ ବଳେଇପୁର ପଞ୍ଚାୟତକୁ ବିଧାୟକ ପାଣ୍ଠିରୁ ସ୍ୱତନ୍ତ୍ର ଅନୁଦାନ ଦେବେ ବୋଲି ମତବ୍ୟକ୍ତ ପ୍ରକାଶ କରିଥିଲେ । ଏହି ପଞ୍ଚାୟତରୁ ପ୍ରଥମେ ଜନଜାଗରଣ ସଭା ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଏରସମା ବ୍ଲକ ବିଜୁ ଜନତାଦଳର ସଭାପତି ପୀତବାସ ଗଚ୍ଛାୟତ, ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ସମବାୟବିତ୍ ସମୀର ରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଳେଇପୁର ପଞ୍ଚାୟତ ବିଜୁ ଜନତା ଦଳର ସଭାପତି ଫିରୋଜ ଗଚ୍ଛାୟତ, ପୂର୍ବତନ ସଭାପତି ଶ୍ରୀକାନ୍ତ ସ୍ୱାଇଁ, ଯୁବ ସଭାପତି ପ୍ରଶାନ୍ତ କୁମାର ପାତ୍ର, ରତିକାନ୍ତ ଦାସ, ନିରଞ୍ଜନ ନାୟକ, ଭାଗବତ ସେଠୀ, ଗିରିଧାରୀ ରାଉତ ଓ ଦୀପକ ସ୍ୱାଇଁ ପ୍ରମୁଖଙ୍କ ସମେତ ବଳେଇପୁରୁ ପଞ୍ଚାୟତର ଶତାଧିକ ବିଜୁ ଜନତା ଦଳର କର୍ମୀମାନେ ଯୋଗ ଦେଇଥିଲେ ।

## ଚଣ୍ଡିଖୋଲ କୋର୍ଟ ପକ୍ଷରୁ ବିଶ୍ୱ ବରିଷ୍ଠ ଅପବ୍ୟବହାର ସଚେତନତା ଦିବସ
# 'ପରିବାରର ବରିଷ୍ଠଙ୍କୁ ହତାଦର କରାନଯାଉ'




ବଡ଼ଚଣା (ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ କୋର୍ଟ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ ସୋଲର ପାଇକରାପୁର ସେବକ ଜରା ନିବାସ ପରିସରରେ ବିଶ୍ୱ ବରିଷ୍ଠ ଅପବ୍ୟବହାର ସଚେତନତା ଦିବସ ପରିପ୍ରେକ୍ଷୀରେ ଏକ ଆଇନ ସାକ୍ଷରତା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ତାଲୁକ କେନ୍ଦ୍ର ଅଧ୍ୟକ୍ଷ ତଥା ସବଜଜ୍ ବିଶ୍ୱ ଦୀପକ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜେଏମ୍ଏଫସି ଶ୍ରୀମୟୀ ନନ୍ଦ, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ପ୍ରକାଶ କୁମାର ଦାଶ, ପୂର୍ବତନ ସଭାପତି ଦେବରାଜ ବେହେରା ଆଇନଜୀବୀ ପରମାନନ୍ଦ ସାହୁ, ଅମୂଲ୍ୟ ମୋହନ ତ୍ରିପାଠୀ, ସେବକ ଜରାଶ୍ରମ ସଭାପତି ସୁରେଶ ଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ ଓ ମନ୍ଦର ଧର ସ୍ୱାଇଁ ପ୍ରମୁଖ ଯୋଗଦେଇ ଅନେକ ପରିବାରରେ ବରିଷ୍ଠମାନଙ୍କୁ ହତାଦର କରାଯାଉଛି, ସେମାନଙ୍କ ପ୍ରତି ଅପବ୍ୟବହାର କରାଯାଉଛି, ଜୀବନ ବ୍ୟାପି ନିଜର କଷ୍ଟ, ଶ୍ରମ ଓ ସମୟ ମୁଣ୍ଡଝାଳ ତୁଣ୍ଡରେ ମାରି ଅର୍ଥ ଉପାର୍ଜନ କରି ନିଜ ପରିବାର ପ୍ରତି ଉତ୍ସର୍ଗୀତ ହୋଇ ପରିବାର ଓ ପିଲାମାନଙ୍କ ପ୍ରତି ନିଜର ଦାୟିତ୍ୱ କର୍ତ୍ତବ୍ୟ ପାଳନ କରିବା ପରେ ଯେତେବେଳେ ସେମାନେ ବରିଷ୍ଠ ତଥା ବାର୍ଦ୍ଧକ୍ୟରେ ଉପନୀତ ହୁଅନ୍ତି ସେତେବେଳେ ପୁଅ ଝିଅ ଓ ପରିବାର ଜନଙ୍କ ଆଦର ଯତ୍ନ, ସେବା ଶୁଶ୍ରୁଷା ପରିବର୍ତ୍ତେ ମାନସିକ, ଶାରୀରିକ ଆବେଗ ପ୍ରବଣ ମନସ୍ତତ୍ୱ ଜନିତ ଯନ୍ତ୍ରଣା ପାଉଛନ୍ତି । ସ୍ୱଅର୍ଜିତ ଧନ ସମ୍ପତ୍ତିରୁ ସେମାନେ ବଞ୍ଚିତ ଓ ଉପେକ୍ଷିତ ହେଉଛନ୍ତି । ସେମାନଙ୍କ ବାକି ଜୀବନ ପାଇଁ ଆଶା ଭରସା ହେଉଛି ଜରାଶ୍ରମ । ଏ ଦିଗରେ ପରିବାରଜନଙ୍କୁ ସଚେତନ କରାଇ ସେ ପରିବାରରେ ପୁନର୍ବାର ସୁଖ ଶାନ୍ତି ଫେରାଇ ଆଣିବା ପାଇଁ ଉଦ୍ୟମ ଜରୁରି ହୋଇପଡ଼ିଛି । ଆପୋସ ବୁଝାମଣା ନିମନ୍ତେ ତାଲୁକ ଆଇନ ସେବା କେନ୍ଦ୍ରର ସହାୟତା ନେଇପାରିବେ ବୋଲି ମତପ୍ରକାଶ କରିଥିଲେ । ସରକାରୀ ସ୍ତରରେ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗକୁ ସେମାନଙ୍କ ପାଇଁ ଉପଲବ୍ଧ କରାଇବା କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ । ଏଥିରେ ପ୍ରଭଞ୍ଜନ ମହାପାତ୍ର, ରମାକାନ୍ତ ରାଉତ, ଭରତ ବେହେରା, ଲକ୍ଷ୍ମୀଧର ନାୟକ, ସସ୍ମିତା ବଳ ପ୍ରମୁଖ ସହଯୋଗ କରିଥିଲେ । ରିଟେନର ଜ୍ୟୋତି ଶଙ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଅର୍ତାମୂଳ ରଜ ମହୋତ୍ସବରେ ପିଠା ଓ ରଜପାନ ପ୍ରତିଯୋଗିତା

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତାମୂଳ ସ୍ଥିତ ଜେନାମଣି ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଶନିବାର ଦଶମ ବର୍ଷିକ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ୧୪ନଂ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଳିକ ଓ ସମାଜସେବୀ ଦେବରାଜ ମହାପାତ୍ର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବଟିକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମହୋତ୍ସବ କମିଟିର ସଭ୍ୟ ପ୍ରମୋଦ କୁମାର ପ୍ରଧାନ ସଭା ସଂଯୋଜନା କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଏହି ଅଞ୍ଚଳରେ ଦୀର୍ଘ ୧୦ବର୍ଷ ଧରି ଓଡ଼ିଆ ଜାତିର ପର୍ବ ରଜ ମହୋତ୍ସବକୁ ପାଳନ କରୁଥିବା ବେଳେ ପଡ଼ୋଶୀ ପଞ୍ଚାୟତର ଶହ ଶହ ଜନସାଧାରଣ ଏଥିରେ ଭାଗ ନେଉଥିବା ନେଇ ସୂଚନା ପ୍ରଦାନ କରିଥିଲେ । ଏହି ଉତ୍ସବରେ କୁନିକୁନି ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକମାନଙ୍କ ପାଇଁ ଭିନ୍ନ ଭିନ୍ନ ଦୋଳିର ବ୍ୟବସ୍ଥା କରାଯାଇଥିବା ବେଳେ ଆଜି ଶହ ଶହ ସଂଖ୍ୟାରେ ପିଲା, ପୁରୁଷ ଓ ମହିଳାମାନଙ୍କ ଭିଡ଼ ଲାଗି ରହିଥିଲା । ଏହି ଅବସରରେ କିଶୋର ଓ କିଶୋରୀମାନଙ୍କ ମଧ୍ୟରେ ମ୍ୟୁଜିକ୍ ଚେୟାର, ପୁଚି ଓ ଦଉଡ଼ି ଡିଆଁ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଗୋଲରାହାଟରୁ ଆସିଥିବା କୁନିକୁନି ପିଲାମାନଙ୍କ ଦ୍ୱାରା ପରିବେଶିତ ନୃତ୍ୟ ଉପସ୍ଥିତ ଦର୍ଶକମାନଙ୍କ ମନ ମୋହିଥିଲା । ଦୀର୍ଘ ୩ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବରେ ବିଭିନ୍ନ ଦିନ ମାନଙ୍କରେ ବିଭିନ୍ନ ସାଂସ୍କୃତିକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହିତ ବିଭିନ୍ନ ଖେଳ କୌତୁକର ପ୍ରତିଯୋଗିତା ହେବା ସହ ରଜ ଉପଲକ୍ଷେ ବିଭିନ୍ନ ପିଠାପଣାର ଓ ରଜପାନ ପ୍ରତିଯୋଗିତାର କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର କର୍ମକର୍ତ୍ତା ପ୍ରକାଶ କରିଛନ୍ତି । ଶେଷରେ କୃଷ୍ଣଚନ୍ଦ୍ର ବଳ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ କମିଟିର ସଦସ୍ୟ ରଜତ, ଅନାଥବନ୍ଧୁ, ମାଧବ, ପୂର୍ଣ୍ଣଚନ୍ଦ୍ରଙ୍କ ସମେତ କମିଟିର ସଭ୍ୟସଭ୍ୟାମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



କଣିହାଁ (ଭାସ୍କର ନ୍ୟୁଜ୍) : ଆଜନ୍ମ ବିପ୍ଳବୀ, ପ୍ରବୀଣ ସ୍ୱାଧିନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ୩୮ତମ ଶ୍ରାଦ୍ଧବାର୍ଷିକୀ ଅବସରରେ କଣିହାଁ ବ୍ଲକ ବୁଲାଝର ଠାରେ ସ୍ୱର୍ଗତଃ ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି । ପବିତ୍ରପ୍ରେମୀ ତଥା ପବିତ୍ରପଥର ସଂପାଦକ ସଦାନନ୍ଦ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ବିଶିଷ୍ଟ ଅତିଥି ଭାବରେ ପାଲଲହଡା ବିଧାୟକ ଆଶୋକ ମହାନ୍ତି, ମୁଖ୍ୟବକ୍ତା ଭାବେ ଡ. ଧରଣୀଧର ନାଥ, ସମ୍ମାନୀତ ଅତିଥି ଭାବରେ ଭାବରେ ବିରୁ ସରପଞ୍ଚ ଧରଣୀଧର ବେହେରା, ସମିତି ସଭ୍ୟ ଶ୍ୟାମ ସୁନ୍ଦର ସାହୁ, କାଳନ୍ଦୀ ପ୍ରଧାନ, ଭୁବନାନନ୍ଦ ପ୍ରଧାନ, ପଠାଣି ବାରିହା, ଗବେଷକ ବିଭୁତି ଭୁଷଣ ସାହୁ, ସରପଞ୍ଚ ଦୁଃଖବନ୍ଧୁ ବେହେରା, ଶିକ୍ଷାବିତ ରମେଶ ପ୍ରଧାନ ପ୍ରମୁଖ ଯୋଗଦେଇ ନଡିଆ ବାଡେଇ ତଥା ସ୍ୱର୍ଗତଃ ପ୍ରଧାନଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ଉନ୍ମୋଚନ କରିଥିଲେ । ଏହି ପରୀପ୍ରେକ୍ଷୀରେ ଶୁକ୍ରବାର ସକାଳେ ଗ୍ରାମରେ ଶୋଭାଯାତ୍ରା କରାଯାଇ ହୋମ କାର୍ଯ୍ୟ କରଯାଇଥିଲା । ପ୍ରତିମୂର୍ତ୍ତି ଉନ୍ମୋଚନ ପରେ ସେଠାରେ ଇଂ. ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରଯାଇଥିଲା । ମୁଖ୍ୟ ଅତିଥି ଭାବେ ସାଂସଦ ଶ୍ରୀ ପାଣି ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ସଂଗ୍ରାମୀ ସ୍ୱର୍ଗତଃ ପ୍ରଧାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ତାଙ୍କର ଆଦର୍ଶକୁ ଆମେମାନେ ଅନୁସରଣ କରିବା ଉଚିତ୍ ବୋଲି କହିଥିଲେ । ଏଭଳି ଜଣେ ସଂଗ୍ରାମୀଙ୍କୁ ମନେ ପକାଇବା ପାଇଁ ତାଙ୍କ ନାମରେ ଡାକ ଟିକେଟ ବାହାର କରିବା ପାଇଁ ସଂସଦରେ ଉଠାଇଛି ଓ ବିମଳାଗଡ ରେଳପଥରେ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ଏକ୍ସପ୍ରେସ ଟେନ ଚାଲିବା ପାଇଁ ଚେଷ୍ଟା କରିବେ ବୋଲି ସାଂସଦ କହିଥିଲେ । ବିଶିଷ୍ଟ ଅତିଥି ବିଧାୟକ ଶ୍ରୀ ମହାନ୍ତି ପବିତ୍ର ବାବୁ ଆମର ପରିଚୟ ଓ ଆଦର୍ଶ ହୋଇଥିବା ବେଳେ ଆଗାମୀ ଦିନରେ ପବିତ୍ର ନଗରରେ ରାଜ୍ୟସ୍ତରୀୟ ପବିତ୍ର ମୋହନ ଜୟନ୍ତୀ ପାଳନ କରାଯିବ ବୋଲି କହିଥିଲେ । ମୁଖ୍ୟବକ୍ତା ଡ. ନାଥ ପବିତ୍ର ପ୍ରଧାନଙ୍କ ସ୍ମୃତିଚାରଣ କରିବା ଅବସରରେ ସେ ଜଣେ ବିସ୍ମୟ ଓ ମାନବବାଦୀ ରାଜନୀତିଜ୍ଞ ଥିଲେ ବୋଲି କହିଥିଲେ । ପରେ ଅତିଥିଙ୍କ ଦ୍ୱାରା 'ପବିତ୍ର ପଥ' ପତ୍ରିକା ଉନ୍ମୋଚନ କରଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବୁଲାଝର ଗ୍ରାମର ବିନୋଦ କୁମାର ଜେନା ସଂଯୋଜନା କରିଥିବାବେଳେ ସୁଶିଳ କୁମାର ପ୍ରଧାନ ବିବରଣୀ ପଠନ, ସରପଞ୍ଚ ଧରଣୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## 'ରଜ ମହୋତ୍ସବ' ମଞ୍ଚରେ ନାଚିଲେ ଦର୍ଶକ

କୁଜଙ୍ଗ (ଭାସ୍କର ନ୍ୟୁଜ୍) : କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପ ଗଡ ଗ୍ରାମ ପଞ୍ଚାୟତ ଦ୍ୱାରା ଆୟୋଜିତ ୪ର୍ଥ ବାର୍ଷିକ ରଜ ମହୋତ୍ସବର ୫ମ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ସଞ୍ଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥି ଭାବେ ସୁବ୍ରତ ସ୍ୱାଇଁ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏନ.କେ. ଏସ୍. ସମ୍ମାନିତ ଅତିଥି ଭାବେ ପ୍ରଭାତ କୁମାର ନନ୍ଦୀ, ମ୍ୟାନେଜିଂ ଡାଇରେକ୍ଟର ପାରାଦୀପ ପରିବହନ ଦୀପ୍ତି ଶଙ୍କର ଦାସ, ରେଲିଆନ୍ସ ଇଣ୍ଡିଆ ଓଡ଼ିଶା ହେଡ୍ ମନୋରଞ୍ଜନ ପଟ୍ଟନାୟକ, ରଞ୍ଜିତ କୁମାର ଜେନା, ପାଡ୍ୱିଅର୍ ଇଣ୍ଡିଆ ଲିମିଟେଡ ଜଗବନ୍ଧୁ ସାମଲ, ମ୍ୟାନେଜର ଫାଲକୋନ୍ ଏକ୍ସପୋର୍ଟ ଲିମିଟେଡ ପରେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଶାନ୍ତ ବାବା, ସ୍ଥାନୀୟ ସରପଞ୍ଚ ସସ୍ମିତା ବେହେରା ପ୍ରମୁଖ ଯୋଗଦେଇ ବିଲୁପ୍ତ ପ୍ରାୟ ପାରମ୍ପରିକ କୃଷି ଭିତ୍ତିକ ଗଣପର୍ବ ରଜ ପର୍ବକୁ ମହା ଆଡ଼ମ୍ବରରେ ପାଳନ କରିଥିବାରୁ ସରପଞ୍ଚଙ୍କୁ ପ୍ରଶଂସା କରିଥିଲେ । କଟକ ବାଙ୍କୀର ସିଂହମ୍ ଡାନ୍ସ ଗ୍ରୁପ୍ ବାଙ୍କୀ, ନୃତ୍ୟଶ୍ରୁ କଳାପରିଷଦ ଖୋର୍ଦ୍ଧା, ଶ୍ରୀ ଶ୍ରୀ ରାମଲୀଳା ନାଟ୍ୟ ସଂସଦ, ବୌଦ ଅଂଶ ଗ୍ରହଣ କରି ଚିତ୍ତାକର୍ଷକ ପାରମ୍ପାରିକ, ଓଡ଼ିଶୀ, ସମ୍ବଲପୁରୀ, ଆଦିବାସୀ, ଆସାମୀ, କୁଚୁପୁଡ଼ି ନୃତ୍ୟ ପରିବେଷଣ କରିବା ସହିତ ଦର୍ଶକମାନେ ମଞ୍ଚରେ ନାଚିଥିବା ଦେଖିବାକୁ ମିଳିଥିଲା । ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଚନ୍ଦ୍ରଶେଖର ଚୌଧୁରୀ, ଦେବ ଦୁର୍ଲ୍ଲଭ କର, ଜୟନ୍ତ ସେନାପତି, ମନୋଜ ରାଉତ, ସଂଗ୍ରାମ ବେହେରା, ନିରଞ୍ଜନ ପରିଡ଼ା, ରାଜେନ୍ଦ୍ର ବେହେରା, ସତ୍ୟନାରାୟଣ ମହାପାତ୍ର, ଦୀପକ ପଣ୍ଡା, ଉଲ୍ଲାସ ମହାରଥା, ଶୁଭସ୍ମିତା ମଙ୍ଗରାଜ, ଜୀବନଧନ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବିଟିଓଏ ବିରୋଧରେ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ଦାବି

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ସୋସାଇଟି ପଞ୍ଜୀକରଣ ଆକ୍ଟ ୧୮୬୦ ସଂଖ୍ୟା ଜେଏସ୍‌ଜି-୨୪୭-୩୦ବର୍ଷ ୧୯୯୬-୯୭ରେ ପଞ୍ଜିକୃତ ବ୍ରଜରାଜନଗର ଟ୍ରକ ମାଲିକ ସଂଘ (ବିଟିଓଏ) ବିରୋଧରେ ଯାଞ୍ଚ ଓ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନେଇ ଦାବି ହୋଇଛି । ଓଡ଼ିଶା ୟୁଥ୍ ଏଗ୍ନେଷ୍ଟ କରପସନ ରାଜ୍ୟ ସଂଯୋଜକ ରବି କୁମାର ସୋନି ଏନେଇ ଆଜି ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ନିକଟରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ, ବ୍ରଜରାଜନଗର ଟ୍ରକ ମାଲିକ ସଂଘ (ବିଟିଓଏ) ପକ୍ଷରୁ ସଦସ୍ୟତା ଗ୍ରହଣ ବେଳେ ସ୍ଥାନୀୟ ବେରୋଜଗାରଙ୍କ ପ୍ରତି ଭେଦଭାବ କରାଯାଉଥିବା ସହିତ ବ୍ୟକ୍ତିଗତ ସ୍ୱାର୍ଥ ସକାଶେ ନିଜର ଭୋଟ ବ୍ୟାଙ୍କ ପାଇଁ ପ୍ରକୃତ ଟ୍ରକ ମାଲିକଙ୍କୁ ସୁବିଧାରୁ ବଞ୍ଚିତ କରାଯାଉଛି । ସେହିପରି ବିଟିଓଏରେ ପଞ୍ଜିକୃତ ଟ୍ରକ ମାଲିକଙ୍କୁ ପ୍ରାଥମିକତା ଅନୁସାରେ ବ୍ରଜରାଜନଗର କୋଇଲା ଖଣିରେ ଲୋଡିଂ ପ୍ରଦାନ କରାଯାଉ । ତା'ସହିତ ସଂଘ ନିର୍ବାଚନ ପୂର୍ବରୁ ନୂତନ ସଦସ୍ୟତା ଅଭିଯାନରେ ଭାରତୀୟ ସମ୍ବିଧାନ ଅନୁଚ୍ଛେଦ ୨୧ ଅନୁଯାୟୀ ଏମାନଙ୍କୁ ସାମିଲ କରିବାକୁ ଶ୍ରୀ ସୋନି ଦାବି କରିଛନ୍ତି । କେତେକ ଟ୍ରକ ମାଲିକ ନିଜର ଗାଡ଼ି ଅନ୍ୟକୁ ବିକ୍ରି କରିଥିଲେ ସୁଦ୍ଧା ତାଙ୍କର ପରିଚୟ ପତ୍ର ସକ୍ରିୟ ରହିଛି ଓ ଏହା ପ୍ରତିବର୍ଷ ଯାଞ୍ଚ କରାଯାଉ ନାହିଁ । ତେଣୁ ସଂଘର ପରିଚୟ ପତ୍ର ଏବଂ ପଞ୍ଜିକୃତ ଟ୍ରକ ନମ୍ବରକୁ ସଂଯୁକ୍ତ ଭାବେ ଯାଞ୍ଚ କରାଯାଉ ଓ ଗାଡ଼ି ନଥିବା ଟ୍ରକ ମାଲିକଙ୍କ ସଦସ୍ୟତା ବାତିଲ କରାଯାଉ । ସମୟ ସୀମାରେ ଯାଞ୍ଚ ଓ ସମସ୍ୟାର ସମାଧାନ କରାନଗଲେ ବାଧ ହୋଇ ଆସନ୍ତା ୨୫ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଧାରଣା ପ୍ରଦାନ କରିବେ ବୋଲି ଅଭିଯୋଗ ପତ୍ରରେ ଓଡ଼ିଶା ୟୁଥ ଏଗ୍ନେଷ୍ଟ କରପସନ ରାଜ୍ୟ ସଂଯୋଜକ ରବି କୁମାର ସୋନି ଉଲ୍ଲେଖ କରିଛନ୍ତି । ଏହାର ନକଲ ରାମଚଣ୍ଡୀ ଶକ୍ତିପୀଠ, ମୁଖ୍ୟମନ୍ତ୍ରୀ ଓଡ଼ିଶା, ସ୍ଥାନୀୟ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀ, ବରଗଡ଼ ସାଂସଦ, ଝାରସୁଗୁଡ଼ା ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଆଇଆଇସି ଝାରସୁଗୁଡ଼ା ଥାନାଙ୍କୁ ପ୍ରେରଣ କରିଛନ୍ତି ।


# ବ୍ଲକସ୍ତରୀୟ ମେଧାବୀ ମାଟ୍ରିକ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା





ବୋଲଗଡ (ଭାସ୍କର ନ୍ୟୁଜ୍) : ଭୀମପଡା ସ୍ଥିତ ଅଗ୍ରଣୀ ପୂଜ୍ୟପୂଜା କ୍ଲବ ଆନୁକୂଲ୍ୟରେ ଓ ସଭାପତି ଲୋତକ ବିନ୍ଦୁ ପଟ୍ଟନାୟକ, ଉପସଭାପତି ଜଗବନ୍ଧୁ ମୁଦୁଲି ଏବଂ ସମ୍ପାଦକ ବିନୋଦ ମହାରଣା ପ୍ରମୁଖଙ୍କ ମିଳିତ ଆବାହକତ୍ୱରେ ବ୍ଲକସ୍ତରୀୟ ମାଟ୍ରିକ ଟପ୍ପର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବୋଲଗଡ ଶିକ୍ଷା ବ୍ଲକ ଅନ୍ତର୍ଗତ ଟାଙ୍ଗୀସାହି ସ୍ଥିତ ରଘୁନାଥ ମଧୁସୂଦନ ନୋଡାଲ ହାଇସ୍କୁଲର ୫୯୮ ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀ ଛାତ୍ର ଅଂଶୁମାନ ବେହେରାଙ୍କୁ ପ୍ରଧାନଶିକ୍ଷକ ରବୀନ୍ଦ୍ର ବେହେରା ଉତ୍ତରୀୟ, ମାନପତ୍ର, ଟ୍ରଫି, କଲମ ଆଦର୍ଶ ପୁସ୍ତକ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ । କଳାଙ୍ଗ କାହ୍ନୁଚରଣ ହାଇସ୍କୁଲର ୫୪୬ ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀ ଛାତ୍ରୀ ଅର୍ପିତା ହୋତାଙ୍କୁ ଶିକ୍ଷକ ଇଞ୍ଜିନିୟର କର୍ପୁର ସାହୁ ଉତ୍ତରୀୟ, ଫୁଲ ତୋଡ଼ା, ଟ୍ରଫି, ବହି ଦେଇ ସମ୍ବର୍ଦ୍ଧିତ କରିଥିଲେ । ମାଣିକଗୋଡା ସ୍ଥିତ ଗଦାଧର ବାଞ୍ଛାନିଧି ହାଇସ୍କୁଲର ୫୨୭ ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀ ଛାତ୍ରୀ ସଂଘମିତ୍ରା ବେହେରାଙ୍କୁ ସମାଜସେବୀ ସହଦେବ ସୁବୁଦ୍ଧି ଓ ଉପେନ୍ଦ୍ର କୁମାର ସୁବୁଦ୍ଧି ପ୍ରମୁଖ ମିଳିତ ଭାବେ ଉତ୍ତରୀୟ, ମାନପତ୍ର, ଟ୍ରଫି, କଲମ ଏବଂ ବହି ଦେଇ ସମ୍ବର୍ଦ୍ଧିତ କରିଥିଲେ । ସଂପୁର ସ୍ଥିତ ଚର୍ତୁଭୁଜ ହାଇସ୍କୁଲର ୫୩୩ ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀ ଛାତ୍ର ଓମ୍ ପ୍ରକାଶ ନାୟକଙ୍କୁ ସମାଜସେବୀ ନିରଞ୍ଜନ କର ଓ ଅଭିମନ୍ୟୁ ପଟ୍ଟନାୟକ ପ୍ରମୁଖ ମିଳିତ ଭାବେ ମାନପତ୍ର, ଉତ୍ତରୀୟ, ବହି ଓ କଲମ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅରଖପଲି ସରକାରୀ ହାଇସ୍କୁଲର ୫୧୮ ନମ୍ବର ରଖିଥିବା ମେଧାବୀ ଛାତ୍ରୀ ଶ୍ରଦ୍ଧାଞ୍ଜଳି ମାର୍ଥାଙ୍କୁ ସମଜସେବୀ ଲକ୍ଷ୍ମୀଧର ବଳିୟାରସିଂ ଓ ସାମ୍ବାଦିକ କାଶୀନାଥ ହୋତା ଓ ଦୀପନ ବିଶ୍ୱାଳ ପ୍ରମୁଖ ମିଳିତ ଭାବେ ମାନପତ୍ର, ଉତ୍ତରୀୟ, ଟ୍ରଫି, ପୁସ୍ତକ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବୋଲଗଡ ସ୍ଥିତ ପରମାନନ୍ଦ ମହାବିଦ୍ୟାଳୟର ୫୨୭ ସର୍ବୋଚ୍ଚ ନମ୍ବର ରଖିଥିବା ଯୁକ୍ତଦୁଇ ବିଜ୍ଞାନ ମେଧାବୀ ଛାତ୍ରୀ ଶିବାନୀ ଜେନାଙ୍କୁ ସାମ୍ବାଦିକ ପାଣ୍ଡବ ସାହୁ, ନିରଞ୍ଜନ ନାୟକ ଓ ସମାଜସେବୀ ସଞ୍ଜୟ ମହାପାତ୍ର ପ୍ରମୁଖ ମିଳିତ ଭାବେ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସଂଗେ ସଂଗେ ଜୀବନରେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ସମସ୍ତ ନିମନ୍ତ୍ରିତ ଅତିଥିମାନେ ସମସ୍ତ ମେଧାବୀ ଛାତ୍ର ଛାତ୍ରୀମାନଙ୍କର ଗ୍ରାମର ଘରକୁ ଯାଇ ତାଙ୍କ ପିତା ମାତାଙ୍କ ସହିତ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୂଜ୍ୟ ପୂଜା କ୍ଲବର ଏଭଳି ଜନକଲ୍ୟାଣ କାର୍ଯ୍ୟକ୍ରମକୁ ସମସ୍ତ ଗ୍ରାମବାସୀ ଉଚ୍ଚ ପ୍ରଶଂସା କରିଥିଲେ । ପରିଶେଷରେ ସଭାପତି ବରିଷ୍ଠ ଆଇନଜୀବୀ ଲୋତକ ବିନ୍ଦୁ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଶିଫଳ


**ସୋମବାର, ୧୬ ଜୁନ୍ ୨୦୨୫**



**ମେଷ:** ଆଜି ପରିବାରର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ । ଜଣେ ସମ୍ପର୍କୀୟଙ୍କ ସହ ବିବାଦ ହେବାର ସମ୍ଭାବନା ଅଛି । ବରିଷ୍ଠମାନଙ୍କ ପରାମର୍ଶରେ କାମ କରନ୍ତୁ । ପରିବାର ସହିତ ବୁଲିବାକୁ ଯାଆନ୍ତୁ । ଚାକିରୀରେ ଥିବା ଲୋକମାନେ ଭଲ ଖବର ପାଇ ପାରିବେ । ତୁମର ବ୍ୟବସାୟ ଭଲ ରହିବ ।




**ବୃଷ:** ଆଜି ଆପଣ ମାନସିକ ସ୍ତରରେ ଶକ୍ତିଶାଳୀ ହେବେ । ଆର୍ଥିକ କାରବାର ସମ୍ବନ୍ଧୀୟ କାର୍ଯ୍ୟ ସମାପ୍ତ ହେବ । ଆପଣ କୌଣସି ସ୍ଥାନରୁ ଆର୍ଥିକ ସାହାର୍ଯ୍ୟ ପାଇବେ । ସାଙ୍ଗମାନଙ୍କୁ ଭେଟିବେ । ଆପଣଙ୍କଠାରୁ ଋଣ ନେବାକୁ ଆସିବେ । ଆଜି ଘରେ କିଛି ବିଷୟରେ ମତଭେଦ ହେବାର ସମ୍ଭାବନା ଅଛି ।



**ମିଥୁନ:** ଆଜି ଆପଣ ମାନସିକ ସ୍ତରରେ ଶକ୍ତିଶାଳୀ ହେବେ । ସକରାତ୍ମକତା ଅଧିକ ହେବ । ଅର୍ଥନୈତିକ ପ୍ରଗତି ପାଇଁ ମଧ୍ୟ ଭଲ ସୁଯୋଗ ରହିବ । ଆର୍ଥିକ ପରିସ୍ଥିତି ବହୁତ ଶକ୍ତିଶାଳୀ ହେବ । ଆଜି ଆପଣ କିଛି ଅନାବଶ୍ୟକ ଖର୍ଚ୍ଚ କରିପାରନ୍ତି ।



**କର୍କଟ:** ଆଜି ଆପଣ ଦୀର୍ଘ ମାସ ପରେ ଜଣେ ପରିଚିତଙ୍କୁ ଭେଟିବେ । ଆପଣଙ୍କ କାର୍ଯ୍ୟାଳୟରେ ବିବାଦ ହୋଇପାରେ । ଆପଣ କୋଣସି ଅସୁବିଧା ପରିସ୍ଥିତିର ସାମ୍ନା କରିପାରନ୍ତି । ଗାଡି ଚଳାଇବା ସମୟରେ ସତର୍କ ରୁହନ୍ତୁ । ଆଘାତ ହେବାର ସମ୍ଭାବନା ଅଛି ।




**ସିଂହ:** ଆଜି ପାରିବାରିକ ଦାୟିତ୍ୱ ତୁଲାଇବାରେ ବ୍ୟସ୍ତ ରହିବେ । କିଛି ଘରୋଇ ଜିନିଷ ସଂଗ୍ରହ କରିପାରିବେ । ଆପଣଙ୍କ ସାଥୀଙ୍କ ସହିତ ସ୍ନେହ ରହିବ । ଅନ୍ୟ କାହାକୁ ତାଙ୍କର ଶ୍ରେୟ ନେବାକୁ ଦିଅନ୍ତୁ ନାହିଁ । କୈଣସି ବିବାଦର ଅଂଶ ହୁଅନ୍ତୁ ନାହିଁ । ଅର୍ଥ ଉପର୍ଜନ ହେବାର ସମ୍ଭାବନା ଅଛି । ପିଲାମାନଙ୍କଠାରୁ ଭଲ ଖବର ଆସିବ ।




**କନ୍ୟା:** ଯୁବକମାନଙ୍କ ସାମ୍ନାରେ ନୂଆ ସୁଯୋଗ ସୃଷ୍ଟି ହେବ । ବ୍ୟବସାୟ ଯାତ୍ରା ଭଲ ଫଳାଫଳ ଦେବ । ଯେକୈଣସି ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରନ୍ତି । ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସମାପ୍ତ ହେବ । ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଭେଟିବେ । ନୂତନ କାର୍ଯ୍ୟରେ ସଫଳତା ମିଳିବ ।



**ତୁଳା:** ଆଜି ଜଣେ ବନ୍ଧୁ କିମ୍ବା ସମ୍ପର୍କୀୟଙ୍କ କଥାକୁ ବିଶ୍ୱାସ କରନ୍ତୁ ନାହିଁ । ପାରିବାରିକ ଜୀବନରେ ମଧୁରତା ରହିବ । ଆପଣଙ୍କର ସ୍ୱାସ୍ଥ୍ୟ ଭଲ ରହିବ । ବ୍ୟବସାୟ ଦୃଢ଼ ରହିବ । ହଠାତ୍ ସମସ୍ୟା ହୋଇପାରେ, କିନ୍ତୁ ଭୟଭୀତ ହେବାର ଆବଶ୍ୟକତା ନାହିଁ । ଆଜି ଏହାର ଲାଭ ହେବାର ସମ୍ଭାବନା ଅଛି । ସ୍ୱାସ୍ଥ୍ୟ ଭଲ ରହିବ ।




**ବିଛା:** ଏହି ଦିନରେ ଆପଣ ଏକ ନୂତନ ଉତ୍ସାହ ଦେଖିବେ । ଆପଣ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଆଗକୁ ଆସିବେ । ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ । ଆପଣଙ୍କୁ ମିଳିଥିବା ନୂତନ ଦାୟିତ୍ୱକୁ ଯତ୍ନର ସହିତ ପୂରଣ କରନ୍ତୁ । ଛାତ୍ରଛାତ୍ରୀମାନେ ସଫଳତା ପାଇବେ । ଆପଣ ସମାଜରେ ପ୍ରଶଂସିତ ହେବେ ।




**ଧନୁ:** ଆଜି ଏପରି କିଛି କରିବେ ଯାହା ଆପଣଙ୍କୁ ଆଭ୍ୟନ୍ତରୀଣ ସୁଖ ଦେବ । ବ୍ୟବସାୟୀମାନେ ଆଜି ପ୍ରତିପକ୍ଷଙ୍କ ପ୍ରତି ସତର୍କ ରହିବାକୁ ପଡିବ । ପରିବାରରେ ମତ ପ୍ରାର୍ଥକ୍ୟ ହୋଇପାରେ । ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ । ଭ୍ରମଣ ସମୟରେ ସତର୍କତା ଅବଲମ୍ବନ କରନ୍ତୁ । ଛାତ୍ରଛାତ୍ରୀମାନଙ୍କ ଚିନ୍ତା ଦୂର ହେବ । ଯୁବକମାନେ କ୍ୟାରିୟର ସମ୍ବନ୍ଧୀୟ ସୂଚନା ପାଇବେ । ଜୀବନସାଥୀ ସହିତ ଏକ ଖୁସିର ମୁହୂର୍ତ୍ତ ଅତିବାହିତ ହେବ ।




**ମକର:** ଆଜି ଆପଣଙ୍କର ଦାୟିତ୍ୱ ପୂରଣ କରିବାରେ କୈଣସି ଅସୁବିଧା ହେବ ନାହିଁ । ଅଫିସରେ କାହା ସହିତ ବିବାଦ ହୋଇପାରେ । କିନ୍ତୁ ତୁମର ଦକ୍ଷତା ଉପରେ ବିଶ୍ୱାସ ରଖ । ଆଜି ଆପଣଙ୍କର ଭାଗ୍ୟ ସକରାତ୍ମକତାରେ ପରିପୂର୍ଣ୍ଣ ହେବ । ସମ୍ପର୍କୀୟମାନେ ସାହାର୍ଯ୍ୟ କରିପାରନ୍ତି । ଆଜି ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଭଲ ଦିନ । ବ୍ୟବସାୟୀମାନେ ସଫଳତା ପାଇବେ ।



**କୁମ୍ଭ:** ପୁରୁଣା ବନ୍ଧୁ କିମ୍ବା ସମ୍ପର୍କୀୟମାନେ ସାକ୍ଷାତ କରିପାରନ୍ତି । ଆଜି ସୁଖରେ ପରିପୂର୍ଣ୍ଣ ଦିନ ହେବ । ବୁଲିବାକୁ କୈଣସି ସ୍ଥାନକୁ ଯାଇପାରନ୍ତି । ପାରିବାରିକ ପରିବେଶ ଭଲ ହେବ । କୈଣସି ଧାର୍ମିକ ସ୍ଥାନକୁ ଯାଇପାରିନ୍ତି । ଆର୍ଥିକ ଲାଭ ହେବ । ନୂତନ ଦାୟିତ୍ୱ ପାଇବେ । ଆଜି ଆପଣ ସତର୍କ ରୁହନ୍ତୁ । ବିରୋଧୀମାନେ ସକ୍ରିୟ ରହିବେ ।



**ମୀନ:** ଆଜି ଆପଣ ମାନସିକ ସ୍ତରରେ ବହୁତ ଶାନ୍ତ ପାଇବେ । ଆଜି ଆପଣ ପ୍ରଭୁଙ୍କ ଉପାସନା କରନ୍ତୁ । ଏକ ଯୋଜନାରେ ବିନିଯୋଗ ପାଇଁ ପ୍ରସ୍ତାବ ମିଳିପାରିବ । ଆର୍ଥିକ ସମସ୍ୟା ଦୂର ହୋଇପାରିବ । ଆଇନଗତ ମାମଲା ଚାଲିବ । ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆସିବ । ଯେଉଁମାନେ ଏହି କ୍ଷେତ୍ରରେ କାମ କରନ୍ତି ସେମାନେ ସଫଳତା ପାଇବେ ।



ଶ୍ରୀପତି ଆଚାର୍ଯ୍ୟ

ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
# ରାଜ୍ୟ ଖବର



ଉମରକୋଟ(ଭାସ୍କର ନ୍ୟୁଜ୍): ବିଶ୍ୱ ରକ୍ତଦାନ ଦିବସ ଅବସରରେ ଉମରକୋଟ ଠାରେ ନୂତନ ଭାବେ ସ୍ଥାପନ ହୋଇଥିବା ବ୍ଲଡ ବ୍ୟାଙ୍କ ଠାରେ ମହା ଆଡ଼ମ୍ବରରେ ପାଳନ କରାଯାଇଛି । ପ୍ରଥମେ କେକ କଟା ଯାଇ ଦିବସକୁ ପାଳନ କରା ଯାଇଥିଲା । ବ୍ଲଡ ବ୍ୟାଙ୍କ ଅଧିକାରୀ ଡକ୍ଟର ସବ୍ୟସାଚୀ ଦାସ ଏହି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଜାନୁୟାରୀ ୨୫ ତାରିଖ ରେ ଉଦଘାଟନ ହୋଇଥିବା ଉମରକୋଟ ରକ୍ତ ଭଣ୍ଡାରରେ ଆଜି ପର୍ଯ୍ୟନ୍ତ ୧୧୦୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି ବୋଲି ସୂଚନା ପ୍ରଦାନ କରିଥିଲେ । ସେଥିମଧ୍ୟରୁ ପ୍ରାୟ ୯୧୦ ୟୁନିଟ ରକ୍ତ ଉମରକୋଟ ଠାରେ ରୋଗୀମାନଙ୍କୁ ଦିଆ ଯାଇଥିବାବେଳେ ୯୩ ୟୁନିଟ ରକ୍ତ ନବରଙ୍ଗପୁର ଜିଲ୍ଲା ଚିକିତ୍ସାଳୟକୁ ଦିଆଯାଇଛି ବୋଲି ଡକ୍ଟର ଦାସ ସୂଚନା ପ୍ରଦାନ କରିଥିଲେ ଓ ଏହାର ସମ୍ପୂର୍ଣ୍ଣ ସଫଳତା ରକ୍ତ ଭଣ୍ଡାରରେ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କୁ ଶ୍ରେୟ ପ୍ରଦାନ କରି ଥିଲେ । ଏଥି ସହ ଡକ୍ଟର ସବ୍ୟସାଚୀ ଦାଶ ଆଜିର ଦିବସରେ ସ୍ୱେଚ୍ଛାରେ ରକ୍ତଦାନ କରିବା ପାଇଁ ଉପସ୍ଥିତ ଜନତାଙ୍କୁ ଅନୁରୋଧ କରିଥିଲେ ଯାହାକି ପରେ ଡକ୍ଟର ଦାସ ଙ୍କ ଅନୁରୋଧ କ୍ରମେ ୧୦ ଜଣ ବ୍ୟକ୍ତି ରକ୍ତ ଦାନ କରିଥିଲେ ଯେଉଁଥିରେ କି ହସ୍ପିଟାଲରେ କାର୍ଯ୍ୟରତ ଡକ୍ଟର ଆୟୁସି ପ୍ରଥମ ଥର ପାଇଁ ରକ୍ତ ଦାନ କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡକ୍ଟର ସୁମନ୍ତ କୁମାର ରାଉଳ, ବ୍ଲଡ ବ୍ୟାଙ୍କର ସମସ୍ତ କର୍ମଚାରୀ, ହସ୍ପିଟାଲରେ କର୍ମରତ କର୍ମଚାରୀ,ଡ।ଏଲସିସ ୟୁନିଟ ର ସମସ୍ତ କର୍ମଚାରୀ,ବ୍ଲକ ଆକାଉଣ୍ଟ ମ୍ୟାନେଜର ବିଶ୍ୱଜିତ ସୁନା, ଲୋକେଶ କଳାର ପ୍ରମୁଖ ଉପସ୍ଥିତ ଥିଲେ ।



# ନିଟ୍ ୟୁଜି-ମେଡିକାଲ୍ ପରୀକ୍ଷାରେ କ୍ରୀଷ୍ଟା ବିକାଶର ସଫଳତା

## ପ୍ରତ୍ୟୁଷ ୫୮୨ ମାର୍କ ସହ ସଫଳତାର ଶୀର୍ଷରେ



ବରଗଡ଼(ଭାସ୍କର ନ୍ୟୁଜ୍): ସଦ୍ୟ ପ୍ରକାଶିତ ଏନ୍‌ଟିଏ ନିଟ୍ (ୟୁଜି-ମେଡିକାଲ୍) ୨୦୨୫ ପରୀକ୍ଷାରେ କ୍ରୀଷ୍ଟା ବିକାଶ, ବରଗଡ଼ର ମୋଟ୍ ୧୫୦ ଜଣ ଛାତ୍ରଛାତ୍ରୀ ସଫଳ ହୋଇ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି । ମୋଟ୍ ୨୩ଜଣ ଛାତ୍ର ୫୦୦ରୁ ଊର୍ଦ୍ଧ୍ୱ ମାର୍କ, ୪୩ଜଣ ଛାତ୍ରଛାତ୍ରୀଙ୍କ ଦେଶର ଓ ରାଜ୍ୟର ବିଭିନ୍ନ ସରକାରୀ ମେଡିକାଲ କଲେଜରେ ସିଟ୍ ପାଇବା ଆଶାୟୀ ବୋଲି କ୍ରୀଷ୍ଟା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ପ୍ରକାଶ କରିଛନ୍ତି । ବିକାଶ ଆବାସିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ର ପ୍ରତ୍ୟୁଷ କୁମାର ସାହୁ (ସରଣ୍ଡାପାଲି, ବରପାଲି, ବରଗଡ଼ ନିବାସୀ ସମୀର କୁମାର ସାହୁ ଓ ତପସ୍ୱିନୀ ସାହୁଙ୍କ ସୁପୁତ୍ର) ୫୮୨ ମାର୍କ ସହ ସର୍ବଭାରତୀୟ ଓବିସି ବର୍ଗରେ (୧୧୨୭ ର୍ୟାଙ୍କ), ବିକାଶ ସୁପର-୪୦ ବ୍ୟାଚ୍‌ର ରୀତିକା ଅଗ୍ରୱାଲ ୫୭୮ ମାର୍କ ସହିତ (୧୯୭୨ ର୍ୟାଙ୍କ) ଏବଂ କାନ୍ତିପୁଡି ରୁପାରିତା ୫୭୫ ମାର୍କ (୨୨୪୨ ର୍ୟାଙ୍କ) ସହ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି ବୋଲି ବିକାଶ ଆବାସିକ ବିଦ୍ୟାଳୟ ସିନିୟର୍ ସେକେଣ୍ଡାରୀ ଅଧକ୍ଷ ଶ୍ରୀ ଚିତରଞ୍ଜନ ପତି ପ୍ରକାଶ କରିଛନ୍ତି । ଅନ୍ୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପିୟୁଷ ସାହୁ ୫୭୩ ମାର୍କ, ପିୟୁଷ ମିଶ୍ର ୫୬୭ମାର୍କ, ରୋନକ୍ ସାହୁ ୫୬୫ ମାର୍କ, ମୁକେଶ ପୁରୋହିତ ୫୬୧ ମାର୍କ, ରାକେଶ ଚନ୍ଦ୍ର ପ୍ରଧାନ ୫୬୧ମାର୍କ, ଶୁଭମ ପଣ୍ଡା ୫୫୨ମାର୍କ, ହର୍ଷିତ ୫୪୬ ମାର୍କ, ଦିପଲ ୫୩୫ ମାର୍କ, ଅମରନାଥ ୫୩୪ ମାର୍କ, ନମିତା ୫୩୪ ମାର୍କ, ଅଣୁତୋଷ ୫୨୪ ମାର୍କ, ଆର୍ୟନ ୫୨୨ ମାର୍କ, ଅର୍ପଣା ୫୧୮ ମାର୍କ, ରଜତ ୫୧୮ ମାର୍କ, ନମ୍ରତା ୫୧୨ ମାର୍କ, ମଧୁସୂଦନ ୫୧୧ ମାର୍କ, ନିର୍ଭିୟା ୫୦୯ ମାର୍କ, ଯତିନ୍ଦ୍ର ୫୦୧ ମାର୍କ, ନବନୀତ ବିଶ୍ୱାଳ ୫୦୦ ମାର୍କ ସହ ସର୍ବଭାରତୀୟ ଏସ୍‌ଟି ବର୍ଗରେ ୨୭୨ ର୍ୟାଙ୍କ ରଖିଥିବାବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରଗଡ଼ର +୨ ଦ୍ୱିତୀୟ ବର୍ଷ ଛାତ୍ରୀ ଲିସା ପ୍ରଧାନ ୫୨୧ ମାର୍କ ରଖିଥିବାବେଳେ ୨୦୨୩-୨୪ ବ୍ୟାଚ୍‌ର ବିପ୍ରାଂଶୁ ୫୬୦ ମାର୍କ, ଆୟୁଷ୍ମନ୍ତ ୫୪୦ ମାର୍କ, ସୁଧିର ୫୩୯ ମାର୍କ, ରଶିକେଶ ୫୩୫ ମାର୍କ, ବରୁଣ ୪୪୩ ରଖି ଅନୁଷ୍ଠାନ ପାଇଁ ଗୌରବ ଆଣିଥିବାରୁ କ୍ରୀଷ୍ଟା ବିକାଶ ଗ୍ରୁପର ଚେୟାରମ୍ୟାନ୍ ଡି.ମୁରଲୀ କ୍ରୀଷ୍ଣା ଖୁସି ବ୍ୟକ୍ତ କରିବା ସହିତ ଶିକ୍ଷାବର୍ଷ ୨୦୨୪-୨୫ ର ସମସ୍ତ ପରୀକ୍ଷାର ଫଳାଫଳ ଉପରେ ବିଶେଷ ବିବରଣୀ ଦେଇ ପ୍ରକାଶ କରିଥିଲେ ଯେ, ଚଳିତ ବର୍ଷ ପ୍ରକାଶିତ ଆଇଆଇଟି-ଜେଇଇ(ମେନ୍) ସେସନ-୨ ପ୍ରବେଶିକା ପରୀକ୍ଷାରେ ୪ଜଣ ଛାତ୍ରଛାତ୍ରୀ ୯୯ପର୍ସେଣ୍ଟାଇଲ ରଖିଥିବାବେଳେ ୧୫ଜଣ ଛାତ୍ରଛାତ୍ରୀ ୯୮ ପର୍ସେଣ୍ଟାଇଲରୁ ଊର୍ଦ୍ଧ୍ୱରେ, ୧୪ ଜଣ ଛାତ୍ରଛାତ୍ରୀ ୯୭ ପର୍ସେଣ୍ଟାଇଲ ଊର୍ଦ୍ଧ୍ୱରେ, ୨୧ ଜଣ ଛାତ୍ରଛାତ୍ରୀ ୯୫ ପର୍ସେଣ୍ଟାଇଲରୁ ଊର୍ଦ୍ଧ୍ୱରେ ଏବଂ ୮୭ ଜଣ ଛାତ୍ରଛାତ୍ରୀ ଆଇଆଇଟି-ଜେଇଇ(ମେନ୍) ସେସନ୍-୨ରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଆଇଆଇଟି. ଜେଇଇ (ଆଡ଼୍‌ଭାନ୍ସଡ୍) ପ୍ରବେଶିକା ପରୀକ୍ଷାରେ ୪ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ହେମନିଲ ଭୁଏ ସର୍ବଭାରତୀୟ ୩୬୬ (ଏସ୍‌ଟି) ର୍ୟାଙ୍କରେ ଉତୀର୍ଣ୍ଣ ହୋଇଛନ୍ତି । ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ୯୦% ରୁ ଊର୍ଦ୍ଧ୍ୱ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବାବେଳେ +୨ ବିଜ୍ଞାନ ଓ ବାଣିଜ୍ୟରେ ୧୯ ଜଣ ୯୦% ଓ ୬୭ ଜଣ ୫୦୦ ରୁ ଊର୍ଦ୍ଧ୍ୱ ମାର୍କ ରଖିଥିବାର ପ୍ରକାଶ କରିଛନ୍ତି । ଚଳିତ ବର୍ଷର ଫଳାଫଳକୁ ନେଇ କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ଟ୍ରଷ୍ଟି ଦାଶରୀ ରାମ ତୁଳସୀ, ନିର୍ଦ୍ଦେଶକ ଡ.ସାରଦେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବରଗଡ଼ର ଅଧକ୍ଷ ନାରାୟଣ ରଥ, କ୍ରୀଷ୍ଟା ବିକାଶର ଏଚ୍‌.ଆର୍. ହେଡ୍ ଅଶ୍ୱିନୀ ନାୟକ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ସମସ୍ତ କୃତି ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ତାଙ୍କର ମଙ୍ଗଳମୟ ତଥା ଉଜ୍ୱଳ ଭବିଷ୍ୟତର କାମନା କରିଥିଲେ ।

## ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବେଲପାହାଡ଼( ଭାସ୍କର ନ୍ୟୁଜ୍ ): ଝାରସୁଗୁଡ଼ା ଜିଲା ହକି ସଂଘ ତରଫରୁ ସ୍ଥାନୀୟ ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲ ପରିସରରେ ଥିବା ଖେଳପଡିଆରେ ଗତ ୭ ଦିନ ଧରି ଚାଲିଥିବା ହକି ଖେଳାଳିମାନଙ୍କ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ସମାରୋହରେ ଜିଲା ହକି ସଂଘର ସଂପାଦକ ତଥା ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଓଡିଶା ହକି ସଂଘର ଉପସଭାପତି ଜୀବନ ମହାନ୍ତି, ବେଲପାହାଡ଼ ଇଂଲିଶ ମିଡିୟମ ସ୍କୁଲ ପରିଚାଳନା କମିଟିର ସଂପାଦକ କାନ୍ଦୁଚରଣ ପ୍ରଧାନ, ଉପସଭାପତି ମନୋଜ ପଟେଲ, ଜିଲା କ୍ରୀଡା ସଂଘର ଯୁଗ୍ମ ସଂପାଦକ କ୍ଲେମେନେଟ ରୋନାଲ୍ଡ, ଜ୍ୟୋତି ଲାଟ ଓ ବିଦ୍ୟାଳୟର ଅଧକ୍ଷ ସଂଜୟ କୁମାର ମିଶ୍ର ଉପସ୍ଥିତ ରହି ପ୍ରଶିକ୍ଷଣ ଶିବିରରେ ଥିବା ବାଳକ, ବାଳିକାଙ୍କୁ ଉଦବୋଧନ ଦେଇଥିଲେ । ଜିଲ୍ଲା ହକି ସଂଘ ପକ୍ଷରୁ ଶ୍ରେଷ୍ଠ ୧୨ ଜଣ ବାଳକ ଓ ବାଳିକାମାନଙ୍କୁ ଭାରତୀୟ ଷ୍ଟେଟବ୍ୟାଙ୍କ ଝାରସୁଗୁଡ଼ା ପକ୍ଷରୁ ଦିଆଯାଇଥିବା ହକି ଷ୍ଟିକ ପ୍ରଦାନ କରାଯାଇଥିଲା । ବିଜୟମ ବିଦ୍ୟାଳୟର ଶାରୀରକ ଶିକ୍ଷା ଶିକ୍ଷକ ହମିଦ୍ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଅଧକ୍ଷ ପ୍ରଫୁଲ କୁମାର ମହାପାତ୍ର, ଉପାଧକ୍ଷ ବିଜୟ କୁମାର ଗୌଡ଼, କବିତା ପଟେଲ, ପିଙ୍କି ଭଟ୍ଟାଚାର୍ଯ୍ୟ, ଅଶୋକ ଧିରସାମନ୍ତ, ଏଡ୍ରି ସାହିତ, ଧର୍ମେନ୍ଦ୍ର ବିଶ୍ୱକର୍ମା, ସୁନିତା ଶର୍ମା, ଅଞ୍ଜନା ବହିଦାର, ନିବେଦିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଶିକ୍ଷକ ଶଙ୍କୁଳ ନାୟକ ଓ ବେଲପାହାଡ ଇଂଲିଶ ମିଡିୟମ ସ୍କୁଲର ଖେଳ ଶିକ୍ଷୟିତ୍ରୀ ଶାନ୍ତି ନାଏକଙ୍କ ଦ୍ୱାରା ପ୍ରଶିକ୍ଷଣ ଶିବିର ପରିଚାଳନା ହୋଇଥିଲା । ଶେଷରେ ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ରଜ ଉତ୍ସବ ପାଳିତ

କନ୍ଧମାଳ(ଭାସ୍କର ନ୍ୟୁଜ୍): ଫୁଲବାଣୀ ସଦର ରେ ଥିବା ମୋହନ ଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ ପରିସରରେ ଏମ କେ ଏସ ପି, ସ୍ୱାତୀ ରେଡ଼ିଓ,ରୋଟାରୀ କ୍ଲବ୍, ଜିଲ୍ଲା ଲେଖକ ସାମ୍ମୁଖ୍ୟ,ବରିଷ୍ଠ ନାଗରିକ ସଂଘ ଓ ଇ-ପାଠାଗାରର ମିଳିତ ଆନୁକୂଲ୍ୟରେ ରଜ ଉତ୍ସବ ୨୦୨୫ ଉଦଘାଟିତ ହୋଇଯାଇଛି । ଦୁଇଦିନ ଧରି ପାଳିତ ହେବାକୁ ଥିବା ଉକ୍ତ ଉତ୍ସବକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ସନ୍ତୋଷ କୁମାର ପାଢ଼ୀ ଉଦଘାଟନ କରିଥିଲେ । ରଜଦୋଳି ଉଦଘାଟନ ପରେ ଯୋଡା ମୁଣ୍ଡରୁ ଅଲଗା ହୋଇ ସଫଳ ଜୀବନ ବିତାଉଥିବା ଜଗା ଓ ତା' ଭଉଣୀ ସୁଭଦ୍ରା ଦୋଳି ଖେଳ ଆରମ୍ଭ କରିଥିଲେ । ସେମାନଙ୍କ ପରେ ଶହ ଶହ ବାଳିକା ଓ ମହିଳା ଦୋଳି ଖେଳିଥିଲେ ।ରୋଟାରୀ ପ୍ରେସିଡେଣ୍ଟ ବିପ୍ରଚରଣ ପାତ୍ର , ଜିଲ୍ଲା ଲେଖକ ସାମୁଖ୍ୟ ର ସଭାପତି ରବୀନ୍ଦ୍ରନାଥ ମିଶ୍ର, ସ୍ୱାତୀର ପ୍ରତିଷ୍ଠାତା ଇଂ ହରି ଶଙ୍କର ରାଉତ,ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ରଜ ପର୍ବ ପାଳନର ବିଶେଷତ୍ୱ ଉପରେ ମତ ରଖିଥିଲେ । ରଜଉତ୍ସବ ପାଳନ ଅବସରରେ ବାଳିକା ଓ ମହିଳାମାନେ ରଜ ଦୋଳି ଖେଳିବା ସହ ଝୋଟି,ପୁଚିଖେଳ, ସଙ୍ଗୀତ ଚୌକି, ପ୍ରତିଯୋଗିତାରେ ଭାଗ ନେଇଥିଲେ । ସେହିପରି ମହିଳା ମାନଙ୍କ ମଧ୍ୟରେ ହୁଳହୁଳି, ଶଙ୍ଖ, ପ୍ରଭୃତି ସ୍ୱତନ୍ତ୍ର ପ୍ରତିଯୋଗିତା ହୋଇଥିଲା । ଲେଖକ ଲେଖିକା ମାନଙ୍କ ମଧ୍ୟରେ ରଜଗୀତ ଉପରେ ସ୍ୱଲିଖିତ କବିତା ପ୍ରତିଯୋଗିତା ହୋଇଥିଲା । ଏଥିରେ ଜିଲ୍ଲା ଲେଖକ ସାମୁଖ୍ୟ ସଭାପତି ରବିନ୍ଦ୍ରନାଥ ମିଶ୍ର, ଡଃ ଚିତ୍ତରଞ୍ଜନ ମିଶ୍ର, ବିଦେଶୀ ନାୟକ ଯୋଗଦେଇଥିବା ବେଳେ ବନ ନନ୍ଦ, ହରପ୍ରିୟା ମିଶ୍ର, ପ୍ରସନ୍ନ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ । ସନ୍ଧ୍ୟା ସମୟରେ ଫୁଲବାଣୀରେ ପ୍ରଥମ ଥର ପାଇଁ କିନ୍ନର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସ୍ୱାତୀ ଅନୁଷ୍ଠାନ ଦ୍ୱାରା ମାଣ୍ଡିଆ ରେ ପ୍ରସ୍ତୁତ ସୁପ୍, ପକୋଡ଼ି, ଚପ୍ ପ୍ରଭୃତି ପ୍ରସ୍ତୁତ କରି ବିତରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ ଫୁଲବାଣୀ ର ସଭାପତି ବିଜୟ କୃଷ୍ଣ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମୋହନଦାସ କରମଚାନ୍ଦ ଶିକ୍ଷା ନିକେତନର ଶିକ୍ଷୟିତ୍ରୀ,ଏମ କେ ଏସ ପି ର ସଭ୍ୟ/ସଭ୍ୟା, ଫୁଲବାଣୀ ବରିଷ୍ଠ ନାଗରିକ ସଂଘ ର ସଦସ୍ୟ/ସଦସ୍ୟା ସ୍ୱାତୀର ବିଶ୍ୱ କଲ୍ୟାଣ କର , ଏବଂ ଇ-ଲାଇବ୍ରେରୀର ଶିବସୁନ୍ଦର ସାହୁ, ପ୍ରଭାତ ଦାସ୍, ଏମ୍ କେ ଏସ୍ ପି ର ସଂପାଦକ ଶରତ ସାହୁ, ବିପିନ୍ ପଟ୍ଟନାୟକ, ସଚ୍ଚିଦାନନ୍ଦ ମହାପାତ୍ର, ଜୟଦେବ ନାୟକ, ମୋଟିରାମ୍ ମିଶ୍ର, ସତ୍ୟ ପାତ୍ର,ଅଶୋକ ମିଶ୍ର, ସନାତନ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ ।



# ଗଛ ଲଗାଇବା ନାମରେ କାମ୍ପା ଟଙ୍କା ହରିଲୁଟ୍ ଅଭିଯୋଗ

କନ୍ଧମାଳ(ଭାସ୍କର ନ୍ୟୁଜ୍): ବନବିଭାଗ ଓ ତହସିଲଦାରଙ୍କ ଜାଣତରେ ଜିଲ୍ଲାର ଗଛ କାଟ ହେଉଥିବା ଅଭିଯୋଗ । ତେଣୁ ଧୀରେ ଧୀରେ ଜଙ୍ଗଲ ଶୂନ୍ୟ ହେବାକୁ ଲାଗିଛି। ଯାହାଦ୍ୱାରା ଦିନକୁ ଦିନ ଉତ୍ତାପ ବୃଦ୍ଧି ପାଉଛି। ପୂର୍ବପରି କନ୍ଧମାଳ ଜିଲ୍ଲାରେ ଯେଉଁ ଗରମ ଦିନରେ ଥଣ୍ଡା ହେଉଥିଲା ତାହା ଏବେ ସ୍ୱପ୍ନରେ ରହିଯାଇଛି। ତତସହିତ ପ୍ରତିବର୍ଷ ଗଛ ଲଗାଇବା ଓ ରକ୍ଷଣାବେକ୍ଷଣ କରିବା ବାବଦରେ ସରକାରଙ୍କ କାମ୍ପା ପ୍ରୋଜେକ୍ଟରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାର ଦେଖାଯାଉଛି। କିନ୍ତୁ ଦେଖିବାକୁ ଗଲେ ଗଛ ଲଗାଇବା ନାମରେ କାମ୍ପା ଟଙ୍କା ହରିଲୁଟ ହେଉଥିବାର ଦେଖାଯାଉଛି। ଏହାବ୍ୟତୀତ ମଧ୍ୟ ବନ ଅଧିକାରୀଙ୍କ ସହଯୋଗରେ ସହରର ଜଙ୍ଗଲ ଜମି ଜବରଦଖଲ ଓ ମୂଲ୍ୟବାନ ଗଛ କଟା ନେଇ ଅଭିଯୋଗ ବାରମ୍ବାର ହେଉଛି। ସହରର ବିଭିନ୍ନ ସ୍ଥାନରେ ଜଙ୍ଗଲ ଜମି ଜବରଦଖଲ ହେଉଥିବା ବେଳେ ନିର୍ମାଣ ବେଳେ ଜଙ୍ଗଲ ବିଭାଗ କର୍ମଚାରୀ ପହଞ୍ଚିବା ଏହି କାମକୁ ବନ୍ଦ କରାଇବା ଓ ପରେ ସେହି ଜବରଦଖଲକାରୀ ବିଭାଗରୁ ଅନୁମତି ଆଣିବା ଭଳି ଦିନ ଦ୍ୱିପ୍ରହରରେ କାମ କରି ଚାଲିବା, ଗଛ କାଟି ଜଙ୍ଗଲ ପାହାଡ଼ ସଫା କରି ଘର କରୁଥିଲେ ମଧ୍ୟ ଜଙ୍ଗଲ ବିଭାଗ ଓ ତହସିଲଦାରଙ୍କ ନୀରବତା କି ସୂଚନା ପ୍ରଦାନ କରୁଛି ? ଗତ କିଛି ଦିନ ହେବ ନାରାୟଣୀ ମନ୍ଦିର ନିକଟ ପାହାଡରେ ଜଣେ ସରକାରୀ ଶିକ୍ଷକ ମନ୍ଦିର କମିଟି ଓ ବନ ବିଭାଗ ସହଯୋଗରେ ଲଗାଯାଇଥିବା ପ୍ରାୟ ୬୦ରୁ ଅଧିକ ଚନ୍ଦନ ଗଛକୁ କାଟି ସେହି ଜଙ୍ଗଲ ଜମିକୁ ଜବର ଦଖଲ କରି ଏହି ଜଙ୍ଗଲର କିଛି ଅଂଶକୁ ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି କରି ଚାଲିବା ଓ ନିଜେ ଜବର ଦଖଲ କରି ଘର କରି ରହିବା ଓ ଭଡା ଦେବା ଦେଖିବାକୁ ମିଳିଛି । କାରମେଲ ସ୍କୁଲ ନିକଟ ମୁଖ୍ୟ ରାସ୍ତା ଉପରେ ଦିନକୁ ଦିନ ମନଇଚ୍ଛା ଅବାଧରେ ଘର ତିଆରି ଚାଲିଛି ହେଲେବି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଜବର ଦଖଲ ଆରମ୍ଭବେଳେ ଅଞ୍ଚଳବାସୀ ବନାଞ୍ଚଳ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ଓ ବିଭିନ୍ନ ଗଣମାଧ୍ୟମରେ ଏନେଇ ଖବର ପ୍ରସାରଣ ପରେ ମଧ୍ୟ ବନାଞ୍ଚଳ ଅଧିକାରୀ ଡିଏଫଓ, ତହସିଲଦାରଙ୍କ ସହ ଆଲୋଚନା କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ବାରମ୍ବାର ପ୍ରତିଶ୍ରୁତି ଦେଇ ଚଞ୍ଚକତା ପୂର୍ବକ କାଳକ୍ଷେପଣ ନୀତି ଅବଲମ୍ବନ କରି ଚାଲିଲେ । ଏହି ଜବରଦଖଲକାରୀଙ୍କୁ ଜବର ଦଖଲ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ଏନେଇ ଉକ୍ତ ଜବରଦଖଲ କାରୀ ଶିକ୍ଷକ ଓ ବନାଞ୍ଚଳ ଅଧିକାରୀଙ୍କ ମଧୁଚନ୍ଦ୍ରିକା ନେଇ ଆଲୋଚନା ଜୋର ଧରିଛି । ସହରରେ ଜଙ୍ଗଲ ଜମି ଜବରଦଖଲ ଓ ଅବାଧରେ ଜଙ୍ଗଲ କଟା ଓ କାର୍ଯ୍ୟାନୁଷ୍ଠାନ ଶୂନ ନେଇ ବନାଞ୍ଚଳ ଅଧିକାରୀଙ୍କ ଦକ୍ଷତା ଓ ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାକୁ ରୋକ ଲଗେଇବା ପାଇଁ ବନ ବିଭାଗର ଅନ୍ୟ ଅଧିନସ୍ଥ କର୍ମଚାରୀ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟଶୈଳୀ ପ୍ରତି ଅସନ୍ତୋଷ ପ୍ରକାଶ କରି ନିଜ ନାମକୁ ଗୋପନ ରଖି ବନାଞ୍ଚଳ ଅଧିକାରୀ ଏଥିପ୍ରତି ବାଧକ ସାଜିଥିବା ସୂଚନା ଦେଉଛନ୍ତି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବୀ କରୁଛନ୍ତି ।

## ବନ ବିଭାଗ ଓ ତହସିଲଦାର ନୀରବ

## ରକ୍ତଦାନ ଶିବିର ଉଦ୍‌ଘାଟିତ

କୋରାପୁଟ(ଭାସ୍କର ନ୍ୟୁଜ୍): ବିଶ୍ୱ ରକ୍ତଦାତା ଦିବସ ଅବସରରେ ବିକାଶ ମେଳା ନିକଟରେ ଅବକାରୀ ବିଭାଗ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରକୁ ଜଙ୍ଗଲ, ପରିବେଶ ଓ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଢୀ ପ୍ରମୁଖ ଯୋଗ ଦେଇଥିଲେ । ରକ୍ତଦାନ ଶିବିରରୁ ମୋଟ ୧୧୫ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଶିବିରରେ ଅବକାରୀ ବିଭାଗ, ବିଏସଏଫ, ସ୍ୱାସ୍ଥ୍ୟ ବିଭାଗ ସମେତ ସମସ୍ତ ବିଭାଗର କର୍ମଚାରୀ ରକ୍ତଦାନ କରିଥିଲେ ।

## ଜିଲ୍ଲାସ୍ତରୀୟ ବିକାଶ ମେଳାରେ ଆର୍‌ସେଟି ମଡେଲ




ବେଲପାହାଡ଼( ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଜିଲା ସ୍ତରୀୟ ବିକାଶ ମେଳାରେ ଗ୍ରାମୀଣ ଯୁବକ ଯୁବତୀ ମାନଙ୍କ ଆତ୍ମନିଯୁକ୍ତି କ୍ଷେତ୍ରରେ ଆରସେଟିର ଭୂମିକାକୁ ଲୋକେ ପ୍ରଶଂସା କରିଛନ୍ତି। ବିକାଶ ମେଳାରେ ଆରସିଟି ପ୍ରଶିକ୍ଷିତ ଯୁବକ ଯୁବତୀମାନେ ସେମାନଙ୍କ ସଫଳତାରେ ଆରସିଟିର ଭୂମିକା ସମ୍ପର୍କରେ ଲୋକଙ୍କୁ ଅଭିହିତ କରିଥିଲେ। ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ସିଡିଓ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସୂର୍ଯ୍ୟାଂସୁ ରାଉତ, ଆରବିଓ ଚିଫ୍ ମ୍ୟାନେଜର ଅରୁଣ କୁମାର ହୋତା, ଡିଡିଏମ୍ ଓଏଲ୍ଏମ ପୁଷ୍ପଶ୍ରୀ ନାୟକ, ଓର୍ମାସ କାର୍ଯ୍ୟ ନିର୍ବାହୀ ଅଧିକାରୀ ଯୁବରାଜ ନାୟକ ପ୍ରମୁଖ ଯୋଗଦେଇଥିଲେ। ଆରସେଟି ପ୍ରଶିକ୍ଷିତ ନମିତା ଖମାରୀ, ପୂଜା ସାହୁ, ବଲଭି କିସାନ, ରୂପା କିସାନ, ନିରୁପମା ମିଶ୍ର ଓ ରେବତୀ ବରିହା ପ୍ରମୁଖ ନିଜ ନିଜ ସଫଳତା ବଖାଣିଥିଲେ।

## ରଜ ଦୋଳିରେ ଲାଗି ମଇଁଷିର ମୃତ୍ୟୁ



ବନ୍ଧୁଗାଁ (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କମ୍ବୁଗଣ୍ଡା ପଞ୍ଚାୟତ ବଡମାଥୁର ଗାଁରେ ରଜ ଦୋଳି ରେ ଲାଗି ମଇଁଷିର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଗତ କାଲି ବଡମାଥୁର ଗାଁ ର ଯୁବକ ଯୁବତୀମାନେ ଓଡ଼ିଶାର ଗଣ ପର୍ବ ରଜ ପର୍ବକୁ ଆନନ୍ଦ ଉଲ୍ଲାସ ସହ ପାଳନ କରୁଥିଲେ । ଏଥିପାଇଁ ଗାଁ ନିକଟରେ ଥିବା ଏକ ବଟ ଗଛ ମୂଳରେ ଥିବା ଅହଳ ରେ ଅତି ସୁନ୍ଦର ଭାବରେ ସାଜସଜ୍ଜା କରି ଦୋଳି ରେ ଆମ୍ବ ପତ୍ର ଦେଇ ଦୋଳି ତିଆରି କରି ରଜଦୋଳିରେ ଝୁଲି ରଜ ପର୍ବର ମଜା ନେଉଥିଲେ । ସନ୍ଧ୍ୟା ହେବାରୁ ପିଲାମାନେ ନିଜ ଘରକୁ ଚାଲି ଯିବା ପରେ ଗୋଟିଏ ମଇଁଷି ରଜଦୋଳି ଦୋଳି ରେ ଲାଗି ଥିବା ଆମ୍ବ ପତ୍ର ଖାଇବାକୁ ଯାଇ ଦୋଳିଟି ମଇଁଷିର ବେକରେ ଗୁଡ଼େଇ ହୋଇଯାଇଥିଲା । ଫଳରେ ମଇଁଷି ଟି ରଜ ଦଳି ଦୋଳିରେ ଗୁଡ଼େଇ ହୋଇ ମୃତ୍ୟୁ ହୋଇଯାଇ ଥିଲା । ସକାଳେ ପିଲାମାନେ ରଜ ଦଳି ଝୁଲିବା ପାଇଁ ଯାଇଥିବା ବେଳେ ମଇଁଷି ବେକରେ ଗୁଡ଼େଇ ହୋଇ ଝୁଲୁଥିବା ଦେଖି ଗାଁ ଲୋକଙ୍କୁ ଅବଗତ କରିଥିଲେ । ସୂଚନା ଅନୁଯାଇ ମୃତ ମଇଁଷିଟି କାନାଗାଁ ପଞ୍ଚାୟତ ସାନମାଥୁର ଗାଁର ଜିତୁ ପିଡ଼ିକାଙ୍କ ମଇଁଷି ବୋଲି ଜାଣିବାକୁ ମିଳିଛି । ଏହି ମୃତ ମଇଁଷିର ଆନୁମାନିକ ମୂଲ୍ୟ ୩୫ ହଜାର ଟଙ୍କା ହୋଇଥିବା ବେଳେ ଗରିବ ପରିବାରଙ୍କୁ ସରକାର ସାହାଯ୍ୟ କରିବା ପାଇଁ ପରିବାର ଅନୁରୋଧ କରିଛନ୍ତି ।

## ଘାଟିରୁ ୨୦ ଫୁଟ ତଳକୁ ଖସିଲା ଟ୍ରକ୍ ଚାଳକ ଗୁରୁତର

ରାୟଗଡା(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁରୁ ଘାଟିରୁ ୨୦ ଫୁଟ ତଳକୁ ଭାରସାମ୍ୟ ହରାଇ ଏକ ଟ୍ରକ୍ ଖସିପଡ଼ିଛି । ଏହି ଦୁର୍ଘଟଣାରେ ଟ୍ରକ ଚାଳକ ଗୁରୁତର ଥିବା ନେଇ ସୂଚନା । ଘଟଣା ସ୍ଥଳରେ କୋଲନରା ବ୍ଲକ ଅଗ୍ନିଶମ ବିଭାଗ ପହଁଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହିତ ଗୁରୁତର ଡ୍ରାଇଭରଙ୍କୁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିବା ଜଣାଯାଇଛି । ଟ୍ରକଟି ବ୍ରହ୍ମପୁରରୁ ରାୟଗଡା ଅଭିମୁଖେ ଫେରିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ନେଇ ସୂଚନା । ଗାଡିଟି ସ୍ଥାନୀୟ ରାୟଗଡା ଜିଲ୍ଲାର ।



## ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁରେ କଂଗ୍ରେସର ଶୋକସଭା

ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ବ୍ଲକ ଅନ୍ତର୍ଗତ ବେହେଡା ଗ୍ରାମ ପଞ୍ଚାୟତର ୨ ଥର ନିର୍ବାଚିତ ହୋଇଥିବା କଂଗ୍ରେସ ଦଳର ପୂର୍ବତନ ସରପଞ୍ଚ ଯୁଗସାଇ ଭତ୍ରା ମୃତ୍ୟୁବରଣ କରିଛନ୍ତି । ମୃତ୍ୟୁ ବେଳକୁ ୫୬ ବର୍ଷ ବୟସ ହେଇଥିଲା । ଏହି ଖବର ପହଞ୍ଚିବା ପରେ ଉମରକୋଟ ବ୍ଲକ ଓ ନଗର କଂଗ୍ରେସ କମିଟି ପକ୍ଷରୁ ଏକ ଶୋକସଭା ଦଳୀୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା ।ଏହି ଶୋକସଭାରେ ଜିଲ୍ଲା କୃଷକ ସେଲ ସଭାପତି ସନରାଜ ଗଣ୍ଡ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ କପୁର ନାୟକ, ପିସିସି ସଭ୍ୟ ଶଙ୍କର ଦେ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଉଲଧର ମାଝି, ବ୍ଲକ କଂଗ୍ରେସ ସଭାପତି କୃଷ୍ଣ ମାଝୀ,ସାଧାରଣ ସମ୍ପାଦକ ବାବୁଲା ପଟନାୟକ, ଟାଉନ ସଭାପତି ଟୁଲୁ ସାହୁ, ସମ୍ପାଦକ ପର୍ଶୁ ନାୟକ, ଉପସଭାପତି ଏସ.ବିଜୟ , ଅମୂଲ୍ୟ ପଟନାୟକ, ସୁରେନ୍ଦ୍ର ନାୟକ, ଯୁବ କଂଗ୍ରେସ ସଭାପତି ବେହେଡା ଗ୍ରାମର ଅଜୟ ଚୌହାନ, କୁନା ନାୟକ, ଜଗନ୍ନାଥ ହରିଜନ, ପିଙ୍କୁ ପଟ୍ଟନାୟକ, ଉସମାନ ଲାଠିଆ, ଇଶା ଲାଠିଆ ଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ । ସ୍ୱର୍ଗତ ଯୁଗସାଇ ଜଣେ କଂଗ୍ରେସ ଦଳର ଟାଣୁଆ ନେତା ଥିବା ସହ ବ୍ଲକ ଓ ଜିଲ୍ଲାର ବିଭିନ୍ନ ପଦପଦବୀରେ ରହି ସୁଚାରୁ ରୂପେ ଦାୟିତ୍ୱ ତୁଲାଇଥିଲେ । ତାଙ୍କ ବିୟୋଗରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ଜିଲ୍ଲା ଅବକାରୀ ବିଭାଗର ଜନସଚେତନତା କାର୍ଯ୍ୟକ୍ରମ



ବରଗଡ଼(ଭାସ୍କର ନ୍ୟୁଜ୍): ବରଗଡ଼ ଜିଲ୍ଲା ଅବକାରୀ ବିଭାଗର ମାସିକ ଜନ ସଚେତନତା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ରାଜ୍ୟ ରାଜପଥରେ ଗାଡ଼ି ଚଳାଇବା ସମୟରେ ମଦ୍ୟପାନ କରି ଚଳାଇବାର କୁପ୍ରଭାବ ପାଇଁ ସଚେତନତାରେ ବରଗଡ଼ ଅବକାରୀ ଅଧିକ୍ଷକ ସୁବର୍ଣ୍ଣ ନାୟକ, ଆର୍‌ଟିଓ ଏସ୍ ମାଝୀ, ସ୍ଥାନୀୟ ପୋଲିସ ଅଧିକାରୀଙ୍କ ମିଳିତ ସଚେତନତାରେ ତମାଖୁ ସେବନ ନିଷେଧ, ନିଶା କାରବାର ନିଷେଧ ପାଇଁ ସଚେତନ କରାଯାଇଛି । ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତଥା ଅବକାରୀ ଅଧକ୍ଷ ଜନସାଧାରଣ ଏ ଦିଗରେ ଅଧିକ ସଚେତନ ହେଲେ ଏହି ମାସିକ ମାଦକ ଦ୍ରବ୍ୟ ସଚେତନତା କାର୍ଯ୍ୟକ୍ରମ ସଫଳ ହେବ ବୋଲି କହିଛନ୍ତି ।

## ବ୍ୟାସକବି ଫକୀରମୋହନ ସେନାପତିଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ


ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦରମହକୁମାସ୍ଥ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୦୮ ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଆଲୋଚନା ସଭାରେ ସଂଘର ସଭାପତି ବାଲା ରାଜୁ ପାଢ଼ି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଉତ୍କଳ ସମ୍ମିଳନୀର ଜିଲ୍ଲା ଶାଖା ସଭାପତି ଅଧାପକ ଡ. ରଞ୍ଜନ କୁମାର ସ୍ୱାଇଁ, ମୁଖ୍ୟବକ୍ତା କଳିଙ୍ଗ ସାହିତ୍ୟ ପରିଷଦର କାର୍ଯ୍ୟକାରୀ ସଂପାଦକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ମଞ୍ଚାସୀନ ଥିଲେ । ସମସ୍ତ ବକ୍ତା ବ୍ୟାସକବିଙ୍କ ବାଲ୍ୟ ଜୀବନ, ସମାଜ ସଂସ୍କାର, ଆଧୁନିକ ଓଡ଼ିଆ ସାହିତ୍ୟ ଜଗତକୁ ଅବଦାନ ଓଡିଶା ପ୍ରଦେଶ ଗଠନରେ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ଉକ୍ତ ସଭାରେ ଶିବ ପ୍ରସାଦ ପାତ୍ର, ବାବାଜୀ ଚରଣ ସ୍ୱାଇଁ, ବାଳକୃଷ୍ଣ ପାଢ଼ି, ଏସ୍. ଏରା ସ୍ୱାମୀ, ଲଡୁକିଶୋର ପଣ୍ଡା, ନବ କିଶୋର ସାହୁ, ଜଗନ୍ନାଥ ତିଆରି, କୃଷ୍ଣଚନ୍ଦ୍ର ପାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଅପମିଶ୍ରିତ ମାଦକ ଦ୍ରବ୍ୟ ବିରୋଧରେ ସଚେତନତା ରଥ ଶୁଭାରମ୍ଭ

ଗୁଣପୁର(ଭାସ୍କର ନ୍ୟୁଜ୍): ଗୁଣପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା । ଗୁଣପୁର ଉପଜିଲ୍ଲାପାଳ କିରନ ଦୀପ କୌର ସହୋତା ମୁଖ୍ୟ ଅତିଥି ଭାବେ ଓ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ । ଅବକାରୀ ନିରୀକ୍ଷକ ପ୍ରୀତିଧାରା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଣପୁର ଆଦର୍ଶ ଥାନା ଅଧିକାରୀ କେକେବିକେ କହଁର, ଗୁଣପୁର ପୌର ପରିଷଦ ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ସିଓ ସଙ୍ଗୀତା ପଟ୍ଟନାୟକ, ଉପଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ରାଧାସେଠୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି, ପୌର କାର୍ଯ୍ୟାଳୟ କର୍ମଚାରୀ, ପୋଲିସ କର୍ମଚାରୀ, ଅବକାରୀ ବିଭାଗ କର୍ମଚାରୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ପ୍ରଚାର ରଥ ଗୁଣପୁର ଅବକାରୀ ରେଞ୍ଜ ମଧ୍ୟରେ ଥିବାସମସ୍ତ ଗ୍ରାମ, ପଡାକୁ ବୁଲି ଲୋକଙ୍କୁ ସଚେତନ କରିବ ବୋଲି ଅବକାରୀ ନିରୀକ୍ଷକ ସୂଚନା ଦେଇଥିଲେ । ମାଦକ ଦ୍ରବ୍ୟ ସେବନ କରିବା ଦ୍ୱାରା ପାରିବାରିକ ଅଶାନ୍ତି, ଆର୍ଥିକ ଅନଟନ, ମାନସିକ ଅବସାଦ ଭଳି ବିଭିନ୍ନ ପ୍ରକାରର ଅସୁବିଧାରେ ପଡ଼ିବା ସହ ନିଜେ ନିଜକୁ ମାରିବା ରାସ୍ତା ଆପଣେଇ ନେବେ ବୋଲି ମଧ୍ୟ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅବକାରୀ ସହକାରୀ ନିରୀକ୍ଷକ ଦିବାକର ମହାପାତ୍ର ଓ ଅବକାରୀ କାର୍ଯ୍ୟାଳୟର କର୍ମଚାରୀ ପରିଚାଳନା କରିଥିଲେ ।

# ପ୍ରାକୃତିକ କୃଷି ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ

ଉମରକୋଟ(ଭାସ୍କର ନ୍ୟୁଜ୍): ଜାତୀୟ ପ୍ରାକୃତିକ କୃଷି ମିଶନ ପକ୍ଷରୁ ୫ ଦିନିଆ ପ୍ରାକୃତିକ କୃଷି ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ । ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ୧୦.୬. ୨୦୨୫ ରୁ ୧୪.୬.୨୦୨୫ ପର୍ଯ୍ୟନ୍ତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୃଷି ବିଭାଗ , ଉଦ୍ୟାନ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଆନୁକୁଲ୍ୟରେ ପରିଚାଳିତ ହୋଇଥିଲା । ଓ ଏହି କାଯ୍ୟକ୍ରମ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ ଶଶାଙ୍କ ଲେଙ୍କା ଙ୍କ ଦ୍ୱାରା ସମ୍ପାଦନା ହୋଇଥିଲା । ଜିଲ୍ଲାର ୬ ବ୍ଲକର ୨୩ କ୍ଲଷ୍ଟର ରୁ ଆସିଥିବା ମୋଟ ୪୬ ଜଣ ସିଆରପି ଓ କୃଷି ସଖୀ ଚାଷୀ ଭଉଣୀମାନେ ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଓ ପ୍ରାକୃତିକ କୃଷି ହେଉଛି ଏକ ରାସାୟନିକ ମୁକ୍ତ ପାରମ୍ପରିକ କୃଷି ପଦ୍ଧତି ଯାହାକି କୃଷି ପରିବେଶ ସମ୍ବନ୍ଧୀୟ ବିବିଧିକରଣ କୃଷି ପଦ୍ଧତି ଉପରେ ଗୁରୁତ୍ୱ ଦେଇ ଫସଲ ମୃର୍ତ୍ତିକା ଓ ଜୀବପାଳନ ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ ।କୃଷି କ୍ଷେତ୍ରରେ ରାସାୟନିକ ପଦାର୍ଥ ଯଥା ସାର କିମ୍ବା କୀଟନାଶକର ବ୍ୟବହାର କରାଯାଏ ନାହିଁ,ମାଟିରେ ଥିବା ଜୈବିକ ପଦାର୍ଥର ବିଘଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଣୁଜୀବ ସଂଖ୍ୟା ବୃଦ୍ଧି କରାଯାଏ, ଆଚ୍ଛାଦନ ମାଧ୍ୟମରେ ମାଟିରେ ଜଳୀୟ ଅଂଶ ସଂରକ୍ଷଣ କରିବା ସହ ଗଛ ବୃଦ୍ଧିରେ ସହାୟକ ହୋଉଥିବା ମୃର୍ତ୍ତିକା ପରିବେଶ ସୃଷ୍ଟି କରିବା ଏବଂ ଫସଲ ବିବିଧୀକରଣ ଯଥା ଅନ୍ତଃଫସଲ, ମିଶ୍ରିତ ଫସଲ ଆଦି ଉପରେ ଗୁରୁତ୍ୱ ଦିଆଯାଏ । ଅଂଶ ଗ୍ରହଣ କରିଥିବା ଚାଷୀ ଭାଇ ଓ ଭଉଣୀ ମାନେ ପ୍ରାକୃତିକ କୃଷିର ଉପକାରିତା, ପ୍ରସ୍ତୁତି ପ୍ରଣାଳୀ ଆଦି ବିଷୟରେ ଜାଣିବା ସହ, ନିଜ ହାତରେ କିପରି ପ୍ରାକୃତିକ ଚାଷର ବିଭିନ୍ନ ସ୍ତମ୍ଭ ଯଥା- ଜୀବାମୃତ,ଘନଜିବାମୃତ(ମୃର୍ତ୍ତିକାର ଉର୍ବରତା),ବୀଜାମୃତ(ବୀଜ ବିଶୋଧନ) ହାଣ୍ଡିଖତ, ଗୋକୃପାଅମୃତମ୍ (ଉର୍ବରତା ବଢ଼ାଇବା, କୀଟପତଙ୍ଗ ଓ ରୋଗରୁ ଫସଲକୁ ସୁରକ୍ଷିତ କରିବାରେ ଉପକାରୀ)ଓ ନିମାସ୍ତ୍ର , ବ୍ରହ୍ମାସ୍ତ୍ର, ଅଗ୍ନିଅସ୍ତ୍ର, (ରୋଗ ପୋକ ଦାଉରୁ ରକ୍ଷା ପାଇଁ) ମଧ୍ୟ ପ୍ରସ୍ତୁତ କରିଥିଲେ ଓ ପ୍ରାକୃତିକ କୃଷି ବ୍ୟବହାର ଦ୍ୱାରା ମୃତ୍ତିକା ଅଧିକ ଉର୍ବର ହେବା ସହ ସୁରକ୍ଷିତ ଓ ରସାୟନିକ ପଦାର୍ଥ ମୁକ୍ତ ଖାଦ୍ୟ ମିଳି ପାରିବ। ପ୍ରାକୃତିକ କୃଷି ବ୍ୟବହାର ଦ୍ୱାରା ଚାଷୀ ସ୍ୱାବଲମ୍ବୀ ହୋଇପାରିବେ । ତା ସହ ପରିବେଶ ସୁରକ୍ଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଶଶାଙ୍କ ଲେଙ୍କା ବକ୍ତବ୍ୟ ଦେଇଥିଲେ । ଏଥିରେ ସହକାରୀ ନିର୍ଦ୍ଦେଶକ ଉଦ୍ୟାନ କୃଷି ଶୁଭେନ୍ଦୁ ବିଶ୍ୱାସ, କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜିତ ସାହୁ , ସହକାରୀ ଉଦ୍ୟାନ କୃଷି ଅଧିକାରୀ କୃଷ୍ଣ ଚନ୍ଦ୍ର ମହାନ୍ତି, ସ୍କିମ ଅଫିସର ରାମଚନ୍ଦ୍ର ମୁଦୁଲି, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ ପରିତୋଷ ମୁର୍ମୁ, ରୁଦ୍ର ପ୍ରସନ୍ନ ମହାଲିକ, ସ୍ୱାଗତିକା ମଲ୍ଲିକ, ବୀଣାପାଣି ତରିଆ ପ୍ରମୁଖ ଉପସ୍ଥିତ ରହି ତାଲିମ ପ୍ରଦାନ କରିବା ସହ କ୍ଷେତ୍ର ପ୍ରସ୍ତୁତ ଓ ଚାରାରୋପଣ କରିଥିଲେ । ପରିଶେଷରେ ଜିଲ୍ଲାର ଅଗ୍ରଣୀ ପ୍ରାକୃତିକ କୃଷି କରୁଥିବା ମହିଳା ଚାଷୀମାନେ ନିଜ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ଶେଷରେ ତାଲିମ ଗ୍ରହଣ କରିଥିବା ସମସ୍ତ ମହିଳା ଚାଷୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।





ରଘୁନାଥପୁର (ଭାସ୍କରନ୍ୟୁଜ) ପବିତ୍ର ରଜ ସଂକ୍ରାନ୍ତିରେ ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିରୁଡ଼ି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିଲା। ପ୍ରତ୍ୟୁଷରୁ ପ୍ରଭୁଙ୍କୁ ଚିତା ଲାଗି କରାଯାଇ ଭବ୍ୟ ନୀତିକାନ୍ତି ସମାପନ ପରେ ପୀଠ ମଧ୍ୟକୁ ଭକ୍ତଙ୍କ ଆଗମନ ହୋଇଥିଲା।ଏହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଥିଲା। ବିଭିନ୍ନ ପାର୍ଶ୍ୱରୁ ପୀଠକୁ ଆସିବାକୁ ଥିବା ରାସ୍ତାରେ ଶତାଧିକ ସଂଖ୍ୟାରେ ଅଟୋ, କାର ଓ ବାଇକ ଟ୍ରାଫିକ ଜାମରେ ଘଣ୍ଟା ଘଣ୍ଟା ଫସି ରହିଥିଲା।ତିର୍ତ୍ତୋଲ ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ବ୍ୟବସ୍ଥା ନଥିବାରୁ ପ୍ରବଳ ଗୁଳୁଗୁଳିରେ ରାସ୍ତା ଉପରେ ଯାତ୍ରୀମାନେ ଅସହାୟ ଅବସ୍ଥାରେ ଅଟକି ରହିଥିଲେ। ଏପରିକି ପାଦରେ ଚାଲି ଚାଲି ଆସୁଥିବା ଲୋକେ ମଧ୍ୟ ଅସୁବିଧାରେ ସମ୍ମୁଖିନ ହୋଇଥିଲେ। ବହୁ ସଂଖ୍ୟାରେ ଯାତ୍ରୀ ସମାଗମକୁ ଦୃଷ୍ଟିରେ ରଖି ପୀଠ ପକ୍ଷରୁ ପର୍ଯ୍ୟାପ୍ତ ପାନୀୟଜଳ ବ୍ୟବସ୍ଥା କରାଯାଇଥିଲା।ସେହିପରି ପୀଠରେ ରଘୁନାଥପୁର ଅତିରିକ୍ତ ତହସିଲଦାର ତପନ କୁମାର ପରିଡା ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିଲେ।ପୀଠ ଚତୁର୍ପାର୍ଶ୍ୱ ରାସ୍ତାକୁ ସ୍ଥାନୀୟ ବ୍ୟବସାୟୀମାନେ ବେପାର ଉଦ୍ଦେଶ୍ୟରେ ଅବରୋଧ କରି ରଖିଥିବାରୁ ଯାତାୟାତ ପାଇଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।ଦିନତମାମ ପୀଠ ମଧ୍ୟରେ ଭଜନ କୀର୍ତ୍ତନ ଲାଗି ରହିଥିଲା।ଯାତ୍ରୀମାନଙ୍କ ପାଇଁ ଧାଡି ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଆଗଭଳି ଏଠାରେ ପ୍ରସାଦ ସେବନର ବ୍ୟବସ୍ଥା ନଥିବାରୁ ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀମାନେ ଅସୋନ୍ତୋଷ ପ୍ରକାଶ କରି ଫେରିଯାଉଥିଲେ।ପୀଠ କିରାଣୀ ସରୋଜ କୁମାର ସାହାଣୀ, ଉପଦେଷ୍ଟା କମିଟି ସଦସ୍ୟ ବିଜୟ ସ୍ୱାଇଁ ଙ୍କ ସହ ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ସେବା ଯୋଗାଇ ଦେଇଥିଲେ।

## ଏସ୍ଆଇଟିର ସଫଳତା

# ବିସ୍ଫୋରକ ଲୁଟ୍ ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ



ରାଉରକେଲା (ଭାସ୍କର ନ୍ୟୁଜ): ଶେଷରେ ଏସଆଇଟିକୁ ବଡ଼ଧରଣର ସଫଳତା ମିଳିଛି। ଗତ କିଛିଦିନ ତଳେ ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ଅଞ୍ଚଳରୁ ଲୁଟ୍ ହୋଇଥିବା ୫ ଟନ୍ ବିସ୍ଫୋରକ ସାମଗ୍ରୀ ମାମଲାରେ ଏସଆଇଟି ମୁଖ୍ୟ ଅଭିଯୁକ୍ତ ଜର୍ଜ ମୁଣ୍ଡାକୁ ଗିରଫ କରିଛି। ଗିରଫ ପରେ ଜର୍ଜକୁ କୋର୍ଟ ଚାଲାଣ କରାଯାଇଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏସଆଇଟି ପକ୍ଷରୁ କୁହାଯାଇଛି ଯେ ଜର୍ଜର ମାଓବାଦୀଙ୍କ ସହ ପୂର୍ବରୁ ଉତ୍ତମ ସଂପର୍କ ରହିଥିଲା। ଲୁଟ୍ ଘଟଣାରେ ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସୂଚନା ଦେଇ କହିଥିଲେ ଯେ ମାଓବାଦୀଙ୍କ ସୂଚନାକାରୀ ସାଜି ଜର୍ଜ ଏହି ଲୁଟ୍ କରିଥିଲା। ଏକଥାକୁ ନିଜେ ଅଭିଯୁକ୍ତ ମଧ୍ୟ ସ୍ୱୀକାର କରିଛି। ସୂଚନାଯୋଗ୍ୟ, ରାଉରକେଲା ବାଲୁଘାଟ ପେଟ୍ରୋଲ ପମ୍ପ ନିକଟରୁ ବିସ୍ଫୋରକ ଜବତ ଘଟଣାରେ ଗିରଫ ହୋଇଥିବା ବାରୁଦ ବ୍ୟବସାୟୀ ଶ୍ରବଣ ଅଗ୍ରୱାଲ ଓ ତାଙ୍କ ପତ୍ନୀ ନିକିତା ଅଗ୍ରୱାଲଙ୍କୁ ଜେରା କରିବା ସମୟରେ ଉଭୟଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରାଯାଇଥିଲା। ଖଣି ମାଲିକ ନିରୋଜ ପାଣ୍ଡେଙ୍କୁ ମଧ୍ୟ ଏସଆଇଟି ସ୍କାନରରେ ରଖିଥିଲା। ସୂଚନାଯୋଗ୍ୟ ଯେ ଗତମାସ ୨୭ ତାରିଖରେ କୋଇଡା ବ୍ଲକ ଅନ୍ତର୍ଗତ କେ.ବଲାଙ୍ଗ ଥାନା ବାଙ୍କୋ ଖଣିକୁ ୫ ଟନ୍ (୨୦୦ ପେଟି) ବିସ୍ଫୋରକ ଯାଉଥିବାବେଳେ ମାଓବାଦୀମାନେ ସେଗୁଡ଼ିକୁ ଲୁଟି ନେଇଥିଲେ। ପରେ ଗାଡ଼ି ଚାଳକ ଦେଓନାଥ ଟପ୍ପୋଙ୍କ ଥାନାରେ ଏତଲା ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ଓଡ଼ିଶା ସୀମାରୁ ୭ କିମି ଦୂର ଝାଡ଼ଖଣ୍ଡର ଜରେଇକେଲା ତିରିଲିପୋଷି ସରଣ୍ଡା ଜଙ୍ଗଲର ବିଟିକଲ ସୋୟା, ବାଡ଼ିକୁଦର, ତୟୋ, ଜାମଦା ଆଦି ସ୍ଥାନରେ ମାଓବାଦୀମାନେ ଏହି ବିସ୍ଫୋରକକୁ ଲୁଚାଇ ରଖିଥିଲେ। ସେତେବେଳେ ଏହି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏପରିକି ପୋଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିବା ସହ ଲୁଟ୍ ବିସ୍ଫୋରକ ଜବତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଏନଆଇଏ ଓ ସିଆରପିଏଫ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

## ରାଜ୍ୟ ବିଜେପିର ସୂଚନା

# ୨୦ରେ ବିକଶିତ ଓଡ଼ିଶାର ନିଅଁ ପକାଇବେ ମୋଦୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ରାଜ୍ୟର ବିଜେପି ସରକାରର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଡ଼ ଘୋଷଣା କରିବାର ସମ୍ଭାବନା ରହିଛି। ବିଶେଷକରି ଭିଜନ ଓଡ଼ିଶା ଡକ୍ୟୁମେଣ୍ଟ ଲଞ୍ଚ ସହିତ ଆଗାମୀ ୧୧ ବର୍ଷ ପାଇଁ ସରକାରଙ୍କ ରଣନୀତି ଉପରେ ନେତା, କର୍ମୀ ଓ ଜନତାଙ୍କୁ ସମ୍ବୋଧିତ କରିବେ। ମୋଦୀଙ୍କ ଗସ୍ତ ନେଇ ରାଜ୍ୟ ବିଜେପି ଶିବିର ପୂରା ଉତ୍ସାହିତ ହୋଇପଡ଼ିଥିବାବେଳେ ବିକଶିତ ଓଡ଼ିଶା ପାଇଁ ମୋଦୀଙ୍କ ମେଗା ପ୍ଲାଣ୍ଟ କ'ଣ ରହିଛି ତା ଉପରେ ସମସ୍ତଙ୍କ ନଜର। ୨୦ରେ ରାଜଧାନୀରେ ମୋଦୀ ରୋଡ ଶୋ କରିବେ। ସେ ବିମାନବନ୍ଦରରୁ ଜନତା ମଇଦାନ ପର୍ଯ୍ୟନ୍ତ ରୋଡ ଶୋ କରିବାର ସ୍ଥିର ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ଜିଲ୍ଲାରୁ ଆସିଥିବା କର୍ମୀ, ମହିଳା, ଯୁବ ତଥା ଛାମୁଆ ସଂଗଠନର କର୍ମୀମାନେ ଉପସ୍ଥିତ ରହିବେ। ଏଥିପାଇଁ ଜିଲ୍ଲା ସଭାପତି ଓ ଲୋକପ୍ରତିନିଧିଙ୍କୁ ଦାୟିତ୍ୱ ଦିଆଯାଇଛି। ରୋଡ ଶୋ ପରେ ମୋଦୀ ଜନତା ମଇଦାନରେ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ-୨୦୩୬ର ଲୋକାର୍ପଣ ସହ ୨୦୪୭ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶାର ରୋଡ ମ୍ୟାପ୍ ମଧ୍ୟ ଉଦ୍‌ଘାଟନ କରିବେ। ଏହି ସମାବେଶରେ ଆଗାମୀ ଭବିଷ୍ୟତ ପାଇଁ ରାଜ୍ୟ ସରକାରଙ୍କ ଅନେକ ନୂଆ ଯୋଜନା ମଧ୍ୟ ଘୋଷଣା କରାଯିବ। ଏସବୁର ମନିଟରିଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କରିବ ବୋଲି ସୂଚନା ଦିଆଯାଇଛି।

## ଇସ୍କନ ଗଭର୍ଣ୍ଣିଂ ବଡି କମିସନର ଅଧ୍ୟକ୍ଷଙ୍କୁ

# ଗଜପତି ମହାରାଜାଙ୍କ ଚିଠି

ପୁରୀ (ଭାସ୍କର ନ୍ୟୁଜ) : ସାରା ବିଶ୍ୱରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ତଥା ରଥଯାତ୍ରା ଶାସ୍ତ୍ର ଅନୁମୋଦିତ ତିଥିରେ ପାଳନ ସମ୍ପର୍କରେ ପଦକ୍ଷେପ ନେବାକୁ ଇସ୍କନ ଗର୍ଭର୍ଣ୍ଣିଂ ବଡି କମିସନର ଅଧ୍ୟକ୍ଷଙ୍କୁ ରବିବାର ଦିନ ପତ୍ର ଲେଖିଛନ୍ତି ଶ୍ରୀ ଗଜପତି ମହାରାଜା । ଗଜପତି ମହାରାଜା ନିଜ ପତ୍ର ତା.୧୫. ୦୬. ୨୦୨୫ ( ଇମେଲ୍ ମଧ୍ୟମରେ) ଅତି ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ, ଭାରତ ବାହାରେ ବିଭିନ୍ନ ଦେଶର ଇସ୍କନ କେନ୍ଦ୍ର ତଥା ମନ୍ଦିରଗୁଡ଼ିକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ଏବଂ ରଥଯାତ୍ରା ଶାସ୍ତ୍ରରେ ଅନୁମୋଦିତ ନ ଥିବା ତିଥିରେ ପାଳନ କରୁଥିବା ନଜରକୁ ଆସିଅଛି । ଏହା ସମ୍ପୂର୍ଣ୍ଣ ରୂପେ ଶାସ୍ତ୍ର ବିରୋଧୀ କାର୍ଯ୍ୟ । ବିଭିନ୍ନ ଇସ୍କନ ମନ୍ଦିର ପକ୍ଷରୁ ଇଣ୍ଟରନେଟରେ ଏସମ୍ପର୍କରେ ଦିଆଯାଇଥିବା ଘୋଷଣାନାମାକୁ ମଧ ଚିଠି ସହିତ ସଂଲଗ୍ନ କରାଯାଇଅଛି ଶ୍ରୀ ଗଜପତି ମହାରାଜା ଲେଖିଛନ୍ତି ଯେ, ଗତ ମାର୍ଚ୍ଚ ୨୦ ତାରିଖରେ ଭୁବନେଶ୍ୱର ଠାରେ ହୋଇଥିବା ଆଲୋଚନା ସମୟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକମାନେ ଦୃଢ଼ ଭାବେ ଇସ୍କନର ଯୁକ୍ତିକୁ ଖଣ୍ଡନ କରିବା ସହ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା କେବଳ ଜ୍ୟେଷ୍ଠ-ପୂର୍ଣ୍ଣିମା ତିଥି ( ଏବର୍ଷ ଜୁନ୍ ୧୧ ତାରିଖ) ପାଳନ ହୋଇପାରିବ ଏବଂ ଆଷାଢ଼ ଶୁକ୍ଳ ଦ୍ୱିତୀୟ (ଏବର୍ଷ ଜୁନ୍ ୨୭ ତାରିଖ ) ଠାରୁ ଆଷାଢ଼ ଶୁକ୍ଳ ପକ୍ଷ ଦଶମୀ (ଏବର୍ଷ ଜୁଲାଇ ୫ ତାରିଖ) ପବିତ୍ର ନଅ ଦିନ ମଧ୍ୟରେ ହିଁ ରଥଯାତ୍ରା (ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ବାହୁଡ଼ାଯାତ୍ରା) ପାଳନ କରାଯାଇ ପାରିବ ବୋଲି ସ୍ପଷ୍ଟ ଭାବେ କହିଥିଲେ କ୍ଷ ମହାପ୍ରଭୁଙ୍କ ସବୁଠାରୁ ପବିତ୍ର ଏହି ଯାତ୍ରା ଅନ୍ୟ ତିଥି କିମ୍ବା ତାରିଖରେ ପାଳନ କରାଯିବା ଦ୍ୱାରା ଶାସ୍ତ୍ର ତଥା ପବିତ୍ର ଶ୍ରୀଜଗନ୍ନାଥ ପରମ୍ପରା ଉଲ୍ଲଂଘନ ହେବ । ଏନେଇ ଗବେଷକ ମାନଙ୍କ ବିସ୍ତୃତ ଶାସ୍ତ୍ର ସମ୍ମତ ମତ ଖୁବଶୀଘ୍ର ଇସ୍କନକୁ ପଠାଯିବ । ତେଣୁ ସମଗ୍ର ବିଶ୍ୱରେ କୌଣସି ଇସ୍କନ କେନ୍ଦ୍ର କିମ୍ବା ମନ୍ଦିରରେ ଶାସ୍ତ୍ର ସମ୍ମତ ତିଥି/ତାରିଖ ବ୍ୟତିରେକ ଅନ୍ୟ ଦିନ ସ୍ନାନଯାତ୍ରା କିମ୍ବା ରଥଯାତ୍ରା ଯେପରି ପାଳିତ ହୁଏ, ତାହା ନିଶ୍ଚିତ କରିବାକୁ ଇସ୍କନ ଗର୍ଭର୍ଣ୍ଣିଂ ବଡି କମିସନ ଅଧ୍ୟକ୍ଷ ଗୋବର୍ଦ୍ଧନ ଦାସ ପ୍ରଭୁଙ୍କୁ କହିଛନ୍ତି ଗଜପତି ମହାରାଜା ।

# ପୁରୀ ଗସ୍ତରେ ପିସିସି ସଭାପତି ଭକ୍ତ ଚରଣ ଦାସ



ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଗ୍ରସ୍ତ ରେ ପିସିସି ସଭାପତି ଭକ୍ତ ଚରଣ ଦାସ । ବିଭିନ୍ନ ଦେବା ଦେବୀଙ୍କ ପୀଠରେ ଦର୍ଶନ କରିବା ସହ ଆର୍ଶୀବାଦ ଭିକ୍ଷା କରିଛନ୍ତି ଭକ୍ତ। ସକାଳୁ ଭୁବନେଶ୍ୱର ରୁ ବାହାରି ପୁରୀ ଜିଲ୍ଲା ର ପ୍ରତ୍ୟକ୍ଷ ଶକ୍ତିପୀଠ ବୀରଗୋବିନ୍ଦପୁର ସ୍ଥିତ ମା ଦକ୍ଷିଣ କାଳୀଙ୍କୁ ଦର୍ଶନ କରି ସାରିବା ପରେ ଆଜନ୍ମ ବ୍ରହ୍ମଚାରି ଜୀବନ୍ତ ଠାକୁର ଶିରୁଲି ମହାବୀର ଙ୍କୁ ଦର୍ଶନ କରିଥିଲେ । ସେଠୁ ବାହାରି ଶେଷରେ ପୁରୀର ଦ୍ୱିତୀୟ ଶ୍ରୀକ୍ଷେତ୍ର ବ୍ରହ୍ମଗିରି ସ୍ଥିତ ବିଶ୍ୱପ୍ରସିଦ୍ଧ ଠାକୁର ଶ୍ରୀ ଅଲାରନାଥ ଙ୍କ ପୀଠରେ ଅନବସର ଦର୍ଶନ କରି ଆର୍ଶୀବାଦ ନେଇଥିଲେ ଭକ୍ତ। ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ର ପୂର୍ବତନ ବିଧାୟକ ପାର୍ଥି ଉମାକାନ୍ତ ବରାଳ,ଯୁବ ନେତା ଦୀପକ କୁମାର ଜେନା,ପୁରୀ ଜିଲ୍ଲା କଂଗ୍ରେସ ବରିଷ୍ଠ ନେତା ରାଜେଶ୍ କୁମାର୍ ମିଶ୍ର,ପିପିଲି ପୂର୍ବତନ ବିଧାୟକ ପାର୍ଥୀ ବିଶ୍ୱକେତନ ହରିଚନ୍ଦନ ମହାପାତ୍ର ଙ୍କ ସହିତ ପୁରୀ ଜିଲ୍ଲା ର କଂଗ୍ରେସ କର୍ମୀ ମାନେ ଯୋଗ ଦେଇଥିଲେ। ବିଜେପି ର ଏକ ବର୍ଷ ପୂର୍ତ୍ତି ଅବସର ରେ ଉତ୍ସବ ବନାଉଥିବା ବେଳେ କଂଗ୍ରେସ ରାଜ୍ୟ ସଭାପତି ଏହାକୁ ସମାଲୋଚନା କରି କହିଛନ୍ତି ଚଳିତ ବର୍ଷ ଅଲାରନାଥ ଙ୍କ ଅନବସର ଦର୍ଶନ ରେ ଭକ୍ତ ମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ସେଭଳି କିଛି ସୁବିଧା କରାଯାଇ ନାହିଁ। ହଜାର ହଜାର ଭକ୍ତ ମାନେ ଘଣ୍ଟା ଘଣ୍ଟା ଧରି ଖରା ବର୍ଷା ରେ ଧାଡ଼ି ରେ ଛିଡ଼ା ହୋଇ ଠାକୁରଙ୍କ ଦର୍ଶନ କରୁଛନ୍ତି, ସେହିଭଳି ଗତବର୍ଷ ରଥ ଯାତ୍ରା ରେ ବଳଭଦ୍ର ରଥ ଉପରୁ ମୁହଁ ମାଡି ପଡ଼ିବା ଘଟଣା ରେ ଆଜିପର୍ଯ୍ୟନ୍ତ ପ୍ରଶାସନ କୌଣସି ପଦକ୍ଷପ ନ ନେଇଥିବାରୁ ସେହି ଘଟଣା କୁ ସମାଲଚନା କରିଥିଲେ । ଏଥିସହିତ କୋରାପୁଟ ର ହସ୍ପିଟାଲ ରେ ରୋଗୀଙ୍କୁ ଭୁଲ ଇଞ୍ଜେକସନ ଦେଇ ଥିବାରୁ ୫ଜଣଙ୍କ ମୃର୍ତ୍ୟୁ ଘଟିଥିଲା ତାଙ୍କ ପରିବାର ଏଯାଏଁ ସରକାର ପକ୍ଷରୁ କୌଣସି କ୍ଷତିପୂରଣ ପାଇନଥିବା କହିବା ସହିତ ଯାଜପୁର ର ହଇଜା ରେ ଆକ୍ରାନ୍ତ ୨ହଜାର ରୁ ଉର୍ଦ୍ଧ ରୋଗୀ ଙ୍କୁ ସ୍ୱାସ୍ଥ୍ୟ ଅବସ୍ଥା ଯୋଗାଇବା ରେ ବିଫଳ ହେବାରୁ ୧୦ଜଣଙ୍କ ର ମୃର୍ତ୍ୟୁ ହେଇଥିବା ବେଳେ ବିଜେପି ସରକାର ଏପଟେ ପ୍ରଥମ ବାର୍ଷିକ ପୂର୍ତ୍ତି ଉତ୍ସବ ପାଳନ କରୁଥିବା କହି ଏହା ସରକାର ଙ୍କ କେତେଦୂର ଠିକ୍ ବୋଲି ପ୍ରଶ୍ନ କରିଛନ୍ତି ଭକ୍ତ।

## ନାଇଜେରିଆରେ ଗଣହତ୍ୟା

# ଗୁଳିକଲେ, ଜୀବନ୍ତ ଜାଳିଦେଲେ

ନୂଆଦିଲ୍ଲୀ: ଆଫ୍ରିକୀୟ ଦେଶ ନାଇଜେରିଆର ବେନୁ ରାଜ୍ୟର ୟେଲେୱାଟା ଗାଁରେ ବନ୍ଧୁକଧାରୀମାନେ ୧୦୦ ଲୋକଙ୍କୁ ଅତି ନିର୍ମମଭାବେ ହତ୍ୟା କରିଛନ୍ତି। ଏହି ବନ୍ଧୁକଧାରୀମାନେ ଗୁଳିଚାଳନା କରିବା ସହ ଲୋକମାନଙ୍କୁ ଏକ ଘରେ ବନ୍ଦ କରି ନିଆଁ ଲଗାଇ ଦେଇଥିଲେ। ସେମାନେ ଘରଘର ବୁଲି ଲୋକଙ୍କୁ ଖୋଜି ହତ୍ୟା କରୁଥିଲେ। ସମଗ୍ର ଗାଁ ଏକ ଖୋଲା କବରସ୍ଥାନରେ ପରିଣତ ହୋଇଥିଲା। ଗାଁରେ ମୃତଦେହ ଚାରିଆଡ଼େ ବିଛାଇ ହୋଇ ପଡ଼ି ରହିଥିଲା। ବନ୍ଧୁକଧାରୀମାନେ ଗୁଳି ମାରିବା ପରେ ଲୋକମାନେ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିବାକୁ ମିଳିଥିଲା। ଏହି ଆକ୍ରମଣ ସମୟରେ ଯେଉଁମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ ସେମାନଙ୍କୁ ଅପହରଣ କରି ନିଆଯାଇ ହତ୍ୟା କରାଯାଇଥିଲା। ମୃତ ବ୍ୟକ୍ତିଙ୍କ ମଧ୍ୟରେ ଅଧିକାଂଶ ଚାଷୀ ରହିଛନ୍ତି। ଏହି ଘଟଣାକୁ ନେଇ ଆମେନେଷ୍ଟି ଇଣ୍ଟରନ୍ୟାସନାଲ ଗଭୀର ଦୁଃଖ ପ୍ରକାଶ କରିଛି। ଏହା ନିଷ୍ଠୁରତାର ଚରମସୀମା ବୋଲି କହିଛି। ଆମେ ଏଭଳି ଆକ୍ରମଣକୁ ନିନ୍ଦା ମଧ୍ୟ କରୁଛୁ। ସୂଚନାଯୋଗ୍ୟ ଯେ ମୁସଲିମ ଏବଂ ଖ୍ରୀଷ୍ଟିଆନ ଜନସଂଖ୍ୟା ବିଶିଷ୍ଟ ନାଇଜେରିଆରେ ଏଭଳି ଜଘନ୍ୟ ହତ୍ୟାକାଣ୍ଡକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହି ଅଞ୍ଚଳ ଦୀର୍ଘଦିନ ଧରି ସବୁଜ ଜମି ଖୋଜୁଥିବା ପଶୁପାଳକ ଏବଂ କୃଷକମାନଙ୍କ ମଧ୍ୟରେ ହିଂସାଦ୍ୱାରା ଜର୍ଜରିତ ହୋଇ ଆସୁଛି। ଜମି ବିବାଦ ପ୍ରାୟତଃ ଜାତିଗତ ଓ ଧାର୍ମିକ ଉତ୍ତେଜନାକୁ ବୃଦ୍ଧି କରୁଛି। ଫଳରେ ଗୋଷ୍ଠୀଗୁଡ଼ିକ ମଧ୍ୟରେ ମାରାତ୍ମକ ହିଂସା ଘଟୁଛି। ଗତମାସରେ ମଧ୍ୟ ଏହି ଅଞ୍ଚଳର ପଶ୍ଚିମ ଜିଲ୍ଲାରେ ସନ୍ଦିଗ୍ଧ ପଶୁପାଳକମାନେ ୪୨ଜଣଙ୍କୁ ହତ୍ୟା କରିଥିଲେ। ୨୦୧୯ ପରଠାରୁ ଏପରି ସଂଘର୍ଷରେ ୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବାବେଳେ ୨୨ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଭିଟାମାଟି ଛାଡ଼ିଛନ୍ତି। ନାଇଜେରିଆ ସରକାର ଶାନ୍ତିପାଇଁ ଆପ୍ରାଣ ଚେଷ୍ଟା କରୁଥିବାବେଳେ ତାହା ସଫଳ ହୋଇପାରି ନାହିଁ ।

# 'ଅଣ ସେବାୟତ ରଥ ଚଢିଲେ ଗିରଫ'

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ଚଳିତବର୍ଷର ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ସେବାୟତଙ୍କ ବ୍ୟତୀତ ଅଣ ସେବାୟତ ରଥ ଉପରେ ଚଢିଲେ ଗିରଫ କରାଯିବ। ରଥ ଉପରେ ଥିବା ସେବାୟତମାନେ ମଧ୍ୟ ମୋବାଇଲ ବ୍ୟବହାର କରିପାରିବେ ନାହିଁ। ପହଣ୍ଡି ସମୟରେ କେଉଁ କେଉଁ ସେବାୟତ ଉପସ୍ଥିତ ରହିବେ ସେ ନେଇ ମଧ୍ୟ ଏକ ତାଲିକା ପ୍ରସ୍ତୁତ କରାଯିବ। ସେହିପରି ଘଣ୍ଟୁଆ ସେବାୟତଙ୍କ ତାଲିକା ପ୍ରସ୍ତୁତ ହେବ। ଏ ନେଇ ନିଯୋଗ ଗୁଡ଼ିକ ତାଲିକା ପାଇଁ ସେବାୟତଙ୍କ ନାଁ ପଠାଇବେ। ଛତିଶାନିଯୋଗ ସହ ଆଲୋଚନା ପରେ ଏଭଳି ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି ଶ୍ରୀ ହରିଚନ୍ଦନ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାଇପ୍ରସରେ...

୧୮ ତାରିଖରେ କ୍ରୋଏସିଆରେ ପହଞ୍ଚିବେ ଓ ୧୯ ତାରିଖରେ ଭାରତ ଅଭିମୁଖେ ଯାତ୍ରା କରିବେ। ତେବେ ସାଇପ୍ରସ ରାଷ୍ଟ୍ରପତିଙ୍କ ଅନୁରୋଧ କ୍ରମେ ମୋଦୀ ସେଠାରେ ଦୁଇଦିନ ରହିବେ। ଏହି କାରଣରୁ ତାଙ୍କର ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ଜି-୭ ଶିଖର ସମ୍ମିଳନୀରେ ମୋଦୀ ଶକ୍ତି ସୁରକ୍ଷା, ପ୍ରଯୁକ୍ତି ବିଦ୍ୟା ଓ ନବସୃଜନ ସମେତ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ପ୍ରସଙ୍ଗ ବିଶେଷକରି ଏଆଇ ଶକ୍ତି ସଂପର୍କ ଏବଂ କ୍ୱାଣ୍ଟମ୍ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ଉପରେ ଜି-୭ ଦେଶର ନେତା ଏବଂ ଅନ୍ତର୍ଜାତୀୟ ସଂଗଠନର ମୁଖ୍ୟଙ୍କ ସହ ଆଲୋଚନା କରିବେ ।

### ହେଲିକପ୍ଟର...

ବୟସ ମାତ୍ର ୩୮ ମାସ ବୋଲି ସୂଚନା ଦିଆଯାଇଛି। ଏହି ଘଟଣାରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଉଦ୍ଧାର କାର୍ଯ୍ୟରେ ଏସଡିଆରଏଫ, ସ୍ଥାନୀୟ ପ୍ରଶାସନ ଏବଂ ଏନଡିଆରଏଫ ସମେତ ଅନ୍ୟ ଉଦ୍ଧାରକାରୀ ଦଳ ନିୟୋଜିତ ରହିଛନ୍ତି। ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପାଇଲଟ ରାଜବୀର ଜୟପୁରର ଶାସ୍ତ୍ରୀନଗର ଅଞ୍ଚଳର ବାସିନ୍ଦା। ସେ ୪ ମାସ ପୂର୍ବରୁ ଯମଜ ସନ୍ତାନର ପିତା ହୋଇଥିଲେ। ତାଙ୍କ ପତ୍ନୀ ଦୀପିକା ମଧ୍ୟ ଜଣେ ପାଇଲଟ୍। ରାଜବୀର ୧୪ ବର୍ଷ ଧରି ସେନାରେ ସେବା କରିବା ପରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ପଦବୀରୁ ଅବସର ନେଇଥିଲେ। ପରେ ସେ ଆରିୟାନ ଆଭିଏସନ କମ୍ପାନୀରେ ଯୋଗ ଦେଇଥିଲେ। ତାଙ୍କର ୨୦୦୦ ଘଣ୍ଟାରୁ ଅଧିକ ଉଡାଣର ଅଭିଜ୍ଞତା ଥିଲା।

### ପାଦଚଲା ବ୍ରିଜ୍...

ନେଇ ନିର୍ଦ୍ଦିଷ୍ଟ ସୂଚନା ମିଳିପାରି ନାହିଁ । କୁହାଯାଉଛି, ପୂର୍ବରୁ ପୋଲଟିର ଅବସ୍ଥା ଖରାପ ଥିବାରୁ ଦୁଇମାସ ତଳୁ ଏହାକୁ ବନ୍ଦ କରି ଦିଆଯାଇଥିଲା। ପୋଲଟିରେ କଳଙ୍କ ମଧ୍ୟ ଲାଗି ଯାଇଥିଲା। ସତର୍କତା ନେଇ ପ୍ରଶାସନ ପକ୍ଷରୁ ବାରମ୍ବାର ଘୋଷଣା କରାଯାଉଥିଲା। ତେବେ ଲୋକମାନେ ଅମାନିଆ ହୋଇ ପୋଲ ଉପରେ ଭିଡ଼ ଜମାଇଥିଲେ। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଜିଲ୍ଲା ମୁଖ୍ୟାଳୟରୁ ଉଦ୍ଧାରକାରୀ ଦଳକୁ ପଠାଯାଇଛି। କୁହାଯାଉଛି ବ୍ରିଜଟି ଭୁଶୁଡ଼ିବା ସମୟରେ ବ୍ରିଜ ଉପରେ ୨୦୦ରୁ ଅଧିକ ଲୋକ ରହିଥିଲେ। ପ୍ରବଳ ବର୍ଷାଯୋଗୁ ଇନ୍ଦ୍ରାୟାଣୀ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା। ଫଳରେ ବନ୍ୟାଜଳ ଦେଖିବା ପାଇଁ ଲୋକେ ଭିଡ଼ ଜମାଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀଶ ଏହି ଅଘଟଣକୁ ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସଂପର୍କୀୟଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି।

### ଏଆଇ ନଜରରେ...


ସିସିଟିଭି ସର୍ଭେଲାନ୍ସରେ ରଖାଯିବ। ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଆପ୍ ମଧ୍ୟ କରାଯିବ। ଏହି ଆପ୍ ଜରିଆରେ ପାର୍କିଂ, ବଡ଼ଦାଣ୍ଡକୁ ରାସ୍ତା, ଭିଡ଼ ବିଷୟରେ ଭକ୍ତମାନେ ସବିଶେଷ ତଥ୍ୟ ପାଇପାରିବେ। ସେହିଭଳି ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଆପ୍ କରାଯିବ। ଭିଡ ନିୟନ୍ତ୍ରଣ ଏବଂ ଦଳାଚକଟା ଅଘଟଣ ରୋକିବାକୁ ଏହି ଆପ୍ ସହାୟତା ଯୋଗାଇବ। ସେପଟେ ରଥଯାତ୍ରା ସମୟରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ନେଇ ମକ୍‌ଡ୍ରିଲ ଓ କଡ଼ ସୁରକ୍ଷା ବଳୟ ଭିତରେ କିପରି ପୁରୀ ସହରକୁ ରଖାଯାଇପାରିବ ସେ ନେଇ ବୈଠକରେ ବିଶଦ ଆଲୋଚନା ହୋଇଥିଲା। ଅର୍ବାନ ଆତଙ୍କବାଦର ମୁକାବିଲା ପାଇଁ ତାଲିମପ୍ରାପ୍ତ ଏସଟିୟୁ ମଧ୍ୟ ମୁତୟନ ହେବେ। ଏଥିସହ ସ୍ୱତନ୍ତ୍ର ବୁଲେଟପ୍ରୁଫ୍ ରକ୍ଷକ ବାହନ ମଧ୍ୟ ସାମିଲ ରହିବ। ସେହିପରି ତଟସୁରକ୍ଷାକୁ ମଧ୍ୟ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ଡିଜିପି କହିଛନ୍ତି। ଏହି ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ଆର.ପି.କୋଚ୍ଛେ, ଆଇନଶୃଙ୍ଖଳା ଏଡିଜି ସଞ୍ଜୟ କୁମାର, ପରିବହନ କମିଶନର ତଥା ଏଡିଜି ଅମିତାଭ ଠାକୁର, ଏଡିଜି ଦୟାଳ ଗଙ୍ଗୱାର, ଏସଆଇଡବ୍ଲୁ ଡିଆଇଜି କନୱର ବିଶାଲ ସିଂ, ଡିଆଇଜି ଏସଟିଏଫ ପିନାକ ମିଶ୍ର ଏବଂ ପୁରୀ ଏସ୍‌ପି ବିନୀତ ଅଗ୍ରୱାଲଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

### ତିନୋଟି ଦିଗ...

ପ୍ରତ୍ୟେକ ସରକାରୀ ଓ ବେସରକାରୀ ନଳକୂପ, କୂପ ଓ ଓଭରହେଡ ଟାଙ୍କି ଥିବା ଜଳ ଉତ୍ସ ଗୁଡ଼ିକୁ ବିଭାଗୀୟ କର୍ମଚାରୀ ମାନଙ୍କ ଦ୍ୱାରା ବିଶୋଧନ କରାଯାଉଛି। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ପରାମର୍ଶ ସମ୍ପର୍କୀୟ ସଚେତନତା ବାର୍ତ୍ତା ବାରମ୍ବାର ସାମାଜିକ ଗଣମାଧ୍ୟମରେ ଜନ ସାଧାରଣଙ୍କ ସଚେତନତା ନିମନ୍ତେ ପ୍ରଚାର ପ୍ରସାର କରାଯାଉଛି। ଏତଦ୍ ବ୍ୟତୀତ ଆଶା, ଅଙ୍ଗନୱାଡି କର୍ମୀ, ଏ.ଏନ୍.ଏମ ମାନଙ୍କ ମାଧ୍ୟମରେ ଘରକୁ ଘର ବୁଲି ସଚେତନ କରାଯାଉଛି। ସ୍ୱତନ୍ତ୍ର ମେଡିକାଲ ଟିମ୍ ସମ୍ବେଦନଶୀଳ ଅଞ୍ଚଳରେ ପହଞ୍ଚି ଚିକିତ୍ସା ଯୋଗାଇ ଦିଆଯାଉଛି। ବ୍ଲିଚିଙ୍ଗ ପାଉଡର, ହଲୋଜିନ ଟାବଲେଟ୍ ଓ ଓ.ଆର.ଏସ ବଣ୍ଟନ କରାଯାଉଛି। ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଶନିବାର ରାତି ୧୧ ଟାରୁ ରବିବାର ସକାଳ ୮ ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ ୨୨୫ ଜଣ ଚିକିତ୍ସିତ ହେଉଥିବା ବେଳେ ୯୬ ଜଣ ନୂଆ ରୋଗୀଙ୍କୁ ମିଶାଇ ୩୨୧ ଜଣ ଥିବାବେଳେ ୬ ଜଣ ଙ୍କୁ ରେଫର୍ କରାଯାଇଥିବା ବେଳେ ୫୭ ଜଣ ଡିସଚାର୍ଜ ହୋଇଛନ୍ତି ଏବଂ ୨୫୮ ଜଣ ଚିକିତ୍ସିତ ହେଉଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହଲିଙ୍ଗ ସମୀକ୍ଷା ବୈଠକରେ କହିଲେ ଦୂଷିତ ଜଳ, ଖାଦ୍ୟ ଜନିତ ସମସ୍ୟାର ତୁରନ୍ତ ସମାଧାନ କରାଯିବ। ଯେତେ ବି ନଳକୂପ ଓ ଜଳଉତ୍ସ ଗୁଡିକ ରହିଛି ତାହାର ବିଶୋଧନ (ଡିସଇନଫେକ୍ସନ୍) କରାଯାଉଛି ଏବଂ ଆଗକୁ ମଧ ଏହି ପ୍ରକ୍ରିୟା ଜାରି ରହିବ। ମାଇକିଂ ମାଧ୍ୟମରେ ଜନ ସାଧାରଣଙ୍କୁ ସଚେତନ କରାଯାଉଛି। ନୋଡାଲ ଅଫିସରଙ୍କ ଦ୍ୱାରା ଏବେ ପର୍ଯ୍ୟନ୍ତ କେତେ ରୋଗୀ ଚିହ୍ନଟ ହୋଇଛନ୍ତି ତାହାର ତାଲିକା ପ୍ରସ୍ତୁତ କରାଯାଇ ତାଙ୍କୁ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଡକ୍ସି ସାଇକ୍ଲିନ୍ ଇଞ୍ଜେକସନ ଦିଆଯିବ ଯାହାକି ସଂକ୍ରମଣକୁ ରୋକିବାରେ ସହାୟକ ହେବ। ସରକାରଙ୍କ ତରଫରୁ ସଂକ୍ରମଣ ରୋକିବା ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ଲୋକମାନେ ଭୟଭୀତ ନହେବାକୁ ପରାମର୍ଶ ଦେଇଥିଲେ। ପରେ ମନ୍ତ୍ରୀ ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ତେବେ ବୈଠକରେ ୩ଟି ଦିଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପ୍ରଥମେ ପାନୀୟଜଳ ବିଶୋଧନ କରି ପିଇବାକୁ ପରାମର୍ଶ ଦିଆଯିବା ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଏବଂ ଡାଇରିଆ ଚେନ୍ ଭାଙ୍ଗିବା ପାଇଁ କଣ୍ଟାକ୍ଟ ଟ୍ରେସିଂ ଓ ମନିଟରିଂ ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ଆନ୍ତଃରାଜ୍ୟ ବନ୍ଧୁକ ବେପାରୀ ଗିରଫ

# ୩ ମାସରେ ବିକିଛନ୍ତି ୪୦ ପିସ୍ତଲ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶ ପୋଲିସ କମିଶନରେଟ ପୋଲିସ ଅଞ୍ଚଳରେ ଡେରା ପକାଇ ବନ୍ଧୁକ ବେପାରୀ ପ୍ରବୀଣ କୁମାର, ରାଘବେନ୍ଦ୍ର ସିଂ, ଅଭିଷେକ ରାଜପୁତ, ଇନ୍ଦ୍ରଜିତ୍ ସିଂ, ଓ କଟକ ସାଲେପୁରର ସେକ୍ ସକିଲ୍‌କୁ ଗିରଫ କରିଥିଲା। ସେମାନଙ୍କଠାରୁ ୬ଟି ବନ୍ଧୁକ ଓ ୧୮ ଗୁଳି ଜବତ କରାଯାଇଛି । ଏହି ଗ୍ୟାଙ୍ଗ୍‌ର ଆଉ କିଛି ସଦସ୍ୟ ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ପୋଲିସ ୟୁପି, ବିହାର ଓ ମଧ୍ୟପ୍ରଦେଶ ଗସ୍ତ କରିବ ବୋଲି ସୂଚନା ମିଳିଛି। ସ୍ପେସାଲ୍ ସ୍କ୍ୱାଡ୍ ପଞ୍ଝାରେ ପଡ଼ିଥିବା ୫ ଅନ୍ତଃରାଜ୍ୟ ବନ୍ଧୁକ ବେପାରୀଙ୍କୁ ନେଇ କମିସନରେଟ୍ ପୋଲିସର ମୁଣ୍ଡବିନ୍ଧା ବଢ଼ିଯାଇଛି। ୩ ମାସ ଭିତରେ ଏହି ବନ୍ଧୁକ ବେପାରୀ ରାକେଟ୍ ଓଡ଼ିଶାରେ ୪୦ରୁ ଅଧିକ ପିସ୍ତଲ ବିକିଥିବା ଜଣାପଡ଼ିବା ପରେ ପୋଲିସର ଚିନ୍ତା ବଢ଼ିଛି। କେଉଁ ଅପରାଧୀମାନଙ୍କ ହାତରେ ସେସବୁ ବନ୍ଧୁକ ରହିଛି, ସେନେଇ ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଛି। ବନ୍ଧୁକଗୁଡ଼ିକ କିଭଳି ଜବତ କରାଯିବ, ସେଥିପାଇଁ ପୋଲିସ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରୁଛି। ତେଣୁ ଜେଲ୍‌ରେ ଥିବା ବନ୍ଧୁକ ବେପାରୀଙ୍କୁ ତୁରନ୍ତ ରିମାଣ୍ଡରେ ଆଣିବାକୁ ଯୋଜନା କରାଯାଉଛି। ପ୍ରାୟ ୩ ମାସ ହେଲା ଏହି ରାକେଟ୍ ରାଜଧାନୀ ଉପକଣ୍ଠ ଯାଁଳା ତଳଖେତା ଜଟଣୀଗେଟ୍ ଅଞ୍ଚଳରେ ଭଡ଼ାଘରେ ରହୁଥିଲେ। ତେଣୁ ବିକ୍ରି ହୋଇଥିବା ଅଧିକାଂଶ ବନ୍ଧୁକ ଖୋର୍ଦ୍ଧା ଅଞ୍ଚଳରେ ବିକ୍ରି ହୋଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଖୋର୍ଦ୍ଧାର ପଥର ଖଣି ମାଫିଆ ଓ ଗୋ-ଚାଲାଣ କରୁଥିବା ମାଫିଆମାନଙ୍କୁ ବେଶି ବନ୍ଧୁକ ବିକ୍ରି ହୋଇଛି। ସେହିଭଳି ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ ଆଦି ଅଞ୍ଚଳରେ ବି ବାଲି ମାଫିଆ ଓ ଅନ୍ୟାନ୍ୟ ଅପରାଧୀମାନେ ଏହି ଗ୍ୟାଙ୍ଗ୍ ଠାରୁ ବନ୍ଧୁକ କିଣିଛନ୍ତି। କିଛି ଜମି ମାଫିଆ ମଧ ଚୋରା ବନ୍ଧୁକ କିଣିଛନ୍ତି। ବଡ଼ କଥା ହେଉଛି କିଛି ଲୋକ ସଉକରେ ଅର୍ଥାତ୍ ପତିଆରା ପ୍ରଦର୍ଶନ ପାଇଁ ଏହି ଗ୍ୟାଙ୍ଗ୍ ଠାରୁ ବନ୍ଧୁକ କିଣିଛନ୍ତି। ତେଣୁ ଏମାନେ ବିକିଥିବା ବନ୍ଧୁକଗୁଡ଼ିକୁ ଜବତ କରିବା ଉପରେ ପୋଲିସ ଗୁରୁତ୍ୱ ଦେଇଛି।

## ପୁରୀରେ ରଥଯାତ୍ରା ପ୍ରସ୍ତୁତି

# ସମୀକ୍ଷା କଲେ ମୁଖ୍ୟ ସଚିବ



ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଗସ୍ତରେ ଆସି ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ବିଷୟରେ ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। ଜୁନ୍ ୨୭ରେ ମହାପ୍ରଭୁଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଥିବାରୁ ରଥଯାତ୍ରାକୁ କିଭଳି ଶାନ୍ତି ଶୃଙ୍ଖଳାର ସହିତ ଆୟୋଜନ କରାଯାଇପାରିବ ସେନେଇ ସମୀକ୍ଷା କରିଛନ୍ତି ମୁଖ୍ୟ ଶାସନ ସଚିବ। ମୁଖ୍ୟ ଶାସନ ସଚିବ ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରେ ପହଞ୍ଚିବା ପରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ତାଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଶାସନ ସଚିବ ରଥ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବା ସହ ତିନି ରଥର ମୁଖ୍ୟ ବିଶ୍ୱକର୍ମାଙ୍କ ସହ ଆଲୋଚନା କରିଥିଲେ। ତେବେ ମହାପ୍ରଭୁଙ୍କ ଆଶୀର୍ବାଦରୁ ଚଳିତ ବର୍ଷ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଆୟୋଜନ ହେବ। ରଥଯାତ୍ରା ପାଇଁ ପ୍ରଶାସନିକ ସ୍ତରରେ ମଧ ଜୋରଦାର ପ୍ରସ୍ତୁତି ଚାଲିଛି। ତିନି ରଥର ନିର୍ମାଣ କାର୍ଯ୍ୟକୁ ଦ୍ରୁତ ଗତିରେ ଆଗେଇ ନେଉଛନ୍ତି ସମସ୍ତ ନିର୍ମାଣ କାରୀ। ଚଳିତ ବର୍ଷ ରଥଯାତ୍ରା ପ୍ରବଳ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି। ସେହିପରି ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ଚାଲିଥିବା ସମସ୍ତ ଚିତ୍ର କାର୍ଯ୍ୟ ମଧ ମୁଖ୍ୟ ଶାସନ ସଚିବ ବୁଲି ଦେଖିଥିଲେ। ମହାପ୍ରଭୁଙ୍କର ଆଶୀର୍ବାଦରୁ ଚଳିତବର୍ଷ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଆୟୋଜନ ହେବ ବୋଲି ଆଶା ରଖିଛନ୍ତି ମୁଖ୍ୟ ଶାସନ ସଚିବ।

# ଗୁଲୁମି ଜଳପ୍ରପାତରେ ବୁଡି ଦୁଇ ନାବାଳକ ନିଖୋଜ

କୋଷାଗୁମୁଡା (ଭାସ୍କର ନ୍ୟୁଜ): କୋଷାଗୁମୁଡା ସଦର ମହକୁମାର ମିରଗାନ ସାହିର ଦୁଇ ନାବାଳକ ଚାନ୍ଦିଲି ନିକଟସ୍ଥ ଗୁଲମୀ ଜଳପ୍ରପାତ ରେ ରବିବାର ଅପରାହ୍ଣ ରେ ଭାସି ଯାଇଛନ୍ତି । ସୂଚନା ପ୍ରକାରେ ୫ଜଣ ସାଙ୍ଗ ଦୁଇ ବାଇକ ରେ କୋଷାଗୁମୁଡା ରୁ କୋରାପୁଟ ଜିଲ୍ଲାର କୋଟପାଡ଼ ଥାନା ଅନ୍ତର୍ଗତ ଚାନ୍ଦିଲି ନିକଟସ୍ଥ ଗୁଲମୀ ଜଳପ୍ରପାତ କୁ ବୁଲିଯାଇଥିଲେ । ଜଳପ୍ରପାତ ନିକଟରେ ପରିଭ୍ରମଣ ସହ ଗାଧେଇବା ବେଳେ ଦୁଇ ଜଣ ବାଳକ ତଥା ଅଲୋକ ସୁନା ଓ କିରଣ ନାୟକ ଜଳ ସ୍ରୋତରେ ଭାସି ଯାଇଥିଲେ ବୋଲି ଜଣାପଡିଛି । ସାଥୀରେ ଥିବା ଅନ୍ୟ ତିନିଜଣ ସାଙ୍ଗ ପରିବାର ଲୋକ ଓ ସ୍ଥାନୀୟ ପୋଲିସ, ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ । ବର୍ତ୍ତମାନ କୋଷାଗୁମୁଡା ରୁ ପରିବାର ଓ ସମ୍ପର୍କୀୟ ଙ୍କ ସହ ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଘଟଣା ଉପରେ ଅନୁସନ୍ଧାନ ଚାଲିଥିବା ଜଣାପଡିଛି । ଦୁଇ ସାଙ୍ଗ ଚଳିତ ବର୍ଷ ୧୦ମ ଶ୍ରେଣୀରେ ପଢୁଥିବା ବେଳେ ଦୁହେଁ ଅତି ଘନିଷ୍ଠ ବନ୍ଧୁ ଥିଲେ ବୋଲି ଶୁଣିବାକୁ ମିଳିଛି ।ଏପଟେ କୋଷାଗୁମୁଡା ସଦର ରେ ଏକ ଦୁଃଖ ର ବାତାବରଣ ସୃଷ୍ଟି ହୋଇଯାଇଛି । ଏହି ତଥ୍ୟ ରାତି ୮ସୁଦ୍ଧା ଖବର ପ୍ରେରଣ ମଧ୍ୟରେ ଜାଣିବାକୁ ମିଳିଛି ।

# ଦୁର୍ଘଟଣାରେ ୫ ମୃତ

ଲକ୍ଷ୍ନୌ: ଉତ୍ତରପ୍ରଦେଶର ଆମେଥିରେ ରବିବାର ସକାଳେ ଏକ ଆମ୍ବୁଲାନ୍ସ ସହ ପିକ୍‌ଅପ୍ ଭ୍ୟାନର ଧକ୍କା ହେବା ଫଳରେ ୫ ଜଣଙ୍କର ମୃତ୍ୟୁ ହୋଇଛି। ଏହି ଘଟଣାଟି ଶୁକ୍ଲା ବଜାର ଥାନା ଅଞ୍ଚଳରେ ଥିବା ପୂର୍ବାଞ୍ଚଳ ଏକ୍ସପ୍ରେସ୍ ୱେରେ ଘଟିଛି। ଆମ୍ବୁଲାନ୍ସଟି ଲକ୍ଷ୍ନୌରୁ ଗାଜିପୁରକୁ ମୃତଦେହ ନେଇ ଯାଉଥିବାବେଳେ ପିକ୍‌ଅପ୍‌ଟି ପିଟିଥିଲା। ପୋଲିସ ସମସ୍ତ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ

# ନୀଳକଣ୍ଠ ମିଶ୍ରଙ୍କ ଶ୍ରାଦ୍ଧ ଦିବସ

ବୋଲଗଡ (ଭାସ୍କର ନ୍ୟୁଜ): କଣ୍ଟାବାଡ ଗ୍ରାମର ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ନୀଳକଣ୍ଠ ମିଶ୍ରଙ୍କ କୋଡ଼ିଏ ତମ ଶ୍ରାଦ୍ଧ ଦିବସ ସ୍ଥାନୀୟ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳନ ହୋଇଛି। ଏଥିରେ ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ର, ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ନୀଳକଣ୍ଠ ମିଶ୍ରଙ୍କ ବଡବୋହୁ ସୁକାନ୍ତି ଦେବୀ, ସମାଜସେବୀ ରାଜକିଶୋର ମିଶ୍ର ଓ ଶିକ୍ଷକ ବଂଶୀଧର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପରେ ସ୍ୱର୍ଗତଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା ସହ ଛାତ୍ରଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।



ନୂଆଦିଲ୍ଲୀ : ଭାରତ ଅନ୍ତର୍ଜାତୀୟ ଯୋଗ ଦିବସର ଦଶନ୍ଧି ପାଳନ କରିବାକୁ ପ୍ରସ୍ତୁତ ହେଉଥିବା ବେଳେ, ୧୧ତମ ସଂସ୍କରଣ ପାଇଁ ଜାତୀୟ ଆୟୋଜକ ଭାବରେ ମନୋନୀତ ବିଶାଖାପାଟଣା ସହରରେ ଆୟୁଷ ମନ୍ତ୍ରଣାଳୟ ଏବଂ ଆନ୍ଧ୍ର ପ୍ରଦେଶ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଏକ ବ୍ୟାପକ କ୍ଷେତ୍ର ପରିଦର୍ଶନ ଏବଂ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ଏପରି ଏକ ସମୟରେ ଆସିଛି ଯେତେବେଳେ ପ୍ରଧାନମନ୍ତ୍ରୀଙ୍କ ତୃଣମୂଳ ସ୍ତରରେ ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ଯୋଗକୁ ପହଞ୍ଚାଇବା ପାଇଁ କରାଯାଇଥିବା ପଦକ୍ଷେପ ଯୋଗୁଁ ଦେଶବ୍ୟାପୀ ପ୍ରସ୍ତୁତି ଦ୍ରୁତ ଗତିରେ ଚାଲିଛି । ଆୟୁଷ ମନ୍ତ୍ରଣାଳୟର ସଚିବ ବୈଦ୍ୟ ରାଜେଶ କୋଟେଚା ଏବଂ ଆନ୍ଧ୍ର ପ୍ରଦେଶ ସରକାରଙ୍କ ସ୍ୱତନ୍ତ୍ର ମୁଖ୍ୟ ସଚିବ କେ. ବିଜୟାନନ୍ଦଙ୍କ ନେତୃତ୍ୱରେ ତୃଣମୂଳ ସ୍ତରରେ ହୋଇଥିବା ଯାଞ୍ଚରେ ଆୟୁଷ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଶ୍ରୀ ମୋନାଲିସା ଦାଶ, ଜିଲ୍ଲା କଲେକ୍ଟର ଏମ୍.ଏନ୍. ହରେନ୍ଧିର ପ୍ରସାଦଙ୍କ ଭଳି ବରିଷ୍ଠ ଅଧିକାରୀ ଏବଂ ସ୍ୱାସ୍ଥ୍ୟ, ନଗର ଯୋଜନା, ଆୟୁଷ ଏବଂ ଭିଏମ୍ଆରଡିଏ ସମେତ ପ୍ରମୁଖ ବିଭାଗର ମୁଖ୍ୟମାନେ ସାମିଲ ଥିଲେ ।

# କନଷ୍ଟେବଲଙ୍କୁ ନିଯୁକ୍ତି ପତ୍ର ବାଣ୍ଟିଲେ ଶାହ



ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ରବିବାର ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଉତ୍ତର ପ୍ରଦେଶ ପୋଲିସର ୬୦,୨୪୪ ଜଣ ସିଭିଲ ପୋଲିସ କନଷ୍ଟେବଲଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି । ଏହି ଅବସରରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଆଜି ୬୦,୦୦୦ ରୁ ଅଧିକ ଯୁବକ ଭାରତର ସର୍ବବୃହତ ପୁଲିସ ବାହିନୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ହେବାକୁ ଯାଉଛନ୍ତି । ସେ କହିଥିଲେ ଯେ ଉତ୍ତର ପ୍ରଦେଶ ପୁଲିସ ସମଗ୍ର ଦେଶରେ ସର୍ବବୃହତ୍ ପୁଲିସ ବାହିନୀ, କିନ୍ତୁ ବିଗତ କିଛି ବର୍ଷ ଧରି ଆଇନ ଶୃଙ୍ଖଳା ପରିସ୍ଥିତି ଖରାପ ହେଉଥିଲା । ସେ କହିଥିଲେ ଯେ ୨୦୧୭ ରେ ଶ୍ରୀ ଯୋଗୀ ଆଦିତ୍ୟନାଥ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ଉତ୍ତର ପ୍ରଦେଶ ପୋଲିସ ପୁଣିଥରେ ନୂତନ ଉଚ୍ଚତା ହାସଲ କରିବା ଦିଗରେ ଆଗକୁ ବଢ଼ିବା ଆରମ୍ଭ କରିଥିଲା । ସେ କହିଥିଲେ ଯେ ଏହି ୬୦,୨୪୪ ଯୁବକମାନଙ୍କ ନିଯୁକ୍ତି ନିରପେକ୍ଷ ଢଙ୍ଗରେ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ କରାଯାଇଛି । ଶ୍ରୀ ଶାହ କହିଥିଲେ ଯେ ମୋଟ ୪୮ ଲକ୍ଷ ଆବେଦନ ମଧ୍ୟରୁ ୬୦,୦୦୦ ଅଧିକ ଯୁବକଙ୍କ ଚୟନ କେବଳ ଯୋଗ୍ୟତା ଆଧାରରେ ହୋଇଛି, ଯେଉଁଥିରେ ଲାଞ୍ଚ, ରାଜନୈତିକ ପ୍ରଭାବ, ସୁପାରିଶ, ଜାତି କିମ୍ବା ଦୁର୍ନୀତିର କୌଣସି ପ୍ରଭାବ ନାହିଁ । ଅମିତ ଶାହ କହିଥିଲେ ଯେ ମନୋନୀତ ଯୁବକମାନଙ୍କ ମଧ୍ୟରେ ୧୨,୦୦୦ରୁ ଅଧିକ ଯୁବତୀ ଅଛନ୍ତି ଏବଂ ସେମାନଙ୍କ ଆତ୍ମବିଶ୍ୱାସ, ଉତ୍ସାହ ଏବଂ ଖୁସି ସେମାନଙ୍କ ମୁହଁରେ ଦେଖି ବହୁତ ସନ୍ତୋଷ ମିଳିଥାଏ । ସେ କହିଥିଲେ ଯେ ମହିଳାମାନଙ୍କ ପାଇଁ ମୋଦୀ ସରକାରଙ୍କ ଦ୍ୱାରା କରାଯାଇଥିବା ସଂରକ୍ଷଣ ବ୍ୟବସ୍ଥା ଉତ୍ତର ପ୍ରଦେଶରେ ୧୦୦% ପାଳନ ସହିତ କାର୍ଯ୍ୟକାରୀ କରାଯାଉଛି । ସେ କହିଥିଲେ ଯେ ଏହି ଯୁବକମାନେ ଏପରି ଏକ ସମୟରେ ଉତ୍ତରପ୍ରଦେଶ ପୋଲିସର ଅଂଶବିଶେଷ ହେଉଛନ୍ତି ଯେତେବେଳେ ରାଜ୍ୟ ସଂସ୍କାର ଦିଗରେ ଅଗ୍ରସର ହେଉଛି । କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ପୂର୍ବରୁ ଜାତି ଆଧାରରେ ନିଯୁକ୍ତି ହେଉଥିଲା, କିନ୍ତୁ ଆଜି ଜ୍ଞାନକୌଶଳ ସମସ୍ତଙ୍କୁ ସଶକ୍ତ କରିଛି, ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଏହି ଯୁବକମାନଙ୍କ ନିଯୁକ୍ତିକୁ ସକ୍ଷମ କରିଛି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗତ ୧୧ ବର୍ଷର ଶାସନ କାଳରେ ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି ଏବଂ ୬୦ କୋଟି ଲୋକଙ୍କୁ ଗ୍ୟାସ୍ ସିଲିଣ୍ଡର, ଶୌଚାଳୟ, ଟ୍ୟାପ୍ ପାଣି, ବିଦ୍ୟୁତ, ୫ କିଲୋଗ୍ରାମ ମାଗଣା ଶସ୍ୟ, ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ଏବଂ ପ୍ରତ୍ୟେକ କୃଷକଙ୍କ ପାଇଁ ବାର୍ଷିକ ୬୦୦୦ ଟଙ୍କା ଯୋଗାଇ ଦିଆଯାଇଛି । ଅମିତ ଶାହ କହିଥିଲେ ଯେ ଆଜି ୬୦,୦୦୦ରୁ ଅଧିକ ଯୁବକ ଦେଶର ସର୍ବବୃହତ ପୁଲିସ ବାହିନୀରେ ଯୋଗ ଦେଉଛନ୍ତି, ଯାହାର କ୍ଷମତା ୪ ଲକ୍ଷ ରହିଛି । ସେ ଗୁରୁତ୍ୱାରୋପ କରିଥିଲେ ଯେ ଗୁଣ୍ଡାମାନେ ଏବଂ ମାଫିଆମାନେ ପୁଲିସକୁ ଭୟ କରିବା ଉଚିତ, ଯେତେବେଳେ କି ଗରିବ, ଦଳିତ, ପଛୁଆ ଏବଂ ଆଦିବାସୀମାନେ ପୁଲିସ କର୍ମଚାରୀଙ୍କୁ ସେମାନଙ୍କ ତ୍ରାଣକର୍ତ୍ତା ଭାବେ ଦେଖିବା ଉଚିତ ।

## ଇରାନକୁ ଇସ୍ରାଏଲର ଚେତାବନୀ
## ଶୀଘ୍ର ଖାଲି କର ସାମରିକ ଘାଟୀ

ନୂଆଦିଲ୍ଲୀ : ଇରାନ ଓ ଇସ୍ରାଏଲ୍ ଶନିବାର ବିଳମ୍ବିତ ରାତିରେ ପୁଣି ପରସ୍ପରକୁ ମିଜାଇଲ ମାଡ କରିଛନ୍ତି । ଉଭୟ ଦେଶ ମଧ୍ୟରେ ୩ ଦିନ ଧରି ସଂଘର୍ଷ ଜାରି ରହିଛି । ଇସ୍ରାଏଲ ଡିଫେନ୍ସ ଫୋର୍ସ ଇରାନ ମିଲିଟ୍ରି ଅସ୍ତ୍ରଶସ୍ତ୍ର ଫ୍ୟାକ୍ଟ୍ରି ଓ ଆଖପାଖରେ ରହୁଥିବା ନାଗରିକଙ୍କୁ ତୁରନ୍ତ ଅଞ୍ଚଳ ଖାଲି କରିବାକୁ ଚେତାବନୀ ଦେଇଛି । ଗତ ୩ ଦିନରେ ଇସ୍ରାଏଲ ଆକ୍ରମଣରେ ଇରାନରେ ୧୩୮ ଲୋକ ପ୍ରାଣ ହରାଇଛନ୍ତି । ଏଥିରେ ୯ ନ୍ୟୁକ୍ଲିୟର ବୈଜ୍ଞାନିକ ଓ ୨୦ରୁ ଅଧିକ କମାଣ୍ଡର ସାମିଲ । ତେବେ ୩୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଇରାନର ରାଜଧାନୀ ତେହରାନ ସମେତ ୭ ରାଜ୍ୟରେ ଏୟାର ଡିଫେନ୍ସ ସିଷ୍ଟମ ଆକ୍ଟିଭ୍ କରିଦିଆଯାଇଛି । ଇରାନର ପାଲଟା ଆକ୍ରମଣରେ ଇସ୍ରାଏଲର ୧୫୦ ସ୍ଥାନରେ ମିସାଇଲ ମାଡ ହୋଇଛି । ଏଥିରେ ୧୩ ଇସ୍ରାଏଲ ପ୍ରାଣ ହରାଇଥିବା ସମୟରେ ୩୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ଇସ୍ରାଏଲର ହାଇଫା ସହରର ବାଜାତ ତେଲ ରିଫାଇନାରୀ ସେଣ୍ଟରକୁ ମଧ୍ୟ କ୍ଷତି ପହଞ୍ଚିଛି । ଇରାନ କହିଛି କି ଯଦି ଇସ୍ରାଏଲ ଆକ୍ରମଣ ରୋକିଦେବ ତେବେ ଇରାନ ମଧ୍ୟ ରୋକି ଦେବ । ତେବେ ଏଥିରେ ଇସ୍ରାଏଲ ତରଫରୁ ଏପର୍ଯ୍ୟନ୍ତ କୌଣସି ବୟାନ ଆସିନି ।

# ଅହମ୍ମଦାବାଦ ବିମାନ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସହ ଉଦ୍ଧାର ଏବଂ ସହାୟତା କାର୍ଯ୍ୟର ସମୀକ୍ଷା କଲେ ପି.କେ ମିଶ୍ର



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ର ରବିବାର ଅହମ୍ମଦାବାଦ ଗସ୍ତ କରି ନିକଟରେ ଘଟିଥିବା ବିମାନ ଦୁର୍ଘଟଣା ପରବର୍ତ୍ତୀ ପରିସ୍ଥିତିର ସମୀକ୍ଷା କରିଛନ୍ତି । ତୁରନ୍ତ ସହାୟତା, ପୁଙ୍ଖାନୁପୁଙ୍ଖ ତଦନ୍ତ ଏବଂ ପୀଡିତ ଓ ସେମାନଙ୍କ ପରିବାରକୁ ବ୍ୟାପକ ସହାୟତା ପ୍ରଦାନ କରିବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶ ଉପରେ ସେ ଜୋର ଦେଇଥିଲେ । ଶ୍ରୀ ମିଶ୍ର ମେଘାନୀ ନଗରର ବି.ଜେ. ମେଡିକାଲ କଲେଜ ନିକଟରେ ଦୁର୍ଘଟଣା ସ୍ଥଳ ଅନୁଧ୍ୟାନ କରିଥିଲେ । ସେଠାରେ ରାଜ୍ୟ ସରକାର, ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି) ଏବଂ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ବରିଷ୍ଠ ଅଧିକାରୀମାନେ ତାଙ୍କୁ ଘଟଣାକ୍ରମ ଏବଂ ତୁରନ୍ତ ପ୍ରତିକ୍ରିୟା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ । ଅହମ୍ମଦାବାଦର ସିଭିଲ୍ ହସ୍ପିଟାଲ୍ ଗସ୍ତ ସମୟରେ, ଡକ୍ଟର ମିଶ୍ର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଭେଟିଥିଲେ, ଡିଏନଏ ନମୁନା ମେଳ ଖାଉଥିବା ଦେଖିଥିଲେ ଏବଂ ଏକ ସୁଗମ ଓ ସହାନୁଭୂତିପୂର୍ଣ୍ଣ ପ୍ରକ୍ରିୟା ସୁନିଶ୍ଚିତ କରି ପୂର୍ଣ୍ଣ ସହାୟତା ପ୍ରଦାନ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେ ଆହତମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ । ହସ୍ପିଟାଲ ଅଧିକାରୀମାନଙ୍କୁ ସେମାନଙ୍କର ଚିକିତ୍ସା ଏବଂ ସୁସ୍ଥତାକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଗାନ୍ଧୀନଗରର ଫୋରେନସିକ୍ ସାଇନ୍ସ ଲାବୋରେଟୋରୀ (ଏଫଏସଏଲ)ରେ, ଡକ୍ଟର ମିଶ୍ର ଡିଏନଏ ନମୁନା ମେଳ ପ୍ରକ୍ରିୟାର ସମୀକ୍ଷା କରିଥିଲେ ଏବଂ ବୈଜ୍ଞାନିକ ସଠିକତା ବଜାୟ ରଖି ଶୀଘ୍ର ଚିହ୍ନଟ ସମାପ୍ତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଅହମ୍ମଦାବାଦର ସର୍କିଟ ହାଉସରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଡକ୍ଟର ମିଶ୍ର କେନ୍ଦ୍ର ଏବଂ ରାଜ୍ୟ ସରକାର, ଏଏଆଇବି ଏବଂ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ବରିଷ୍ଠ ଅଧିକାରୀଙ୍କ ସହ ଜାରି ରହିଥିବା ସହାୟତା, ଉଦ୍ଧାର ଏବଂ ତଦନ୍ତ ପ୍ରୟାସ ବିଷୟରେ ଆଲୋଚନା କରିଥିଲେ । ଏଏଆଇବି ଏକ ସବିଶେଷ ତଦନ୍ତ ଆରମ୍ଭ କରିଛି, ଏବଂ ଆମେରିକାର ଜାତୀୟ ପରିବହନ ସୁରକ୍ଷା ବୋର୍ଡ (ଏନଟିଏସବି) ଅନ୍ତର୍ଜାତୀୟ ପ୍ରୋଟୋକଲ ଅନୁଯାୟୀ ଏକ ସମାନ୍ତରାଳ ତଦନ୍ତ କରୁଛି କାରଣ ବିମାନଟି ଆମେରିକାରେ ନିର୍ମିତ । ଫ୍ଲାଇଟ୍ ଡାଟା ରେକର୍ଡର୍ (ଏଫଡିଆର) ଏବଂ କକପିଟ୍ ଭଏସ୍ ରେକର୍ଡର୍ (ସିଭିଆର) ଠାବ ଏବଂ ସୁରକ୍ଷିତ କରାଯାଇଛି ବୋଲି ଅଧିକାରୀମାନେ ନିଶ୍ଚିତ କରିଛନ୍ତି । ଡକ୍ଟର ମିଶ୍ର ପୀଡିତ ପରିବାରକୁ ସମସ୍ତ ପ୍ରକାରର ସହାୟତା ଯୋଗାଇବା ଏବଂ ସମ୍ପୃକ୍ତ ସମସ୍ତ ଏଜେନ୍ସି ମଧ୍ୟରେ ସମନ୍ୱିତ ପ୍ରତିକ୍ରିୟା ସୁନିଶ୍ଚିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ । ପ୍ରମୁଖ ସଚିବଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ତରୁଣ କପୁର ଏବଂ ପିଏମଓର ଉପସଚିବ ଶମଙ୍ଗେଶ ଘିଲଡିୟାଲ ଉପସ୍ଥିତ ଥିଲେ ।

# ଛତିଶଗଡ କ୍ରିକେଟ ପ୍ରିମିୟର ଲିଗ୍ : ବିଜେତା ଦଳକୁ କପ୍ ପ୍ରଦାନ କଲେ ବିଷ୍ଣୁଦେବ

ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ନୂଆ ରାୟପୁରର ସହିଦ ବୀର ନାରାୟଣ ଅନ୍ତରାଷ୍ଟ୍ରୀୟ କ୍ରିକେଟ ଷ୍ଟାଡିୟମରେ ଆୟୋଜିତ ଛତିଶଗଡ କ୍ରିକେଟ ପ୍ରିମିୟର ଲିଗ୍ ସିଜିନ୍-୨ର ଉଦ୍‌ଯାପନୀ ସମାରୋହରେ ଯୋଗ ଦେଇଥିଲେ । ଶ୍ରୀ ସାଏ ଛତିଶଗଡ ପ୍ରିମିୟର ଲିଗ୍‌ର ବିଜେତା ଦଳକୁ କପ୍ ପ୍ରଦାନ କରିଥିଲେ । ବର୍ଷା ସତ୍ତ୍ୱେ ସିସିପିଏଲ୍ ଫାଇନାଲ ମ୍ୟାଚ୍ ଖେଳାଯାଇ ପାରିନଥିଲା । ଫାଇନାଲରେ ପହଞ୍ଚି ଥିବା ଦୁଇ ଟିମ୍‌କୁ ରାୟପୁର ରାଇନୋସ ଏବଂ ରାଜନନ୍ଦ ଗାଓଁ ଫେଥର୍ସକୁ ଯୁଗ୍ମ ବିଜେତା ଭାବେ ଘୋଷଣା କରାଯାଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ମୋର ଏହା ସୌଭାଗ୍ୟ ଯେ ସିସିପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସାନ୍‌ଦାର ଆୟୋଜନ ଦେଖି ବହୁ ଖୁସି । ଛତିଶଗଡରେ ସମସ୍ତ କ୍ରୀଡାକୁ ଆଗକୁ ନେବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ଦୋହରାଇଥିଲେ । ଏହି କ୍ରିକେଟ ପ୍ରିମିୟର ଲିଗ୍



ମାଧ୍ୟମରେ ରାଜ୍ୟର ପ୍ରତିଭାବାନ କ୍ରିକେଟରଙ୍କୁ ଅଧିକ ସୁଯୋଗ ମିଳିପାରିବ ବୋଲି ସେ କହିଥିଲେ । ସେ ଆହୁରି କହିଥିଲେ ଯେ, ପ୍ରବଳ ବର୍ଷା ଯୋଗୁଁ ଏହି କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇ ପାରିନଥିଲା । ଯେଉଁ ଦୁଇ ଟିମ୍ ଯୁଗ୍ମ ବିଜେତା ଭାବେ ମାନ୍ୟତା ପାଇଛନ୍ତି ଶ୍ରୀ ସାଏ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏବଂ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନାକରିଥିଲେ । ସେ କହିଥିଲେ ବର୍ଷା ହେଲେ ବି ବହୁ ସଂଖ୍ୟକ ଦର୍ଶକ ପଡିଆରେ ଉପସ୍ଥିତ ରହିବା କ୍ରିକେଟ ପ୍ରତି ଉତ୍ସାହ ସୃଷ୍ଟି କରିବ । ଛତିଶଗଡର କ୍ରିକେଟ ସଂଘ ଏ କ୍ଷେତ୍ରରେ ଆଗକୁ ବଢ଼ି ଛତିଶଗଡ ପ୍ରିମିୟର ଲିଗ୍ ଆୟୋଜନ କରିଛି । ଏହି ମ୍ୟାଚ୍ ଗତ ୬ତାରିଖରୁ ଆରମ୍ଭ ହୋଇ ୧୫ତାରିଖ ରବିବାର ଶେଷ ହୋଇଥିଲା । ଏଥିରେ ରାୟପୁର ରାଇନୋସ, ରାଜନନ୍ଦଗାଁ ପେଥର୍ସ, ରାୟଗଡ ଲାୟନସ୍, ବସ୍ତର ବାଇସନ୍ସ, ବିଳାସପୁର ବୁଲ୍ସ ଓ ସରଗୁଜା ଟାଇଗର୍ସ ଟିମ୍ ସାମିଲ ହୋଇଥିଲେ ।

# ବାଣିଜ୍ୟ



ନୂଆଦିଲ୍ଲୀ : ଅହମଦାବାଦରେ ବିମାନ ଦୁର୍ଘଟଣାର ହୃଦୟବିଦାରକ ଘଟଣା ପରେ ଏବେ କୋରିୟର ପାର୍ସଲ ଉପରେ କଟକଣା ଲାଗୁ କରାଯାଇଛି । ବିମାନରେ ଏଣିକି କୌଣସି ଲିକ୍ୱିଡ, ପାଉଡର ଓ ଇଲେକ୍ଟ୍ରୋନିକ୍ ସାମଗ୍ରୀ ନେଇ ଯିବା ଉପରେ କଟକଣା ଲଗାଇ ଦିଆଯାଇଛି । ଏପରି କୌଣସି କୋରିୟର ପାର୍ସଲକୁ କୌଣସି ପ୍ରକାରର ଏୟାର କୋରିୟରରେ ସ୍ୱୀକାର କରାଯିବ ନାହିଁ । ଶ୍ରୀ ମହାବୀର ଏକ୍ସପ୍ରେସ୍ ସର୍ଭିସ୍ ପ୍ରାଇଭେଟ ଲିମିଟେଡ ଏ ନେଇ ସାରା ଦେଶର ନିଜ କାର୍ଯ୍ୟାଳୟଙ୍କୁ ଲିଖିତ ଆଦେଶ ଜାରି କରିଛନ୍ତି । ଏହି ଆଦେଶରେ ବୁକିଂ କରିବା ବେଳେ ଏଣିକି ସତର୍କ ହୋଇଯାଅ ବୋଲି ଉଲ୍ଲେଖ କରାଯାଇଛି । ଦେଶର ସବୁ ଏୟାରପୋର୍ଟଙ୍କୁ ଏ ନେଇ କଡ଼ାକଡି ନିର୍ଦ୍ଦେଶ ଜାରି କରାଯାଇଛି । ଯଦି ବିନା ସୂଚନାରେ ଏପରି କୌଣସି ସାମଗ୍ରୀ ଯାଏ ତେବେ ଏହାକୁ ଏୟାରପୋର୍ଟରେ ହୋଲ୍ଡ କରିଦିଆଯିବ, ଯାହା ଫେରସ୍ତ ମିଳିବ ନାହିଁ । ମହାବୀର କୋରିୟର ସମେତ ଅନ୍ୟ କମ୍ପାନୀମାନେ ମଧ୍ୟ ଏହି ଆଦେଶକୁ ନେଇ ଏବେ କଡ଼ା ସତର୍କତା ଅବଲମ୍ବନ କରୁଛନ୍ତି । ଅନୁମାନ କରାଯାଉଛି ଏୟାର କୋରିୟର କମ୍ପାନୀମାନେ ସେମାନଙ୍କ ଅଫିସରେ ଏବେ ଏ ନେଇ ଲିଖିତ ସତର୍କତା ଟଙ୍ଗାଇ ପାରନ୍ତି ।

# ନିଟ୍‌ରେ ଆଲେନ୍‌ର ଟପ୍-୧୦ରେ ୪ଛାତ୍ର ଏବଂ ଟପ୍-୧୦୦ରେ ୩୯ ଛାତ୍ର

ALLEN CAREER INSTITUTE KOTA (RAJASTHAN) path to success



କୋଟା, (ଭାସ୍କର ନ୍ୟୁଜ୍): ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ଦ୍ୱାରା ଘୋଷଣା କରାଯାଇଥିବା ନିଟ୍-ୟୁଜି ୨୦୨୫ ଫଳାଫଳରେ ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ ପୁଣିଥରେ ନିଜର ଶ୍ରେଷ୍ଠତା ପ୍ରମାଣିତ କରିଛି । ନିଟ୍-ୟୁଜି ୨୦୨୫ରେ, ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ ଛାତ୍ରଛାତ୍ରୀମାନେ ଦେଶରେ ଶ୍ରେଷ୍ଠ ସ୍ଥାନ ପାଇବା ସହିତ ବହୁ ସଂଖ୍ୟକ ସରକାରୀ ମେଡିକାଲ୍ କଲେଜରେ ପ୍ରବେଶ କରିଛନ୍ତି । ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟ୍ ସିଇଓ ନୀତିନ୍ କୁକ୍ରେଜା କହିଛନ୍ତି ଯେ, ଫଳାଫଳରେ, ଆଲେନ୍ କ୍ଲାସରୁମ୍ ପାଠ୍ୟକ୍ରମର ଛାତ୍ରୀ ମୃଣାଳ ଝା ଅଲ୍ ଇଣ୍ଡିଆ ର୍‍ୟାଙ୍କ-୦୪ ହାସଲ କରିଛନ୍ତି । ଏହା ସହିତ, ଚାରି ଜଣ ଛାତ୍ର ଶ୍ରେଷ୍ଠ-୧୦ରେ ସ୍ଥାନ ପାଇଛନ୍ତି, ଯେଉଁଥିରେ କେଶବ ମିତ୍ତଲ ସର୍ବଭାରତୀୟ ର୍‍ୟାଙ୍କ ୦୭, ଭବ୍ୟ ଚିରାଗ ଝା ସର୍ବଭାରତୀୟ ର୍‍ୟାଙ୍କ ୦୮ ହାସଲ କରିଛନ୍ତି । ଏହି ତିନି ଜଣ ଆଲେନ ଶ୍ରେଣୀଗୃହ ଛାତ୍ର ଏବଂ ଆରଭ ଅଗ୍ରୱାଲ ସର୍ବଭାରତୀୟ ରାଙ୍କ ୧୦ ପାଇଛନ୍ତି ଯିଏ ଦୂରଶିକ୍ଷା ମାଧ୍ୟମରେ ଆଲେନ ସହିତ ଜଡିତ ଅଟନ୍ତି । ଆଲେନର ଆଶି ସିଂହ ସର୍ବଭାରତୀୟ ର୍‍ୟାଙ୍କ-୧୨ ପାଇଛନ୍ତି ଏବଂ ଅଲ ଇଣ୍ଡିଆ ବାଳିକା ବର୍ଗରେ ଦ୍ୱିତୀୟ ସ୍ଥାନ ପାଇଛନ୍ତି । ଏପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ, ଆଲେନଙ୍କ ଶ୍ରେଷ୍ଠ-୧୦୦ରେ ୩୯ ଜଣ ଛାତ୍ରଛାତ୍ରୀ ଅଛନ୍ତି । ଏଥିରେ ୨୯ ଜଣ ଶ୍ରେଣୀଗୃହ କାର୍ଯ୍ୟକ୍ରମରୁ ଅଟନ୍ତି । ୧୦ଜଣ ଦୂରଶିକ୍ଷା ଏବଂ ଅନଲାଇନ୍ ପରୀକ୍ଷା ସିରିଜ୍ କାର୍ଯ୍ୟକ୍ରମ ମାଧ୍ୟମରେ ଜଡ଼ିତ ଅଛନ୍ତି । ଏହି ଅବସରରେ ଆଲେନ ନିର୍ଦ୍ଦେଶକମାନେ ସମସ୍ତ ମନୋନୀତ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇଛନ୍ତି । ସିଇଓ ନୀତିନ କୁକ୍ରେଜା କହିଛନ୍ତି ଯେ ଆଲେନର ଫଳାଫଳ ଗୁଣବତ୍ତା ଏବଂ ସଂଖ୍ୟା ଦୃଷ୍ଟିରୁ ଭଲ ହୋଇଛି । ଫଳାଫଳ ଦେଖାଯିବା ପର୍ଯ୍ୟନ୍ତ, ବହୁ ସଂଖ୍ୟକ ଛାତ୍ର ଆଗକୁ ଆସୁଛନ୍ତି, ଯାହାଙ୍କର ସରକାରୀ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପ୍ରବେଶ ନିଶ୍ଚିତ ବୋଲି ବିବେଚନା କରାଯାଉଛି । ସେ କହିଛନ୍ତି ଯେ, ଗତ ୧୬ ବର୍ଷ ମଧ୍ୟରେ, ଆଲେନ୍‌ର ୧୩ ଜଣ ଶ୍ରେଣୀଗୃହ ଛାତ୍ରଛାତ୍ରୀ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ର୍‍ୟାଙ୍କ-୧ ହାସଲ କରିଛନ୍ତି । ୨୦୨୪ ମସିହାରେ, ଦେଶର ସର୍ବୋତ୍ତମ ଚିକିତ୍ସା ଶିକ୍ଷା ପ୍ରତିଷ୍ଠାନ ଭାବରେ ବିବେଚିତ ଏମ୍ସ ପ୍ରତିଷ୍ଠାନରେ ପ୍ରବେଶ କରୁଥିବା ପ୍ରତ୍ୟେକ ଚତୁର୍ଥ ଛାତ୍ର ଆଲେନ୍‌ର ଥିଲେ । ଏହା ସହିତ, ଆଲେନ୍‌ର ୧୦୪୫୦ରୁ ଅଧିକ ଛାତ୍ରଛାତ୍ରୀ ସରକାରୀ ମେଡିକାଲ୍ କଲେଜରେ ପ୍ରବେଶ ପାଇଥିଲେ । ଉଲ୍ଲେଖନୀୟ ଯେ ଜେଇ-ଆଡ୍‌ଭାନ୍ସ-୨୦୨୫ ଫଳାଫଳରେ, ଆଲେନ୍ କ୍ୟାରିଅର୍ ଇନଷ୍ଟିଚ୍ୟୁଟର ଶ୍ରେଣୀଗୃହ ଛାତ୍ର ରଜିତ ଗୁପ୍ତା ସମଗ୍ର ଭାରତରେ ଟପ୍ କରିଥିଲେ । ଟପ୍-୧୦ରେ ୪ ଜଣ ଶ୍ରେଣୀଗୃହ ଛାତ୍ରଛାତ୍ରୀ ଏବଂ ଟପ୍-୧୦୦ରେ ସର୍ବାଧିକ ୪୬ ଜଣ ଛାତ୍ରଛାତ୍ରୀ ଆଲେନ୍‌ର ଥିଲେ ।

# କଲ୍ୟାଣ ଜୁଏଲର୍ସର ନୂତନ ସୋ'ରୁମ୍ ଉଦ୍‌ଘାଟିତ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭାରତର ସବୁଠୁ ବିଶ୍ୱାସଯୋଗ୍ୟ ଓ ଅଗ୍ରଣୀ ଗହଣା ବ୍ରାଣ୍ଡ୍ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଓଡ଼ିଶାର ଭୁବନେଶ୍ୱରରେ ଏହାର ନବୀକୃତ ସୋ'ରୁମ୍‌କୁ ରବିବାର ଉଦ୍‌ଘାଟନ କରାଯାଇଛି । ଏହି ସୋ'ରୁମ୍‌ରେ କଲ୍ୟାଣ ଜୁଏଲର୍ସର ବିଭିନ୍ନ ଡିଜାଇନ୍‌ର ବ୍ୟାପକ ଗହଣା ସମ୍ଭାର ରହିଛି । ପୃଷ୍ଠପୋଷକମାନଙ୍କୁ ବିଶ୍ୱସ୍ତରୀୟ ପରିବେଶ ସହିତ ଏକ ଅତ୍ୟାଧୁନିକ ସୁବିଧା ମିଳିବ, ଯାହା ସେମାନଙ୍କୁ ଅତୁଳନୀୟ ସପିଙ୍ଗ ଅନୁଭୂତି ପ୍ରଦାନ କରିବ । ନୂତନ ସୋ'ରୁମ୍ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରମଣ କହିଛନ୍ତି ଯେ, 'ଭୁବନେଶ୍ୱରରେ କଲ୍ୟାଣ ଜୁଏଲର୍ସ ସୋ'ରୁମ୍‌କୁ ପୁନଃ ଉନ୍ମୋଚନ କରିବା ସହିତ ଗ୍ରାହକଙ୍କ ସ୍ୱତନ୍ତ୍ର ଆବଶ୍ୟକତା ପୂରଣ କରିବା ପାଇଁ ବ୍ୟାପକ ବ୍ୟବସ୍ଥା ସୃଷ୍ଟି କରିବା ହେଉଛି ଆମର ଲକ୍ଷ୍ୟ, ଯାହା ଗ୍ରାହକଙ୍କ ସପିଙ୍ଗ ଅନୁଭୂତିରେ ଉନ୍ନତି ଆଣିବ । ବିଶ୍ୱାସ ଓ ସ୍ୱଚ୍ଛତା ଭଳି ବ୍ରାଣ୍ଡ୍‌ର ମୂଲ୍ୟବୋଧକୁ ବଜାୟ ରଖି ନିରନ୍ତର ଅଭ୍ୟୁଦୟ ହେବା ସହ ବିଶ୍ୱସ୍ତରୀୟ ପରିବେଶ ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ । କଲ୍ୟାଣ ଜୁଏଲର୍ସରେ ଆମେ ଗୁଣାତ୍ମକ ମାନ ଓ ଉଲ୍ଲେଖନୀୟ ସେବା ସହିତ ବ୍ୟାପକ ପ୍ରକାରର ଆକର୍ଷଣୀୟ ଓ ସ୍ୱତନ୍ତ୍ର ଗହଣା ଡିଜାଇନ୍ ପ୍ରଦାନ କରିବା ଜାରି ରଖିବୁ । ଏହି ପୁନଃ ଶୁଭାରମ୍ଭକୁ ପାଳନ କରିବା ପାଇଁ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି ଯେଉଁଥିରେ ପୃଷ୍ଠପୋଷକମାନେ ସେମାନଙ୍କ ଗହଣା କ୍ରୟ ଉପରେ ଉଲ୍ଲେଖନୀୟ ସଂଚୟ ଉପଭୋଗ କରିପାରିବେ । ଏହି ଶୁଭାରମ୍ଭ ଅଫରର ଅଂଶ ଭାବେ ଗ୍ରାହକମାନେ ପ୍ରତି ୦ ଗ୍ରାମ ସୁନା ଗହଣା କ୍ରୟ ଉପରେ ୦.୫ ଗ୍ରାମର ସୁନା ମାଗଣାରେ ପାଇପାରିବେ । କଲ୍ୟାଣ ଜୁଏଲର୍ସ ପରିଚିତ ଥିବା ଅତୁଳନୀୟ କାରିଗରୀ ଓ ଅସୀମ ଡିଜାଇନର ଅନୁଭବ ହାସଲ କରିବା ସହିତ ପୃଷ୍ଠପୋଷାକମାନଙ୍କ ପାଇଁ ଆକର୍ଷଣୀୟ ଗହଣା ହାସଲ କରିବା ନିଶ୍ଚିତ କରିବ । ଏହା ବ୍ୟତୀତ, କଲ୍ୟାଣ ସ୍ପେସିଆଲ୍ ଗୋଲ୍ଡ ବୋର୍ଡ ରେଟ୍ ଯାହା ବଜାରରେ ସର୍ବନିମ୍ନ ଓ କମ୍ପାନିର ସମସ୍ତ ସୋ'ରୁମ୍‌ରେ ସମାନ ତାହା ଲାଗୁ ହେବ । ପୃଷ୍ଠପୋଷକମାନେ କଲ୍ୟାଣ ଜୁଏଲର୍ସର ୪-ସ୍ତରୀୟ ଆସ୍ୟୁରାନ୍ସ ସାର୍ଟିଫିକେଟ୍ ହାସଲ କରିବେ ଯାହା ଶୁଦ୍ଧତା ଓ ଗହଣାର ମାଗଣା ଜୀବନବ୍ୟାପୀ ରକ୍ଷଣାବେକ୍ଷଣ, ଉତ୍ପାଦର ସମ୍ପୂର୍ଣ୍ଣ ବିବରଣୀ ଓ ସ୍ୱଚ୍ଛ ଏକ୍ସଚେଂଜ୍ ଓ ବାଏ-ବ୍ୟାକ୍ ନୀତିକୁ ସୁନିଶ୍ଚିତ କରିବ । ବିଶ୍ୱସନୀୟ ଗ୍ରାହକମାନଙ୍କୁ ଶ୍ରେଷ୍ଠତା ପ୍ରଦାନ କରିବା ଲାଗି ବ୍ରାଣ୍ଡ୍‌ର ରହିଥିବା ପ୍ରତିବଦ୍ଧତାକୁ ଏହି ସାର୍ଟିଫିକେସନ୍ ପ୍ରତିଫଳିତ କରୁଛି । ଏହି ସୋ'ରୁମ୍‌ରେ କଲ୍ୟାଣର ଲୋକପ୍ରିୟ ନିଜସ୍ୱ ବ୍ରାଣ୍ଡ୍ ଯଥା ମୁହୂରତ (ବିବାହ ଗହଣା), ମୁଧ୍ରା (ହାତତିଆରି ଆଂଟିକ୍ ଗହଣା), ନିମାହ (ମନ୍ଦିର ଗହଣା), ଗ୍ଲୋ (ଡ୍ୟାନସିଂ ହୀରା), ଜିଆ (ସୋଲିଟାୟାର ଭଳି ହୀରା ଗହଣା), ଅନୋଖି (ଅନକଟ ହୀରା), ଅପୂର୍ବା (ସ୍ୱତନ୍ତ୍ର ଅବସର ପାଇଁ ହୀରା), ଅ'ରା (ବିବାହ ହୀରା), ହୀରା (ତିନିଦିନିଆ ପରିଧାନର ହୀରା), ରଙ୍ଗ (ମୂଲ୍ୟବାନ ଷ୍ଟୋନ ଗହଣା) ଓ ନିକଟରେ ଉନ୍ମୋଚନ ହୋଇଥିବା ଲିଲା (ରଙ୍ଗିନ ଷ୍ଟୋନ ଓ ହୀରା ଗହଣା) ରହିଛି ।

### ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବୈଠକ

# ଯୋଗ ସ୍ୱାସ୍ଥ୍ୟ ଏବଂ ସମର୍ପଣର ଏକ ବିପ୍ଲବ: ସାଧ୍ୱୀ ଦେବୀପ୍ରିୟା



କୁରୁକ୍ଷେତ୍ର: ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସର ପ୍ରସ୍ତୁତି ଏବଂ ପ୍ରଚାର କ୍ରମରେ ରବିବାର ମହିଳା ପତଞ୍ଜଳି ଯୋଗ ସମିତିର ମୁଖ୍ୟ କେନ୍ଦ୍ରୀୟ ପ୍ରଭାରୀ ସାଧ୍ୱୀ ଦେବପ୍ରିଆ ଜୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଡକାଯାଇଥିଲା, ଯେଉଁଥିରେ ସେ କହିଥିଲେ ଯେ ଏହା କେବଳ ଯୋଗ ନୁହେଁ, ବରଂ ସ୍ୱାସ୍ଥ୍ୟ, ସଂସ୍କୃତି ଏବଂ ସମର୍ପଣର ଏକ ବିପ୍ଳବ । ସେ ସମସ୍ତଙ୍କୁ ଆସିବାକୁ ଆହ୍ୱାନ କରିଥିଲେ । ଏହି ପବିତ୍ର ପ୍ରୟାସର ଅଂଶ ହୁଅନ୍ତୁ ଏବଂ ଜୁନ୍ ୨୧ ତାରିଖରେ ବ୍ରହ୍ମସରୋବରରେ ସମବେତ ହେବା ପାଇଁ ଯଥାସମ୍ଭବ ଲୋକଙ୍କୁ ପ୍ରେରଣା ଦିଅନ୍ତୁ । ମୁଖ୍ୟ କେନ୍ଦ୍ରୀୟ ପ୍ରଭାରୀ ଭାଇ ରାକେଶ କୁମାର 'ଭାରତ', ସ୍ୱାମୀ ପରମାର୍ଥଦେବ ଏବଂ ଯୋଗ କମିଶନର ଅଧ୍ୟକ୍ଷ ଡକ୍ଟର ଜୟଦୀପ ଆର୍ଯ୍ୟ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ । ଜିଲ୍ଲା ପତଞ୍ଜଳି କିଷାନ ସେବା ସମିତିର ସଭାପତି ରାଧେଶ୍ୟାମ ଗୁପ୍ତା ଜି, ରାଜ୍ୟ ପ୍ରଭାରୀ ରାଜେଶ ଭାଟି ଜୀଙ୍କ ନେତୃତ୍ୱରେ, ପେହୋୱାର ଗ୍ରାମ ମୋହନପୁର ବାକ୍ରି ଏବଂ ଇସାକରେ ଯୋଗ ଆରୋଗ୍ୟ ସଭା ସହିତ ଘର ଘର ପ୍ରଚାର କରିଥିଲେ । ଏହା ସହିତ, କାଲସା ତହସିଲ ପେହୋୱା ଜିଲ୍ଲା କୁରୁକ୍ଷେତ୍ରରେ ଯୋଗ ଅଭ୍ୟାସ କରାଯାଇଥିଲା । ଜିଲ୍ଲା ପ୍ରଭାରୀ ମୁକେଶ ଜୀ ଏବଂ ତହସିଲ ପ୍ରଭାରୀ ଅଜୟ ପୋପଲି ଜୀ, ବିନୟ ମାଲହୋତ୍ରା ଜୀ, ସୀମା ମାଲହୋତ୍ରା ଜୀ, ଓମ ପ୍ରକାଶ ମାଲହୋତ୍ରା ଜୀ, ଅଶୋକ ସେନ ଜୀ ଏବଂ ତିଲକ ରାଜ କକ୍କର ଇତ୍ୟାଦି ବିଶେଷ ଭାବରେ ଉପସ୍ଥିତ ଥିଲେ । ସାଧବୀ ଦେବଭାନୀ ଜୀ, ସାଧବୀ ଦେବଗରିମା ଜୀ, ହରିୟାଣା ମହିଳା ପତଞ୍ଜଳି ଯୋଗ ସମିତି ରାଜ୍ୟ ଇନଚାର୍ଜ ଅମର ରବିଶ ଜୀ, ରାଜ୍ୟ ସୋସିଆଲ ମିଡିଆ ଇନଚାର୍ଜ ପ୍ରଫେସର ନିରୁପମା ଭଟ୍ଟୀ, କୁରୁକ୍ଷେତ୍ରର ଭଉଣୀ ମଞ୍ଜୁ ନରୱାଲ, ହରିୟାଣା ରାଜ୍ୟ ଯୋଗାଯୋଗ ଇନଚାର୍ଜ ଭଉଣୀ ପ୍ରେମଲତା ଛକରା, ପେହୋଭା ଭଉଣୀ କିରଣ, ରେନୁ, ମନୋରାମା, କୃଷ୍ଣ, ପତଞ୍ଜଳି ଯୋଗ ସମିତିର ଯୁବକ ଇନଚାର୍ଜ ଅନିଲ ଗୁପ୍ତା, ମିଡିଆ ଇନଚାର୍ଜ ବିକାଶ ଭଟନଗର, ସହରୀ ଇନଚାର୍ଜ ଅନିଲ ରାଣା, ତହସିଲ ଇନଚାର୍ଜ ଅଜୟ ପପଲି, ଜୋଗିନ୍ଦର ଦଲାଲ କୁଲୱନ୍ତ ସିଂ ଇତ୍ୟାଦି ଯୋଗ ଅଭ୍ୟାସ କରିଥିଲେ ଏବଂ ଏହାକୁ ପ୍ରଚାର କରିଥିଲେ ।

# ଆରଏସ୍‌ପିର ପାଭିଲିୟନ୍ ଉଦ୍‌ଘାଟନ କଲେ ରାଜସ୍ୱ ମନ୍ତ୍ରୀ

ରାଉରକେଲା (ଭାସ୍କର ନ୍ୟୁଜ୍) : ଓଡିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୁନ୍ଦରଗଡ଼ରେ ଅନୁଷ୍ଠିତ ବିକାଶ ମେଳା ୨୦୨୫ରେ ଜୁନ ୧୨ ତାରିଖ ଦିନ ସେଲ୍, ରାଉରକେଲା ଇସ୍ପାତ କାରଖାନାର ପାଭିଲିୟନ୍ ଉଦଘାଟନ କରିଥିଲେ । ତାଙ୍କ ସହିତ ତଳସରାର ବିଧାୟକ ତଥା ଓଡିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରଘୁନାଥପାଲିର ବିଧାୟକ ଦୁର୍ଗା ଚରଣ ତନ୍ତୀ, ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ସୁନ୍ଦରଗଡ଼ ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର ଏବଂ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନର ଅନ୍ୟ ବହୁ ବରିଷ୍ଠ ଅଧିକାରୀମାନେ



ଉପସ୍ଥିତ ଥିଲେ । ଆରଏସପିର ପାଭିଲିୟନ୍‌ରେ ଆରଏସପି ଏହାର ଐତିହାସିକ ଯାତ୍ରା, ଅଭିବୃଦ୍ଧି ଏବଂ ଓଡିଶା ପ୍ରତି ଏହାର ଅବଦାନକୁ ପ୍ରଦର୍ଶନ କରୁଛି ଯେଉଁଥିରେ କମ୍ପାନୀର ଉତ୍ପାଦ ସମୂହ, ଉତ୍ପାଦନ ସ୍ଥିତି, କ୍ରୀଡା ପଦକ୍ଷେପ ଏବଂ ସିଏସଆର କାର୍ଯ୍ୟଧାରା ଭଳି ପ୍ରମୁଖ ଦିଗଗୁଡ଼ିକୁ ସ୍ଥାନ ପାଇଛି ।



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଓଡ଼ିଶାରେ ବଡି ବିଲ୍ଡିଂ ତଥା ସୁନ୍ଦର ସ୍ୱାସ୍ଥ୍ୟ କ୍ରୀଡ଼ାର ବେଶ୍ ଆଦର ରହିଛି। ବହୁ ପୁରଣା ଦିନରୁ ବି ଓଡ଼ିଶା ଖେଳାଳି ମିଷ୍ଟର୍ ଇଣ୍ଡିଆ ମୁକୁଟ ଜିତିବାର ଏକାଧିକ ଉଦାହରଣ ଅଛି। ଏବେ ବି ଓଡ଼ିଶାର ବଡି ବିଲ୍ଡର ଏସୀୟ ଓ ବିଶ୍ୱ ପ୍ରତିଯୋଗିତାରେ କୀର୍ତ୍ତି ଅର୍ଜନ କରୁଛନ୍ତି। ଏଭଳି ସଫଳତାକୁ ଦେଖି ଓଡ଼ିଶା ସରକାର ବଡି ବିଲ୍ଡିଂକୁ 'ସ୍ୱୀକୃତିପ୍ରାପ୍ତ ଖେଳ'ର ମାନ୍ୟତା ଦେଇଛନ୍ତି। ଏପରି କ୍ଷେତ୍ରରେ ରଞ୍ଜନଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦାରିଦ୍ର୍ୟ ତାଙ୍କ ପାଖରେ ହାର ମାନିଛି। ଯାଜପୁର ଜିଲ୍ଲା କୁନ୍ଦପାଟଣା ନିକଟସ୍ଥ ଚାନ୍ଦମୋହିନୀ ଗାଁର ସୁବନ ନାୟକ ଓ ସସ୍ମିତା ନାୟକଙ୍କର ସେ ଏକମାତ୍ର ପୁଅ। ଆତ୍ମନିର୍ଭରଶୀଳ ହେବା ପୂର୍ବରୁ ମା'ଙ୍କୁ ହରାଇ ବସିବା ପରେ ରଞ୍ଜନଙ୍କ ଉପରେ ପଡ଼େ ଦୁଃସ୍ଥ ବାପା ଓ ୩ ଭଉଣୀଙ୍କ ବୋଝ। ତଥାପି ଦବି ଯାଆନ୍ତିନି ରଞ୍ଜନ। ପରିବାରର ଦୁର୍ବଳ ଆର୍ଥିକ ସ୍ଥିତି ତାଙ୍କ ମାନସିକ ଦୃଢ଼ତା ଆଗରେ ହାର ମାନେ। କ୍ୟାଣ୍ଟିନ୍ ପରିଚାଳନା ଓ କାର ସୋ'ରୁମ୍‌ରେ ସାମୟିକ ଚାକିରି ଜରିଆରେ ହେଉଥିବା ଆୟରେ ଦୁଇ ଭଉଣୀଙ୍କ ବିବାହ କରାଇ ସାରିଛନ୍ତି। ଏସବୁ ଭିତରେ ବି ନିଜର ପ୍ରଥମ ପ୍ରେମ ବଡି ବିଲ୍ଡିଂକୁ ଜାବୁଡ଼ି ଧରି ସଫଳତାର ପାହାଚ ଚଢୁଛନ୍ତି ରଞ୍ଜନ। ଭୁବନେଶ୍ୱର ଆସିବା ପରେ ମୋର ବଡି ବିଲଡିଂର ଅନ୍ୟତମ ସଫଳ ଖେଳାଳି ତଥା ପ୍ରଶିକ୍ଷକ ରଶ୍ମିରଂଜନ ସାହୁଙ୍କ ସହ ସାକ୍ଷାତ ହେଲା। ତାଙ୍କ ଦିଗ୍‌ଦର୍ଶନ ଓ ସମର୍ଥନ ମିଳିବା ପରେ ମୁଁ ରାଜ୍ୟସ୍ତରରେ ପଦକ ଜିତିବା ସହ ଜାତୀୟସ୍ତରର ପ୍ରତିଯୋଗିତାରେ ବି ଅଂଶଗ୍ରହଣ କରିଛି।

## ବିସିସିଆଇକୁ ସଚିନ୍‌ଙ୍କ ଅନୁରୋଧ

# ତେନ୍ଦୁଲକର-ଆଣ୍ଡରସନ ପରିବର୍ତ୍ତେ ପଟୌଦିଙ୍କ ନାମ ରଖାଯାଉ



ନୂଆଦିଲ୍ଲୀ: କ୍ରିକେଟ୍‌ର ଭଗବାନ କୁହାଯାଉଥିବା ସଚିନ ତେନ୍ଦୁଲକର ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଏକ ଅନୁରୋଧ କରିଛନ୍ତି। ସଚିନ କହିଛନ୍ତି, ଇଂଲଣ୍ଡରେ ଯେଉଁ ଟେଷ୍ଟ ସିରିଜ୍ ଭାରତୀୟ ଦଳ ଖେଳୁଛି ତାର ନାମ ପଟୌଦୀଙ୍କ ନାମରେ ରହିବା ଉଚିତ୍। ବିସିସିଆଇ ଓ ଇଂଲଣ୍ଡ କ୍ରିକେଟ୍ ବୋର୍ଡ ମିଶି ଏହି ସିରିଜର ନାଁ ତେନ୍ଦୁଲକର-ଆଣ୍ଡରସନ ସିରିଜ୍ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ମାତ୍ର ସଚିନ ଚାହାନ୍ତି କୌଣସି ବି ପ୍ରକାରେ ପଟୌଦୀଙ୍କ ଇତିହାସକୁ ଜୀବିତ ରଖାଯାଉ। ପଟୌଦୀ ଟ୍ରଫି ନାମରେ ଏହି ସିରିଜ୍ ଏହି ମହାନ ଖେଳାଳିଙ୍କ ସମ୍ମାନରେ ଖେଳା ଯାଉଛି। ଏହି ଖେଳାଳି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଭାରତ ଓ ଇଂଲଣ୍ଡ ଉଭୟ ଦଳର ପ୍ରତିନିଧିତ୍ୱ କରୁଥିବା ଏକମାତ୍ର ଖେଳାଳି। କିନ୍ତୁ ବିସିସିଆଇ ଓ ଇସିବି ଜେମ୍ସ ଆଣ୍ଡରସନ ଓ ତେନ୍ଦୁଲକରଙ୍କ ସମ୍ମାନରେ ସିରିଜ୍‌ର ନାଁ ପଟୌଦୀ ଟ୍ରଫି ବଦଳାଇ ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଉଭୟ ବୋର୍ଡ ପଟୌଦୀ ପରିବାରକୁ ଆନୁଷ୍ଠାନିକ ଭାବେ ଏହାର ସୂଚନା ଦେଇଥିଲେ। ହେଲେ ଏହି ନିଷ୍ପତ୍ତିରେ ପଟୌଦୀ ପରିବାର ଖୁସି ନାହାନ୍ତି। ହେଲେ ଏବେ ଖୋଦ୍ ସଚିନ ତେନ୍ଦୁଲକର ବିସିସିଆଇକୁ ଭବିଷ୍ୟତରେ ଭାରତ-ଇଂଲଣ୍ଡ ସିରିଜରେ ପଟୌଦୀଙ୍କ ଲିଗାସିକୁ ଜାରି ରଖିବାକୁ ଅନୁରୋଧ କରିଛନ୍ତି। କ୍ରିକବଜ ଅନୁସାରେ ୫୨ ବର୍ଷୀୟ ତେନ୍ଦୁଲକର ଏହି ମାମଲାରେ ବିସିସିଆଇ ଓ ଇସିବିର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। କେବଳ ଏତିକି ନୁହେଁ ରିପୋର୍ଟରେ ଦାବି କରାଯାଇଛି ଯେ, ସଚିନ ତେନ୍ଦୁଲକରଙ୍କ କଥାରେ ଦୁଇ ବୋର୍ଡ ସହମତି ପ୍ରକାଶ କରିଛନ୍ତି। ଆଇସିସିର ବର୍ତ୍ତମାନ ଅଧ୍ୟକ୍ଷ ତଥା ବିସିସିଆଇର ପୂର୍ବତନ ସଂପାଦକ ଜୟ ଶାହ ମଧ୍ୟ ଏହା ସୁନିଶ୍ଚିତ କରିଛନ୍ତି ଯେ, ତେନ୍ଦୁଲକରଙ୍କ ଅନୁରୋଧ ପୂରା ହେଉ। ଟ୍ରଫି ନାମକରଣ ସମାରୋହ ଜୁନ ୧୪ରେ ଲର୍ଡ୍ସରେ ଡବ୍ଲ୍ୟୁଟିସି ଫାଇନାଲ୍ ସମୟରେ ଆୟୋଜିତ ହେବାର ଥିଲା। ମାତ୍ର ଅହମ୍ମଦାବାଦ ବିମାନ ଦୁର୍ଘଟଣାର ପୀଡ଼ିତଙ୍କ ସମ୍ମାନରେ ଏହି କାର୍ଯ୍ୟକ୍ରମକୁ ରଦ୍ଦ କରାଯାଇଛି। ଏହା ମଧ୍ୟ କୁହାଯାଉଛି ଯେ, ପଟୌଦୀ ପଦକ ବିଜେତା ଦଳର ଅଧିନାୟକ କିମ୍ବା ସିରିଜରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ଦିଆଯିବ। ଏମିତି ହେଲେ ପଟୌଦୀଙ୍କ ଲିଗାସି ବି ଜାରି ରହିବ। ୨୦୦୭ରେ ଏହା ଆରମ୍ଭ ହୋଇଥିଲା।

## ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ଚୟନ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ରାଜ୍ୟର ମର୍ଯ୍ୟାଦାପୂର୍ଣ୍ଣ ତଥା ସମ୍ମାନଜନକ ସାହାଣୀ କପ ସିନିଅର ପୁରୁଷ ଆନ୍ତଃ ଜିଲ୍ଲା ଫୁଟବଲ ଟୁର୍ନାମେଣ୍ଟ ପାଇଁ ଜିଲ୍ଲା ଦଳ ଚୟନ ଆସନ୍ତା ୧୯ ଜୁନ ଗୁରୁବାର ଦିନ ଷ୍ଟାଡିୟମ ପଡିଆ ଠାରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଆଗ୍ରହୀ ପୁରୁଷ ଖେଳାଳି ନିଜର ପ୍ରମାଣ ପତ୍ର (ଜନ୍ମ ସାର୍ଟିଫିକେଟ / ହାଇସ୍କୁଲ ସାର୍ଟିଫିକେଟ / ଆଧାର କାର୍ଡ) ସହ ନିଜର ଖେଳ ଉପକରଣ ଧରି ଫୁଟବଲ ସମ୍ପାଦକ ରବୀନ୍ଦ୍ର କୁମାର ପାତ୍ରଙ୍କ ନିକଟରେ ଦିବା ୧୧ ଘଟିକା ପୂର୍ବରୁ ନାମ ପଞ୍ଜିକରଣ କରି ଚୟନ ପ୍ରକ୍ରିୟାରେ ସାମିଲ ହେବାକୁ ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ପ୍ରକାଶ ଥାଉକି ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ଫୁଟବଲ ଟୁର୍ନାମେଣ୍ଟର ୪ଟି ଜୋନ ମଧ୍ୟରୁ ଗୋଟିଏ ଜୋନ କେନ୍ଦୁଝର ଜିଲ୍ଲାରେ ଅନୁଷ୍ଠିତ ହେବ ବୋଲି ଫୁଟବଲ ଆସୋସିଏସନ ଅଫ ଓଡିଶା ଜଣାଇଛନ୍ତି।

## ଜାତୀୟ କନଷ୍ଠ କରାଟେ ପ୍ରତିଯୋଗୀତା ଉଦ୍‌ଯାପିତ

# ଓଡିଶା ଦଳର ଅଭୂତପୂର୍ବ ସଫଳତା



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଉତ୍ତରାଖଣ୍ଡର ଡେରାଡୁନଠାରେ ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଜାତୀୟ ଉପ-କନିଷ୍ଠ, ଯୁବ ଓ କନିଷ୍ଠ କରାଟେ ପ୍ରତିଯୋଗୀତା ରବିବାର ଉଦ୍‌ଯାପିତ ହୋଇଯାଇଅଛି । ଏହି ପ୍ରତିଯୋଗିତାରେ ଓଡିଶା ଦଳ ୮ ଟି ସ୍ୱର୍ଣ, ୧୩ ଟି ରୌପ୍ୟ ଓ ୧୫ ଟି କାଂସ୍ୟ ଏହିପରି ମୋଟ ୩୬ ଟି ପଦକ ଲାଭ କରି ସର୍ବାଧିକ ପଦକ ତାଲିକାରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ସ୍ୱର୍ଣ ପଦକ ହିସାବ ତାଲିକାରେ ଚତୁର୍ଥ ସ୍ଥାନ ଲାଭ କରିଛି। ଆଜିର ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀମାନେ ହେଲେ କୈଭବ ପଟନାୟକ ୧୧ ବର୍ଷ ବାଳକ କାଟାରେ ସ୍ୱର୍ଣ ପାଇଥିବା ବେଳେ ନୀତିକ ମହନ୍ତ ୬ ବର୍ଷ ବାଳକ କାଟା ରେ ରୌପ୍ୟ, ବିଶ୍ୱଦୀପ ବେହେରା ୧୦ ବର୍ଷ ବାଳକ କାଟାରେ ରୌପ୍ୟ, ଅଭିଜ୍ଞାନ ଦାଶ, ୧୦ ବର୍ଷ ବାଳକ ଫାଇଟିଙ୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଶ୍ରୟାନ ଶ୍ରେୟାନଶୁ ଜେନା ୮ ବର୍ଷ ବାଳକ କାଟାରେ କାଂସ୍ୟ, ନକସ ପୋଦାର ୯ ବର୍ଷ ବାଳକ ଫାଇଟିଙ୍ଗରେ କାଂସ୍ୟ, ନିସାନ ସିଂ ୧୩ ବର୍ଷ ବାଳକ ୫୫ କେଜିରୁ କମ ଫାଇଟରେ କାଂସ୍ୟ, ସ୍ୱୋୟମ ପ୍ରତୀକ ଦାସ ୧୩ ବର୍ଷ ବାଳକ ୬୫ କେଜିରୁ କମ ଫାଇଟିଙ୍ଗରେ କାଂସ୍ୟ, ରୋହନ ସ୍ୱାଇଁ ୧୩ ବର୍ଷ ବାଳକ ୬୫ କେଜିରୁ ଅଧିକ ଫାଇଟିଙ୍ଗରେ କାଂସ୍ୟ ଏବଂ ସବ-ଜୁନିଅର ପୁରୁଷ ଟିମ କାଟାରେ ଶିବ କୃପା ମିଶ୍ର, ଅର୍ପିତ କୁମାର ଦାସ, ଦେବେନ୍ଦ୍ର କୁମାର ପରିଡା, ସୋର୍ଜ୍ୟ ଚନ୍ଦ୍ରକା କାଂସ୍ୟ ପଦକ ହାସଲ କରିଛନ୍ତି। ଓଡିଶା ଦଳର ଏହି ବିପୁଳ ସଫଳତା ନିମନ୍ତେ ଓଡିଶା ରାଜ୍ୟ କରାଟେ ଡୋ ସଂଘ ତରଫରୁ ଦଳ ସହ ଗସ୍ତ କରିଥିବା ପ୍ରବନ୍ଧକ ଅବିନାଶ ପୁହିର, କୋଚ, ଦୀପକ କୁମାର ସାମନ୍ତରା, ସନ୍ତୋଷ କୁମାର ମହାରଣା, ରାଜେନ୍ଦ୍ର ସାମଲ, କେ. ଜି. କେ ପ୍ରତିହାରୀ, ସୁସମିନୀ ପାଲଟାସିଙ୍ଗ, କୃଷ୍ଣ ଚନ୍ଦ୍ର ମହାରଣା, ଭାଲେନା ଭଲେଣ୍ଟିନା, ଦେବେନ୍ଦ୍ର ରାଣା ଓ ଅଫିସିଆଲ ରାଜୀବ ସିଂଙ୍କୁ ଧନ୍ୟବାଦ ଜଣାଇଥିବା ବେଳେ ରାଜ୍ୟ ସରକାରଙ୍କ ସହାୟତା ନିମନ୍ତେ କ୍ରିଡା ବିଭାଗକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

# ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଉନ୍ମୋଚନ ସ୍ଥଗିତ




ଲଣ୍ଡନ: ଅହମଦାବାଦରେ ଘଟିଥିବା ବିମାନ ଦୁର୍ଘଟଣା ଯୋଗୁ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ଲାଗି ପ୍ରସ୍ତାବିତ ଉନ୍ମୋଚନ କାର୍ଯ୍ୟକ୍ରମକୁ ସ୍ଥଗିତ କରି ଦିଆଯାଇଛି। ସୂଚନା ମୁତାବକ, ଇଂଲଣ୍ଡ ଓ ଭାରତ ମଧ୍ୟରେ ଇଂଲଣ୍ଡରେ ଖେଳାଯିବାକୁ ଥିବା ଦ୍ୱିପାକ୍ଷିକ ଟେଷ୍ଟ ସିରିଜ୍ ଲାଗି ଟ୍ରଫି ନାମକରଣ କାର୍ଯ୍ୟକ୍ରମ ୱାର୍ଲଡ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଅବସରରେ ଜୁନ ୧୪ ତଥା ଶନିବାର କରାଯିବାର ଥିଲା। ଏଥିଲାଗି ସଚିନ ତେନ୍ଦୁଲକର ଓ ଜେମ୍ସ ଆଣ୍ଡରଶନଙ୍କୁ ଆମନ୍ତ୍ରଣ କରାଯାଇଥିଲା। ହେଲେ ଲର୍ଡସରେ ହେବାକୁ ଥିବା ଏହି ଇଭେଣ୍ଟକୁ ଉଭୟ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମିଳିତ ଭାବେ ଅନ୍ତିମ ମୁହୂର୍ତ୍ତରେ ସ୍ଥଗିତ କରିବାକୁ ନିଷ୍ପତ୍ତି ନେଇଥିଲେ।

# ସର୍ବ ଭାରତୀୟ ସ୍ତରରେ ଆନ୍ତଃ ସୈନିକ ସ୍କୁଲ୍ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ସର୍ବ ଭାରତୀୟ ସ୍ତରରେ ଆନ୍ତଃ ସୈନିକ ସ୍କୁଲ ଫୁଟବଲ ପ୍ରତିଯୋଗିତା (୨୦୨୫) ସୈନିକ ସ୍କୁଲ ଭୁବନେଶ୍ୱରର ପ୍ରାଙ୍ଗଣରେ ଉଦଯାପିତ ହୋଇଅଛି। ଜୁନ ୭ ତାରିଖରୁ ସପ୍ତାହ ବ୍ୟାପି ଏହି ପ୍ରତିଯୋଗିତାଟି ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଆମ ଦେଶର ବିଭିନ୍ନ ସୈନିକ ସ୍କୁଲର ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗୀ ମାନଙ୍କୁ ୩ଟି ବର୍ଗରେ ଭାଗ କରାଯାଇଥିଲା। ପ୍ରଥମ ବର୍ଗରେ - ୧୭ବର୍ଷ ରୁ କମ କନିଷ୍ଠ ବାଳକ ବର୍ଗ , ଦ୍ୱିତୀୟ ବର୍ଗରେ - ୧୫ ବର୍ଷରୁ କମ ଉପକନିଷ୍ଠ ବାଳକ ବର୍ଗ, ତୃତୀୟ ବର୍ଗରେ - ୧୭ ବର୍ଷରୁ କମ କନିଷ୍ଠ ବାଳିକା ବର୍ଗ। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଭାରତୀୟ ହକି ଇଣ୍ଡିଆର ଅଧ୍ୟକ୍ଷ ତଥା ଭାରତୀୟ ଜାତୀୟ ହକି ଦଳର ପୂର୍ବତନ କ୍ୟାପଟେନ ପଦ୍ମଶ୍ରୀ ଡ଼ ଦିଲ୍ଲୀପ ତାର୍କି ଉପସ୍ଥିତ ଥିଲେ। ତାଙ୍କର ଅଭିଭାଷଣରେ ସେ ପ୍ରତିଯୋଗୀ ମାନଙ୍କୁ କ୍ରୀଡ଼ା ପ୍ରତି ଆଗହୀ ହେବାକୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଆମର ବାସ୍ତବ ଜୀବନରେ କ୍ରୀଡ଼ାର ମହତ୍ତ୍ୱ ପ୍ରତିପାଦିତ କରିଥିଲେ । ତତସହିତ ସୈନିକ ସ୍କୁଲ କିଭଳି ଭାବରେ କ୍ରୀଡା ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କର ସର୍ବାଙ୍ଗୀନ ବିକାଶ, ସଂସ୍କୃତି ଓ ଭାବର ଆଦାନ ପ୍ରଦାନରେ ମାଧ୍ୟମ ସାଜିଛି ତାହା ଦର୍ଶାଇ ଥିଲେ। ଉଦଯାପନୀ ଦିବସର ବହୁ ପ୍ରତିକ୍ଷିତ ମୁହୂର୍ତ୍ତରେ ପୁରସ୍କାର ବିତରଣ ହୋଇଥିଲା। ଏହି ଉତ୍ସବରେ ବିଜେତା ଓ ଉପବିଜେତା ସ୍କୁଲମାନଙ୍କୁ ପୁରସ୍କୃତ କରାଯାଇଥିଲା ୧୭ ବର୍ଷ ରୁ କମ୍ କନିଷ୍ଠ ବାଳକ ବର୍ଗ ବିଜେତା-ସୈନିକ ସ୍କୁଲ୍ ଭୁବନେଶ୍ୱର, ଉପ ବିଜେତା - ସୈନିକ ସ୍କୁଲ୍ କୋଡାଗୁ, ୧୫ ବର୍ଷରୁ କମ୍ ଉପକନିଷ୍ଠ ବାଳକ ବର୍ଗ ବିଜେତା - ସୈନିକ ସ୍କୁଲ୍ କୁଞ୍ଜପୁରା, ଉପ ବିଜେତା - ସୈନିକ ସ୍କୁଲ୍ ଇଷ୍ଟ ସିଆଙ୍ଗ। ୧୭ ବର୍ଷରୁ କମ୍ କନିଷ୍ଠ ବାଳିକା ବର୍ଗ ବିଜେତା - ସୈନିକ ସ୍କୁଲ୍ ସମ୍ବଲପୁର, ଉପ ବିଜେତା - ସୈନିକ ସ୍କୁଲ୍ ଇଷ୍ଟ ସିଆଙ୍ଗ। ଏହି ବିଜେତା ଦଳମାନେ ବର୍ତ୍ତମାନ ଭାରତର ସବୁଠାରୁ ପ୍ରସିଦ୍ଧ ଇଣ୍ଟର୍ ସ୍କୁଲ୍ ଫୁଟବଲ୍ ପ୍ରତିଯୋଗିତା – ସୁବ୍ରୋତୋ କପ୍ ରେ ସୈନିକ ସ୍କୁଲ୍ ସୋସାଇଟି ପକ୍ଷରୁ ପ୍ରତିନିଧିତ୍ୱ କରିବେ। ସୈନିକ ସ୍କୁଲ୍ ଭୁବନେଶ୍ୱରର ପ୍ରିନ୍ସିପାଲ୍ କର୍ଣ୍ଣେଲ ପଙ୍କଜ କୁମାର ତାଙ୍କ ବକ୍ତବ୍ୟରେ ପ୍ରଧାନ ଅତିଥି, ଅନ୍ୟାନ୍ୟ ଅତିଥିବୃନ୍ଦ, ଦଳ ଅଧିକାରୀ ଓ ସହଯୋଗୀ କର୍ମଚାରୀଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ଓ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସେମାନଙ୍କ ଭୂମିକାକୁ ଭୂୟସୀ ପ୍ରଶଂସା କରିଥିଲେ ଓ ସେ କ୍ୟାଡେଟମାନଙ୍କୁ ମଧ୍ୟ ଏକତା ଓ ଶୃଙ୍ଖଳା ଅନୁସରଣ କରିଥିବାରୁ ପ୍ରଶଂସା କରିଥିଲେ। କର୍ଣ୍ଣେଲ କୁମାର କହିଥିଲେ,ଏହି ଫୁଟବଲ ପ୍ରତିଯୋଗିତା କେବଳ ଗୋଟେ ପ୍ରତିଯୋଗିତା ନୁହେଁ ବରଂ ଏକତା ଗଢ଼ିବା, ନେତୃତ୍ୱ ଗଠନ କରିବା ଓ ଭାରତୀୟ ଏକତାର ଆତ୍ମାକୁ ଉଜ୍ଜୀବିତ ରଖିବାରେ ସକ୍ଷମ ହୋଇପାରିଛି।

# ବାହା ହେବେ ଏସ୍‌ଆର୍‌ଏଚ୍‌ର ମାଲିକାଣୀ କାବ୍ୟା ମାରନ୍!



ମୁମ୍ବାଇ: ସନରାଇଜର୍ସ ହାଇଦ୍ରାବାଦର ମାଲିକାଣୀ କାବ୍ୟା ମାରନଙ୍କ ବିବାହକୁ ନେଇ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଯେଉଁଥିରେ ଦାବି କରାଯାଉଛି ଯେ କାବ୍ୟା ଖୁବ ଶୀଘ୍ର ବିବାହ କରିବାକୁ ଯାଉଛନ୍ତି। ତାଙ୍କ ଭବିଷ୍ୟତ ସ୍ୱାମୀ ହେଉଛନ୍ତି ଅନିରୁଦ୍ଧ ରବିଚନ୍ଦର, ଯିଏ ଜଣେ ପ୍ରସିଦ୍ଧ ସଂଗୀତଜ୍ଞ। ଏବେ ପ୍ରତିକ୍ରିୟା ଆଉ କେହି ନୁହେଁ ବରଂ ନିଜେ ଅନିରୁଦ୍ଧଙ୍କ ଠାରୁ ଆସିଛି। ସେ ସମସ୍ତଙ୍କୁ ସତ୍ୟ କହିଛନ୍ତି। କାବ୍ୟା ମାରାନ ହେଉଛନ୍ତି ସନରାଇଜର୍ସ ହାଇଦ୍ରାବାଦର ମାଲିକଙ୍କ ଝିଅ, ଯିଏ ଆଇପିଏଲ ନିଲାମଠାରୁ ଆରମ୍ଭ କରି ଆଇପିଏଲ ପର୍ଯ୍ୟନ୍ତ ଦଳର ପ୍ରତ୍ୟେକ ମ୍ୟାଚରେ ଦେଖାଯାଆନ୍ତି। ୨୦୨୪ ରନର୍ସଅପ ହାଇଦ୍ରାବାଦ ଏଥର ଲିଗ ପର୍ଯ୍ୟାୟରୁ ବାଦ ପଡ଼ିଥିଲା। କାବ୍ୟାଙ୍କ ବିଷୟରେ କହିବାକୁ ଗଲେ, ତାଙ୍କର ଇନଷ୍ଟାଗ୍ରାମ କିମ୍ବା ଅନ୍ୟ କୌଣସି ସୋସିଆଲ ମିଡିଆ ପ୍ଲାଟଫର୍ମରେ କୌଣସି ଅଫିସିଆଲ ଆକାଉଣ୍ଟ ନାହିଁ। ତାଙ୍କୁ କେବଳ ଆଇପିଏଲ ମ୍ୟାଚ ସମୟରେ ଦେଖାଯାଏ। ସୋସିଆଲ ମିଡିଆରେ ଦାବି କରାଯାଇଥିଲା ଯେ ଉଭୟଙ୍କୁ ଡିନର ଡେଟରେ ଦେଖାଯାଇଥିଲା। କୁହାଯାଉଥିଲା ଯେ କାବ୍ୟା ଏବଂ ଅନିରୁଦ୍ଧ ଗତ ୧ ବର୍ଷ ଧରି ଡେଟ କରୁଛନ୍ତି ଏବଂ ଶୀଘ୍ର ବିବାହ କରିବାକୁ ଯାଉଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଖବର ଉପରେ ସଂଗୀତଜ୍ଞ ଅନିରୁଦ୍ଧ ରବିଚନ୍ଦର ନିଜର ନୀରବତା ଭାଙ୍ଗି ଏହାକୁ କେବଳ ଏକ ଗୁଜବ ବୋଲି କହିଛନ୍ତି। ଅନିରୁଦ୍ଧ ରବିଚନ୍ଦ୍ର ଜୁନ ୧୪, ୨୦୨୫ ଅନିରୁଦ୍ଧ ଦକ୍ଷିଣର ଜଣେ ପ୍ରସିଦ୍ଧ ସଂଗୀତକାର। ତାଙ୍କ ପିତା ଅଭିନେତା ରବି ରାଘବେନ୍ଦ୍ର ଏବଂ ମାତା ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ ଲକ୍ଷ୍ମୀ। ସୁପରଷ୍ଟାର ରଜନୀକାନ୍ତଙ୍କ ପତ୍ନୀ ଲତା ଅନିରୁଦ୍ଧଙ୍କ ମାଉସୀ।

## ଭାରତ ଗସ୍ତରେ ଆସିବ ନ୍ୟୁଜିଲାଣ୍ଡ

# କାର୍ଯ୍ୟସୂଚୀ ଘୋଷଣା କଲା ବିସିସିଆଇ



ନୂଆଦିଲ୍ଲୀ: ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ ପୂର୍ବରୁ ଭାରତୀୟ ଦଳ ଏକ ଦ୍ୱିପାକ୍ଷିକ ସିରିଜ୍ ଖେଳିବ। ଏହି ମେଗା ଇଭେଣ୍ଟ ପୂର୍ବରୁ ନ୍ୟୁଜିଲାଣ୍ଡ ଦଳ ଭାରତ ଗସ୍ତରେ ଆସିବ। ଦୁଇ ଦେଶ ମଧ୍ୟରେ ଦିନିକିଆ ଓ ଟି-୨୦ ସିରିଜ୍ ଖେଳାଯିବ। ଏ ନେଇ କ୍ରୀଡ଼ାସୂଚୀ ଘୋଷଣା କରିଛି ବିସିସିଆଇ। ଏହି ଗସ୍ତରେ ନ୍ୟୁଜିଲାଣ୍ଡ ଭାରତ ବିପକ୍ଷରେ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବ। ନ୍ୟୁଜିଲାଣ୍ଡର ଭାରତ ଗସ୍ତ ଜାନୁଆରୀ ୧୧ରୁ ଦିନିକିଆ ମ୍ୟାଚ୍ ଜରିଆରେ ଆରମ୍ଭ ହେବ। ଜାନୁଆରୀ ୩୧ରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ଶେଷ ମ୍ୟାଚ୍ ଖେଳାଯିବ। ଆଗାମୀ ଟି-୨୦ ବିଶ୍ୱକପ୍ ୨୦୨୬କୁ ଦୃଷ୍ଟିରେ ରଖି ଏହି ସିରିଜ୍ ଭାରତ ଓ ନ୍ୟୁଜିଲାଣ୍ଡ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ରହିଛି । କାରଣ ଦୁଇ ଦେଶ ପାଇଁ ଟି-୨୦ ବିଶ୍ୱକପ୍ ପୂର୍ବରୁ ଏହା ଶେଷ ଟି-୨୦ ମ୍ୟାଚ୍। ୨୦୨୬ ଫେବୃଆରୀ-ମାର୍ଚ୍ଚରେ ଭାରତ ଓ ଶ୍ରୀଲଙ୍କା ଯୁଗ୍ମ ଭାବେ ଟି-୨୦ ବିଶ୍ୱକପର ଆୟୋଜନ କରୁଛନ୍ତି। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ଦିନିକିଆ ଭଦୋଦରାରେ ଖେଳାଯିବ । ଦ୍ୱିତୀୟ ଦିନିକିଆ ଗୁଜରାଟର ରାଜକୋଟରେ ଜାନୁଆରୀ ୧୪ରେ ଖେଳାଯିବ । ଏହା ପରେ ତୃତୀୟ ଦିନିକିଆ ଜାନୁଆରୀ ୧୮ରେ ଇନ୍ଦୋରରେ ଖେଳାଯିବ । ଟି-୨୦ ସିରିଜର ପ୍ରଥମ ମ୍ୟାଚ୍ ନାଗପୁରରେ ଜାନୁଆରୀ ୨୧ରେ ଖେଳାଯିବ। ଏହା ପରେ ଜାନୁଆରୀ ୨୩ରେ ରାୟପୁରରେ ଦ୍ୱିତୀୟ ଟି-୨୦, ଜାନୁଆରୀ ୨୫ରେ ଗୌହାଟୀରେ ତୃତୀୟ ଟି-୨୦, ଜାନୁଆରୀ ୨୮ରେ ଭାଇଜାକରେ ଚତୁର୍ଥ ଟି-୨୦ ଏବଂ ଜାନୁଆରୀ ୩୧ରେ ଟି-୨୦ ସିରିଜର ଶେଷ ମ୍ୟାଚ୍ ତ୍ରିବେନ୍ଦ୍ରମରେ ଖେଳାଯିବ।

# ଡିଆର୍‌କେ କପ୍ ଟୁର୍ଣ୍ଣାମେଣ୍ଟ: ଫାଇନାଲ୍‌ରେ ରାଫେଲ ରକେଟ୍ସ



ବାରିପଦା: (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଡିଆର୍‌କେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧ମ ବାର୍ଷିକ ଡିଆରକେ କପ ଦିବାରାତ୍ର ୨୦-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚରେ ରାଫେଲ ରକେଟ୍ସ ୫ ୱିକେଟରେ ଲାଲବଜାର ୱରିୟାର୍ସକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଲାଲବଜାର ୱରିୟାର୍ସ ୨୦ ଓଭରରେ ୭ ୱିକେଟ ହରାଇ ୧୫୨ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଲକ୍ଷ୍ମୀଧର ସିଂ ୪୮, ହରିଶଙ୍କର ଘୋଷ ୨୬ ଓ ଦୀପକ କୁମାର ମହାତ ୨୩ ରନ କରିଥିବା ବେଳେ ବିପକ୍ଷ ଦଳର ଉପେନ୍ଦ୍ର ନାୟକ ଓ ନିର୍ବିଶଙ୍କର ବାରିକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଉତ୍ତରରେ ରାଫେଲ ରକେଟ୍ସ ୧୯. ୧ ଓଭରେ ୫ ୱିକେଟ ହରାଇ ୧୫୭ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲେ। ଦଳ ପକ୍ଷରୁ ଅମିତ ପରିଡା ୪୭, ଦେବାଶିଷ ମହାନ୍ତ ୨୯, ନିର୍ବିଶଙ୍କର ବାରିକ ୨୪ ଓ ସୁବ୍ରତ କୁମାର ସିଂ ୨୩ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ହରିଶଙ୍କର ଘୋଷ ୩ଟି ୱିକେଟ ଅକ୍ତିଆର କରିଥିଲେ। ଅମ୍ପାୟାର ଆଶୁତୋଷ ପାଣି ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ବୁବୁ ସିନ୍‌ହା ଧାରା ବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ପୂର୍ବତନ କ୍ରିକେଟ ଖେଳାଳି ସୁଧାଂଶୁ ଶେଖର ଜେନା, ବଳବନ୍ତ ତୁଙ୍ଗ ଓ ସ୍ୱାଗତ ଜୀଉ ତଥା କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ ଏବଂ ମୁଖ୍ୟ ଆୟୋଜକ ଅମିତାଭ ଦାସ, ସହ ଆୟୋଜକ ସତ୍ୟନାରାୟଣ ଜୀଉ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

# ମା' ସିତାଲାମା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ରେଖାଲଗୁଡ଼ା ବିଜୟୀ



ରାୟଗଡ଼ା (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ବୁଡ଼ାଗୁଡ଼ା ଗ୍ରାମ ପଡ଼ିଆ ଠାରେ ନାଗାବଳୀ ଯୁଥ୍ କ୍ଲବ୍ ବୁଡ଼ାଗୁଡ଼ାଙ୍କ ଦ୍ୱାରା ଆୟୋଜିତ ମା' ସିତାଲାମା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏଥିରେ ମୋଟ ୩୬ଟି ଟିମ୍ ମଧ୍ୟରେ ଖେଳ ହୋଇଥିବା ବେଳେ ଫାଇନାଲ ଖେଳ ଧାମୁଣିପଙ୍ଗା ଓ ରେଖାଲ ଗୁଡ଼ା ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ରେଖାଲଗୁଡ଼ା ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ସାତ ୱିକେଟ ବିନିମୟରେ ୯୧ ରନ୍ କରିଥଲା। ଏହି ରନ୍‌କୁ ପିଛା କରି ଧାମୁଣିପଙ୍ଗା ଟିମ୍ ମୋଟ ୩୦ ରନ୍‌ରେ ଅଲ୍‌ଆଉଟ୍ ହୋଇ ଯିବା ପରେ ରେଖାଲଗୁଡ଼ା ଟିମ୍ ବିଜୟୀ ଘୋଷଣା ହୋଇଥଲା। ଏହି ଖେଳରେ ସନ୍ତୋଷ ଗୌଡ଼ ଓ ସୌରଭ ଅମ୍ପାୟର ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବୁଡ଼ାଗୁଡ଼ା ଗ୍ରାମର ସମାଜସେବୀ ସିମାଞ୍ଚଳ ନାଡ଼ିମିଣ୍ଟି ରହିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା କଳା ସଂସ୍କୃତି ସଙ୍ଘ ଉପ ସଭାପତି ସନ୍ତୋଷ କୁମାର ବଛା ଉପସ୍ଥିତ ରହି ବିଜେତା ଟିମ୍ ଏବଂ ରନର୍ସ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ପୁରସ୍କାର ପ୍ରଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

# ତାଇକୋଣ୍ଡ ପରୀକ୍ଷା ଓ ପ୍ରମାଣପତ୍ର ବଣ୍ଟନ ସମାରୋହ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ଚଳିତ ମେ ମାସ ୧୩ ତାରିଖ ଦିନ ଜିଲ୍ଲା ମାଇନିଂ ନୂଆ କଲୋନୀସ୍ଥିତ ପ୍ୟାସନ୍ ତାଇକ୍ୱୋଣ୍ଡ ଟ୍ରେନିଂ ହଲ୍ ଠାରେ ତାଇକ୍ୱୋଣ୍ଡ ଆସୋସିଏସନ୍ ଅଫ କେନ୍ଦୁଝର ଓ ପାସନ ତାଇକ୍ୱୋଣ୍ଡ ଏକାଡେମୀର ମିଳିତ ଆନୁକୁଲ୍ୟରେ ଚତୁର୍ଦ୍ଦଶ କଲର୍ ବେଲ୍ଟ ଓ ବ୍ଲାକ ବେଲ୍ଟ ତାଇକ୍ୱୋଣ୍ଡ ପରୀକ୍ଷା ତଥା ପ୍ରମାଣ ପତ୍ର ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଯାଇଅଛି। ନିର୍ଦ୍ଧାରିତ ସମୟର ବ୍ୟବଧାନରେ ଆୟୋଜିତ ଏହି ପରୀକ୍ଷାରେ ଜିଲ୍ଲା ସଂଘ ଅଧିନସ୍ଥ ବିଭିନ୍ନ ଏକାଡେମୀ ରୁ ୬୫ ଖେଳାଳି ବିଭିନ୍ନ ସ୍ତରର ବେଲ୍ଟ ନିମନ୍ତେ ଆବେଦନ କରିଥିଲେ। ଅନ୍ତର୍ଜାତୀୟ ତାଇକୋଣ୍ଡ ମାଷ୍ଟର ତଥା ବ୍ଲାକ ବେଲଟ ପରୀକ୍ଷକ ଓ ୪ର୍ଥ ବର୍ଗ ବ୍ଲାକ ବେଲ୍ଟ ମାଷ୍ଟର ମୌଳୀନ୍ଦୁ କୁମାର ମହାନ୍ତ ଓଡ଼ିଶା ତାଇକୋଣ୍ଡ ଆସୋସିଏସନ୍,ପୁରୀ ଦ୍ୱାରା ପରୀକ୍ଷକ ଭାବରେ ନିଯୋଜିତ ହୋଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଶେଷ ଜିଲ୍ଲା ସ୍ତରୀୟ ତାଇକୋଣ୍ଡ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ଖେଳାଳିଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ଏହାପରେ ସମସ୍ତ ପ୍ରତିଯୋଗୀ ତାଙ୍କର ବେଲଟ୍ ସ୍ତର ଅନୁସାରେ ଆବଶ୍ୟକ ବିଭିନ୍ନ କୌଶଳ ଯଥା ପୁମସେ, କିକ୍, ବ୍ଲକ, ପଞ୍ଚ ଆଦି ପ୍ରଦର୍ଶନ କରିଥିଲେ ଯାହାର ମୂଲ୍ୟାଙ୍କନ ପରିକ୍ଷକଙ୍କ ଦ୍ୱାରା କରାଯାଇଥିଲା। ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ଖେଳାଳିଙ୍କୁ ରାଜ୍ୟ ତାଇକୋଣ୍ଡ ଆସୋସିଏସନ୍ ଦ୍ୱାରା ଆଗାମୀ ବେଲ୍ଟ ତଥା ପ୍ରମାଣପତ୍ର ଆଦି ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ କୋଚ ମନିଶ ପ୍ରସାଦ ଓ ଅନ୍ୟ ତାଇକୋଣ୍ଡ ବ୍ଲାକବେଲ୍ଟ ଧାରି ଅଦମ୍ୟ ଅରିଜିତ ରାଏ, ଦେବିରୁପା ଦିକ୍ଷୀତ, ଅମ୍ବିରାଣୀ ନାଏକ ଓ ଅକ୍ସିନା ବେହେରା ଆଦି ସାହାଯ୍ୟ କରିଥିଲେ।



ଲୁଣକୁ କେବଳ ଖାଦ୍ୟରେ ବ୍ୟବହାର କରାଯାଏ ତାହା ନୁହେଁ, ସୁଖ-ସମୃଦ୍ଧି ବୃଦ୍ଧି ହେଉ ଅବା ଶରୀରର ଥକାପଣକୁ ଦୂର କରିବାରେ ବି ଏହାର ଥାଏ ଅନେକ ଭୂମିକା। ଯେମିତିକି: ଲୁଣ ପାଣିରେ ଘର ପୋଛିଲେ ନକରାତ୍ମକ ଉର୍ଜା ନଷ୍ଟ ହୋଇ ଘରେ ସୁଖଶାନ୍ତି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି କାହାକୁ ଖରାପ ନଜର ଲାଗିଥିଲେ, କିଛି ଲୁଣକୁ ନେଇ ତାଙ୍କ ଚାରିପଟେ ତିନିଥର ବୁଲାଇ ତାହାକୁ ବାହାରେ ଫୋପାଡିଦେଲେ ଏହି ସମସ୍ୟାରୁ ମୁକ୍ତି ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ଅଛି।

ରାତିରେ ଶୋଇବା ପୂର୍ବରୁ ପାଣିରେ କିଛି ଲୁଣ ମିଶାଇ ହାତପାଦ ଧୋଇଦେଲେ ଥକାପଣ ଦୂର ହେବା ସହ ନିଦ ଭଲ ହୋଇଥାଏ ବୋଲି ମାନ୍ୟତା ରହିଛି। ସେହିପରି ଘରେ କୌଣସି ବ୍ୟକ୍ତି ବହୁତ ଦିନ ଧରି ରୋଗରେ ପଡିଥିଲେ, କାଚ ବୋତଲରେ ଲୁଣ ଭର୍ତ୍ତି କରି ତାଙ୍କ ଶେଯ ପାଖରେ ରଖି ସପ୍ତାହକୁ ସପ୍ତାହ ତାହାକୁ ବଦଳାଉଥିଲେ ଧୀରେ ଧୀରେ ରୋଗରୁ ଉପଶମ ମିଳିଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି। ଅନେକ ସମୟରେ ଦେଖାଯାଏ, କିଛି ବାସ୍ତୁଦୋଷ ଥିଲେ ଘରେ ସର୍ବଦା କଳହ ଲାଗିବା ସହ ଅଭାବ ଦେଖା ଦେଇଥାଏ। ଏପରି ସ୍ଥଳେ କାଚ ଗିନାରେ କିଛି ଲୁଣ ନେଇ ଗାଧୁଆ ଘରେ ରଖିଦେଲେ କ୍ରମେ ବାସ୍ତୁଦୋଷ ଆପେ ଆପେ ସମାଧାନ ହୋଇଯାଏ ବୋଲି ବିଶ୍ୱାସ ରହିଛି।



# ପାନ୍ ଇଣ୍ଡିଆ ଫିଲ୍ମର ପ୍ରଥମ ପସନ୍ଦ ଦୀପିକା



ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ଅପ୍‌କମିଙ୍ଗ ଫିଲ୍ମ 'ସ୍ପିରିଟ୍'ରୁ ବାହାରିବା ପରଠୁ ଚର୍ଚ୍ଚାରେ ରହିଛନ୍ତି ଦୀପିକା ପାଦୁକୋନ । ଭାଙ୍ଗାଙ୍କ 'ସ୍ପିରିଟ୍' ଅନ୍ୟତମ ସବୁଠୁ ବଡ଼ ପାନ୍ ଇଣ୍ଡିଆ ପ୍ରୋଜେକ୍ଟ, ଯାହାକୁ ଦର୍ଶକ ଉତ୍ସାହର ସହ ଅପେକ୍ଷା କରିଛନ୍ତି । ଫିଲ୍ମରେ ହିରୋ ଭୂମିକାରେ ଅଛନ୍ତି ପ୍ରଭାସ । ଏଥିରେ ଅନେକ ଅନ୍ତର୍ଜାତୀୟ କଳାକାରଙ୍କ କାଷ୍ଟିଂକୁ ନେଇ ଚର୍ଚ୍ଚା ମଧ୍ୟ ହେଉଛି । ଏହି ସ୍ଥିତିରେ ଦୀପିକା ହଠାତ୍ ଏହି ଫିଲ୍ମରୁ ବାହାରିବା ଚର୍ଚ୍ଚାର ବିଷୟ ହେଲା । କିନ୍ତୁ ଦୀପିକା ଏହାକୁ ନେଇ କୌଣସି ପ୍ରତିକ୍ରିୟା ଦେଲେ ନାହିଁ । ଇତିମଧ୍ୟରେ ଦୀପିକାଙ୍କ ନୂଆ ପ୍ରୋଜେକ୍ଟ ଘୋଷଣା ହୋଇଛି । ଏହାକୁ ଦେଶର ଅନ୍ୟତମ ସବୁଠୁ ବଡ଼ ଫିଲ୍ମ ବୋଲି କୁହାଯାଉଛି । ଏହା ଦୀପିକାଙ୍କ ଷ୍ଟାରଡମ୍‌ର ପ୍ରଭାବ । ତାଙ୍କ ପାଖରେ ଏବେ ଏକାଧିକ ପ୍ରୋଜେକ୍ଟ ରହିଛି । ଶାହରୁଖ୍‌ଙ୍କ ଅପ୍‌କମିଙ୍ଗ ଫିଲ୍ମ 'କିଙ୍ଗ୍'ରେ ସେ ନଜର ଆସିବେ । ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଯାଉଥିବା ଏହି ଫିଲ୍ମରେ ଶାହରୁଖ୍‌ଙ୍କ ସହ ଝିଅ ସୁହାନା ବି ନଜର ଆସିବେ । ଏହା ଏକ ବିଗ୍ ବଜେଟ୍ ଆକ୍ସନ୍-ଏଣ୍ଟରଟେନମେଣ୍ଟ ହେବ। ଅଭିଷେକ ବଚ୍ଚନ, ଅରଶଦ ୱାରସୀ, ଅନୀଲ କପୁର, ଜ୍ୟାକି ଶ୍ରଫ୍, ଜୟଦୀପ ଅହଲାୱତ ଓ ରାନୀ ମୁଖାର୍ଜୀ ଏଥିରେ ନଜର ଆସିବେ । 'କଲ୍‌କି ୨୮୯୮ ଏଡି'ର ସିକ୍ୱେଲରେ ଦୀପିକା ସ୍କ୍ରିନ୍ ଶେୟାର କରିବେ । ଏହା ବି ମୂଳ ଫିଲ୍ମ ଭଳି ବଡ଼ ବଜେଟ୍‌ର ପାନ୍-ଇଣ୍ଡିଆ ପ୍ରୋଜେକ୍ଟ । ରଣବୀର କପୁରଙ୍କ 'ବ୍ରହ୍ମାସ୍ତ୍ର' ବଲିଉଡ୍‌ର ସୁପରହିରୋ ଫିଲ୍ମ ଥିଲା, ଯେଉଁଥିରେ ଅମୃତା ଚରିତ୍ରରେ ଦୀପିକାଙ୍କ ଝଲକ୍ ଦେଖିବାକୁ ମିଳିଥିଲା । ସିକ୍ୱେଲର କାହାଣୀ ଅମୃତା ଓ ଦେବର ଚରିତ୍ର ଉପରେ ଫୋକସ୍ କରିବ ବୋଲି ଜଣାପଡ଼ିଛି । ନିକଟରେ 'ଯୱାନ' ନିର୍ଦ୍ଦେଶକ ଆଟଲି ନିଜର ଅପ୍‌କମିଙ୍ଗ ଗ୍ରାଣ୍ଡ୍ ପ୍ରୋଜେକ୍ଟ ଘୋଷଣା କରି ସମସ୍ତଙ୍କୁ ଚକିତ କରିଛନ୍ତି । ଅଲ୍ଲୁ ଅର୍ଜୁନଙ୍କ ସହ ସେ ଫିଲ୍ମ ନିର୍ମାଣ କରିବେ । ଦୀପିକା ତାଙ୍କ ଅପୋଜିଟ୍‌ରେ ସ୍କ୍ରିନ୍ ଶେୟାର କରିବେ । ଏହି ଘୋଷଣା ଦର୍ଶକଙ୍କ ଉତ୍ସାହ ବଢ଼ାଇଛି । ଅନ୍ୟପକ୍ଷେ, ଯଶ ରାଜ ଫିଲ୍ମସର ସ୍ପାଇ ୟୁନିଭର୍ସ ଫିଲ୍ମରେ ଅଛି 'ପଠାନ୍୨' । ଏଥିରେ ମଧ୍ୟ ଶାହରୁଖ୍-ଦୀପିକାଙ୍କ ଯୋଡ଼ି ଦେଖିବାକୁ ମିଳିବ । ଏ ସମସ୍ତ ବହୁଭାଷୀ ଫିଲ୍ମର ଦେଶର ଶୀର୍ଷ ଫିଲ୍ମ ତାଲିକାରେ ସାମିଲ ହେବାର ସାମର୍ଥ୍ୟ ରହିଛି । ଏହା ଦର୍ଶକଙ୍କ ମନୋରଞ୍ଜନ କରିବାରେ ସଫଳ ହେଲେ, ଦୀପିକା ଭାରତର ଶୀର୍ଷ ଅଭିନେତ୍ରୀ ହୋଇଯିବେ ।



# ୩ ମହଲା ଛାତରେ ପୂଜା ପାଉଛି ମାରୁତି-୮୦୦ କାର୍

ଗାଡ଼ିକୁ ଘର ବାହାରେ କିମ୍ବା ଗ୍ୟାରେଜ୍ ରଖାଯାଏ । କିନ୍ତୁ କର୍ଣ୍ଣାଟକର ଜଣେ ମେକାନିକ୍‌ଙ୍କ ଗାଡ଼ି ଛାତ ଉପରେ ରହୁଛି । ମେକାନିକ୍ ସୂରଜ ନିଜର ପୁରୁଣା ମାରୁତି ୮୦୦ କାର୍‌କୁ ୩ ମହଲା ଘରର ଛାତ ଉପରେ ରଖିଛନ୍ତି । ସେତିକି ନୁହେଁ, ସେ ଓ ତାଙ୍କ ପରିବାର କାର୍‌କୁ ଭଗବାନ ମାନି ପ୍ରତି ଅମାବାସ୍ୟା, ପୂର୍ଣ୍ଣିମା ଓ ଦଶହରାରେ ପୂଜା କରୁଛନ୍ତି । ସୂରଜ କହନ୍ତି, ସେ ଗରିବ ପରିବାରରେ ଜନ୍ମ ହୋଇଥିଲେ । ବଡ଼ ହେବା ପରେ ଅର୍ଥ ଉପାର୍ଜନ ଲାଗି କାର୍ ମେକାନିକ୍ ଚାକିରି କରିବା ଆରମ୍ଭ କଲେ । ଅନେକ ବର୍ଷ ତଳେ ସେ ୨୦ ହଜାର ଟଙ୍କାରେ ମାରୁତି ୮୦୦ କାର୍ କିଣିଥିଲେ । ଏଥିରେ ସେ ଲୋକଙ୍କୁ ଡ୍ରାଇଭିଂ ଟ୍ରେନିଂ ଦେବା ଆରମ୍ଭ କରିଥିଲେ । ଏଥିରୁ ଯାହା ଟଙ୍କା ମିଳୁଥିଲା, ସେଥିରେ ଧୀରେ ଧୀରେ ଜାଗା କିଣିଲେ । ତାଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେଲା । ସେ ନିଜର ଘର ନିର୍ମାଣ କଲେ । ଦୋକାନ ବି ଖୋଲିଲେ । କିନ୍ତୁ ମାରୁତି ୮୦୦ କାର୍ ପାଖରେ ସେ ସର୍ବଦା ଋଣୀ ରହିଲେ । ସେଇ କାର୍ ପାଇଁ ତାଙ୍କର ସ୍ଥିତି ବଦଳିଥିବାରୁ ସେ କାର୍‌କୁ ଭଗବାନ ବୋଲି ମାନିଲେ ଏବଂ ତାକୁ ପୂଜା କଲେ । କାର୍ ପୁରୁଣା ହେବା ପରେ ତାକୁ ନିଜ ଛାତ ଉପରେ ରଖିଲେ ଏବଂ ପୂଜା କରିବାକୁ ଲାଗିଲେ ।

# ଡାକ୍ତରୀ ଛାତ୍ରୀ ଭୂମିକାରେ ନଜର ଆସିବେ 'ଗୁଆ ଝିଅ' ନାୟିକା



ବହୁଚର୍ଚ୍ଚିତ ମ୍ୟୁଜିକ୍ ଭିଡିଓ 'ଗୁଆ ଝିଅ' ଫେମ୍ ନାୟିକା ଲଭ୍‌ଲି ଲିଲିଙ୍କ ଅଭିନୀତ ଏକ ନୂଆ ଓଡ଼ିଆ ସିନେମା ଖୁବ୍ ଶୀଘ୍ର ମୁକ୍ତିଲାଭ କରିବାକୁ ଯାଉଛି। ରିଲିଜ୍ ଅପେକ୍ଷାରେ ଥିବା ଜ୍ୟୋତି ପ୍ରଡକ୍ସନ୍ ବ୍ୟାନରରେ ନିର୍ମିତ 'ତୁ ମୋର ନିହାତି ଦରକାର'ରେ ତାଙ୍କୁ ଜଣେ ଡାକ୍ତରୀ ଛାତ୍ରୀ ଭୂମିକାରେ ଦେଖିବାକୁ ମିଳିବ। ଏଥିରେ ସନ୍ତୋଷ ତାଙ୍କ ବିପକ୍ଷରେ ନାୟକ ଭୂମିକାରେ ଅଛନ୍ତି। ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶିତ 'ରଘୁ ସର୍ଦ୍ଦାର'ରେ ଜୀନାଙ୍କ ବିପକ୍ଷରେ ସନ୍ତୋଷଙ୍କୁ ଦେଖି ସାରିଛନ୍ତି ଦର୍ଶକ। 'ତୁ ମୋର ନିହାତି ଦରକାର'ରେ ପୁଷ୍ପା ପଣ୍ଡା, ବିଦୁସ୍ମିତା, ପିଣ୍ଟୁ ନନ୍ଦ, ବିଜୁ ବଡ଼ଜେନା ଓ ସୁଧାକର ବସନ୍ତ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରୁଛନ୍ତି। 'ତୁ ମୋ ସୁନା ତୁ ମୋ ହୀରା', 'ଏମିତି ବି ହୋଇପାରେ', 'ମାୟାଦର୍ପଣ', 'ରଘୁ ସର୍ଦ୍ଦାର' ଓ 'ଭୋକ' ଭଳି ସିନେମାର ନିର୍ଦ୍ଦେଶକ ରାଜୀବ ମହାନ୍ତି ଏହାର ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଯୋଜିକା ଚିନ୍ମୟୀ ମହାନ୍ତି ଫିଲ୍ମର କାହାଣୀ ରଚନା କରିଥିବା ବେଳେ ସଂଳାପ ଲେଖିଛନ୍ତି ଡ. ରଜନୀ ରଂଜନ।





# ପିନ୍, ଫିଙ୍ଗରପ୍ରିଣ୍ଟ, ଫେସ୍ ଅନଲକ୍ ଫୋନକୁ କିଏ ରଖିବ ଅଧିକ ସୁରକ୍ଷିତ ?

*ବର୍ତ୍ତମାନ ଯୁଗରେ ସ୍ମାର୍ଟ ଫୋନ୍ କାହା ପାଖରେ ବା ନାହିଁ। ଏହି ସ୍ମାର୍ଟ ଫୋନ୍ କେବଳ କଲ୍‌ରେ ସୀମିତ ନାହିଁ । ଫୋନରେ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଏବଂ ବ୍ୟାଙ୍କିଂ ବିବରଣୀ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଞ୍ଚିତ ହୋଇ ରହିଥାଏ । ତେବେ ଏପରି ପରିସ୍ଥିତିରେ ଫୋନର ସୁରକ୍ଷା ସହିତ କୌଣସି ରିସ୍କ ନେବା କଥା ନୁହେଁ । ତେବେ ଚାଲନ୍ତୁ ଜାଣିବା ଫିଙ୍ଗରପ୍ରିଣ୍ଟ, ଫେସ୍ ଅନଲକ୍, କିମ୍ବା ପିନ୍ ନମ୍ବର ଜରିଆରେ ଫୋନର ସୁରକ୍ଷା କେଉଁଟା ଅଧିକ ରହିବ...*

ମୋବାଇଲ ଫୋନ୍‌ରେ ଫଟୋ, ଭିଡ଼ିଓ, ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଠାରୁ ଆରମ୍ଭ କରି ବ୍ୟାଙ୍କ ବିବରଣୀ ପର୍ଯ୍ୟନ୍ତ ଅନେକ ବ୍ୟକ୍ତିଗତ ଜିନିଷ ସଞ୍ଚୟ କରାଯାଇଥାଏ । ତେଣୁ ସମସ୍ତେ ନିଜର ଫୋନର ସୁରକ୍ଷାକୁ ମଜବୁତ ରଖିବାକୁ ପ୍ରୟାସ କରିଥାନ୍ତି। ଏଥିପାଇଁ ଫୋନର ଦୃଢ ସୁରକ୍ଷା ପାଇଁ କିଛି ଲୋକ ଫିଙ୍ଗରପ୍ରିଣ୍ଟ ଏବଂ ଫେସ୍ ଅନଲକ୍ ବ୍ୟବହାର କରିଥାନ୍ତି । କିଛି ଲୋକ ପିନ୍ ନମ୍ବର ମଧ୍ୟ ରଖିଥାନ୍ତି । ତେବେ ଏହି ତିନୋଟି ବିକଳ୍ପ ମଧ୍ୟରୁ କେଉଁଟା ଆପଣଙ୍କ ଫୋନକୁ ଅଧିକ ସୁରକ୍ଷା ଦେଇଥାଏ ଜାଣିଛନ୍ତି କି ।



**ଫିଙ୍ଗରପ୍ରିଣ୍ଟ:** ଲୋକାମାନେ ଫୋନକୁ ଲକ୍ କରିବା ପାଇଁ ଫିଙ୍ଗରପ୍ରିଣ୍ଟ ସେନ୍ସର ବ୍ୟବହାର କରନ୍ତି। କାରଣ ସେନ୍ସର ଫୋନକୁ ଶୀଘ୍ର ଅନଲକ୍ କରିଥାଏ । ହେଲେ ଦୃଢ ସୁରକ୍ଷା ପାଇଁ ଫିଙ୍ଗରପ୍ରିଣ୍ଟ ସେନ୍ସର ଏକ ଭଲ ବିକଳ୍ପ ନୁହେଁ । ପ୍ରତ୍ୟେକଙ୍କ ଟିପଚିହ୍ନ ଅନନ୍ୟ କିନ୍ତୁ ଶୋଇଥିବା ସମୟରେ ସେନ୍ସରରେ ଆଙ୍ଗୁଠି ରଖି ଯେ କେହି ବି ଆପଣଙ୍କ ଫୋନକୁ ଅନଲକ୍ କରିପାରିବେ ।

**ଫେସ୍ ଅନଲକ୍:** ଫେସ୍ ଅନଲକ୍ ଜରିଆରେ ମଧ୍ୟ ଯେ କେହି ଠକି ପାରିବେ । ୨ଟି ମୁହଁ ଚିହ୍ନଟ ସହିତ ସେନ୍ସର ଗୁଡିକୁ ସହଜରେ ବୋକା ବନାଇହେବ । କିନ୍ତୁ ୩ଡି ସ୍କାନିଂ ଥିବା ସ୍ମାର୍ଟଫୋନ(ଆଇଫୋନ)ରେ ଏପରି ବିପଦ କମ୍ ରହିଛି।

**ପିନ୍ କୋଡ୍:** ଫେସ୍ ଅନଲକ୍ ଏବଂ ଫିଙ୍ଗରପ୍ରିଣ୍ଟ ବ୍ୟତୀତ କିଛି ଲୋକ ଫୋନରେ ପିନ୍ ନମ୍ବର ପାସୱାର୍ଡ ରଖିଥାନ୍ତି । ପିନ୍ କୋଡ୍ ବ୍ୟବହାର କରିବା ଫିଙ୍ଗରପ୍ରିଣ୍ଟ ଏବଂ ଫେସ୍ ଅନଲକ ଠାରୁ ଅଧିକ ସୁରକ୍ଷିତ । କାରଣ ଆପଣଙ୍କ ଆଙ୍ଗୁଠି କିମ୍ବା ଫେସ୍ ଲକ୍ ଚୋରି କରିହେବ କିନ୍ତୁ ପିନ୍ କୋଡ୍ ଆପଣଙ୍କ ବ୍ୟତୀତ ଅନ୍ୟ କେହି ଜାଣିବା ମୁସ୍କିଲ ।

ଯଦି ଆପଣ ଜଟିଳ ନମ୍ବର ଦେଇ ଫୋନକୁ ଲକ୍ କରୁଛନ୍ତି ତେବେ ଏହା ଆପଣଙ୍କ ଫୋନକୁ ଅଧିକ ସୁରକ୍ଷିତ ରଖିବ । ବଡ ଅକ୍ଷର, ଛୋଟ ଅକ୍ଷର, ପ୍ରତୀକ ଏବଂ ସଂଖ୍ୟାକୁ ମିଶାଇ ପାସୱାର୍ଡ ରଖିବା ଦ୍ୱାରା କେହି ସହଜରେ ଏହାକୁ କପି କରିପାରିବା ବା ଜାଣିପାରିବେ ନାହିଁ ।

ଫିଲ୍ମ 'ବେବି ଜନ୍' ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିବା ପରେ ତାମିଲ ସିନେ ପରଦାକୁ ଫେରିଛନ୍ତି କୀର୍ତ୍ତି ସୁରେଶ । ଆକ୍ସନ୍ କମେଡି 'ରିଭଲଭର ରିଟା'ରେ ସେ ନଜର ଆସିବେ। ଫିଲ୍ମଟି ଆସନ୍ତା ଅଗଷ୍ଟ ୨୭ରେ ସିନେମାଘରକୁ ଆସିବ । ଏକ୍ସରେ ଫିଲ୍ମର ଏକ ନୂଆ ପୋଷ୍ଟର ସେ ଶେୟାର କରିଛନ୍ତି । ଏଥିସହ ରିଲିଜ୍ ତାରିଖ ବି ଶେୟାର କରିଛନ୍ତି । କ୍ୟାପ୍‌ସନରେ ଲେଖିଛନ୍ତି 'ରିଟା ରିଲିଜ୍ ପାଇଁ ପ୍ରସ୍ତୁତ' । ନୂଆ ପ୍ରୋମୋ ଭିଡିଓ ମଧ୍ୟ କୀର୍ତ୍ତି ଜାରି କରିଛନ୍ତି, ଯେଉଁଥିରେ ଫିଲ୍ମର ଷ୍ଟାରକାଷ୍ଟଙ୍କ ଝଲକ୍ ରହିଛି ।



୨୦୨୪, ଅକ୍ଟୋବରରେ ଫିଲ୍ମର ଟିଜର୍ ରିଲିଜ୍ ହୋଇଥିଲା, ଯାହା କୀର୍ତ୍ତିଙ୍କୁ ପୂରା ଆକ୍ସନ୍ ମୋଡ୍‌ରେ ଦେଖାଇଥିଲା । ଏଥିରେ କମେଡି ଟାଇମିଂ ସହିତ ଦମ୍‌ଦାର ଆକ୍ସନ୍ ସେ କରିଛନ୍ତି । ଜେକେ ଚନ୍ଦରୁଙ୍କ ନିର୍ଦ୍ଦେଶିତ 'ରିଭଲର ରିଟା' କୀର୍ତ୍ତିଙ୍କ ନୂଆ ଲୁକ୍ ଓ ଚମତ୍କାର ପ୍ରଦର୍ଶନର ପ୍ରତିଶ୍ରୁତି ଦେଇଛି। ହିନ୍ଦୀ ଫିଲ୍ମ 'ବେବି ଜନ୍'ରେ ବରୁଣ ଧୱନଙ୍କ ସହ ଶେଷ ଥର ବଡ଼ ପରଦାରେ ନଜର ଆସିଥିଲେ କୀର୍ତ୍ତି । ତାଙ୍କ ଅପ୍‌କମିଙ୍ଗ ପ୍ରୋଜେକ୍ଟରେ ଅଛି ଯଶ ରାଜ ଫିଲ୍ମସ ପ୍ରଡକ୍ସନ୍‌ର 'ଆକ୍କା' । ଏହା ଜରିଆରେ ସେ ଓଟିଟିରେ ଡେବ୍ୟୁ କରିବେ । ଗଣେଶ ରାଜଙ୍କ ନିର୍ଦ୍ଦେଶିତ ଫିଲ୍ମ 'କନ୍ନାଭେଦି'ରେ ମଧ୍ୟ ସେ ନଜର ଆସିବେ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କଣିହାଁ, (ଭାସ୍କର ନ୍ୟୁଜ୍): ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ, କଣିହାଁ ଠାରେ ଆଜନ୍ମ ବିପ୍ଳବୀ, କବି, ପ୍ରଖ୍ୟାତ ଜନନାୟକ ତଥା ମୁକ୍ତିପଥର ସୈନିକ ପବିତ୍ର ମୋହନ ପ୍ରଧାନଙ୍କର ୩୮ ତମ ପୁଣ୍ୟତିଥିକୁ ବିଦ୍ୟାଳୟର ଶିକ୍ଷକ ତଥା ଅଞ୍ଚଳର ବିଭିନ୍ନବର୍ଗର ଲୋକମାନେ ମିଳିତ ଭାବରେ ପାଳନ କରିଥିଲେ। ବିଦ୍ୟାଳୟ ପରିସରରେ ଥିବା ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ ପବିତ୍ର ମୋହନ ପ୍ରଧାନଙ୍କ ବିପ୍ଳବୀ ଜୀବନୀ ଉପରେ ଆଲୋକପାତ କରିଥିଲେ। ସଭାରେ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନ ଓ ଗୁଜୁରାଟର ଅହମଦାବାଦରେ ଘଟିଥିବା ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ଦିବଂଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଆମନ୍ତ୍ରିତ ଉପସଭାପତି ସୁଧାକର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ମଞ୍ଜୁଲତା ପ୍ରଧାନ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଦେବବ୍ରତ ପ୍ରଧାନ, ପ୍ରଧାନ ପ୍ରଧାନ ଓ କ୍ଷୀରସିନ୍ଧୁ ଜେଠି, ଗଗନ ଚନ୍ଦ୍ର ସାହୁ, ବିଚ୍ଛନ୍ଦ ଚରଣ ପ୍ରଧାନ ତଥା ତାଳରେ ପ୍ରଗତିଶୀଳ କଣିହାଁର ସଭାପତି ବିନାୟକ ପ୍ରଧାନ, ଶିକ୍ଷକ ପ୍ରଶାନ୍ତ କୁମାର ବେହେରା, ଅମିତା ଦେହୁରୀ, ଆଦ୍ୟାଶା ଅନିନ୍ଦିତା ସାହୁ, ଇନ୍ଦ୍ରଜିତ ପ୍ରଧାନ, ସତ୍ୟରାମ ପ୍ରଧାନ, ଛାତ୍ର ସତ୍ୟପ୍ରକାଶ ସାହୁ, କାଳନ୍ଦୀ ପ୍ରଧାନ, ପିୟୁଷ ସାହୁ, ଶ୍ରୀନିବାସ ସାହୁ ପ୍ରମୁଖ ଯୋଗଦାନ କରିଥିଲେ।



# ଅର୍ଦ୍ଧନିର୍ମିତ ବ୍ରିଜ୍‌ରେ ପଡ଼ି ଦୁଇ ଯୁବକ ମୃତ, ଜଣେ ଗୁରୁତର



ମୁନିଗୁଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା ମୁନିଗୁଡ଼ା ଥାନା ଅଧୀନସ୍ଥ ତେଲେଙ୍ଗାପଦର ବାପୁଜୀନଗର ନିକଟସ୍ଥ ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତାରେ ଅର୍ଦ୍ଧନିର୍ମିତ ବ୍ରିଜରେ ପଡି ଶୁକ୍ରବାର ରାତିରେ ଦୁଇଜଣ ଯୁବକଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣଙ୍କୁ ଗୁରୁତର ଅବସ୍ଥାରେ ରାୟଗଡା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପରଦିନ ଖବର ପାଇ ମୁନିଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରି ମୃତକଙ୍କ ଶବ ବ୍ୟବଚ୍ଛେଦ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ପରିବାରକୁ ହସ୍ତାନ୍ତର କରାଯାଇ ତଦନ୍ତ ଜାରି ରଖିଥିବା ପୋଲିସ ସୂଚନାରୁ ଜଣାପଡିଛି। ସୂଚନାଯୋଗ୍ୟ ମୃତକ ଯୁବକ ହେଲେ ଗଜପତି ଜିଲ୍ଲାର କଳାହାଣ୍ଡି ଗାଁର ଦାରୁଣ ବିଶୋଇ (୨୪) ଓ କନ୍ଧମାଳ କୋଟଗଡ଼ ବ୍ଲକର ଶ୍ରୀରାମପୁରର ଶ୍ରୀରାମ ବିଶୋଇ (୧୬)। ମୃତକ ଦ୍ୱୟ କେରଳକୁ କାମ କରିବାକୁ ଯାଇଥିଲେ। ଶୁକ୍ରବାର ଦିନ ରାତିରେ ଟ୍ରେନରୁ ମୁନିଗୁଡ଼ାରେ ଓହ୍ଲାଇଥିଲେ। ସେମାନଙ୍କୁ ଗାଁକୁ ନେବାପାଇଁ ଫତୁ ବିଶୋଇ ବାଇକ୍ ଧରି ମୁନିଗୁଡ଼ା ଆସିଥିଲେ। ମୁନିଗୁଡ଼ାରୁ ଖାଇବା ପରେ ବାଇକରେ ତିନିଜଣ କୋଟଗଡ଼ ଅଭିମୁଖେ ରାତିରେ ଯାଉଥିଲେ। ହେଲେ ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତାରେ ୪ବର୍ଷ ହେବ ଅର୍ଦ୍ଧନିର୍ମିତ ବ୍ରିଜ ପାଖାପାଖି ଖାଲ ଖମାରୀ ଥିବାରୁ ଜଣା ନପଡି ବାଇକରେ ବସିଥିବା ଯୁବକ ଦ୍ୱୟ ବ୍ରିଜ ମଧ୍ୟରେ ପଡି ମୃତ୍ୟୁବରଣ କରିଛନ୍ତି। ବାଇକ୍ ଚାଳକ ଫତୁ ବିଶୋଇ ଗୁରୁତର ହୋଇଥିଲେ। ଏହି ବ୍ରିଜ ଆରମ୍ଭରୁ ୪ବର୍ଷ ହୋଇଥିଲେ ବି ସମ୍ପୂର୍ଣ୍ଣ ନହୋଇ ଅର୍ଦ୍ଧନିର୍ମିତ ରହିଛି। ଯାହାଫଳରେ ଦୈନିକ ଦୁର୍ଘଟଣା ଘଟୁଥିବା ବେଳେ ଏଥିପୂର୍ବରୁ କେତେଜଣ ମୃତ୍ୟୁମୁଖରେ ପଡିଥିବା ସ୍ଥାନୀୟ ଲୋକଙ୍କ ଠାରୁ ଶୁଣିବାକୁ ମିଳୁଛି। ପୂର୍ତ୍ତବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ଅପାରଗତା ଓ ଦାୟିତ୍ୱହୀନତା ପାଇଁ ବାରମ୍ବାର ଅଘଟଣ ଘଟୁଥିଲେ ବି କର୍ତ୍ତୃପକ୍ଷଙ୍କ ନିଦ୍ରା ଭାଙ୍ଗୁ ନାହିଁ। ଏପରି ସ୍ଥିତିରେ ପୂର୍ତ୍ତବିଭାଗ ଉପରେ ଅସନ୍ତୋଷ ପ୍ରକାଶ କରି ମୁନିଗୁଡ଼ାର ସମାଜସେବୀ ତରଣୀ ଚୌଧୁରୀ ମୁନିଗୁଡ଼ା ଥାନାରେ ଗତକାଲି (ଶନିବାର)ଅଧୀକ୍ଷଣ ଯନ୍ତ୍ରୀଙ୍କ ଅପାରଗତା ନେଇ ଥାନାରେ ଅଭିଯୋଗ ଦେଇଛନ୍ତି। ଅପରପକ୍ଷରେ ବିନା ଫଳକରେ ତିଆରି ଚାଲିଥିବା ଏହି ବ୍ରିଜର ସମୟ ସୀମା ବିଷୟରେ ସାଧାରଣ ଲୋକ ଅଜ୍ଞ ଅଛନ୍ତି। ଏହି ରାସ୍ତାରେ ଦୈନିକ ଶହଶହ ବସ, ଟ୍ରକ, ବାଇକ୍ ଆଦି ଯାତାୟତ କରୁଥିବାରୁ ଏହି ବ୍ରିଜକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଦାବି ହେଉଛି। ଯଦି ଶୀଘ୍ର ବିଭାଗୀୟ ଅଧିକାରୀ ବ୍ରିଜ କାର୍ଯ୍ୟ ସମ୍ପୂର୍ଣ୍ଣ ନ କରନ୍ତି ଏଭଳି ଅଘଟଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ସ୍ଥାନୀୟ ଜନସାଧାରଣ ଚେତାବନୀ ଦେଇଛନ୍ତି।

# ଅମ୍ବିକା ସାହି 'ରଜ ମଉଜ'ର ୨ୟ ସନ୍ଧ୍ୟା



ବାରିପଦା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଅମ୍ବିକା ସାହି ସ୍ଥିତ ଶିଶୁ ଉଦ୍ୟାନ ପରିସରରେ ୩ ଦିନିଆ ୧୩ ତମ 'ରଜ ମଉଜ' ଉତ୍ସବର ୨ୟ ସନ୍ଧ୍ୟାରେ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଓଡ଼ିଆ ସିନେ ଜଗତର ମହାନାୟକ ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କୁ ମନେ ପକେଇ ଗୋଟିଏ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ବିଭିନ୍ନ ବର୍ଗର ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ, ବୁରା ଡିଆଁ, ରଜ କୁଇନର ୨ୟ ରାଉଣ୍ଡ ଏବଂ ମା'ମାନଙ୍କ ମଧ୍ୟରେ ପିଠା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶତାଧିକ ପ୍ରତିଯୋଗୀ ସମେତ ସେମାନଙ୍କର ପିତାମାତା ମଧ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବେଶ ଉପଭୋଗ କରିଥିଲେ। ଗୁରୁକୁଳ ଡ୍ୟାନ୍ସ ଏଣ୍ଡ ଭିଜୁଆଲ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବର ୨ୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସିନେ ଅଭିନେତା ଅସିତ ପତି କୁନିକୁନି ପିଲାଙ୍କର ପ୍ରତିଭାର ବିକାଶ ପାଇଁ ଆୟୋଜିତ କାର୍ଯ୍ୟକ୍ରମର ବେଶ ପ୍ରଶଂସା କରିଥିଲେ। ପୂର୍ବତନ ଉପ ନଗରପାଳ ତଥା ବିଶିଷ୍ଟ ସମାଜସେବୀ ଜୀତେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅଭିନେତା ଓ ନିର୍ଦ୍ଦେଶକ ଅନ୍ନଦା ଶଙ୍କର ଦାଶ, ଅଭିନେତା ତାପସ ପାଢ଼ୀ ତଥା ଡଃ କୁକୁମିନା ଦାସ, ସିଲୁ ରୂପ ଓ ବରିଷ୍ଠ ସଦସ୍ୟ ଆଇନଜୀବୀ ସତ୍ୟ ସ୍ୱରୂପ ଦାଶ ପ୍ରମୁଖ ଉପସ୍ଥିତ ରହି କୁନିକୁନି ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ କମିଟି ତରଫରୁ ଅଭିନେତା ଅନୁପ ସାହାଙ୍କୁ ଉତ୍ତମ ମହାନ୍ତି ସ୍ମୃତି ସମ୍ମାନ, ଅଭିନେତା ଓ ନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁଙ୍କୁ ଗଡି ଦା ସ୍ମୃତି ସମ୍ମାନ, ତଥା ପ୍ରଯୋଜକ ଉମେଶ ପଟ୍ଟନାୟକ, ଅଭିନେତ୍ରୀ ରାନୁ ପାଢ଼ୀ, ନୃତ୍ୟ ରାଣୀ ରିଚା ବାରିକ, ନୃତ୍ୟ ନିର୍ଦ୍ଦେଶକ ଅହିଦ ଖାନ ଓ ନବାଗତା ଅଭିନେତ୍ରୀ ନିକିତା ମହାନ୍ତିଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଆୟୋଜକ ତଥା ନିର୍ଦ୍ଦେଶକ ଲିଟନ୍ ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ବାଙ୍ଗିରିପୋଷି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରଜାଘାତରେ ୪ଗାଈ ମୃତ

କଣାସ, (ଭାସ୍କର ନ୍ୟୁଜ୍): ରବିବାର ଅପରାହ୍ନ ୩ଟା ସମୟରେ କଣାସ ଅଞ୍ଚଳରେ ପ୍ରବଳ ବର୍ଷା ସାଙ୍ଗକୁ ବ୍ରଜପାତ ଘଟିବାରୁ ୪ଟି ଗାଈ ଚରୁଥିବା ଅବସ୍ଥାରେ ମୃତ୍ୟୁବରଣ କରିବା ସହିତ ଗୋଟିଏ ପରିବାର ପକାଘର ଫାଟିଯାଇଛି। ଖବର ନେବାରେ ଜଣାପଡିଛି ତ୍ରିଲୋଚନପୁର ଗ୍ରାମପଞ୍ଚାୟତ କଣ୍ଣପଡା ଗ୍ରାମର ରବିନ୍ଦ୍ର ଦାଶଙ୍କ ଦୁଇଟି ଗାଈ, ସୁକାନ୍ତ ବେହେରାଙ୍କର ଦୁଇଟି ଗାଈ ଗ୍ରାମ ନିକଟରେ ଚରୁଥିବା ବେଳେ ବ୍ରଜପାତ ଯୋଗୁଁ ଘଟଣାସ୍ଥଳରେ ମୃତ୍ୟୁବରଣ କରିଛନ୍ତି। ସେହିପରି କାତପଡା ଗ୍ରାମର ପ୍ରମୋଦ ମହାପାତ୍ରଙ୍କ ପକ୍କାଘର ବ୍ରଜପାତ ଯୋଗୁଁ ଫାଟି ଯାଇଥିବା ଜଣାପଡିଛି।

## ଯୌତୁକ ପାଇଁ ଗର୍ଭବତୀ ନବବଧୂଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ଥାନା ତାଳପଦା ପଞ୍ଚାୟତ ଅଧୀନ ତାଳପଦା ଗ୍ରାମର ମୋନାଲିଶା ଜେନା ୨୬ ନାମ୍ନୀ ଜଣେ ଗର୍ଭବତୀ ନବବଧୂଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ମକଦ୍ଦମା ରୁଜୁ କରି ସ୍ୱାମୀ ଶଙ୍କର୍ଷଣ ଜେନାଙ୍କୁ ଅଟକ ରଖି ପଚରା ଉଚୁରା କରୁଥିବା ଜଣାପଡ଼ିଛି। ମୃତ ନବବଧୂଙ୍କ ବାବା ପଞ୍ଚାନନ ଜେନା ଅଭିଯୋଗ କରିଛନ୍ତି ଯେ, ତାଙ୍କ ଝିଅ ମୋନାଲିଶା ଗତ ୫ବର୍ଷ ପୂର୍ବେ ସେହି ଗ୍ରାମର ଟେରୁ ଜେନାଙ୍କ ପୁଅ ଶଙ୍କର୍ଷଣ ଜେନାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର ବିବାହର କିଛିଦିନ ପରେ ଅଧିକ ଯୌତୁକ ଦାବି କରି ମୋନାଲିଶାଙ୍କୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଉଥିବା ବେଳେ ଅଧିକାଂଶ ସମୟରେ ମାଡ଼ ମାରୁଥିଲେ। ଶନିବାର ବିଳମ୍ବିତ ରାତିରେ ମୋନାଲିଶାଙ୍କୁ ତାଙ୍କ ଶଶୁରଘର ଲୋକ ମାଡ଼ ମାରିଥିଲେ। ଯାହାଫଳରେ ମୋନାଲିଶା ଗୁରୁତର ଆହତ ହୋଇଥିଲେ। ସେହିଦିନ ରାତିରେ ଗୁରୁତର ଅବସ୍ଥାର ତାଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ମୋନାଲିଶାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଭଦ୍ରକ ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ମୋନାଲିଶାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ମୋନାଲିଶାଙ୍କର ଗୋଟିଏ ୩ ବର୍ଷର ଝିଅ ଥିବା ବେଳେ ସେ ୫ମାସର ଗର୍ଭବତୀ ଥିବା ବାପା ପଞ୍ଚାନନ ଅଭିଯୋଗରେ ଦର୍ଶାଇଛନ୍ତି।

## ଆଳି ଗାନ୍ଧୀ ସହଦେବ ଦାସଙ୍କ ଶ୍ରାଦ୍ଧଉତ୍ସବ ପାଳିତ



ଆଳି, (ଭାସ୍କର ନ୍ୟୁଜ୍): ଆଳି ପଟ୍ଟାମୁଣ୍ଡାଇ ଯୁଗ୍ମ ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ତଥା ଆଳିର ଗାନ୍ଧୀ ସହଦେବ ଦାସଙ୍କ ୬୪ତମ ଶ୍ରାଦ୍ଧବାର୍ଷିକ ତାଙ୍କ ଜନ୍ମସ୍ଥାନ ନମୌଜା ନୂଆଗାଁ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଦିବସ ଉପଲକ୍ଷେ ସହଦେବ ଦାସ ସ୍ମୃତି ସଂସଦ ପକ୍ଷରୁ ଭୋର ୬ଟାରୁ ନମୌଜାର ପ୍ରତ୍ୟକ ଗ୍ରାମରେ ରାମଧୁନ ଗାନ କରିବା ସହ ପ୍ରଭାତ ଫେରି କରାଯାଇଛି। ପରେପରେ ସକାଳ ୮ ଘଟିକା ସମୟରେ ତାଙ୍କ ସମାଧି ପୀଠ ଏବଂ ତାଙ୍କ ସ୍ମୃତିରେ ଗଢିଉଠିଥିବା ବିଦ୍ୟାଳୟ ନୂଆଗାଁ ସିନିଅର ବେସିକ ସ୍କୁଲ ଠାରେ ଥିବା ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ପରେ ବଡାମ୍ବିଳା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମଧ୍ୟ ଫୁଲ ଓ ଧୂପ ପ୍ରଦାନ କରାଯାଇଥିଲା। ଶେଷରେ ସହଦେବ ଦାସ ମାର୍ଗର ଆରମ୍ଭ ନିଆଳ ଛକ ଠାରେ ଥିବା ସହଦେବ ଦାସଙ୍କ ପ୍ରତମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ ହୋଇଥିଲା। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂସଦର ସଭାପତି ଗୋବିନ୍ଦ ଚନ୍ଦ୍ର ନନ୍ଦ, ସମ୍ପାଦକ ବୀରେନ୍ଦ୍ର ପଣ୍ଡାଙ୍କ ସହ ବାମନ ଚରଣ ବେହେରା, ପ୍ରଫୁଲ୍ଲ ପରିଡ଼ା, ଲକ୍ଷ୍ମୀଧର ଦୀକ୍ଷିତ, ରବୀନ୍ଦ୍ର ସୂତାର, ମଧୁସୂଦନ ଦାସ ଓ ବିନୋଦ ଚନ୍ଦ୍ର ଦାଶ ପ୍ରମୁଖ ପରିଚାଳନା କରିଥିବା ବେଳେ କଂଗ୍ରେସ ରାଜ୍ୟ ସମ୍ପାଦିକା ଡା ଦେବସ୍ମିତା ଶର୍ମା, ମାନଗୋବିନ୍ଦ ଦାସ, ସରପଞ୍ଚଙ୍କ ପ୍ରତିନିଧି ବିଜୟ ମହୀ, ସମାଜସେବୀ ପ୍ରଦ୍ୟୁମ୍ନ ଦାଶ, ଅକ୍ଷୟ ମହାନ୍ତି, କାହ୍ନୁଚରଣ ତ୍ରିପାଠୀ, ଦେବେନ୍ଦ୍ର ପଣ୍ଡା, ଦର୍ପନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନେରଡା ମନ୍ଦିରରୁ ଚୋରି ଅଭିଯୋଗ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ନେରଡା ରାଇଆସାହି ସୁନାମୁଖି ମନ୍ଦିର ଓ ଶିବ ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୋଟିଏ ସ୍ଥାନରେ ଥିବା ଏହି ଦୁଇ ମନ୍ଦିରରେ ଲାଗିଥିବା ପ୍ରାୟ ୫୦ ହଜାର ଟଙ୍କା ମୂଲ୍ୟର ୬ଟି ବଡ ପିତ୍ତଳଘଣ୍ଟି, ତାଲା ଭଙ୍ଗାଯାଇ ଦାନବାକ୍ସ ଟଙ୍କା, ମନ୍ଦିର ଦ୍ୱୟ ପରିଚାଳନା କମିଟି ଗୃହ କବାଟ କଟାଯାଇ ପ୍ରାୟ ୨୦ ହଜାର ଟଙ୍କା ମୂଲ୍ୟର ୨ଟି ବୈଦ୍ୟୁତିକ ପାଣି ମୋଟର, ପିତ୍ତଳ ହଣ୍ଡା ଓ ୨ଟି ପିତ୍ତଳ ମାଡିଆ ଆଦି ଗତ ୧୩ ତାରିଖ ରାତ୍ରରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ୧୪ତାରିଖ ସକାଳେ ସ୍ଥାନୀୟ ଲୋକେ ଚୋରି ହୋଇଥିବା ଦେଖିଥିଲେ। ଏ ସମ୍ପର୍କରେ ବିମ୍ବାଧର ସାମଲ ଥାନାରେ ଅଭିଯୋଗ କରିଥିଲେ। ଏଥିନେଇ ଥାନାରେ ୨୯୪/୨୫ନଂ ମାମଲା ରୁଜୁ ହୋଇଥିବା ଜଣାଯାଇଛି।

## ବୁଲା ଗାଈଗୋରୁଙ୍କ ଯୋଗୁଁ ଘଟୁଛି ଦୁର୍ଘଟଣା, ପ୍ରଶାସନ ନିରବ



କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକରେ ଜନ ସଚେତନତା ଅଭାବରୁ ଅନେକ ପରିବାର ନିଜନିଜ ଘରେ ରଖିଥିବା ଗାଈ ଗୋରୁମାନଙ୍କୁ ବାହାରକୁ ଛାଡିଦେଉ ଥିବାରୁ ବାରମ୍ବାର ଛୋଟବଡ଼ ଦୁର୍ଘଟଣା ମାନ ଘଟୁଥିବା ଦେଖିବାକୁ ମିଳୁଛି। ବିଶେଷ କରି ଗାଈଗୋରୁମାନେ ନୂଆ ଜଗନ୍ନାଥ ସଡ଼କର ଦୟାନଦୀ ଓ ମକରା ନଦୀ ସେତୁ ଉପରେ ଦିନରାତି ଶୋଇ ରହୁଥିବା ସାଙ୍ଗକୁ ମଳମୂତ୍ର ତ୍ୟାଗ କରୁଥିବାରୁ ସେତି ଉପର କାଦୁଆ ହେବା ସହ ମଟର ସାଇକେଲ ଆରୋହୀ ଚକ ସ୍ଲିପ କରୁଥିବାରୁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସେହିପରି ମକରାନଦୀର କାଦୁଆ ସେତୁ, ଅଡାଳ ସେତୁ, ଦୟାନଦୀର ଗୋପୀନାଥପୁର ସେତୁ,ଦୟାନଦୀର ଦୋକନ୍ଦା ସେତୁ, ରାଜୁଆ ନଦୀର କଖାରୁବସ୍ତ ସେତୁ, ଦୟାନଦୀର ବୀରକେଶରପୁର ସେତୁ, ରାଜୁଆ ନଦୀର ଗଡବଡପୁଟ ସେତୁ ଉପରେ ଗାଈ, ଗୋରୁ, ଷଣ୍ଢମାନେ ଆସ୍ଥାନ ଜମାଇବାକୁ ଦେଖିବାକୁ ମିଳୁଛି। ଅଞ୍ଚଳର ଅନେକ ପରିବାର ଗାଈଗୋରୁ ଛାଡି ଦେଉଥିବା ବେଳେ ରଣପୁର, ନୟାଗଡ, ଟାଙ୍ଗୀ ଅଞ୍ଚଳର ବୁଲାଷଣ୍ଢଙ୍କୁ ଚାରିଚକିଆ ଜାନରେ କେତେକ ବ୍ୟକ୍ତି ରାତ୍ରରେ ଆଣି ନୂଆ ଜଗନ୍ନାଥ ସଡକର ଜଙ୍କିଆ ନିକଟ ଦୟାନଦୀ ସେତୁ ଉପରେ ଛାଡ଼ି ଦେଇ ଚାଲିଯାଉଥିବାରୁ ଦିନକୁଦିନ ଷଣ୍ଢମାନଙ୍କ ସଂଖ୍ୟା ବୃଦ୍ଧିପାଉଛି। ଦିନବେଳେ ଷଣ୍ଢ ଓ ବୁଲା ଗାଈଗୋରୁମାନେ ଗାଁ ଗହଳିରେ ପଶି ବଡ଼ ବଗିଚାରେ ହୋଇଥିବା ଫସଲମାନ ଖାଇ ନଷ୍ଟ କରୁଛନ୍ତି। ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ କରାଯାଉ ନଥିବାରୁ ଦିନକୁଦିନ ବୁଲା ଗାଈ ଗୋରୁଙ୍କ ସଂଖ୍ୟା ବୃଦ୍ଧିପାଉଛି।


## କଲେଜ କ୍ୟାଣ୍ଟିନ୍ ପାଲଟିଛି ଢ଼ାବା

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି କଲେଜ କ୍ୟାମ୍ପସରେ ଥିବା କ୍ୟାଣ୍ଟିନରେ ଛୁଟି ଥିବା ସତ୍ତ୍ୱେ ହଜାରହଜାର ଲୋକଙ୍କ ପାଇଁ ରୋଷେଇ ହେଉଛି। ଯାହାକୁ ନେଇ ଦାୟିତ୍ୱରେ ଥିବା କଲେଜ ଅଧକ୍ଷ ଏହାକୁ ବିରୋଧ କରିବାରୁ କ୍ୟାଣ୍ଟିନ ଦାୟିତ୍ୱରେ ଥିବା ଅଧିକାରୀ କଲେଜ ଅଧକ୍ଷଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଧମକ ଦେଇ ଥିଲେ। ଏହି ଘଟଣାକୁ ନେଇ ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ କଲେଜର ସ୍ଥାୟୀ ଅଧକ୍ଷ ବିନୋଦ ବେହେରାଙ୍କୁ ପଚାରିବାରୁ କ୍ୟାଣ୍ଟିନରେ ରୋଷେଇ କରିବାକୁ ମୁଁ ଅନୁମତି ଦେଇଥିଲି। ଏଠାରେ ପ୍ରଶ୍ନ ଉଠୁଛି କଲେଜ ଅଧକ୍ଷ ଫୁଡ ଲାଇସେନ୍ସ ନଥିବା ସତ୍ତ୍ୱେ ହଜାର ହଜାର ଲୋକଙ୍କ ପାଇଁ କିଭଳି ଅନୁମତି ଦେଉଛନ୍ତି। କଲେଜ ଅଧକ୍ଷଙ୍କ ଏଭଳି ବେଆଇନ ଅନୁମତିକୁ ନେଇ ସାରା ନିଆଳି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଆମ୍ବୁଲାନ୍ସକୁ ଧକା ଦେଲା ଟ୍ରକ୍

ରାୟଗଡ଼, (ଭାସ୍କର ନ୍ୟୁଜ୍): ଆମ୍ବୁଲାନ୍ସକୁ ପଛପଟୁ ଧକ୍କା ଦେଲା ଟ୍ରକ। ଆମ୍ବୁଲାନ୍ସ ଚୁରମାର, ଅଳ୍ପକେ ବର୍ତ୍ତିଗଲେ ଡ୍ରାଇଭର ଦଶରଥ ମାଝୀ। ଏପରି ଘଟଣା ଘଟିଛି ରାୟଗଡା ଜିଲା କାଶିପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ୪୪ନଂ ରାଜ୍ୟ ରାଜପଥର ସର୍ଗିଗୁଡ଼ା ନିକଟରେ। ଆମ୍ବୁଲାନ୍ସ ରାୟଗଡ଼ାରୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଉଥିଲା। ବିଳମ୍ବିତ ରାତିରେ ଟ୍ରକ୍ ଅନ୍ୟ ଏକ ଟ୍ରକକୁ ଓଭରଟେକ୍ କରିବା ବେଳେ କୌଣସି କାରଣବଶତଃ ଟ୍ରକ୍‌ଟି ଆମ୍ବୁଲାନ୍ସକୁ ଧକା ଦେବାରୁ ଗଛକୁ ପିଟି ହୋଇଗଲା ଆମ୍ବୁଲାନ୍ସ। ସୌଭାଗ୍ୟ ବଶତଃ ଡ୍ରାଇଭରଙ୍କ କିଛି କ୍ଷତି ହୋଇନି।

## ନଳବଣ୍ଟା କାଳଷଣ୍ଡପୁର କଂକ୍ରିଟ ରାସ୍ତା ନିମ୍ନମାନର



ଆସିକା, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲାର ସବୁ ଠାରୁ ୫୯ ଜାତୀୟ ରାଜପଥ ସବୁଠାରୁ ବ୍ୟସ୍ତ ବହୁଳ। ଏହି ରାସ୍ତାରେ ଦୈନିକ ସହ ସହ ଟ୍ରକ, ହାଇଓ୍ୱା, ଯାତ୍ରୀବାହୀ ବସ, ଅଟୋ ସାଙ୍ଗକୁ ଦୁଇ ଚକିଆ ଯାନବାହାନ ଯାତାୟାତ ହୁଏ। ବର୍ଷା ଦିନେ ନଳବଣ୍ଟା ଠାରୁ ପାଟଳି ଗୁଡ଼ା ରାସ୍ତା ଉପରେ ବର୍ଷା ଜଳ ଘଣ୍ଟା ଘଣ୍ଟା ଜମି ରହେ। ଏହାକୁ ଦୃଷ୍ଟିରେ ରଖି ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ଦ୍ୱାରା ନଳବଣ୍ଟା-ପାଟଳିଗୁଡ଼ା ରାସ୍ତାରେ କଂକ୍ରିଟ ରାସ୍ତା ନିର୍ମାଣ ହୋଇଛି। ସେହି କଂକ୍ରିଟ ରାସ୍ତା ଉପରେ ଦୁଇ ଚକିଆ ଓ ଚାରିଚକିଆ ଯାନବାହାନ ଯିବା ଆସିବା ବେଳେ ଭାଇବ୍ରେସେନ ହେଉଥିବା ଯୋଗୁଁ ରୀତିମତ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। କଂକ୍ରିଟ ରାସ୍ତା ନିର୍ମାଣ ବେଳେ ଅନେକ ତ୍ରୁଟି ସାଙ୍ଗକୁ ନିମ୍ନ ମାନର କାର୍ଯ୍ୟ ହୋଇଥିବା କିଛି ଠିକାଦାର କହୁଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଫୋନ କଲେ ବାବୁ ଫୋନ ରିସିଭ କରୁନାହାନ୍ତି। ଏହି ରାସ୍ତା ନିର୍ମାଣ ବେଳେ ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ଅଭିଯୋଗ ହୋଇଥିଲା। ଆସିକା ଅଞ୍ଚଳରେ ପ୍ରତେକ ବିଭାଗ କାର୍ଯ୍ୟରେ ପାଦ ପାଦରେ ଦୁର୍ନୀତି ହେଉଛି। କାର୍ଯ୍ୟାଦେଶ ହେଉଥିବା ସ୍ଥାନରେ କୌଣସି ବାବୁ ରହୁ ନଥିବା ଯୋଗୁଁ ନିମ୍ନମାନର କାର୍ଯ୍ୟ ହେଉଛି। ଏହି ତ୍ରୁଟିପୂର୍ଣ୍ଣ କଂକ୍ରିଟ ରାସ୍ତା ପୁନର୍ବାର ନିର୍ମାଣ କରିଲେ ଦୁର୍ଘଟଣାରେ ଅକାଳ ମୃତ୍ୟୁ ବରଣ କରୁଥିବା ଯାତ୍ରୀ ଉପକୃତ ହେବେ ବୋଲି ସଚେତନ ମହଲରେ ଦାବି ହେଉଛି।

## ରଜ ଉତ୍ସବରେ ଯୋଗଦେଲେ ବିଧାୟକ

ପରଜଙ୍ଗ /କଙ୍କଡ଼ାହାଡ଼, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀ କଙ୍କଡ଼ାହାଡ଼ ବ୍ଲକ୍ କରଗୋଳା ଗ୍ରାମରେ ପ୍ରଥମ ବାର୍ଷିକ ମୋ ଗାଁ ରଜ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ରଜ ପର୍ବରେ ଗ୍ରାମ ଆୟୋଜନ କମିଟି ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ କରା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ନିର୍ବାଚନ ମଣ୍ଡଳୀର ବିଧାୟକ ବିଭୁତି ଭୁଷଣ ପ୍ରଧାନ ଯୋଗ ଦେଇ ଥିବା ବେଳେ, ସମ୍ମାନିତ ଅତିଥି ରୂପେ କଙ୍କଡ଼ାହାଡ଼ ବ୍ଲକ୍ ପୂର୍ବତନ ଅଧକ୍ଷ କାର୍ତ୍ତିକ ସାହୁ, କରଗୋଳା ପଞ୍ଚାୟତ ସରପଞ୍ଚ ତାପସ କୁମାର ପାଣି, ବାମ୍ ପଞ୍ଚାୟତ ସରପଞ୍ଚ ଫକୀର ମୋହନ ମହାନ୍ତ, କରଗୋଳା ପଞ୍ଚାୟତ ପୂର୍ବତନ ସରପଞ୍ଚ ଆଶୁତୋଷ ପଣ୍ଡା, କଣ୍ଟାପାଳ ପଞ୍ଚାୟତ ପୂର୍ବତନ ସରପଞ୍ଚ ବଳଭଦ୍ର ସାହୁ କରଗୋଳା ଗ୍ରାମର ଗ୍ରାମ ସଭାପତି ପ୍ରମୋଦ ଦେହୁରୀ ଯୋଗ ଦେଇଥିଲେ। ଏହି ରଜ ପର୍ବରେ ବିଧାୟକ ପ୍ରଥମେ ମୋ ଗାଁ ରଜକୁ ଆଗକୁ ନେବା ପାଇଁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ବୃକ୍ଷ ରୋପଣ କରି ମଞ୍ଚାସିନ ହୋଇ ରଜ ପର୍ବ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ପରିଶେଷରେ ବାଉଁଶ ରେ ତିଆରି ଦୋଳିରେ ଦୋଳି ଖେଳିବା ସହିତ ଆଦିବାସୀ ମହିଳାଙ୍କ ସହିତ ଆଦିବାସୀଙ୍କ ତାଳେ ତାଳେ ନାଚି ଥିବା ବେଳେ ଶାନ୍ତି ଶୃଙ୍ଖଳାର ସହିତ କାର୍ଯ୍ୟକ୍ରମ ସମାପନ କରା ଯାଇଥିଲା।

## ରଜ ପାଳିଲେ ସଫେଇ କର୍ମୀ

# ବିଏମ୍‌ସିର ସ୍ୱତନ୍ତ୍ର ପ୍ରୟାସ





ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମହାନଗର ନିଗମର ବୈଭବ କେନ୍ଦ୍ର ଟିଟିଏସ୍ ଠାରେ ବିଏମ୍‌ସି ପକ୍ଷରୁ ଯାକଜମକରେ ପାଳିତ ହୋଇଛି ଭିନ୍ନ ସ୍ୱାଦର ରଜ ମହୋତ୍ସବ। ଏହି ମହୋତ୍ସବରେ ମେୟର ସୁଲୋଚନା ଦାସ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମହାମାୟା ସ୍ୱାଇଁ, ସ୍ଥାନୀୟ କର୍ପୋରେଟର ଜୟନ୍ତି ସାହୁ, କର୍ପୋରେଟର ଭାରତୀ ସିଂ, ଏବଂ ପାଖାପାଖି ୧୫୦ ସଫେଇ କର୍ମଚାରୀ ସାମିଲ୍ ହୋଇଥିଲେ। ରଜ ଯାହାକି ମୁଖ୍ୟତଃ ମହିଳା ମାନଙ୍କ ପାଇଁ ପାଳନ କରାଯାଏ ସେ ପରିପ୍ରେକ୍ଷୀରେ ରବିବାର ସମସ୍ତ ମହିଳା ସଫେଇ କର୍ମଚାରୀଙ୍କୁ ଛୁଟି ଦିଆଯାଇଥିଲା। ନିକଟରେ ହୋଇଥିବା ବିମାନ ଦୁର୍ଘଟଣାର ମୃତକଙ୍କ ଆତ୍ମାର ସଦ୍‌ଗତି ଏବଂ ସେମାନଙ୍କ ପରିବାରକୁ ଧୈର୍ଯ୍ୟ ଦେବାପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ତେବେ ଏହି କାର୍ଯ୍ୟକ୍ରମରେ ପୋଡ ପିଠା ପ୍ରସ୍ତୁତ କରି, ମେହେନ୍ଦି ଓ ଅଳତା ଲଗାଇ ଏବଂ ପାନ ଖାଇ ସମସ୍ତେ ରଜ ସଂକ୍ରାନ୍ତି ପାଳନ କରିଥିଲେ ଓ ଦୋଳିରେ ଝୁଲିଥିଲେ। ଉପସ୍ଥିତ ଥିବା ମେୟର ଏବଂ କର୍ପୋରେଟର ଏଥିରେ ସାମିଲ୍ ହୋଇଥିଲେ। ପରେପରେ ନାଚ, ପୁଚି ଓ ଖେଳରେ କାର୍ଯ୍ୟକ୍ରମ ଆଗକୁ ବଢ଼ିଥିଲା। ସଫେଇକର୍ମୀଙ୍କ ପାଇଁ ରଜ ଏକ ନିଆରା ପ୍ରୟାସ। ଆମ ସହରକୁ ସଫା ରଖିବାରେ ସେମାନଙ୍କ ଅବଦାନର ମହତ୍ୱକୁ ଟଙ୍କାରେ ଭରଣା କରିହେବ ନାହିଁ। ପାରିଶ୍ରମିକ ସାଙ୍ଗକୁ ସେମାନଙ୍କ ମାନବିକ ସ୍ଥିତିକୁ ସମ୍ମାନ ଦେବା ଏକ ସାମୂହିକ ଦାୟିତ୍ୱ। ଏଥିପାଇଁ ବିଏମ୍‌ସି ସେମାନଙ୍କୁ ନେଇ ବିଭିନ୍ନ ଗୋଷ୍ଠୀ କାର୍ଯ୍ୟକ୍ରମ ଯାହାକି, ବଡ଼ା ଖାନା, ରାକ୍ଷୀ ପୂର୍ଣ୍ଣିମା ଇତ୍ୟାଦି ଆୟୋଜନ କରିଥାଏ। ଏହିଅବସରରେ ମେୟର ସୁଲୋଚନା ଦାସ କହିଛନ୍ତି ଯେ, ଆଜି ଆମେ ରଜ ପର୍ବକୁ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛୁ। ଏହାକୁ ଆମେ ସମସ୍ତେ ନିଜ ଅଞ୍ଚଳରେ କରିଲେ ସେମାନଙ୍କ ତ୍ୟାଗର ପ୍ରକୃତ ଉପହାରଟିଏ ଦେଇପାରିବା ବୋଲି।

## ମଧୁସୂଦନଙ୍କ ଜନ୍ମ ପୀଠରେ ଛାତ୍ରଛାତ୍ରୀ ପାଳିଲେ ରଜ



ତିହିଡ଼ି, (ଭାସ୍କର ନ୍ୟୁଜ୍) ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦ ଆନୁକୁଲ୍ୟରେ କଟକ ସତ୍ୟଭାମା ପୁର ସ୍ଥିତ ମଧୁସୂଦନଙ୍କ ଜନ୍ମ ପୀଠରେ ପରିଷଦର ଛାତ୍ର ଛାତ୍ରୀଙ୍କ ଦ୍ୱାରା ପହିଲି ରଜ ଆଡ଼ମ୍ବର ସହକାରେ ପାଳନ କରାଯାଇଛି। ସର୍ବ ପ୍ରଥମେ ଓଡିଆ ବୀର ମଧୁବାବୁଙ୍କ ପୂର୍ଣ୍ଣାଙ୍ଗ ଅବୟବରେ ଛାତ୍ର ଛାତ୍ରୀମାନେ ପୁଷ୍ପ ମାଲ୍ୟ ଅର୍ପଣ କରି "ତୁ ପରା ବୋଲାଉ ଉତ୍କଳ ସନ୍ତାନ" ଗୀତ ଗାନ କରିଥିଲେ। ଜାତୀୟ ଜୀବନରେ ସାମିଲ ରହି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ (୧୯୩୬) ଦେଶ ପ୍ରାଣ ମଧୁସୂଦନଙ୍କ ଅବଦାନ ସମ୍ପର୍କରେ ପୁଙ୍ଖାନୁପଙ୍ଖ ଆଲୋଚନା କରାଗଲା। ବ୍ୟକ୍ତିଗତ ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟରୁ ଦୂରେଇ ଯାଇ ଦୀର୍ଘ ୮୬ ବର୍ଷ ପର୍ଯ୍ୟନ୍ତ ପ୍ରାକୃତିକ ସମ୍ପଦ ଭରା ଉତ୍କଳ ମାତାର ଭୂୟଶୀ ପ୍ରଶଂସାକୁ ନେଇ ବହୁ ତଥ୍ୟ ଭିତ୍ତିକ ଆଲୋଚନା ହୋଇଥିଲା। ଛାତ୍ର ଛାତ୍ରୀମାନେ ଉତ୍କଳର ଅମୃତ ସନ୍ତାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଗୋପାଳପ୍ରସାଦ ମହାପାତ୍ର, ଅଧ୍ୟାପିକା ସଂଯୁକ୍ତା ଭାରତୀ, ଗବେଷଣା ପରିଷଦର ସଭାପତି ବିଭୂତି ଭୂଷଣ ସେନାପତି ପ୍ରଭୃତି ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରାବନ୍ଧିକ ବିଭୂତିଭୂଷଣ ସେନାପତିଙ୍କ ରଚିତ ସରଳ ସଂସ୍କୃତ ବ୍ୟାକରଣ ଶିକ୍ଷା 'ବିଘ୍ନରାଜ' ଲୋକାର୍ପିତ ହୋଇଥିଲା। ପ୍ରଜ୍ଞା ପାରମିତା ଦାସ, ଗାୟତ୍ରୀ ନାୟକ, ସାଇକ୍ରୀଷ୍ଟା ବାରିକ, ସାଇପ୍ରକାଶ ନାୟକ, ରୀତିରେଖା ମହାଳିକ, ଅଶୋକ କୁମାର ସାହୁ, ପ୍ରିୟାଂଶୁ କୁମାର ସାହୁ, ସ୍ୱାଗତିକା ବେହେରା, ସୁଲଗ୍ନା ଦାଶ, ମାମାଲି ଓଝା, ବାପୁନୁ ଓଝା , ନିଲେଶ ସାହୁ ଏବଂ ରୂପ୍ସା ସାହୁ ପ୍ରଭୃତି ଛାତ୍ରଛାତ୍ରୀ ଆଲୋଚନାରେ ଅଂଶ ଗ୍ରହଣ କରି ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଶ୍ନ ଉତ୍‌ଥାପନ କରିଥିଲେ। ମଧୁବାବୁଙ୍କ ଜନ୍ମପୀଠକୁ ଜାତୀୟ ପୀଠର ମାନ୍ୟତ ଦେବା ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଓଡ଼ିଶା ସରକରଙ୍କ ଦୃଷ୍ଟି ଆକର୍ଷଣ କରାଗଲା।

## ବଢ଼ୁଛି ତାପମାତ୍ରା, ଚିନ୍ତାରେ ଛାତ୍ରଛାତ୍ରୀ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଗଣ ଶିକ୍ଷା ବିଭାଗ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମେ ୬ ଠାରୁ ଜୁନ ୨୦ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ଅବକାଶ ଛୁଟି ଘୋଷଣା କରିଅଛନ୍ତି। ବର୍ତ୍ତମାନ ଦିନକୁ ଦିନ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ସକାଳ ୮ଟା ହେଲେ ଘରୁ ବାହାରିବା କଷ୍ଟକର ହୋଇପଡିଛି। ପ୍ରଚଣ୍ଡ ରୌଦ୍ରତାପରେ ପ୍ରବଳ ଗୁଳୁ ଗୁଳି ହେତୁ ଜନ ଜୀବନ ଓ ବିଭିନ୍ନ ଦୈନଦିନ କାର୍ଯ୍ୟ କରିବା ସମୟରେ ଅସ୍ତବ୍ୟସ୍ତ ହୋଇପଡିଛି। ପ୍ରଚଣ୍ଡ ଗ୍ରୀଷ୍ମ ବ୍ରବାହ ଯୋଗୁଁ ଛାତ୍ର ଛାତ୍ରୀମାନେ କିଭଳି ବିଦ୍ୟା ଅଧ୍ୟୟନ କରିବେ ଚିନ୍ତାର ବିଷୟ ପାଲଟିଛି। ଓଡିଶାକୁ ଚଳିତବର୍ଷ ଶୀଘ୍ର ମୌସୁମୀ ଛୁଇଁଥିବା ବେଳେ ବିଶେଷ ମୌସୁମୀ ଦେଖା ନଥିବା ବେଳେ ଥଣ୍ଡା ପାଗର ପରିବର୍ତ୍ତନ ଆସିନାହିଁ। ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନିମିତ୍ତ ଗ୍ରୀଷ୍ମ ପ୍ରବାହ ଅବକାଶ ଛୁଟିକୁ ବୃଦ୍ଧି କରିବା ପାଇଁ ଅଭିଭାବକ, ବୁଦ୍ଧିଜୀବୀ ଓ ବୋଲଗଡ଼ ବ୍ଲକ ଅଞ୍ଚଳର ଜନସାଧାରଣ ମାନେ ରାଜ୍ୟ ଗଣଶିକ୍ଷା ବିଭାଗ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଓ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ଅନୁରୋଧ କରିଅଛନ୍ତି।



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳରେ ବସବାସ କରୁଥିବା ସାଧାରଣ ଲୋକଙ୍କ ପ୍ରତି ମାଲକାନଗିରି ବିଦ୍ୟୁତ୍ ବିଭାଗର ସମ୍ପୂର୍ଣ୍ଣ ଅବହେଳା, ଆଉ ଏ ଅବହେଳା ଏପରି ଯେକୌଣସି ମୁହୂର୍ତ୍ତରେ ସେହି ଗ୍ରାମର ନିରୀହ ଲୋକଙ୍କ ଜୀବନ ଯାଇପାରେ ଯାହାର ବାସ୍ତବ ଚିତ୍ର ମାଲକାନଗିରି ସଦର ନିକଟ ଏମଭି ୯ନଂ ଗ୍ରାମରେ ଦେଖିବାକୁ ମିଳିଛି। ବିଗତ ୬ ରୁ ୮ମାସ ମଧ୍ୟରେ ଦୁଇ ଥର ଏମ ଭି ୯ ନଂ ଗାଁ ମୁଖ୍ୟ ଛକରେ ବିଦ୍ୟୁତ୍ ତାର(ବହୁତ ପୁରୁଣା ତାର) ଛିଣ୍ଡି ରାସ୍ତା ଉପରେ ପଡ଼ି ରହିଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ବର୍ତ୍ତମାନ ମଧ୍ୟ ଛିଣ୍ଡିକି ପଡିରହିଛି ଯେଉଁଠି ସବୁ ସମୟରେ ଜନଗହଳି ରହିଥାଏ। କିନ୍ତୁ ଭଗବାନଙ୍କ କୃପାରୁ ଏଥିରେ କୌଣସି ଲୋକଙ୍କ ଜୀବନ କ୍ଷତି ହୋଇନାହିଁ। ଛିଣ୍ଡି ପଡ଼ିଥିବା ବିଦ୍ୟୁତ୍ ତାର ଜାଗାରେ ଗ୍ରାମର କିଛି ଭଦ୍ର ବ୍ୟକ୍ତି ମାନେ ଛିଡା ହୋଇ ଯାତାୟାତ କରୁଥିବା ଯାତ୍ରୀମାନଙ୍କୁ ସତର୍କତା କରାଉଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ଦେଖା ଦର୍ଶନ ନାହିଁ। ବିନମ୍ର ଅନୁରୋଧ କରିବି ମାଲକାନଗିରି ଜିଲ୍ଲାପାଳ ସାରଙ୍କୁ ଏଥିପ୍ରତି ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଏହାର ମରାମତି କରି କିଛି ବଡ଼ ଦୁର୍ଘଟଣା ହେବା ଆଗରୁ ତାହାର ବ୍ୟବସ୍ଥା କରାଯାଉ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଜ ମହୋତ୍ସବ ପାଳିତ



ଆଠଗଡ଼, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଓମକାର ଡାନ୍ସ ଏକାଡେମୀ, ଆଠଗଡ ତରଫରୁ ପହିଲି ରଜ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏନଏସି ଅଧକ୍ଷା ସସ୍ମିତା ରାଉତ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗୀତିକାର ରାଧାନାଥ ଦାସ,ବରିଷ୍ଠ କଳାକାର ପରେଶ ଚନ୍ଦ୍ର ପଟ୍ଟନାୟକ ଯୋଗଦାନ କରିଥିଲେ। ଡାଇରେକ୍ଟର ସମୀର କୁମାର ପୃଷ୍ଟିଙ୍କ ନିର୍ଦ୍ଦେଶନାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଠଗଡ଼ ଟାଉନ୍ କ୍ଲବ୍ ଆନୁକୂଲ୍ୟରେ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଟାଉନ୍ କ୍ଲବ୍ ସଭାପତି ରାମନାରାୟଣ ମହାନ୍ତିଙ୍କ ପୌରୋହିତ୍ୟରେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ସମ୍ମାନିତ ଅତିଥି ଆଠଗଡ଼ ଉପ-ଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ମୁଖ୍ୟବକ୍ତା ମଣିପାଲ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପ୍ରଫେସର୍ ରେବତୀ ବଲ୍ଲଭ ତ୍ରିପାଠୀ ଯୋଗଦେଇ ଆଠଗଡ଼ର ଐତିହାସିକ ପୃଷ୍ଠଭୂମି ସହିତ କଳା ସାହିତ୍ୟ ସଂସ୍କୃତିର ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ରଞ୍ଜନ କୁମାର ଦାସ ନିଜର ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସାମ୍ବାଦିକ ପାର୍ଥସାରଥି ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଠଗଡ଼ କଳାକେନ୍ଦ୍ରର ଗୁରୁ ଅଚିତ୍ୟ ବେହେରାଙ୍କ ନିର୍ଦ୍ଦେଶିତ ଓଡ଼ିଶୀ ନୃତ୍ୟ ଏବଂ ଗୁରୁ ପ୍ରଫୁଲ୍ଲ କୁମାର ସାହୁଙ୍କ ସଂଯୋଜନାରେ ସଙ୍ଗୀତ ପରିବେଷିତ ହୋଇଥିଲା। ସେହିପରି ଆଠଗଡ଼ ଗଡ଼ଯାତ ପରିକ୍ରମାର ରଜ ମହୋତ୍ସବ ସ୍ଥାନୀୟ ମହାବୀର ପ୍ଲାଜା ଠାରେ ବଡ଼ ଧୁମଧାମରେ ପାଳିତ ହୋଇଯାଇଛି।

## ଅଲ୍ ଓଡ଼ିଶା ସିଆରପି ସଂଘର ବୈଠକ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଛତ୍ରପୁର ସ୍ଥିତ ସଂସ୍କୃତି ଭବନ ଠାରେ ଭାରତୀୟ ମଜଦୁର ସଂଘ ଦ୍ୱାରା ଅନୁବନ୍ଧିତ ଅଲ୍ ଓଡ଼ିଶା ସିଆରପି ସଂଘ ଗଞ୍ଜାମ ଶାଖା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାନେତ୍ରୀ ପି.ଗାୟତ୍ରୀ ରେଡ୍ଡୀ ଓ ସମ୍ପାଦିକା ଗୀତ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇଥିବା ବେଳେ ରାଜ୍ୟ ସଭାନେତ୍ରୀ ଲକି ହୋତା ଓ ସମ୍ପାଦିକା ତୁଳସୀ ହନ୍ତାଳ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରିବା ସହ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଉପଢୌକନ ପ୍ରଦାନ କରଯାଇଥିଲା। ଛତ୍ରପୁର ବିଧାୟକଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ଏହି ବୈଠକ ହୋଇଥିବାରୁ ଖୁସିବ୍ୟକ୍ତ କରିବା ସହ ସିଆରପିମାନଙ୍କ ଦୁଃଖସୁଖରେ ସଦାସର୍ବଦା ସାଙ୍ଗରେ ରହିବେ ବୋଲି କହିଥିଲେ। ରାଜ୍ୟ ସିଆରପି ସଂଘର ସଭାନେତ୍ରୀ ଓ ସମ୍ପାଦିକା ଗଞ୍ଜାମ ଜିଲ୍ଲାରେ ପ୍ରଥମ ବୈଠକ ହୋଇଥିବାରୁ ଖୁସିବ୍ୟକ୍ତ କରିବା ସହ ସଂଘର ଆଗାମୀ ରଣନୀତି ଓ ସିଆରପି ମାନଙ୍କ ସମସ୍ୟାର ସମାଧାନ ପାଇଁ ଲିଖିତପତ୍ର ପ୍ରଦାନ କରିବା ପାଇଁ ନିଜ ବକ୍ତବ୍ୟ ରଖିଥିଲେ।

# ରଜରେ କଣ୍ଢେଇ ପୂଜାର ନିଆରା ପରମ୍ପରା



ମାହାଙ୍ଗା, (ଭାସ୍କର ନ୍ୟୁଜ୍): ଓଡ଼ିଶା ସଂସ୍କୃତିକୁ ନେଇ ରହିଛି ଅନେକ ପରମ୍ପରା ଓ ଲୋକକଥା। ସେଥିମଧ୍ୟରୁ ଏକ ପରମ୍ପରାର ପର୍ବ ହେଉଛି ରଜ ପର୍ବ। ଏହା ଏକ କୃଷିଭିତ୍ତିକ ପର୍ବ ହୋଇଥିବାରୁ ଗାଁ ଠାରୁ ସହର ଯାଏଁ ଏହି ପର୍ବକୁ ବେଶ ଧୁମଧାମରେ ପାଳନ କରାଯାଇଥାଏ। ସମସ୍ତେ ନାଚଗୀତରେ ଝୁମିବା ସହିତ ଦୋଳିଖେଳରେ ମସଗୁଲ ରୁହନ୍ତି। ବିଶେଷକରି ଏହି ପର୍ବରେ ଜନନୀ ଓ ନାରୀଙ୍କୁ ସମ୍ମାନ ଦିଆଯାଇଥାଏ। ମାତ୍ର ଏହି ପର୍ବଟିକୁ ଏକ ନିଆରା ଢଙ୍ଗରେ ପାଳନ କରାଯାଇଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଘିସୁଆଁ ଗ୍ରାମରେ। ଏହି ଗ୍ରାମରେ କଣ୍ଢେଇ ପୂଜାକୁ ନେଇ ଦେଖିବାକୁ ମିଳିଛି ଏକ ନିଆରା ପରମ୍ପରା। ଏଠାରେ ରଜ ପର୍ବ ତିନିଦିନ ଧରି ପାଳନ ହୋଇଥାଏ। ବିଶେଷକରି ଗାଁ ଯୁବତୀମାନେ ଗୋଟିଏ ଘରେ ସୁସଜ୍ଜିତ ଭାବେ ସମସ୍ତେ କେତେଗୁଡିଏ କଣ୍ଢେଇକୁ ଏକତ୍ରିତ କରି ଏକ ବିମାନରେ ରଖି ପୂଜା କରିଥାନ୍ତି ଓ ଏହି ପରମ୍ପରାଟି ପିଢ଼ି ପିଢ଼ି ଧରି ଚାଲି ଆସିଥିବା ଗ୍ରାମର କୁଆଁରୀମାନେ ମତ ପ୍ରକାଶ କରିଛନ୍ତି। ସେହି ଘରେ ଗ୍ରାମର ଯୁବତୀମାନେ ପୂଜାର୍ଚ୍ଚନା କରିବା ସହ ବିଭିନ୍ନ ପିଠାପଣା ଫଳମୂଳ ଭୋଗ କରିଥାନ୍ତି। ଏଠାରେ ପଡ଼ିଥିବା ବିଛଣା ତିନିଦିନ ଧରି ଉଠାଯାଏ ନାହିଁ। ଏପରିକି ଯୁବତୀମାନେ ଅନ୍ୟ ଘରକୁ ଯାଆନ୍ତି ନାହିଁ। ଏହି ସମୟରେ ଘର ଭିତରେ ଲୁଡୁ, କ୍ୟାରମ୍, ତାସ ଆଦି ବିଭିନ୍ନ ଖେଳ ଖେଳିଥାନ୍ତି। ଏହି ତିନିଦିନରେ ଦୋଳି ଖେଳ ସାଙ୍ଗକୁ, ପିଠା ପଣା, ରଜ ପାନ ସାଙ୍ଗକୁ ଭୋଜି ଭାତ, ନାଚ ଗୀତ ଆଦି କରାଯାଇଥାଏ। ଏହି କଣ୍ଢେଇ ପୂଜା ପାଇଁ ଦୂରରେ ଥିବା ବିବାହିତ ଝିଅମାନେ ଆସି ଏଠାରେ ସାମିଲ ହୋଇଥାନ୍ତି। ଯାହାଫଳରେ ରଜରେ କଣ୍ଢେଇ ପୂଜାକୁ ନେଇ ଗ୍ରାମରେ ଏକ ଭାଇଚାରା ପରମ୍ପରା ସୃଷ୍ଟି ହୋଇପାରିଛି।

## ଭାରସ୍ୟାମ ହରାଇ ଘର କାନ୍ଥରେ ପିଟିହେଲା କାର

ଗୋପ, (ଭାସ୍କର ନ୍ୟୁଜ୍): ରବିବାର ଅପରାହ୍ନ ପ୍ରାୟ ୫ଟା ସମୟରେ କୋଣାର୍କରୁ ନିଆଳି ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ ଡିଜିଆର କାର ଭାରସ୍ୟମ ହରାଇ ଗୋପ ଦେବୀ ବଜାର ନିକଟ ଏକ ଦୋକାନ ଘରେ ପିଟି ହୋଇଯାଇଥିଲା। ଫଳରେ ଘର କାନ୍ଥ ଭାଙ୍ଗିବା ସହ ଆଜବେଷ୍ଟସ୍ ଗଳି ପଡିଥିବା ବେଳେ ଅଳ୍ପକେ ବର୍ତ୍ତୀଯାଇଛନ୍ତି କାର ଭିତରେ ଥିବା ଚାରିଜଣ ଯାତ୍ରୀ। ସୂଚନା ଅନୁସାରେ ନିଆଳୀ ଥାନା ତାମ୍ପଡା ଅଞ୍ଚଳରୁ ୪ ଜଣ ଯାତ୍ରୀ କୋଣାର୍କ ବୁଲି ଫେରୁଥିବା ବେଳେ ଏକ ଡିଜିଆର କାର ଦେବୀବଜାର ଠାରେ ଭାରସ୍ୟାମ ହରାଇ ଏକ ଦୋକାନ ଘରେ ପିଟି ହୋଯାଇଥିଲା। ଘଟଣା ସ୍ଥଳରେ ଘରର ସିମେଣ୍ଟ କାନ୍ଥ ଭାଙ୍ଗିଯିବା ସହ ଘରର ଆଜବେଷ୍ଟେଜ ଅଜାଡି ହୋଇ ପଡିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କାର ଭିତରେ ଥିବା ଚାରିଜଣ ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଫଳରେ କିଛି ସମୟ ପାଇଁ ଗୋପ-କୋଣାର୍କ ରାସ୍ତା ଜାମ୍‌ର ସମ୍ମୁଖୀନ ହୋଇଥିଲା। ଘଟଣାସ୍ଥଳରେ ଗୋପ ପୋଲିସ ପହଁଚି ଦୁର୍ଘଟଣାଗ୍ରସ୍ତ କାରଟିକୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏପଟେ କାର ଦୁର୍ଘଟଣାରେ ଘର ଭାଙ୍ଗିଯାଇ ଥିବାରୁ ଘର ମାଲିକ କାଳନ୍ଦୀ ସାହୁ ଗୋପ ଥାନାରେ ଅଭିଯୋଗ କରିଛନ୍ତି। ଗୋପ ପୋଲିସ କାରଟିକୁ ଜବତ କରି ତଦନ୍ତ ଚଳାଇଛି।

# ବଡ଼ବିଲ୍‌ରେ ରଜ ମହୋତ୍ସବ ପାଳିତ



କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): ସାଇଲୋ ବଡ଼ବିଲ ସ୍ଥିତ ଗୋପବନ୍ଧୁ ବିଦ୍ୟା ମନ୍ଦିରର ପୁରାତନ ଛାତ୍ର ସଂସଦ ତରଫରୁ ଆୟୋଜିତ ଅଷ୍ଟମ ବାର୍ଷିକ ଆଞ୍ଚଳିକ ରଜ ଉତ୍ସବ ଉଦଘାଟିତ ହୋଇଯାଇଛି। ଅଞ୍ଚଳରେ ଦୁଇ ବୟୋଜ୍ୟଷ୍ଠ ବ୍ୟକ୍ତିତ୍ୱ ସାଧୁଚରଣ ରାଉତରାୟ ଓ ଶଙ୍କର ରାଉତରାୟଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ରଜ ଉତ୍ସବର ଶୁଭାରମ୍ଭ କରାଯାଇଥିଲା। ପ୍ରାରମ୍ଭରେ ପୋଡ଼ପିଠା ପ୍ରତିଯୋଗିତା ସହ ପୁଞ୍ଚି, ହୁଳହୁଳି ଓ ଝୋଟି ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଜ ଭାବରେ ପୁଷ୍ପାଞ୍ଜଳି ଆଚାର୍ଯ୍ୟ, ସଂଯୁକ୍ତା ମହାନ୍ତି ରଣଜିତ ରାଉତରାୟ, ବିଭୁତି ଭୂଷଣ ପଣ୍ଡା, ବିରେନ ଆଚାର୍ଯ୍ୟ କିଶୋର ପାତ୍ର, କିଶୋର ରାଉତରାୟ ନିଜ ର କାର୍ଯ୍ୟ ସମାପନ କରିଥିଲେ। ସନ୍ଧ୍ୟାରେ ସେଭେନ ଷ୍ଟାର ଚାରିଟେବଲ ଟ୍ରଷ୍ଟ ତରଫରୁ କେନ୍ଦ୍ରୀୟ ରେଡ଼କ୍ରସ ରକ୍ତ ଭଣ୍ଡାର କଟକଙ୍କ ସହଯୋଗରେ ଆୟୋଜିତ ରକ୍ତଦାନ ଶିବିରରେ ୧୦୨ ୟୁନିଟ ରକ୍ତ ସଂଗୃହିତ ହୋଇ ହୋଇଥିଲା। ଏହି ରକ୍ତଦାନ ଶିବିରଟି ସେଭେନ ଷ୍ଟାର ଚାରିଟେବଲ ଟ୍ରଷ୍ଟର ସଭାପତି ଭାରତୀ ବେହେରା ଓ ଉପସଭାପତି ଅବନୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସୁକାନ୍ତ ବେହେରା, ନିରୁପମା ବେହେରା ଓ ମନମୋହନ ବେହେରା ପ୍ରମୁଖ ସହାୟତା କରି ଥିଲେ. ସନ୍ଧ୍ୟାରେ ରଙ୍ଗାରଙ୍ଗର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଭାଗର ପାରମ୍ପରିକ ଓ ଆଧୁନିକ ନୃତ୍ୟ ପ୍ରତିଯୋଗିତା ରେ ଜଜ ଭାବରେ ରାଷ୍ଟ୍ରୀୟ ପୁରସ୍କାର ପ୍ରାପ୍ତ ତଥା ଡ଼ିପିଏସ କଳିଙ୍ଗର ବରିଷ୍ଠ ନୃତ୍ୟ ଗୁରୁ ସୁବ୍ରତ ପଟ୍ଟନାୟକ, ଅକ୍ସଫୋର୍ଡ ସ୍କୁଲ ନୃତ୍ୟ ଗୁରୁ ଦିଲ୍ଲୀପ କୁମାର ଦାସ ତଥା ଓଡ଼ିଆ ସିରିଏଲ ଜଗତର ପ୍ରମୁଖ ଚେହେରା ଅନନ୍ତ ନାରାୟଣ ରଥ ଜଜ ଭାବରେ ନିଜର ନିର୍ଣ୍ଣୟ ଦେଇଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଅଭିଜିତ ଆଚାର୍ଯ୍ୟ, ସୁବ୍ରତ ଆଚାର୍ଯ୍ୟ, ପୁନା ନନ୍ଦ ପାତ୍ର, ବିଶ୍ୱ ରଞ୍ଜନ ରାଉତ, ଜ୍ୟୋତି ରଞ୍ଜନ ଦାସ, ବିଶ୍ୱଜିତ ମହାନ୍ତି, ସୁବ୍ରତ ମହାନ୍ତି , ଉପେନ୍ଦ୍ର ଆଚାର୍ଯ୍ୟ, ବସନ୍ତ ମଲ୍ଲିକ ପ୍ରଶାନ୍ତି ଭୋଳ, ସୋନାଲି ବେହେରା, ସୁଜାତା ରାଉତରାୟ, ପରମେଶ୍ୱର ଦାସ, ଦୀପକ ଆଚାର୍ଯ୍ୟ ଛାତ୍ର ସଂସଦର ସଭାପତି ପ୍ରିୟନାଥ ଆଚାର୍ଯ୍ୟ ଓ ସମ୍ପାଦକ ସଞ୍ଜୟ କୁମାର ରାଉତରାୟ ପ୍ରମୁଖ ପରିଚାଳନା କରିଥିଲେ।

# ନିଆଁଲଗା ପାନ ପାଇଁ ଲମ୍ବା ଲାଇନ



ତିହିଡ଼ି, (ଭାସ୍କର ନ୍ୟୁଜ୍): ରଜ ପାଇଁ ଉତ୍ସବ ମୁଖର ଗାଁ ଆଉ ସହର। ଚଳିତ ବର୍ଷ ପୀରହାଟ ଅଞ୍ଚଳରେ ମହାଆନନ୍ଦରେ ପାଳନ ହେଉଛି ଏହି ପର୍ବ। ପିଠା ମିଠା ସହିତ ରଜ ପର୍ବରେ ପାନର ଏକ ନିଆରା ଚାହିଦା ରହିଥାଏ। ଆବାଳ ବୃଦ୍ଧବନିତା ସମସ୍ତେ ମିଠା ରଜପାନ ଖାଇଥାନ୍ତି। ଏନେଇ ବିଭିନ୍ନ ସ୍ଥାନରେ ବିଭିନ୍ନ କିସମର ସୁଆଦିଆ ରଙ୍ଗବେରଙ୍ଗର ରଜ ପାନ ବିକ୍ରି ହୋଇଥାଏ। ବିଭିନ୍ନ ପ୍ରକାରର ବାସ ମସଲାରେ ପ୍ରସ୍ତୁତ ହୋଇଥିବା ଏହି ପାନ ଖାଇବା ପାଇଁ ଦୋକାନ ଆଗରେ ଲମ୍ବା ଲାଇନ୍ ଦେଖିବାକୁ ମିଳିଥାଏ। ଏହି ରଜ ପାନ ମଧ୍ୟରେ କିଛିବର୍ଷ ହେଲା ତିହିଡି ବ୍ଲକ ପୀରହାଟ ଅଞ୍ଚଳରେ ମିଳୁଥିବା ନିଆଁଲଗା ପାନ ବେଶ ଚର୍ଚ୍ଚିତ ହୋଇଛି। ଏହି ଚର୍ଚ୍ଚିତ ନିଆଁଲଗା ପାନ ଖାଇବା ପାଇଁ ବିଭିନ୍ନ ଅଞ୍ଚଳରୁ ଲୋକେ ଆସିଥାନ୍ତି। ଏହି ପାନର ବିଶେଷତ୍ୱ ହେଉଛି ଗୋଟା ପାନ ଉପରେ ବିଭିନ୍ନ ପ୍ରକାରର ମସଲା ଦେବାପରେ ଏକ ସ୍ୱତନ୍ତ୍ର ମସଲା ପକାଯାଏ ଯାହା ଅଗ୍ନି ସଂଶର୍ଷରେ ଆସିଲେ ହୁତୁହୁତ ହୋଇ ଜଳିଥାଏ। ପାନ ଜଳୁଥିବା ଅବସ୍ଥାରେ ଦୋକାନୀ ଗ୍ରାହକଙ୍କ ପାଟିରେ ପୁରେଇ ଦେଇଥାଏ। ଯାହା ଦେଖିବାକୁ ଆଶ୍ଚର୍ଯ୍ୟ ଲାଗିଥାଏ ଏବଂ ସାଧାରଣ ମିଠା ପାନ ଠାରୁ ଏହି ପାନ ଅଧିକ ସୁଆଦିଆ ବୋଲି ଖାଉଥିବା ଲୋକେ କହିଥାନ୍ତି। ରଜ ସମୟରେଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ପାନକୁ ବିଭିନ୍ନ ଆକୃତିରେ ତ୍ରିକୋଣ, ଚତୁଷ୍କୋଣ, କଦଳୀ, ମାଛ, ଡଙ୍ଗା ଭଳି ଆକାରରେ ପାନ ଭଙ୍ଗା ହୁଏ। ବିଗତ କିଛି ବର୍ଷ ହେଲା ପୀରହାଟ ସାଇ ମନ୍ଦିର ପାଖରେ ଥିବା ରଞ୍ଜନ ମିଶ୍ର ନାମକ ଜଣେ ପାନ ଦୋକାନୀ ଗ୍ରାହକଙ୍କ ବେଶ ପ୍ରିୟ ଭାଜନ ହୋଇ ପାରିଛନ୍ତି। ପାରମ୍ପରିକ ପାନ ସହିତ ଏବେ ଟିକେ ଆଧୁନିକ ଛୁଙ୍କ ଦେଇ ପ୍ରସ୍ତୁତ କରାଯାଉଛି ରଜପାନ। ଯାହାର ସ୍ୱାଦ ଖୁବ ନିଆରା। ରଞ୍ଜନଙ୍କ ଦୋକାନରେ ମିଳୁଛି ମ୍ୟାଙ୍ଗୋ ପାନ, ଷ୍ଟବେରୀ ପାନ, ଫାୟାର ପାନ, ଚକଲେଟ ପାନ, ବନାରସି ପାନ ଭଳି ବିଭିନ୍ନ ସ୍ୱାଦର ପାନ। ରଜ ସମୟରେ ଗୋଟିଏ ଗୋଟିଏ ପାନ ପାଞ୍ଚ ଟଙ୍କାରୁ ଆରମ୍ଭ କରି ଶହେଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ।

## ପ୍ରବାସରେ ନିଖୋଜ ଓଡ଼ିଆ ଶ୍ରମିକ

ଆଳି, (ଭାସ୍କର ନ୍ୟୁଜ୍): ବିଦେଶରେ ନିଖୋଜ ଓଡ଼ିଆ ଶ୍ରମିକ। ନିଜର ପରିବାର ପ୍ରତିପୋଷଣ କରିବା ପାଇଁ ବିଦେଶ ଚାଲିଯାଇଥିବା ଓଡ଼ିଆ ଶ୍ରମିକଙ୍କର ଦୀର୍ଘ ୧୯ ବର୍ଷ ହେବ ପତ୍ତା ମିଳୁନାହିଁ। ପୂର୍ବରୁ ବାପା ସ୍ୱର୍ଗବାସି ହୋଇଯାଇଥିବା ବେଳେ ପୁଅର ଫେରିବା ବାଟକୁ ଚାହିଁଚାହିଁ ୧୪ ବର୍ଷ ହେବ ମା'ବି ସ୍ୱର୍ଗବାସି ହୋଇଗଲେ। ଏବେ ବି ଭାଇର ଫେରିବା ବାଟକୁ ଚାହିଁ ବସିଛନ୍ତି ବଡ ଭଉଣୀ। ଏତଲା ଅନୁଯାୟୀ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଗୋପୀନାଥପୁର ଶାସନ ଗ୍ରାମର ପଦ୍ୟୁମ୍ନ ଷଡ଼ଙ୍ଗୀ, ପିତା ସ୍ୱର୍ଗତ ପଦ୍ମନାଭ ଷଡ଼ଙ୍ଗୀ ୨୫ ମଇ ୨୦୦୬ ରେ ବିଦେଶକୁ କାମ କରିବା ନିମନ୍ତେ ଯାଇଥିଲେ। କତରର ଦୋହା ସ୍ଥାନରେ ଏକ ଘରୋଇ କମ୍ପାନୀରେ ୪ମାସ କାମ କରିବା ପରେ ସେ ସେଠାରୁ ଯାଇ ଅନ୍ୟତ୍ର କାମ କରିବାକୁ ଯାଇଥିବା ନେଇ ଘର ଲୋକଙ୍କୁ ଶେଷ ସୂଚନା ଦେଇଥିଲେ। ଉକ୍ତ କମ୍ପାନୀ ଛାଡି ଚାଲିଆସିବା ପରେ ତାଙ୍କର କୌଣସି ଖବର କି ସୂଚନା ମିଳିପାରି ନାହିଁ। ଏହା ମଧ୍ୟରେ ଦୀର୍ଘ ୧୯ ବର୍ଷ ବିତିଯାଇଥିଲେ ପୁଅର ଫେରିବା ବାଟକୁ ଚାହିଁରହି ତାଙ୍କ ମା' ସୁଲୋଚନା ଷଡ଼ଙ୍ଗୀଙ୍କର ଦେହାନ୍ତ ହୋଇଯାଇଛି। ଏ ନେଇ ୨୦୧୨ ମସିହା ଅକ୍ଟୋବର ୧୫ତାରିଖରେ ବୈଦେଶିକ ମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଜଣାଇ ଥିଲେ ମଧ୍ୟ ଆଜିଯାଏଁ ଭାଇର ବାଟକୁ ଚାହିଁ ବସିଛନ୍ତି ପଦ୍ୟୁମ୍ନ ଷଡ଼ଙ୍ଗୀଙ୍କ ବଡ ଭଉଣୀ ଅନୁପମା ପଣ୍ଡା।

# ବୁଲା ଗାଈଗୋରୁଙ୍କ ଚରାଭୂଇଁ ପାଲଟିଛି ଆସିକା



ଆସିକା, (ଭାସ୍କର ନ୍ୟୁଜ୍): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦରେ କେନ୍ଦ୍ରୀୟ ଯୋଜନାର ଅନୁଦାନ ପାଣ୍ଠି ହେଉ କିମ୍ବା ରାଜ୍ୟ ଅନୁଦାନ ପାଣ୍ଠିରୁ ଅଜସ୍ର ଅର୍ଥ ବିନିଯୋଗ ହୋଇ ଉନ୍ନୟନ ପ୍ରକଳ୍ପ ସବୁକୁ କାର୍ଯ୍ୟକାରୀ କରାଯାଉଛି। ରାସ୍ତାଘାଟ ଠାରୁ ସାହିବସ୍ତିଗୁଡିକର ପରିବେଶ ବି କ୍ରମଶଃ ପରିବର୍ତ୍ତନ ହୋଇଛି। ସହରକୁ ସବୁଜ ଓ ସୁନ୍ଦର ଭାବେ ଗଢିତୋଳିବା ଲାଗି ପ୍ରଶାସନିକ ସ୍ତରରୁ ରାଜନେତା, ବ୍ୟବସାୟୀ ଓ ବୁଦ୍ଧିଜୀବୀମାନଙ୍କ ସ୍ତରରେ ଉଦ୍ୟମ ହୋଇ ବ୍ୟାପକ ମାତ୍ରାରେ ପ୍ରସ୍ତୁତି ବି ହେଉଛି। ସହରର ଏଭଳି ଏକ ଚଳଚଞ୍ଚଳ ପରିବେଶ ଭିତରେ ଅଣନିଃଶ୍ୱାସୀ ହୋଇ ସାଧାରଣ ଜନତାଙ୍କ ଦୁଃଖ ଦୁର୍ଦ୍ଦଶା ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ସହରକୁ ଦୈନିକ ଶତାଧିକ ଲୋକ ଯାତାୟତ ହେଉଥିବାବେଳେ ସହରର ବିଭିନ୍ନ ରାସ୍ତାରେ ମାଳମାଳ ବୁଲା ଗାଈ, ଗୋରୁ ଓ କୁକୁରଙ୍କ ଅବାଧ ବିଚରଣ ଫଳରେ ଗୁରୁତର ସମସ୍ୟା ଦେଖାଦେଇଛି। ସ୍ଥାନୀୟ ସହର ମଧ୍ୟ ଦେଇଯାଇଥିବା ଗୋଟିଏ ଜାତୀୟ ରାଜପଥ ଏବଂ ଗୋଟିଏ ରାଜ୍ୟ ରାଜପଥରେ ଦୈନନ୍ଦିନ ଏଭଳି ବିଷମ ପରିସ୍ଥିତି ସୃଷ୍ଟି ହେଉଥିବା ଜଣାପଡିଛି। ବିଭିନ୍ନ ସମୟରେ ଏଠାକୁ ରାଜ୍ୟ ସରକାରଙ୍କ ବହୁ ଉଚ୍ଚପଦସ୍ଥ ସରକାରୀ ଅଧିକାରୀ, ବିଧାୟକ ଓ ମନ୍ତ୍ରୀମାନଙ୍କ ପାଦପଡୁବାବେଳେ ଏଭଳି ଏକ ପ୍ରମୁଖ ସମସ୍ୟାର ସମାଧାନ ପ୍ରତି ଅଣଦେଖା କରାଯାଉଥିବା ପରିବେଶ ଓ ପରିସ୍ଥିତିରୁ ଦେଖିବାକୁ ମିଳିଛି। ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କେବେ କେମିତି ଲୋକ ଦେଖାଣିଆ ଭାବେ ଗୋରୁଗାଈ ଧରା ଗାଡ଼ିରେ ବୁଲା ଗାଈଗୋରୁଙ୍କୁ ଉଠାଇ ନିଆଯାଉଛି। କିନ୍ତୁ ଏହି ପଶୁମାନଙ୍କୁ ବାହାରେ ଛାଡ଼ିଦେଇ ନିଶ୍ଚିନ୍ତ ରହୁଥିବା ଗୋପାଳନଙ୍କୁ କିଛି ଡଣ୍ଡ ଆଦାୟ କରି ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ କାମ ସାରି ଦେଉଥିବା ଜଣାପଡିଛି। ମାତ୍ର ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ ନିୟମିତ ବ୍ୟବଧାନରେ ବୁଲା ପଶୁମାନଙ୍କୁ ରାସ୍ତାରୁ ହଟାଇବା ଲାଗି ଉଦାସୀନତା ରହୁଥିବା ଜଣାପଡିଛି। ଫଳରେ ବିଭିନ୍ନ ଛକ ନିକଟରେ ବୁଲା ପଶୁମାନଙ୍କ ବିଚରଣରୁ ଛୋଟ ବଡ଼ ସଡକ ଦୁର୍ଘଟଣା ଘଟି ମୃତାହତ ହେଉଥିବା ଏବେ ନିତିଦିନିଆ ଘଟଣା ପାଲଟିଛି। ଗୋଟିଏ ପଟେ ରାସ୍ତାକଡରେ ବେଆଇନ ଗାଡି ପାର୍ଟି ହୋଇ ରାସ୍ତା ସଙ୍କୁଚିତ ହେଉଥିବାବେଳେ ଅନ୍ୟପଟେ ବୁଲା ପଶୁ ରାସ୍ତାରେ ବିଚରଣ ଅବା ବିଶ୍ରାମ ନେବା ପଥଚାରୀ, ଶିକ୍ଷାର୍ଥୀଙ୍କ ଜୀବନ ସୁରକ୍ଷାରେ ବାଧକ ସାଜିଛି। ଏଣୁ ଏହାର ସ୍ଥାୟୀ ପ୍ରତିକାର ଲାଗି ସଚେତନ ନାଗରିକମାନେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଲକ୍ଷ୍ୟ କରାଯାଇଛି।

# ଦିନ ଦ୍ୱିପ୍ରହରରେ ଚାଲିଛି ଜୁଆ ଖେଳ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ତ ବିନିସ ପୁର ପଞ୍ଚାୟତ ବିନିସ ପୁର ଗ୍ରାମ ପାଲଟିଛି ଜୁଆ ଖେଳାଳିଙ୍କ ଆଡ୍ଡା ସ୍ଥଳୀ। ରଜରେ ଖୁସି ମନେଇବାକୁ ଦିନ ଦି ପ୍ରହରେ ପଡୁଛି ଜୁଆ ପାଲି। ଯାହା ଫଳରେ ଏହି ଜୁଆ ଖେଳ ପାଇଁ ସର୍ବସ୍ୱାନ୍ତ ହେଉଛନ୍ତି ବହୁ ପରିବାର। ନା ଅଛି ପୋଲିସକୁ ଭୟ ନା ଅଞ୍ଚଳବାସୀଙ୍କୁ ଭୟ। ଲୋକମାନଙ୍କୁ ୫ ମିନିଟରେ ଡବଲ ଟଙ୍କା ଲୋଭ ଦେଖାଇ ସର୍ବସ୍ୱାନ୍ତ କରାଉଛନ୍ତି ଜୁଆ ଖେଳାଳି। ଯେଉଁ ଜାଗାରେ ଜୁଆ ଖେଳ ହେଉଛି ସେହି ଜାଗାଟି କଟକ ଓ ଜଗତସିଂହପୁର ଜିଲ୍ଲାର ସିମବର୍ତ୍ତୀ ଅଞ୍ଚଳ। ପୋଲିସ ଜୁଆ ଖେଳାଳିଙ୍କୁ ଧରି ୪୧ ଧାରା ନୋଟିସରେ ଛାଡି ଦଉଥିବାରୁ ସେମାନେ ଖୁଲମଖୁଲା ଜୁଆ ଖେଳିବାକୁ ସାହସ କରୁଛନ୍ତି। ଏମିତିକି ବିନିସ ପୁର ଅଞ୍ଚଳରୁ ନିଆଳି ଥାନା ୨୦ କିଲୋମିଟର ଦୂର ହେଉଥିବାରୁ ପୋଲିସ ପେଟ୍ରୋଲିଙ୍ଗ କରାଯାଉ ନଥିବା ଅଭିଯୋଗ ହେଉଛି। ଏହି ଜୁଆ ଖେଳାଳିମାନେ କାହା ଛତ୍ର ଛାୟା ତଳେ ରହି ନିର୍ଭୟରେ ଖେଳ ଖେଳୁଛନ୍ତି। ସବୁଠୁ ବଡ଼ ଅଭିଯୋଗ ଜୁଆ ଖେଳାଉ ଥିବା ବ୍ୟକ୍ତି ଏବଂ ଜୁଆ ଖେଳୁଥିବା ବ୍ୟକ୍ତି ମାନେ ଏବେ ୱାଟ୍ସଅପ ଗ୍ରୁପ କରିଛନ୍ତି। ଏଠାରେ ସୂଚନା ଥାଉ କି ବାରମ୍ବାର ନିଉଜ ପ୍ରସାରଣ ପରେ ମଧ୍ୟ ଜୁଆ ଖେଳାଳି ମାନେ ନିର୍ଭିକରେ ଜୁଆ ଖେଳୁଛନ୍ତି। ପୋଲିସର କାର୍ଯ୍ୟାନୁଷ୍ଠାନ ନଥିବାରୁ ସେମାନଙ୍କର ଭୟ ରହୁନାହିଁ। ଏଥିପ୍ରତି ଗ୍ରାମାଞ୍ଚଳ ଏସପି ଦୃଷ୍ଟି ଦେବା ସହ ଏକ ସ୍ପେଶାଲ ସ୍କ୍ୱାଡ଼ ଗଠନ କରି ଜୁଆ ଖେଳାଳିଙ୍କୁ ଗିରଫ କରିବାକୁ ଦାବି ହେଉଛି। ଆସନ୍ତା ବୁଧବାର ଦିନ ଯୁବ ବିକାଶ ମଞ୍ଚ ପକ୍ଷରୁ ବିନିସପୁର ଜୁଆଖେଳ ନେଇ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ଭେଟିବେ ବୋଲି ସଭାପତି ବିଶ୍ୱଜିତ ବାରିକ ସୂଚନା ଦେଇଛନ୍ତି।

## ପୁରାତନ ଛାତ୍ର ସଂସଦର ସାଧାରଣ ବୈଠକ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ସାଧାରଣ ବୈଠକ ରବିବାର ପୂର୍ବାହ୍ନରେ ମହାବିଦ୍ୟାଳୟର ଗାନ୍ଧୀଭବନରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରାଧ୍ୟାପକ ନନ୍ଦକିଶୋର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ତଥା ପୁରାତନ ଛାତ୍ର ଗଣେଶ୍ୱର ବେହେରା ମୁଖ୍ୟଅତିଥି, ପୁରାତନ ଛାତ୍ର ତଥା ବରିଷ୍ଠ ସାମ୍ବାଦିକ ସନ୍ଦିପ ସାହୁ ମୁଖ୍ୟବକ୍ତା ଓ ପୌରାଧକ୍ଷା ତଥା ପୁରାତନ ଛାତ୍ରୀ ସରିତା ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ସୁବ୍ରତ କୁମାର ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସମ୍ପାଦକ ଡ. ବିଧୁଭୂଷଣ ଦାଶ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ପ୍ରମୋଦ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଂସଦର ନୂତନ କର୍ମକର୍ତ୍ତା ଚୟନ କରାଯାଇ ଥିଲା। ସଂସଦର ସଭାପତି ଭାବେ ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡା, ଉପସଭାପତି ଭାବେ ଅଧ୍ୟାପକ ପ୍ରଦୀପ୍ତ କିଶୋର ଦାଶ, ତ୍ରୈଲୋକ୍ୟନାଥ ସାମଲ, ବିଶ୍ୱଜିତ ଦାସ, ସମ୍ପାଦକ ଭାବେ ଅଧ୍ୟାପକ ପ୍ରମୋଦ କୁମାର ଦାସ, ଯୁଗ୍ମସମ୍ପାଦକ ଭାବେ ସ୍ମୃତିରଞ୍ଜନ ଜେନା, ପ୍ରତାପ ଚନ୍ଦ୍ର ମହାନ୍ତି ଓ ସୀମା ମହାନ୍ତି, କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ଡ. ବିଧୁଭୂଷଣ ଦାସ, ଚିତ୍ତରଞ୍ଜନ ଦାସ, ଡ. ରଶ୍ମୀ କର, ଡ. କଳ୍ପନା ମଲ୍ଲିକ, ଶୁଭଙ୍କର ନାୟକ, ଡ. ରତ୍ନମଞ୍ଜରୀ ଦାଶ, ଶରତ ସିଂ, ରାଜେଶ ନାୟକ, ବିଶ୍ୱନାଥ ଆଚାର୍ଯ୍ୟ, ଅଧ୍ୟାପକ ସୁବ୍ରତ ସାମଲ, ସେକ ସମସୁର ଅଲ୍ଲୀ ଓ ଅଧ୍ୟାପକ ଗୋଲଖ ମହାଭୋଇଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ସେହିଭଳି ସଂସଦର ଉପଦେଷ୍ଟା ଭାବରେ ପ୍ରାଧ୍ୟାପକ ନନ୍ଦକିଶୋର ପରିଡା, ଡ. ବିନ୍ଦୁମିତ୍ର ବଳ, ଡ. ଅମୀୟ କୁମାର ମହାନ୍ତି ଓ ଅଜୟ କୁମାର ସାମଲଙ୍କୁ ଚୟନ କରାଯାଇଥିଲା।

# ଯୁବ ମଞ୍ଚ ପକ୍ଷରୁ ରଜ ମହୋତ୍ସବ ପାଳିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ମାଟି ସହ ଜଡିତ ଥିବା ଓଡ଼ିଆ ସଂସ୍କୃତି, ପରମ୍ପରାର ପର୍ବ ରଜ ଅବସରରେ ଦଶମ ବାର୍ଷିକ ଦୁଇ ଦିନିଆ 'ରଜ ମହୋତ୍ସବ' ଅଗ୍ରଣୀ ସାମାଜିକ ସଂଗଠନ ତିହିଡ଼ି ଯୁବମଞ୍ଚ ପକ୍ଷରୁ ତିହିଡ଼ି ଟାଉନ ହଲ ପରିସରରେ ପହିଲି ରଜରେ ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭାମାନଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକ ଲୋଚନକୁ ଅଣାଯାଇ ପାରୁଛି ବୋଲି ବକ୍ତାମାନେ ମତ ରଖିଥିଲେ। ସଂଗଠନର ଉପଦେଷ୍ଟା ସମାଜସେବୀ ଶଚିକାନ୍ତ ନାୟକଙ୍କ ପୌରାହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାହିତ୍ୟିକ ତଥା ରାଜକିଶୋର ବିଶ୍ୱାଳ ଫାଉଣ୍ଡେସନ ଟ୍ରଷ୍ଟର ଅଧକ୍ଷ ଅମରେଶ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ବରେଣ୍ୟ ଅତିଥି ଭାବେ ତିହିଡି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ସମ୍ମାନିତ ବକ୍ତା ଭାବେ ସାହିତ୍ୟିକ ଇଂ. ଅଭୟ ସୂତାର ଅନ୍ୟତମ ଅତିଥି ସଂଯୋଜକ ଆଇନଜୀବି ନୀଳମାଧବ ସେନାପତି ପ୍ରମୁଖ ଯୋଗ ଦେଇ ବର୍ଷା ଓ ମାଟିର ମିଳନ ପର୍ବ ରଜରେ ପରମ୍ପରା ଓ ସଂସ୍କୃତିର ବାସ୍ନା ଭରି ରହିଥାଏ ବୋଲି କହିଥିଲେ। ସଦସ୍ୟ ସୁବ୍ରତ ମିଶ୍ର ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ସଭାପତି କୈଳାସ ବେହେରା ଅତିଥି ପରିଚୟ, ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ନିରଞ୍ଜନ ବାରିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ ସଂଯୋଜକ ମନୋଜ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ରାଜକିଶୋର ବିଶ୍ୱାଳ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ମେଟ୍ରିକ ବ୍ଲକ ଟପ୍ପର ଶୋଭାନା ପ୍ରହରାଜ, ରଜନୀ କାନ୍ତ ଦାସ, ପ୍ରତୀକ୍ଷା ପ୍ରିୟ ଦର୍ଶନୀ ପଣ୍ଡା, ପ୍ରୀତମ କୁମାର ବଳଙ୍କୁ 'ମେଧାସମ୍ମାନ' ପ୍ରଦାନ କରାଯାଇଥିଲା। ଏହା ସହ ବିନାୟକ +୨ ଆବାସିକ ମହାବିଦ୍ୟାଳୟ ତରଫରୁ କୃତି ଛାତ୍ରଛାତ୍ରୀଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସାମାଜିକ ସଂଗଠନ, ରକ୍ତଦାତା ଓ ପ୍ରତିଭାଧାରୀ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠିତ ଅଳତା ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ ଶୁଭଶ୍ରୀ ଲେଙ୍କା ପ୍ରଥମ, ରଚନା ସାହୁ ଦ୍ୱିତୀୟ, ମହିମା କବି ତୃତୀୟ କନିଷ୍ଠବର୍ଗରେ ସଂପୂର୍ଣ୍ଣା ନାୟକ ପ୍ରଥମ, ସୁଷମା ବଳ ଦ୍ୱିତୀୟ, ପ୍ରିୟାଂଶି ବେହେରା ତୃତୀୟ, ରଜର ରାଣୀ ପ୍ରତିଯୋଗିତାରେ ବରିଷ୍ଠ ବର୍ଗରେ ଜ୍ୟୋସ୍ନାରାଣୀ ମହାଳିକ ପ୍ରଥମ, ଜେ. ଏନ ପ୍ରିୟଦର୍ଶନୀ ପରିଡା ଦ୍ୱିତୀୟ, ରୂପଶ୍ରୀ ରାଗିଣୀ ଦୀକ୍ଷିତି ତୃତୀୟ ସେହିପରି ପକନିଷ୍ଠ ବର୍ଗରେ ପ୍ରିୟାଂଶି ବେହେରା ପ୍ରଥମ, ସୁଷମା ବଳ ଦ୍ୱିତୀୟ, ସୁକନ୍ୟା ଦାଶ ତୃତୀୟ। କୃତୀ ପ୍ରତିଯୋଗୀଙ୍କୁ ପ୍ରେରଣା ପତ୍ର ଓ ଟ୍ରଫି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ଏବଂ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରେରଣାପତ୍ର ପ୍ରଦାନ କରାଯାଇଥିଲା। ଅଳତାରେ ବିଚାରକ ଭାବେ କବୟିତ୍ରୀ ବିଶ୍ୱମୈତ୍ରୀ ନାୟକ, ଚିତ୍ର ଶିଳ୍ପୀ ଜୟନ୍ତ ନାୟକ ରଜର ରାଣୀରେ ବିଚାରକ ଭାବେ କବି ବିପ୍ଲବ ରଞ୍ଜନ ପତି ସହଯୋଗୀ ଭାବେ ବନ୍ଦେ ବିଶ୍ୱେଶ୍ୱରୀ ଦାସ ଉପସ୍ଥିତ ଥିଲେ। ସଂଗଠନ ପକ୍ଷରୁ ସମାଜସେବୀ ମନୋଜ ସେନାପତି, ରେଣୁବାଳା ନାଥ, ଦିଲ୍ଲୀପ ପତି ଜିତେନ୍ଦ୍ର ନାୟକ, ସୟଦ ରଫିକ, ସୌମ୍ୟଗୋପାଳ ନାୟକ, ଅଜିତ ଜେନା, ଅଲେଖ ବଳ, ନିଳାମ୍ବର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ନିଶାସକ୍ତଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ଆହ୍ୱାନ'

କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନୀଳାକାମ୍ବେରୁ ଗ୍ରାମ ପଞ୍ଚାୟତର ସୋର୍ଲକୋଣ୍ଡା ଗ୍ରାମରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟେଲଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଜିଲ୍ଲା ଅବକାରୀ ଅଧିକ୍ଷକ ବିମ୍ବାଧର ପଣ୍ଡାଙ୍କ ତତ୍ତ୍ୱାବଧାରେ ବାଲିମେଳା ଅବକାରୀ ବିଭାଗ ତରଫରୁ ନିଶାଦ୍ରବ୍ୟ ସେବନ ଓ ଅପ ମିଶ୍ରିତ ମାଦକ ଦ୍ରବ୍ୟ ସେବନ ବିରୁଦ୍ଧରେ ରବିବାର ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ବାଲିମେଳା ଅବକାରୀ ବିଭାଗର ଓଆଇସି ରମେଶ ଚନ୍ଦ୍ର ସାହୁକାର ଏବଂ ନୂତନ ଭାବେ ବାଲିମେଳା ଅବକାରୀ ବିଭାଗର ଓଆଇସି ଭାବେ ଦାୟିତ୍ୱଗ୍ରହଣ କରିଥିବା ବ୍ରଜ ବିହାରୀ ନାୟକ ପ୍ରମୁଖ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ନୀଳାକାମ୍ବେରୁ ପଞ୍ଚାୟତର ସରପଞ୍ଚ ସୁରେନ୍ଦ୍ର ଖିଲ, ସମ୍ମାନିତ ଅତିଥିଭାବେ ଉକ୍ତ ପଞ୍ଚାୟତର ନାୟବ ସରପଞ୍ଚ ମାଳତୀ ସଗରିଆ, ୱାର୍ଡ ମେମ୍ବର ଦୁଲେ ମାଡ଼କାମୀ ଏବଂ ଅନ୍ୟ ଜଣେ ୱାର୍ଡ ମେମ୍ବର ରଶ୍ମିତା ପଡିୟାମୀ ପ୍ରମୁଖ ଉପସ୍ଥିତ ଥିଲେ। ବାଲିମେଳା ଅବକାରୀ ବିଭାଗର ଏଏସଆଇ ରାମ ଚନ୍ଦ୍ର ହନ୍ତାଳଙ୍କ ସମେତ କନେଷ୍ଟବଳ ସରିତା ନାୟକ, ପଣ୍ଡା ନାଗେଶ, ଚନ୍ଦ୍ରକାନ୍ତ ନାୟକ ଓ ଅନ୍ୟ ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ମେ ୩୧ ତାରିଖ ଠାରୁ ଜୁନ ୨୬ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ନିଶା ନିବାରଣ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଜାରୀ ରହିଛି।ଯାହା ଫଳରେ ଏହି କାର୍ଯ୍ୟକ୍ରମ ଜିଲ୍ଲାର ସମସ୍ତ ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ପାଳନ କରାଯାଉଅଛି। ଅବକାରୀ ଅଧିକାରୀ ସାହୁ ଏବଂ ନାୟକ ସୂଚନା ଦେଇ କହିଥିଲେ ଯେ, ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନଙ୍କ ସହ ଯୋଗୀତାକୁ ପ୍ରାଥମିକତା ଦିଆଯିବ। ସେ ଆହୁରି କହିଥିଲେ ଯେ, ଯଦି ଆମର ସମୂହ ଯୁବ ସମ୍ବଳ ନିଶାଦ୍ରବ୍ୟ ସେବନରେ ଗ୍ରସିତ ରୁହନ୍ତି ତେବେ ମାନବ ମୂଲ୍ୟର ଅବକ୍ଷୟ ହେବା ସହ ଯୁବ ସମ୍ବଳର ବିକାଶ ଓ ଦେଶର ଅର୍ଥନୀତିରେ ଏହାର ପ୍ରତିକୂଳ ପ୍ରଭାବ ପକାଇବ ଏବଂ ଏଥିପାଇଁ ବର୍ତ୍ତମାନ ସମୟ ଆସିଯାଇଛି ଏ ଦିଗରେ ସମସ୍ତଙ୍କୁ ସଚେତନ କରି ଯୁବ ସମାଜକୁ ନିଶାଦ୍ରବ୍ୟ ଓ ଅପମିଶ୍ରିତ ମାଦକ ଦ୍ରବ୍ୟ ସେବନରୁ ଦୁରେଇ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅଞ୍ଚଳବାସୀ ଉକ୍ତ ଅଞ୍ଚଳରେ ନିଶାଗ୍ରସ୍ତ ବ୍ୟକ୍ତି ମାନଙ୍କୁନିଶା ନିବାରଣ ପାଇଁ ସଚେତନତା କରିବାକୁ ସମସ୍ତେ ସଂକଳ୍ପ ନେଇଥିଲେ।



# ଆମ କଳାହାଣ୍ଡି





## ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କେନ୍ଦ୍ର ସରକାରଙ୍କ ୧୩ ବର୍ଷ ଏବଂ ରାଜ୍ୟ ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ସରକାରଙ୍କ ତରଫରୁ ସ୍ଥାନୀୟ ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଏକ 'ବିକାଶ ମେଳା-୨୦୨୫' ଗତ ୧୨ ତାରିଖରୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଆରମ୍ଭ ହୋଇଅଛି। ଏହି ବିକାଶ ମେଳା ଅବସରରେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ତରଫରୁ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡୋର୍ ଷ୍ଟାଡିଅମ ଠାରେ ଏକ ଜିଲ୍ଲାସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସଭାପତି ପ୍ରଦୀପ କୁମାର ଦାସଙ୍କ ସୂଚନା ଅନୁଯାୟୀ ଏହି ପ୍ରତିଯୋଗିତାରେ କେବଳ ୧୫ ବର୍ଷରୁ କମ୍ ବାଳକ ବିଭାଗ ଯୁଗଳ ପ୍ରତିଯୋଗିତା ଏବଂ ୧୯ ବର୍ଷରୁ କମ୍ ବାଳିକା ବିଭାଗ ଯୁଗଳ ପ୍ରତିଯୋଗିତା ହୋଇଥିଲା ଓ ବାଳକ ବିଭାଗରେ ଭବାନୀପାଟଣାର ଆର୍ଯ୍ୟଓନ୍ତ ପଣ୍ଡା ଓ ଝିଲମାଳ ନିଆଲ ବିଜେତା ହୋଇଥିବାବେଳେ ସାହେଲ ରାଏକଓ୍ୱାର ଓ




ପ୍ରତ୍ୟୁଷ ରଞ୍ଜନ ଭୋଇ ଉପବିଜେତା ହୋଇଥିଲେ। ସେହିପରି ବାଳିକା ବିଭାଗରେ ଜୁନାଗଡ଼ର ଅଞ୍ଜଳି ନାଏକ ଓ ଶିବାନୀ ଭାଟି ବିଜେତା ହୋଇଥିବାବେଳେ ଧର୍ମଗଡ଼ର ଶ୍ରାଗଭି ମୁଣ୍ଡ ଓ ନିବେଦିତା ବିହାରୀ ଉପବିଜେତା ହୋଇଥିଲେ। ସର୍ବମୋଟ ୫୨ ଜଣ ବାଳକ ଓ ୧୪ ଜଣ ବାଳିକା ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସମସ୍ତ କୃତୀ ଖେଳାଳିମାନଙ୍କୁ ଆସନ୍ତା ୧୮ତାରିଖରେ ଉଦ୍‌ଯାପନୀ ଉତ୍ସବରେ ଲାଲ ବାହାଦୁର ଖେଳପଡ଼ିଆର ମୁଖ୍ୟମଞ୍ଚରେ ଟ୍ରଫି ସହ ମାନପତ୍ର ଦେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ଉପସ୍ଥିତ ଥିବାବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଓ ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ଉପସ୍ଥିତ ରହି ସମସ୍ତ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ମୋହନ ସରକାରଙ୍କ ପ୍ରଥମ ବର୍ଷର ସଫଳତା ବିଷୟରେ ଅଭିଭାଷଣ ରଖିଥିଲେ। ସଂଘର ସଭାପତି ପ୍ରଦୀପ କୁମାର ଦାସ ମଞ୍ଚ ପରିଚାଳନା କରିବା ସହ ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଜିଲ୍ଲା ପ୍ରଶାସନକୁ ଏବଂ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ସଂଘ ତରଫରୁ ସରୋଜ ମହାରଣା ପ୍ରତିଯୋଗିତା ମୁଖ୍ୟ ସଂଯୋଜକ ରହିଥିବାବେଳେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସହ ସମ୍ପାଦକ ସାଇ କୁମାର ସିଂ ସାମନ୍ତ, ନର୍ଲା ବ୍ୟାଡ଼ମିଣ୍ଟନ ସଂଘର ସମ୍ପାଦକ ମୋହିତ ମିଶ୍ର, ଶକ୍ତି ପ୍ରସାଦ ଯୋଶୀ, ଜିତେନ୍ଦ୍ର ମିଶ୍ର, ରବି ସାହୁ, ସନ୍ଦୀପ ଦାସ, ଅବିନାଶ ବାବୁ, ଶିବାଶିଷ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଗୋଚର ଓ ଅନାବାଦୀ ଜମି ଚିହ୍ନଟ ପ୍ରକ୍ରିୟା ଶେଷ

ନର୍ଲା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ଗିଗିନା ପଞ୍ଚାୟତରେ ରହିଛି ଗିଧାମାଲ୍ ଗାଁ। ଏହି ଗାଁରେ ବାସ କରନ୍ତି ପାଖାପାଖି ୮୦ଗୋଟି ପରିବାର। ସେମାନଙ୍କୁ ମଧ୍ୟରୁ ୯୫ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରନ୍ତି। ସେଥିପାଇଁ ପ୍ରାୟ ସମସ୍ତଙ୍କ ଘରେ ଛେଳି ମେଣ୍ଢା ସହିତ ଗାଇ ଓ ବଳଦ ପାଳନ କରିଥାନ୍ତି। କିନ୍ତୁ କିଛି ବର୍ଷ ହେଲା ସେହି ଗୃହପାଳିତ ପଶୁଙ୍କ ଚରାଭୂମି ପାଲଟି ଥିବା ଗୋଚର ଓ ଅନାବାଦୀ ଜମିକୁ ଗ୍ରାମବାସୀ ବେଆଇନ୍ ଭାବେ କବଜା କରି ବିଭିନ୍ନ ପ୍ରକାର ଚାଷ କରୁଥିଲେ। ସେଥିପାଇଁ ଗ୍ରାମବାସୀ ଗାଈ ଗୋରୁ ଚରାଇବା ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ। ଏହି ସମସ୍ୟାର ସମାଧାନ ପାଇଁ ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ପ୍ରଥମେ ଆଲୋଚନା କଲେ ଓ ନିଷ୍ପତି ନେଲେ ଗାଁରେ ଥିବା ସରକାରୀ ଗୋଚର ଓ ଅନାବାଦୀ ଜମିକୁ ଚିହ୍ନଟ କରି ବାହାର କରିବେ। ତାପରେ ସମସ୍ତେ ମିଶି ପ୍ରଶାସନର ଦ୍ୱାରସ୍ଥ ହୋଇ ଲିଖିତ ଆକାରରେ ଜଣାଇଲେ। ଜିଲ୍ଲା ପ୍ରଶାସନ ଓ ନର୍ଲା ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ରୁପ୍ରା ରାଜସ୍ୱ ନୀରିକ୍ଷକ ଚଳିତ ମାସ ୭ ତାରିଖରୁ ଉକ୍ତ ଗାଁକୁ ଯାଇ ଜମି ଚିହ୍ନଟ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ତେବେ ୧୩ ତାରିଖ ଶୁକ୍ରବାର ଦିନ ୫ ଟା ସମୟରେ ଜମି ଚିହ୍ନଟ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଛି। ସମୁଦାୟ ୭୦ ଏକରରୁ ଉର୍ଦ୍ଧ୍ୱ ସରକାରୀ ଗୋଚର ଓ ଅନାବାଦୀ ଜମି ଚିହ୍ନଟ ହୋଇ ଥିବା ସୂଚନା ଦେଇଛନ୍ତି ଓ୍ୱାର୍ଡ ମେମ୍ବର ହଳଧର ପଧାନ୍ ଓ ଗ୍ରାମବାସୀ। ଏବେ ଗିଧାମାଲ୍ ଗ୍ରାମବାସୀଙ୍କ ଏଭଳି ପ୍ରୟାସ ନର୍ଲା ଅଞ୍ଚଳରେ ଅନ୍ୟ ଗାଁ ଲୋକଙ୍କ ପାଇଁ ଉଦାହରଣ ସାଜିଥିବା ସାଧାରଣରେ ଆଲୋଚନା ହେଉଛି।




## ଭାଲୁ ଆକ୍ରମଣରେ ଜଣେ ଗୁରୁତର



ଧର୍ମଗଡ଼,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା କେନ୍ଦୁପାଣି ଗ୍ରାମର ସିଙ୍ଗଲ ମାଝୀ ଭାଲୁ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଛନ୍ତି। ରବିବାର ସେ ଗାଁ ନିକଟରେ ଥିବା ନିଜ ଚାଷଜମିକୁ ଯାଉଥିବା ବେଳେ ଭାଲୁ ହଠାତ ଅତର୍କିତ ଭାବେ ଆକ୍ରମଣ କରିଥିଲା। ଭାଲୁଟି ସିଙ୍ଗଲଙ୍କ ଡାହାଣ ଗୋଡ଼ରେ ଆକ୍ରମଣ କରିଛି। ବ୍ୟକ୍ତିଙ୍କ ଚିତ୍କାର ଶୁଣି କିଛି ଲୋକେ ଆସି ଭାଲୁ ହାବୁଡ଼ରୁ ସିଙ୍ଗଲଙ୍କୁ ଉଦ୍ଧାର କରିଥିଲେ। ପରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସରେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା ପରେ ଭବାନୀପ ।ଟଣା ଜିଲ୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡ ବ୍ଲକ ପର୍ଲା ଗ୍ରାମ ପଞ୍ଚାୟତ ପରିସରରେ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲବ୍ଧି ଓ ବିକାଶ ବାହନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୋଗ ଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତିରେ ଅନେକ ଉପଲବ୍ଧି ବିଷୟରେ ଅଭିଭାଷଣ ରଖିଥିଲେ। ରାଜ୍ୟରେ ନୂତନ ସରକାର ଆସିବା ପରେ ବିକାଶର ଧାରା ଆଗେଇ ଥିବା ବେଳେ ବର୍ତ୍ତମାନ ଅନେକ ଯୋଜନା ତ୍ୱରାନ୍ୱିତ କାର୍ଯ୍ୟକାରୀ ହୋଇପାରିଛି। ଯାହା ସାଧାରଣଙ୍କ ପାଇଁ ବେଶ ସହାୟତା ହୋଇପାରିଛି ବୋଲି କହିଥିଲେ। ଅନ୍ୟପକ୍ଷେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଶଙ୍କର ଜୁଏଡ଼ ସମାଜସେବୀ ତଥା ବିଜେପି ପୂର୍ବତନ ମଣ୍ଡଳ ସଭାପତି ସୁଧୀର ବାଗ -ଓଡିଶା ସରକାରଙ୍କ ଉନ୍ନୟନ ବିକାଶର ଗୋଟି ଗୋଟି କରି ନିଜ ଅଭିଭାଷଣରେ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା ପ୍ରତିନିଧି ପରାସର ସାହୁ, ବିଜେପି କର୍ମୀ ଅରକ୍ଷିତ ବାରିକ ପର୍ଲା ସମିତି ସଭ୍ୟା ପୂର୍ଣ୍ଣମୀ ଧରୁଆ, ଶିଶୁ ବିକାଶ ପ୍ରକଳ୍ପ ପରିଦର୍ଶିକା ପୂର୍ଣ୍ଣମୀ ସେନାପତି, ବିଜେପି ପର୍ଲା ମଣ୍ଡଳ ସାଧାରଣ ସମ୍ପାଦକ ରଘୁ ମେହେର ପ୍ରମୁଖ ଉପସ୍ଥିତ ରହିଥିଲେ। ନୂତନ ସରକାର ଗଠନ ହେବା ପରେ ଏକ ବର୍ଷ ପୂର୍ତ୍ତିରେ ୯ଟି ବିଭିନ୍ନ ଯୋଜନାର ଉପଲବ୍ଧି ସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି। ସେଥିମଧ୍ୟରୁ ସୁଭଦ୍ରା, ଖଡିଛୁଆ, ଅନ୍ତ୍ୟୋଦୟ ଗୃହ, ଆୟୁଷ୍ମାନ ଭାରତ, ସିନିୟର ସିଟିଜେନ୍ ଭତ୍ତା, ପିଏମ୍ ଜନମନ, ଲକ୍ଷପତି ଦିଦି ଓ ପିଏମ୍ ସୌର ଘର ଆଦି ରହିଥିବା ଜଣାପଡିଛି। ତେବେ ଏହି କାର୍ଯ୍ୟକ୍ରମରେ ଭତ୍ତା ୪ଜଣଙ୍କୁ ଜବ କାର୍ଡ-୩, ମନରେଗା-୨, ହରିଶ୍ଚନ୍ଦ୍ର ଯୋଜନାରେ ଜଣକୁ, ଅନ୍ତ୍ୟୋଦୟ ୩, ରାସନ କାର୍ଡ ୨, ସିଏମ୍ କିଷାନ -୭ ପିଏମ୍ କିଷାନ ୩ଜଣଙ୍କୁ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ ସଭାପତିତ୍ୱ ଗ୍ରହଣ କରିଥିବା ବେଳେ ସର୍ବ ସାଧାରଣ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମ ସୁରୁଖୁରୁରେ ପରିଚାଳନା ହେବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ମଞ୍ଚ ପରିଚାଳନା ସମାଜ ସେବୀ ନବୀନ ପୁରୋହିତ କରିଥିବା ବେଳେ ପଞ୍ଚାୟତ କାର୍ଯ୍ୟନିବାହି ଅଧିକାରୀ କ୍ଷେତ୍ର ମୋହନ ବିହାରୀ,ଏଡ଼ିଓ, ବିଶ୍ୱ ଦୀପକ ପାଣିଗ୍ରାହୀ, ବ୍ଲକ କମ୍ପ୍ୟୁଟର ପ୍ରୋଗ୍ରାମର-ସୌମେନ୍ଦ୍ର କୁମାର ମୁଣ୍ଡ, ଏମ୍ ବି କେ-ପଙ୍କଜିନି ଜାଲ, ଯୋଗାଣ ସହାୟକ-ସୁଚିତ୍ରା ଦାସ, ଆର୍‌ଆଇ ରତେନ୍ଦ୍ର ନିଆଲ, ମେଡ଼ିକାଲ ଟିମ, ଧର୍ମଗଡ଼ ପୋଲିସ ଓ ବିଭିନ୍ନ ବିଭାଗୀର କର୍ମଚାରୀ ଉପସ୍ଥିତ ରହିଥିଲେ। ସମାଜ ସେବୀ ସୁବାସ ଦାସ, ଖଞ୍ଜିବ ଗୋପାଳ ସମସ୍ତ ଅଙ୍ଗନବାଡି କର୍ମୀ, ଏସ୍‌ଏସ୍‌ଜି ଗୋଷ୍ଠୀ ମହିଳା ଓ ସାଧାରଣ ଜନତା ଉପସ୍ଥିତ ନଜିର ରହିଥିଲା।




## ଚର୍ଚ୍ଚାରେ ଛତିଶଗଡ଼ି ଝିଅର ସମ୍ବଲପୁରୀ ଗୀତ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକର ସୀମାନ୍ତକୁ ଲାଗିରହିଥିବା ଛତିଶଗଡ଼ ଦେଭୋଗର ପ୍ରୀତିବାଲା ଡୋଙ୍ଗରେ ବଘେଲ ଗାଇଥିବା ସମ୍ବଲପୁରୀ ଆଧୁନିକ ଗୀତକୁ ଦର୍ଶକ ବେଶ ପସନ୍ଦ କରୁଥିବା ଜଣାଯାଇଛି। ସମ୍ବଲପୁରୀ ତଥା ଓଡିଆ ଭାଷା ଲେଖି, ପଢି, ଜାଣି ନଥିଲେ ମଧ୍ୟ ସମ୍ବଲପୁରୀ ଗୀତ ପ୍ରତି ଥିବା ଭଲପାଇବା ଯୋଗୁଁ ତାଙ୍କ କଣ୍ଠର ଗୀତ ଆଜି ଉଭୟ ଛତିଶଗଡ଼ର ଦେଭୋଗ ଓ କଳାହାଣ୍ଡିର ଧର୍ମଗଡ଼ ଅଞ୍ଚଳରେ ବେଶ ଆଦୃତ ହୋଇପାରିଛି। ଏହି ସଫଳତା ପାଇଁ ଶ୍ରୀମତୀ ବଘେଲ ଖୁସି ଥିବାବେଳେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ତଥା ଅନୁଷ୍ଠାନ ତରଫରୁ ତାଙ୍କ ପାଖକୁ ଶୁଭେଚ୍ଛା ଆସୁଥିବା ଜଣାଯାଇଛି। ସେ ପ୍ରାଥମିକ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିବାବେଳେ ଗୀତ ଗାଇବା ତାଙ୍କର ନିଶା ଅଟେ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ସେ ଗାଇଥିବା ଗୀତ 'ଦିଲର ଦିଲବର' ଆର. କେ ମିଡ଼ିଆ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିବାବେଳେ ବହୁ ସଂଖ୍ୟାରେ ଦର୍ଶକ ମୋବାଇଲରେ ଗୀତକୁ ଦେଖି ପସନ୍ଦ କରୁଛନ୍ତି। ବୃନ୍ଦାବନ ମେହେର ଗୀତ ଓ ସଂଗୀତ ପ୍ରସ୍ତୁତ କରିଥିବାବେଳେ ଖୁବଶୀଘ୍ର ତାଙ୍କର ଅନ୍ୟ ଏକ ସମ୍ବଲପୁରୀ ଗୀତ ଲୋକପ୍ରିୟ କଣ୍ଠଶିଳ୍ପୀ ସମୀର ଲୁହାଙ୍କ ସହିତ ଆସୁଥିବା ସୂଚନା ଦେଇଛନ୍ତି।



## ମହୁମାଛି ଆକ୍ରମଣରେ ଜଣେ ଗୁରୁତର ଓ ଦୁଇ ଆହତ



ନର୍ଲା, (ଭାସ୍କର ନ୍ୟୁଜ୍) : ଶନିବାର ସନ୍ଧ୍ୟା ସମୟରେ ନର୍ଲା ବ୍ଲକ ରେଖପୁର ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ସୂଚନା ଅନୁସାରେ ରେଖପୁର୍ ଗାଁର ତୁମେଶ୍ୱର ଭୋଇ, ମୋତିଲାଲ୍ ଭୋଇ ଓ ଦୈତାରି ଭୋଇ ନିଜ ଚାଷ ଜମିରେ ଚାଷ କରୁଥିବା ସମୟରେ ଅଚାନକ୍ ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି। ତୁରନ୍ତ ସେମାନଙ୍କୁ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ତିନି ଜଣଙ୍କ ମଧ୍ୟରୁ ତୁମେଶ୍ୱର୍ ଭୋଇ ଅଧିକ ଆହତ ହୋଇ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ଦୁଇ ଜଣ ସାମାନ୍ୟ ଆହତ ହୋଇଥିବା ଦେଖିବାକୁ ମିଳିଛି।

## ରେଳ ଷ୍ଟେସନ ନିକଟରୁ ଶବ ଉଦ୍ଧାର

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍) : ପେଟ ପୋଷିବାକୁ, କାମ ଧନ୍ଦା କରିବାକୁ ଘର ଛାଡ଼ି ବର୍ଷକ ତଳେ ଦାଦନ ଖଟିବାକୁ ଯାଇଥିଲେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ କିଡିଙ୍ଗ ଗାଁର ବୃହସ୍ପତି ଶବର (୨୮)। ଗୁଜରାଟ ରାଜ୍ୟର ଦ୍ୱାରକା ନିକଟରେ ଏକ ନିର୍ମାଣାଧୀନ ପ୍ରକଳ୍ପରେ ସେ ଶ୍ରମିକ ଭାବେ କାମ କରୁଥିଲେ। ତେବେ ଶୁକ୍ରବାର ବିଳମ୍ବିତ ରାତିରେ ଦ୍ୱାରକା ରେଳ ଷ୍ଟେସନ ନିକଟରେ ରେଳ ଧାରଣା ଉପରେ ତାଙ୍କ ମୃତଦେହ ଉଦ୍ଧାର କରିଛି ରେଳବାଇ ପୁଲିସ। ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ଦିନ ଶବ ବ୍ୟବଚ୍ଛେଦ ପରେ ଶବାଗାରରେ ଶବ ସଂରକ୍ଷିତ ରଖାଯାଇଛି। ପରିବାର ଲୋକେ ଅର୍ଥାଭାବ ଯୋଗୁଁ ସେଠାରୁ ଶବ ଆଣି ଗାଁରେ ଦାହ ସଂସ୍କାର କରିବାକୁ ସକ୍ଷମ ନୁହଁନ୍ତି। ଅପରପକ୍ଷରେ ପରିବାର ଲୋକଙ୍କ ଜିମାରେ ଶବ ହସ୍ତାନ୍ତର କରିବା କିମ୍ବା ସେମାନଙ୍କ ଉପସ୍ଥିତିରେ ଶବ ସଂସ୍କାର କରାଯିବାକୁ ସେଠାକାର ପୁଲିସ ଅପେକ୍ଷା କରିଛି। ଏଥିଯୋଗୁଁ କାମ କରାଉଥିବା ଠିକାଦାର ବି ଅଡୁଆରେ ପଡିଛନ୍ତି। ଦ୍ୱାରିକାସ୍ଥିତ ଶବଗୃହରେ ଆଜିକୁ ତିନିଦିନ ହେଲା ମୃତ ଦାଦନ ଶ୍ରମିକ ବୃହସ୍ପତିଙ୍କ ଶବ ପଡ଼ି ରହିଥିବାବେଳେ କଳାହାଣ୍ଡି ଜିଲ୍ଲା ପ୍ରଶାସନ, ଜିଲ୍ଲା ଶ୍ରମ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହିତ ସମ୍ମାନର ସହିତ ଶବ ସଂସ୍କାର ଓ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହେଉଛି।

## ମୁକୁଳା ଟ୍ରାନ୍ସଫର୍ମର ନେଲା ୨ ପଶୁଙ୍କ ଜୀବନ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୃନ୍ଦାବାହଲ ଗ୍ରାମପଞ୍ଚାୟତ ବିଶିପଡା ଗ୍ରାମରେ ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଦୁଇ ବଳଦର ମୃତ୍ୟୁ ଘଟିଛି। ସୂଚନା ମତେ ଉକ୍ତ ବଳଦ ଟି ବିଶିପଡା ଗ୍ରାମର ସୁଶାନ୍ତ ବିଶି ଓ ରାଧାକାନ୍ତ ବିଶିଙ୍କ ବଳଦ ବୋଲି ଜଣାପଡିଛି। ଗ୍ରାମବାସୀ ଦୀର୍ଘ ଦିନ ହେଲା ମୁକୁଳା ଟ୍ରାନ୍ସଫର୍ମର ବିଷୟରେ ବିଦ୍ୟୁତ ବିଭାଗକୁ ଜଣାଇଥିଲେ ମଧ୍ୟ ଉକ୍ତ ମୁକୁଳା ଟ୍ରାନ୍ସଫର୍ମର ବିପଦ ସଂକୁଳ ଅବସ୍ଥାରେ ପଡିରହିଛି। ଗାଁକୁ ପ୍ରବେଶ କରିବା ବାଟରେ ରାସ୍ତା କଡ଼ରେ ବିପଦ ସଂକୁଳ ଭାବରେ ଦୀର୍ଘଦିନରୁ ରହି ଆସୁଛି। ଦୈନନ୍ଦିନ ଅନେକ ଲୋକ ଉକ୍ତ ରାସ୍ତା ଦେଇ ଯିବା ଆସିବା କରନ୍ତି। ଏପରିକି ସେହି ରାସ୍ତା ଦେଇ ସ୍କୁଲ ଛାତ୍ରଛାତ୍ରୀ ମଧ୍ୟ ଯିବା ଆସିବା କରିଥାନ୍ତି। ଅଭିଯୋଗ ପରେ ମଧ୍ୟ ବିଦ୍ୟୁତ ବିଭାଗ ନିଘା ରହୁ ନ ଥିବା ଗ୍ରାମବାସୀ କହନ୍ତି। ଶେଷରେ ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ଆଜି ଦୁଇଟି ବଳଦର ମୃତ୍ୟୁ ଘଟି ଥିବା ଅଭିଯୋଗ ଉଠାଇଛନ୍ତି ଗ୍ରାମବାସୀ। ତୁରନ୍ତ ସୁରକ୍ଷା ପ୍ରତିକାର ବିଭାଗ ନେବା ସହ ବଳଦ ମୃତ୍ୟୁର କ୍ଷୟ କ୍ଷତି ସହାୟତା ଦେବାକୁ ଦାବି ହେଉଛି। ଏ ନେଇ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ହିଁ ସମ୍ଭବ ହୋଇପାରି ନାହିଁ।




## ଅଣକାଷ୍ଠ ଲଘୁ ବନଜାତ ଦ୍ରବ୍ୟର ମୂଲ୍ୟ ଲୁଟ୍

## ବେପାରୀ ମାଲେମାଲ, ପ୍ରଶାସନ ନୀରବ


ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଔଷଧ, ସାବୁନ, ଅତର, ସାର ଆଦି ବହୁ ମୂଲ୍ୟ ସାମଗ୍ରୀ ପ୍ରସ୍ତୁତି ପାଇଁ ଅଣକାଷ୍ଠ ଲଘୁ ବନଜାତ ଦ୍ରବ୍ୟର ଚାହିଦା ବହୁତ ବେଶୀ। ହେଲେ ଏହାର ନିର୍ଦ୍ଧାରିତ ସରକାରୀ ମୂଲ୍ୟର ବିଶେଷ ପ୍ରଚାର, ପ୍ରସାର ହୋଇ ନଥିବାରୁ ଶୋଷଣର ଶିକାର ହେଉଛନ୍ତି ସଂଗ୍ରହ କାରୀ। ବେପାରୀ ମାନେ ଏହାର ଉଚିତ ମୂଲ୍ୟ ଦେବା ବଦଳରେ ଚିନି, ଲୁଣ, ସରଫ ଦେଇ କ୍ରୟ କରୁଥିବା ଦେଖିବାକୁ ମିଳେ। ସାଧାରଣ ଭାବେ ଋତୁ କାଳୀନରେ ବିଭିନ୍ନ ଜାତୀୟଦ୍ରବ୍ୟ ଜଙ୍ଗଲରେ ଦେଖାଯାଇଥାଏ। ଜଙ୍ଗଲ ଜାତ ଦ୍ରବ୍ୟ ମଧ୍ୟରେ ମହୁଲ, ଚାହାର, ପଳାସ ଫୁଲ, ବରକୋଳି, ଡୁମେର, ନିମ୍ବ ଜାମ୍ବକୋଳି ଆଦିକୁ ଲୋକେ ସଂଗ୍ରହ କରି ତାକୁ ଶୁଖେଇ ବିକ୍ରି କରିଥାନ୍ତି। ତେବେ ଏହାର ଫାଇଦା ଉଠାଇଥାନ୍ତି ଦଲାଲ ଓ ବେପାରୀ। ଲଘୁଜାତୀୟ ବନ୍ୟ ଦ୍ରବ୍ୟ କ୍ରୟ କରିବାକୁ ସରକାର ପଞ୍ଚାୟତ ମାନଙ୍କ ମାଧ୍ୟମରେ ଲାଇସେନ୍ସ ଦିଆଯାଇଥାଏ। ଏହାର ମୂଲ୍ୟ ନିର୍ଦ୍ଧାରିତ ପାଇଁ ପଞ୍ଚାୟତରେ ଏକ ରେଜୁଲେସନ କରି ବ୍ଲକକୁ ପଠା ଯାଇଥାଏ। ବ୍ଲକ ସମିତି ବୈଠକରେ ତାହା ପାରିତ ହୋଇ ଜିଲ୍ଲା ପରିଷଦ ସମିତିରେ ମୂଲ୍ୟ ନିର୍ଦ୍ଧାରିତ ହୋଇଥାଏ। ତେବେ ବିଭିନ୍ନ ଦ୍ରବ୍ୟର ବିଭିନ୍ନ ମୂଲ୍ୟ ରହିଥାଏ। ତେବେ ଚଳିତ ବର୍ଷରେ ଧର୍ମଗଡ଼ ବ୍ଲକରେ କୌଣସି ଲୋକଙ୍କୁ ଲାଇସେନ୍ସ ପ୍ରଦାନ କରି ନ ଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣା ପଡ଼େ। ଏଣେ ବେଧଡ଼କ ଭାବେ ବେନିୟମ ଭାବେ ବେପାରୀ ମାନେ ଗାଁ ଗାଁରେ ସକ୍ରିୟ ରହି ଲୋକଙ୍କ ଠାରୁ କିଣୁଥିବା ନଜର ରହିଛି। ବର୍ତ୍ତମାନ ଗାଁ ଗାଁରେ ଦଲାଲ ମାନେ ସକ୍ରିୟ ହୋଇ ଉଠିଛନ୍ତି। ମହୁଲ, ପଳସା, ବରକୋଳି ଆଦି କିଣିବା ପ୍ରକ୍ରିୟା ଆରମ୍ଭ ହୋଇଛି। କିଛି ଦିନ ପରେ ନିମ୍ବ, ସେମେଲି, ଚାହାର, ଡୁମ୍ବେରି ଇତ୍ୟାଦି ଲଘୁଜାତୀୟ ବନ୍ୟ ଦ୍ରବ୍ୟ କ୍ରୟ ହେବା ଆରମ୍ଭ ହେବ। ଏଥିପାଇଁ ଗାଁ ଗାଁରେ ବେପାରୀ ମାନେ ଦଲାଲ ମାନଙ୍କୁ ନିୟୋଜିତ କରିଥିବା ଖବର ବି ଚର୍ଚ୍ଚା ହେଉଛି। ଅନ୍ୟପଟେ ଦଣ୍ଡପାଟ ଅଞ୍ଚଳର ଅନେକ ସ୍ଥାନର ବେପାରୀ ମୂଲ୍ୟବାନ ଦ୍ରବ୍ୟକୁ ଚିନି ଲୁଣ, ସରଫ ଭଳି ପଦାର୍ଥ ଦେଇ ସାଧାରଣ ଲୋକଙ୍କ ଠାରୁ ମୂଲ୍ୟବାନ ଜଙ୍ଗଲ ଦ୍ରବ୍ୟ କ୍ରୟ କରୁଥିବା ଦେଖିବାକୁ ମିଳୁଛି। ଏସବୁ ଜାଣି ମଧ୍ୟ ପ୍ରଶାସନ ନିରବ ସାଜିଛି। ପ୍ରଶାସନ ଏ ଭଳି ନୀତିକୁ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଉଛି। ସରକାରୀ ସ୍ତରରେ ଏହାର ମୂଲ୍ୟ ନିର୍ଦ୍ଧାରିତ କରିବା ଓ ଲୋକଲୋଚନ ଆଣିବା ସରକାର ଓ ପ୍ରଶାସନର ଦାୟିତ୍ୱ। ଏପରିକି ଲୋକଙ୍କୁ ସଚେତନା କରିବା ବ୍ୟବସ୍ଥା ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ଗ୍ରହଣ କରାଗଲେ ଶୋଷଣରେ ଅଙ୍କୁଶ ଲାଗିପାରିବ ବୋଲି ବୁଦ୍ଧିଜୀବୀଙ୍କ ମତ ପ୍ରକାଶ ପାଏ। ନଚେତ ସଂଗ୍ରହକାରୀ ସଦା ସର୍ବଦା ଶୋଷଣର ଶିକାର ହେବା କଥାକୁ ଏଡାଇ ଦିଆଯାଇନପାରେ। ଅନ୍ୟପଟେ ପ୍ରଶାସନ ପକ୍ଷରୁ ଏହି ବିଷୟ ପ୍ରତି ଗୁରୁତ୍ୱ ଦିଆଯାଉନଥିବା ନେଇ ସାଧାରଣରେ ସମାଲୋଚନା ହେଉଛି। ଏହି କାରବାରରେ ସମ୍ପୃକ୍ତି ବେପାରୀଙ୍କ ସହ ପ୍ରଶାସନର ମଧୁଚନ୍ଦ୍ରିକା ଥିବା ସନ୍ଦେହ କରାଯାଏ। ସେଥିପାଇଁ ଖୋଲମ ଖୋଲା ଭାବେ ଜଙ୍ଗଲ ଜାତୀୟ ବନ୍ୟ ଦ୍ରବ୍ୟକୁ ବେନିୟମ ଭାବେ କ୍ରୟ କରୁଥିବା ଅଞ୍ଚଳରେ ଆଲୋଚନା ହେଉଛି। ଯାହାର ଫାଇଦା ସିଧାସଳଖ ଭାବେ ବେପାରୀ ଉଠାଉ ଥିବା ବେଳେ ସଂଗ୍ରହ କାରୀ କ୍ଷତିରେ ପଡୁଥିବା ଜଣାପଡେ। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣ ଭାବେ ଦାବି ହୁଏ।

## ରାଶିଫଳ


ସୋମବାର, ୧୬ ଜୁନ୍ ୨୦୨୫



**ମେଷ:** ଆଜି ପରିବାରର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଜଣେ ସମ୍ପର୍କୀୟଙ୍କ ସହ ବିବାଦ ହେବାର ସମ୍ଭାବନା ଅଛି। ବରିଷ୍ଠମାନଙ୍କ ପରାମର୍ଶରେ କାମ କରନ୍ତୁ। ପରିବାର ସହିତ ବୁଲିବାକୁ ଯାଆନ୍ତୁ। ଚାକିରୀରେ ଥିବା ଲୋକମାନେ ଭଲ ଖବର ପାଇ ପାରିବେ। ତୁମର ବ୍ୟବସାୟ ଭଲ ରହିବ।




**ବୃଷ:** ଆଜି ଆପଣ ମାନସିକ ସ୍ତରରେ ଶକ୍ତିଶାଳୀ ହେବେ। ଆର୍ଥିକ କାରବାର ସମ୍ବନ୍ଧୀୟ କାର୍ଯ୍ୟ ସମାପ୍ତ ହେବ। ଆପଣ କୌଣସି ସ୍ଥାନରୁ ଆର୍ଥିକ ସାହାର୍ଯ୍ୟ ପାଇବେ। ସାଙ୍ଗମାନଙ୍କୁ ଭେଟିବେ। ଆପଣଙ୍କଠାରୁ ଋଣ ନେବାକୁ ଆସିବେ। ଆଜି ଘରେ କିଛି ବିଷୟରେ ମତଭେଦ ହେବାର ସମ୍ଭାବନା ଅଛି।



**ମିଥୁନ:** ଆଜି ଆପଣ ମାନସିକ ସ୍ତରରେ ଶକ୍ତିଶାଳୀ ହେବେ। ସକରାତ୍ମକତା ଅଧିକ ହେବ। ଅର୍ଥନୈତିକ ପ୍ରଗତି ପାଇଁ ମଧ୍ୟ ଭଲ ସୁଯୋଗ ରହିବ। ଆର୍ଥିକ ପରିସ୍ଥିତି ବହୁତ ଶକ୍ତିଶାଳୀ ହେବ। ଆଜି ଆପଣ କିଛି ଅନାବଶ୍ୟକ ଖର୍ଚ୍ଚ କରିପାରନ୍ତି।




**କର୍କଟ:** ଆଜି ଆପଣ ଦୀର୍ଘ ମାସ ପରେ ଜଣେ ପରିଚିତଙ୍କୁ ଭେଟିବେ। ଆପଣଙ୍କ କାର୍ଯ୍ୟାଳୟରେ ବିବାଦ ହୋଇପାରେ। ଆପଣ କୋଣସି ଅସୁବିଧା ପରିସ୍ଥିତିର ସାମ୍ନା କରିପାରନ୍ତି। ଗାଡି ଚଳାଇବା ସମୟରେ ସତର୍କ ରୁହନ୍ତୁ। ଆଘାତ ହେବାର ସମ୍ଭାବନା ଅଛି।




**ସିଂହ:** ଆଜି ପାରିବାରିକ ଦାୟିତ୍ୱ ତୁଲାଇବାରେ ବ୍ୟସ୍ତ ରହିବେ। କିଛି ଘରୋଇ ଜିନିଷ ସଂଗ୍ରହ କରିପାରିବେ। ଆପଣଙ୍କ ସାଥୀଙ୍କ ସହିତ ସ୍ନେହ ରହିବ। ଅନ୍ୟ କାହାକୁ ତାଙ୍କର ଶ୍ରେୟ ନେବାକୁ ଦିଅନ୍ତୁ ନାହିଁ। କୈଣସି ବିବାଦର ଅଂଶ ହୁଅନ୍ତୁ ନାହିଁ। ଅର୍ଥ ଉପର୍ଜନ ହେବାର ସମ୍ଭାବନା ଅଛି। ପିଲାମାନଙ୍କଠାରୁ ଭଲ ଖବର ଆସିବ।




**କନ୍ୟା:** ଯୁବକମାନଙ୍କ ସାମ୍ନାରେ ନୂଆ ସୁଯୋଗ ସୃଷ୍ଟି ହେବ। ବ୍ୟବସାୟ ଯାତ୍ରା ଭଲ ଫଳାଫଳ ଦେବ। ଯେକୈଣସି ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରନ୍ତି। ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସମାପ୍ତ ହେବ। ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଭେଟିବେ। ନୂତନ କାର୍ଯ୍ୟରେ ସଫଳତା ମିଳିବ।



**ତୁଳା:** ଆଜି ଜଣେ ବନ୍ଧୁ କିମ୍ବା ସମ୍ପର୍କୀୟଙ୍କ କଥାକୁ ବିଶ୍ୱାସ କରନ୍ତୁ ନାହିଁ। ପାରିବାରିକ ଜୀବନରେ ମଧୁରତା ରହିବ। ଆପଣଙ୍କର ସ୍ୱାସ୍ଥ୍ୟ ଭଲ ରହିବ। ବ୍ୟବସାୟ ଦୃଢ ରହିବ। ହଠାତ୍ ସମସ୍ୟା ହୋଇପାରେ, କିନ୍ତୁ ଭୟଭୀତ ହେବାର ଆବଶ୍ୟକତା ନାହିଁ। ଆଜି ଏହାର ଲାଭ ହେବାର ସମ୍ଭାବନା ଅଛି। ସ୍ୱାସ୍ଥ୍ୟ ଭଲ ରହିବ।




**ବିଛା:** ଏହି ଦିନରେ ଆପଣ ଏକ ନୂତନ ଉତ୍ସାହ ଦେଖିବେ। ଆପଣ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଆଗକୁ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଆପଣଙ୍କୁ ମିଳିଥିବା ନୂତନ ଦାୟିତ୍ୱକୁ ଯତ୍ନର ସହିତ ପୂରଣ କରନ୍ତୁ। ଛାତ୍ରଛାତ୍ରୀମାନେ ସଫଳତା ପାଇବେ। ଆପଣ ସମାଜରେ ପ୍ରଶଂସିତ ହେବେ।



**ଧନୁ:** ଆଜି ଏପରି କିଛି କରିବେ ଯାହା ଆପଣଙ୍କୁ ଆଭ୍ୟନ୍ତରୀଣ ସୁଖ ଦେବ। ବ୍ୟବସାୟୀମାନେ ଆଜି ପ୍ରତିପକ୍ଷଙ୍କ ପ୍ରତି ସତର୍କ ରହିବାକୁ ପଡିବ। ପରିବାରରେ ମତ ପ୍ରାର୍ଥକ୍ୟ ହୋଇପାରେ। ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ। ଭ୍ରମଣ ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ଛାତ୍ରଛାତ୍ରୀମାନଙ୍କ ଚିନ୍ତା ଦୂର ହେବ। ଯୁବକମାନେ କ୍ୟାରିୟର ସମ୍ବନ୍ଧୀୟ ସୂଚନା ପାଇବେ। ଜୀବନସାଥୀ ସହିତ ଏକ ଖୁସିର ମୁହୂର୍ତ୍ତ ଅତିବାହିତ ହେବ।



**ମକର:** ଆଜି ଆପଣଙ୍କର ଦାୟିତ୍ୱ ପୂରଣ କରିବାରେ କୈଣସି ଅସୁବିଧା ହେବ ନାହିଁ। ଅଫିସରେ କାହା ସହିତ ବିବାଦ ହୋଇପାରେ। କିନ୍ତୁ ତୁମର ଦକ୍ଷତା ଉପରେ ବିଶ୍ୱାସ ରଖ। ଆଜି ଆପଣଙ୍କର ଭାଗ୍ୟ ସକରାତ୍ମକତାରେ ପରିପୂର୍ଣ୍ଣ ହେବ। ସମ୍ପର୍କୀୟମାନେ ସାହାର୍ଯ୍ୟ କରିପାରନ୍ତି। ଆଜି ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଭଲ ଦିନ। ବ୍ୟବସାୟୀମାନେ ସଫଳତା ପାଇବେ।



**କୁମ୍ଭ:** ପୁରୁଣା ବନ୍ଧୁ କିମ୍ବା ସମ୍ପର୍କୀୟମାନେ ସାକ୍ଷାତ କରିପାରନ୍ତି। ଆଜି ସୁଖରେ ପରିପୂର୍ଣ୍ଣ ଦିନ ହେବ। ବୁଲିବାକୁ କୈଣସି ସ୍ଥାନକୁ ଯାଇପାରନ୍ତି। ପାରିବାରିକ ପରିବେଶ ଭଲ ହେବ। କୈଣସି ଧାର୍ମିକ ସ୍ଥାନକୁ ଯାଇପାରିନ୍ତି। ଆର୍ଥିକ ଲାଭ ହେବ। ନୂତନ ଦାୟିତ୍ୱ ପାଇବେ। ଆଜି ଆପଣ ସତର୍କ ରୁହନ୍ତୁ। ବିରୋଧୀମାନେ ସକ୍ରିୟ ରହିବେ।



**ମୀନ:** ଆଜି ଆପଣ ମାନସିକ ସ୍ତରରେ ବହୁତ ଶାନ୍ତ ପାଇବେ। ଆଜି ଆପଣ ପ୍ରଭୁଙ୍କ ଉପାସନା କରନ୍ତୁ। ଏକ ଯୋଜନାରେ ବିନିଯୋଗ ପାଇଁ ପ୍ରସ୍ତାବ ମିଳିପାରିବ। ଆର୍ଥିକ ସମସ୍ୟା ଦୂର ହୋଇପାରିବ। ଆଇନଗତ ମାମଲା ଚାଲିବ। ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆସିବ। ଯେଉଁମାନେ ଏହି କ୍ଷେତ୍ରରେ କାମ କରନ୍ତି ସେମାନେ ସଫଳତା ପାଇବେ।



ଶ୍ରୀପତି ଗୁରୁ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯